# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୩/୨୦୨୫ (୧୪ ପୃଷ୍ଠା) | Bhubaneswar, Monday, March 3/2025 | Page 14 | ₹ 7.00

୫୧ଶ ଭାଗ ୯୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 99 | ମୂଲ୍ୟ ₹୭/-




**‘ବାଗି ୪’: ଟାଇଗରଙ୍କ ଲୁକ୍ ଉପରୁ ପରଦା ଉଠିଲା**

ଅଭିନେତା ଟାଇଗର ଶ୍ରଫ୍‌ଙ୍କ ଆଗାମୀ ଫିଲ୍ମ ‘ବାଗି ୪’ର ନୂତନ ପୋଷ୍ଟର ରବିବାର ରିଲିଜ୍ ହୋଇଛି। ଏହି ପୋଷ୍ଟରରେ ‘ବାଗି ୪’ ଫିଲ୍ମରେ ଟାଇଗରଙ୍କ ଲୁକ୍ ଉପରୁ ପରଦା ଉଠିଛି।

୦୨

୧୪

**ଦୁବେ ପ୍ଲେୟର ଅଫ୍ ଦି ସିରିଜ**

ରଣଜୀ ଟ୍ରଫି କ୍ରିକେଟରେ ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି ବିଦର୍ଭର ହର୍ଷ ଦୁବେ ।



# ‘ପାଟଣାରେ ହେବ ମେଗା ଷ୍ଟିଲ୍ ପ୍ଲାଣ୍ଟ’

## ଚନ୍ଦ୍ରଶେଖର ମହାବିଦ୍ୟାଳୟ ବାର୍ଷିକ ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

କେନ୍ଦୁଝର ଜିଲାକୁ ସୁନାର କେନ୍ଦୁଝର କରାଯିବ। ଚମ୍ପୁଆ ଉପଖଣ୍ଡ ମଧ୍ୟରେ ରହିଥିବା ପ୍ରାଚୁର୍ଯ୍ୟତା ଭିତରେ ଦାରିଦ୍ର୍ୟତାକୁ ଦୂରେଇବାକୁ ପଡ଼ିବ। ଶିକ୍ଷା, ନିଯୁକ୍ତି କ୍ଷେତ୍ରରେ ସୁଦୃଢ଼ ହେବା ପାଇଁ ସରକାର ସମସ୍ତ ଯୋଜନା କରୁଛନ୍ତି। ଓଡ଼ିଶାରେ ବିଦେଶୀ ପୁଞ୍ଜି ନିବେଶ କରି ଶିଳ୍ପ ବିପ୍ଳବ ସୃଷ୍ଟି କରାଯିବ। ପାଟଣା ଅଞ୍ଚଳରେ ୩୦ ରୁ ୪୦ ହଜାର କୋଟି ଟଙ୍କା ବ୍ୟୟରେ ମେଗା ଷ୍ଟିଲ୍ ପ୍ଲାଣ୍ଟ ନିର୍ମାଣ କରାଯିବ। ଏଥିପାଇଁ ଜେଏସ୍‌ଡବ୍ଲ୍ୟୁ ଏବଂ ପୋସ୍କୋ କମ୍ପାନୀ ସହିତ ବୁଝାମଣା ପତ୍ର ସ୍ୱାକ୍ଷର ହୋଇସାରିଛି। ଖୁବ୍‌ଶୀଘ୍ର ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି ରବିବାର ଚମ୍ପୁଆ ଚନ୍ଦ୍ରଶେଖର ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି।

**ଚମ୍ପୁଆ, ୨।୩(ମହେଶ୍ୱର ଦାସ)**

କେନ୍ଦୁଝର ଜିଲା ଚମ୍ପୁଆ ଚନ୍ଦ୍ରଶେଖର ମହାବିଦ୍ୟାଳୟର ୪୮ତମ ବାର୍ଷିକ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ଚମ୍ପୁଆ ଏକ ଉପାନ୍ତ ଓ ଆଦିବାସୀ ଅଞ୍ଚଳ ହୋଇଥିବାବେଳେ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବୋଧନ ଦେଉଛନ୍ତି।

ଚନ୍ଦ୍ରଶେଖର ମହାବିଦ୍ୟାଳୟ ବିଭିନ୍ନ ଘାତ ପ୍ରତିଘାତ ଭିତରେ ଆଜି ନିଜର ଅସ୍ତିତ୍ୱ ବଜାୟ ରଖିଛି। ଏହି ମହାବିଦ୍ୟାଳୟରେ ପଢ଼ି ଅନେକ ଛାତ୍ର ଦେଶ ବିଦେଶରେ ନାଁ କରିଛନ୍ତି। ଏହି ବିଦ୍ୟାଳୟରେ ପାଠ ପଢ଼ି ଆଜି ମୁଖ୍ୟମନ୍ତ୍ରୀ ଭାବରେ କାର୍ଯ୍ୟ କରିବାକୁ ସୁଯୋଗ ପାଇଥିବା ମୁଖ୍ୟମନ୍ତ୍ରୀ କହିଥିଲେ। ଚମ୍ପୁଆ ଚନ୍ଦ୍ରଶେଖର ମହାବିଦ୍ୟାଳୟକୁ ସ୍ୱୟଂଶାସିତ ମହାବିଦ୍ୟାଳୟ ଭାବେ ଗଢ଼ି ତୋଳିବାକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସହିତ ଖୋଲାଯାଇ ନ ଥିବା କମର୍ସ, ସଂସ୍କୃତ, ଏମ୍ଏ, ଏମ୍ଏସ୍‌ସି ଆଦି ପାଠ୍ୟକ୍ରମ ଖୋଲିବା ପାଇଁ ପଦକ୍ଷେପ ନିଆଯିବ। ଉଚ୍ଚ ଶିକ୍ଷାମନ୍ତ୍ରୀ ଏହି ମହାବିଦ୍ୟାଳୟ ପାଇଁ ୩.୫ କୋଟି ଟଙ୍କା ଘୋଷଣା କରିଥିବାବେଳେ ମୁଖ୍ୟମନ୍ତ୍ରୀ ୪କୋଟି ଟଙ୍କା ପ୍ରଦାନ କରିବାକୁ ଘୋଷଣା କରିଥିଲେ। ଏହି ଅର୍ଥରେ ମହାବିଦ୍ୟାଳୟର ଭିତ୍ତିଭୂମି (ଇନ୍‌ଫ୍ରାଷ୍ଟ୍ରକ୍ଚର) ଉନ୍ନତି କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଚାକିରି କ୍ଷେତ୍ରରେ ପୂର୍ବ ସରକାର ଠିକା ନିଯୁକ୍ତିକୁ ଗୁରୁତ୍ୱ ଦେଇଆସୁଥିଲେ। ନୂଆ ସରକାର ଗଠନ ହେବା ଦିନଠାରୁ ୨୪ ହଜାରରୁ ଅଧିକ ନିଯୁକ୍ତି ପ୍ରଦାନ କରାଯାଇଛି। ଆସନ୍ତା ୨ ବର୍ଷରେ ନିଯୁକ୍ତିକୁ ଅଧିକ କରାଯିବ। ଓଡ଼ିଶାରେ ବିଦେଶୀ ପୁଞ୍ଜି ନିବେଶ କରି ଶିଳ୍ପ ବିପ୍ଳବ ସୃଷ୍ଟି କରାଯିବ। ଭାରତ ବର୍ଷର ୨୬ ପ୍ରତିଶତ ଲୁହାପଥର ଚମ୍ପୁଆ ଉପଖଣ୍ଡ ଭିତରେ ରହିଛି। ମାତ୍ର ପ୍ରାଚୁର୍ଯ୍ୟତା ଭିତରେ ଦାରିଦ୍ର୍ୟତାକୁ ଦୂରେଇବାକୁ ପଡ଼ିବ। ନିକଟ ଅତୀତରେ ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭରେ ୧୭ଲକ୍ଷ କୋଟି ଅର୍ଥ ବ୍ୟୟବରାଦ କରି ୯ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ସରକାର ଚେଷ୍ଟିତ ଅଛନ୍ତି। ଶିକ୍ଷା, କ୍ରୀଡ଼ା ଆଦିର ବିକାଶ ପାଇଁ ପଞ୍ଚାୟତ ଓ ବ୍ଲକ୍‌ସ୍ତରରେ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ପଦକ୍ଷେପ ଗ୍ରହଣ କରାଯାଉଛି। ଏଥିସହ ପାଟଣା ଅଞ୍ଚଳରେ ୩୦ରୁ ୪୦ ହଜାର କୋଟି ଟଙ୍କା ବ୍ୟୟରେ ☞ପୃଷ୍ଠା-୪



ଦୁବାଇ ଇଣ୍ଟରନ୍ୟାଶନାଲ କ୍ରିକେଟ ଷ୍ଟାଡିୟମରେ ରବିବାର ନ୍ୟୁଜିଲାଣ୍ଡ ବିପକ୍ଷ ଚାମ୍ପିୟନ୍ସ ଟ୍ରଫି ମ୍ୟାଚରେ ଭାରତ ବିଜୟୀ ହୋଇଛି। ଭାରତର ଇନିଂସରେ ଅର୍ଦ୍ଧଶତକୀୟ ପାର୍ଟନରଶିପ ଅବସରରେ ଶ୍ରେୟସ ଆୟାର ଓ ଲୋକେଶ ରାହୁଲ। (ବିସ୍ତୃତ ରିପୋର୍ଟ: ଖେଳ ପୃଷ୍ଠା)

# ମାର୍ଚ୍ଚ ୩୧ ସୁଭଦ୍ରା ଆବେଦନର ଶେଷ ତାରିଖ

**ଭୁବନେଶ୍ୱର, ୨।୩ (ବନ୍ଦନା ସେଠୀ)**

ମାର୍ଚ୍ଚ ୩୧ ହେଉଛି ସୁଭଦ୍ରା ଆବେଦନର ଶେଷ ତାରିଖ। ଇତିମଧ୍ୟରେ ୧ କୋଟିରୁ ଊର୍ଦ୍ଧ୍ୱ ଯୋଗ୍ୟ ମହିଳା ରାଜ୍ୟ ସରକାରଙ୍କ ଐତିହାସିକ ଯୋଜନା ‘ସୁଭଦ୍ରା’ରୁ ସହାୟତା ଅର୍ଥ ପାଇସାରିଛନ୍ତି। ମାତ୍ର ୮ମାସ ଭିତରେ ଗୋଟିଏ ଯୋଜନାରେ ଏତେ ସଂଖ୍ୟକ ହିତାଧିକାରୀ ସାମିଲ ହୋଇ ଲାଭାନ୍ୱିତ ହେବା ଏକ ଇତିହାସ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ହିତାଧିକାରୀଙ୍କୁ ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ପର୍ଯ୍ୟାୟରେ ସୁଭଦ୍ରା ଟଙ୍କା ମିଳିସାରିଛି। ଚଳିତ ମାସ ୬ ତାରିଖରେ ସୁଭଦ୍ରା ପ୍ରଥମ କିସ୍ତିର ୫ମ ପର୍ଯ୍ୟାୟ ଟଙ୍କା ମିଳିବ। ଏହି ପର୍ଯ୍ୟାୟରେ ୧ଲକ୍ଷ ୭୦ହଜାର ମହିଳା ସୁଭଦ୍ରା ଟଙ୍କା ପାଇବେ। ସେହିଭଳି ମାର୍ଚ୍ଚ ୮ ଅନ୍ତର୍ଜାତୀୟ ମହିଳା ଦିବସରେ ଦ୍ୱିତୀୟ କିସ୍ତି ପ୍ରଦାନ କରାଯିବ। ଏହାପରେ ରକ୍ଷା ବନ୍ଧନରେ ମଧ୍ୟ ସୁଭଦ୍ରା ଟଙ୍କା ମିଳିବ ବୋଲି ଉପମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ୨୦୨୪-୨୫ ପାଇଁ ଆସନ୍ତା ୩୧ ତାରିଖ ଆବେଦନର ଶେଷ ତାରିଖ ରହିଛି। ତା’ ଭିତରେ ଯେଉଁମାନେ ବି ଆବେଦନ କରିବେ, ସମସ୍ତଙ୍କୁ ସୁଭଦ୍ରା ଟଙ୍କା ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ୨୦୨୪ରେ ରାଜ୍ୟରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ ହୋଇଥିଲା। ଭୁବନେଶ୍ୱରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ସରକାର ପ୍ରତିବର୍ଷ ୨ଟି କିସ୍ତିରେ ୧କୋଟିରୁ ଊର୍ଦ୍ଧ୍ୱ ଯୋଗ୍ୟ ମହିଳାଙ୍କୁ ୧୦ହଜାର ଟଙ୍କା ଲେଖାଏ ଦେବେ।

# ୩୮.୨ ଡିଗ୍ରୀରେ ବୌଦ୍ଧ

**ଭୁବନେଶ୍ୱର, ୨।୩ (ଅନୁରାଧା ମହାରଣା)**



ରାଜ୍ୟରେ ପ୍ରବଳ ଖରା ସହ ଗ୍ରୀଷ୍ମ ପ୍ରବାହ ଯୋଗୁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହେଉଛି। ରବିବାର ୩୮.୨ ଡିଗ୍ରୀ ସେଲସିୟସ୍ ତାପମାତ୍ରା ସହ ବୌଦ୍ଧ ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଛି। ସେହିପରି ଅନ୍ୟ ୧୦ ସହରର ତାପମାତ୍ରା ୩୭ ଡିଗ୍ରୀ ଛୁଇଁଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନାନୁସାରେ, ବଲାଙ୍ଗୀରରେ ୩୮.୧ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ଅନୁଗୋଳରେ ୩୭.୯, ଟିଟିଲାଗଡ଼ ୩୭.୬, ଭଦ୍ରକ ୩୭.୫, ଝାରସୁଗୁଡା ୩୭.୫, ଯାଜପୁର ୩୭.୨, ବାରିପଦା ୩୭, ସୋନପୁର ୩୭ ଓ ଭବାନୀପାଟଣା ୩୭ ଡିଗ୍ରୀ ଛୁଇଁଛି। ତେବେ ରାଜଧାନୀରେ ଦିନକ ମଧ୍ୟରେ ତାପମାତ୍ରା ପ୍ରାୟ ୨ ଡିଗ୍ରୀ ବୃଦ୍ଧି ପାଇଛି। ଶନିବାର ଭୁବନେଶ୍ୱରର ତାପମାତ୍ରା ୩୪.୨ ଡିଗ୍ରୀ ରହିଥିବାବେଳେ ରବିବାର ଏହା ୩୬.୧କୁ ବୃଦ୍ଧି ପାଇଛି। ଅନ୍ୟପଟେ କଟକରେ ଦିନର ସର୍ବୋଚ୍ଚ ତାପମାତ୍ରା ୩୪.୨ ଡିଗ୍ରୀ ରେକର୍ଡ କରାଯାଇଛି। ତେବେ ଆସନ୍ତା ୪ରୁ ୫ଦିନ ମଧ୍ୟରେ ରାଜ୍ୟ ପାଣିପାଗରେ ବିଶେଷ ପରିବର୍ତ୍ତନ ହେବ ନାହିଁ ବୋଲି ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

# ମାସକର ଶିଶୁକୁ ୪୦ରୁ ଊର୍ଦ୍ଧ୍ୱ ନିଆଁ ଚେଙ୍କ

## ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି

**ଉମରକୋଟ, ୨।୩(ସନ୍ତୋଷ ଶତପଥୀ)**

ଆଜିର ଆଧୁନିକ ଯୁଗରେ ଏବେ ବି ଅନେକ କୁପ୍ରଥା ଏବଂ ଅନ୍ଧବିଶ୍ୱାସ ଚାଲିଆସିଛି। ଅସୁସ୍ଥ ପିଲାକୁ ଚିକିତ୍ସା ସେବା ଯୋଗାଇଦେବା ପରିବର୍ତ୍ତେ ତାକୁ ଅମାନୁଷିକ ଭାବେ ଚେଙ୍କ ଦିଆଯାଇଛି। ଏକ ମାସର ପୁତ୍ର ସନ୍ତାନ ଅଧିକାଂଶ ସମୟରେ କାନ୍ଦିବା ସହ ମୋଡ଼ିମାଡ଼ି ହେଉଥିବାରୁ ପରିବାର ଲୋକେ ଉକ୍ତ ଶିଶୁ ଦେହରେ ୪୦ରୁ ଊର୍ଦ୍ଧ୍ୱ ନିଆଁ ଚେଙ୍କ ଦେଇଛନ୍ତି। ଫଳରେ ଶିଶୁଟି ଏବେ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି ହୋଇଛି। ଏପରି ଏକ ଘଟଣା ନବରଙ୍ଗପୁର ଜିଲା ଉମରକୋଟ ଚନ୍ଦାହାଣ୍ଡି ବ୍ଲକର ଗମ୍ଭାରୀଗୁଡ଼ା ଗ୍ରାମ ପଞ୍ଚାୟତର ଫୁଣ୍ଡେଲପଡ଼ା ଗ୍ରାମରେ ଦେଖିବାକୁ ମିଳିଛି।

ମିଳିଥିବା ସୂଚନା ଅନୁସାରେ, ଫୁଣ୍ଡେଲପଡ଼ା ଗ୍ରାମର ଜନୈକ ବ୍ୟକ୍ତିଙ୍କ ପୁଅ ଜନ୍ମ ହେବାର ୧୦ ଦିନ ପରେ ପ୍ରାୟ ସବୁବେଳେ କାନ୍ଦୁଥିଲା। ଛୁଆର ପେଟରେ ଏବଂ ମୁଣ୍ଡରେ ନିଆଁ ଚେଙ୍କ ଦେଲେ ଦେହ ମୋଡ଼ାମୋଡ଼ି ଏବଂ କାନ୍ଦ ବନ୍ଦ ହୋଇଯିବ ବୋଲି କାହାଠାରୁ ଶୁଣି



ପରିବାର ଲୋକେ ପିଲାଟିର ମୁଣ୍ଡ ଓ ପେଟରେ ୪୦ରୁ ଊର୍ଦ୍ଧ୍ୱ ଚେଙ୍କ ଦେଇଥିଲେ। ସେମାନଙ୍କ କହିବା ଅନୁଯାୟୀ, ନିଆଁ ଚେଙ୍କ ଦେବା ପରେ କିଛି ଦିନ ପୁଅ ଆଉ କାନ୍ଦି ନ ଥିଲା, କିନ୍ତୁ ବର୍ତ୍ତମାନ ଦୁଇ ଦିନ ହେଲା ଚେଙ୍କର ଯନ୍ତ୍ରଣା ସମ୍ଭାଳି ନ ପାରି କାନ୍ଦିବା ଆରମ୍ଭ କରିଥିଲା। ତେଣୁ ବାଧ୍ୟ ହୋଇ ରବିବାର ମଧ୍ୟାହ୍ନ ୧ଟାରେ ଉମରକୋଟ ଚିକିତ୍ସାଳୟକୁ ଆଣିଛୁ ବୋଲି ପିଲାଟିର ବାପା କହିଛନ୍ତି। ତେବେ ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ତଥା ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ତଥା ଶିଶୁ ରୋଗ ବିଶେଷଜ୍ଞ ସନ୍ତୋଷ କୁମାର ପଣ୍ଡା ଶିଶୁର ଅବସ୍ଥା ଦେଖି ତୁରନ୍ତ ଚିକିତ୍ସା ଆରମ୍ଭ କରି ଦେଇଥିଲେ। ଚିକିତ୍ସା ପରେ ଶିଶୁ ସୁସ୍ଥ ଥିବା ଡାକ୍ତର ପଣ୍ଡା କହିଛନ୍ତି। ନବରଙ୍ଗପୁର ଜିଲାରେ ଦୀର୍ଘ ଦିନ ପରେ ଚେଙ୍କ ଘଟଣା ସାମ୍ନାକୁ ଆସୁଥିବାରୁ ଡକ୍ଟର ପଣ୍ଡା ଦୁଃଖ ପ୍ରକାଶ କରିବା ସହ ଜିଲାରେ ଚେଙ୍କ ବିରୋଧରେ ପୁଣି ସଚେତନତା ଆରମ୍ଭ କରିବା ଆବଶ୍ୟକତା ଅଛି ବୋଲି କହିଥିଲେ। ଶିଶୁ ଯେପରି ଅତିଶୀଘ୍ର ଭଲ ହୋଇ ଘରକୁ ଫେରିବ, ସେଥିପାଇଁ ଚେଷ୍ଟା କରାଯାଉଛି ବୋଲି ସେ କହିଛନ୍ତି।

# ୨ ସ୍କୁଟି ଧକ୍କା: ଚାଲିଗଲା ୩ ଜୀବନ

**କରଞ୍ଜିଆ/ଠାକୁରମୁଣ୍ଡା, ୨।୩ (କବିତା ମହାନ୍ତ/ ତାରାକାନ୍ତ ପଟ୍ଟନାୟକ)**

ମୟୂରଭଞ୍ଜ ଜିଲା ସିଙ୍ଗଡ଼ା ନିକଟ କରଞ୍ଜିଆ-ଖିଚିଂ ରାସ୍ତାର ଦୁର୍ଗା କନ୍‌ଷ୍ଟ୍ରକ୍ସନ କ୍ୟାମ୍ପ ମହାଦେବଶାଳ ନିକଟରେ ରବିବାର ଅପରାହ୍ନ ୩ଟା ବେଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ୨ ସ୍କୁଟି ମଧ୍ୟରେ ଧକ୍କା ଯୋଗୁ ୩ଜଣଙ୍କ ଜୀବନ ଯାଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ ରରୁଆଁ ଥାନା ଅଧୀନ ବାରିଆ ପଞ୍ଚାୟତ କୁଦସାହି ଗାଁର ମାଟରାମ ଗାଗରାଇ(୬୦), ଗମ୍ଭାସାହିର ରଜତ କୁମାର ଚାତର(୨୬) ଓ ଅନ୍ୟ ଜଣଙ୍କ ପରିଚୟ ମିଳିପାରି ନାହିଁ। ଗୁରୁତର ଥିବା କୁଦସାହିର ଶିବପ୍ରସାଦ ଜେରାଇ(୨୮) କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ସୂଚନା ଅନୁଯାୟୀ, ମାଟରାମ, ଶିବପ୍ରସାଦ ଓ ରଜତ ଏକ ☞ପୃଷ୍ଠା-୪

# ବୁଝୁଥିବା ଭାଷାରେ ୪୦%ଙ୍କୁ ମିଳୁନି ଶିକ୍ଷା

**ଭାଷା ଶିକ୍ଷା ଏକ ଅଧିକାର। ହେଲେ ଏବେବି ବିଶ୍ୱର ୪୦% ପିଲା ଯେଉଁ ଭାଷାରେ କଥା ହେଉଛନ୍ତି ବା ବୁଝୁଛନ୍ତି ସେହି ଭାଷାରେ ସେମାନେ ଶିକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି। ଏପରି କି କେତେକ ନିମ୍ନ ଏବଂ ମଧ୍ୟମ ଆର୍ଥିକ ବର୍ଗର ରାଷ୍ଟ୍ରଗୁଡ଼ିକରେ ୯୦% ପିଲା ନିଜର ବ୍ୟବହାରିକ ଭାଷା ଶିକ୍ଷାରୁ ମଧ୍ୟ ବଞ୍ଚିତ ହେଉଥିବା ଜଣାପଡ଼ିଛି। ଏହାକୁ ନେଇ ୟୁନେସ୍କୋ ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯାଇଛି। ପ୍ରତ୍ୟେକ ଦେଶ ସେମାନଙ୍କ ସମସ୍ତ ପିଲାଙ୍କୁ ବ୍ୟବହାରିକ ଭାଷା ଶିକ୍ଷା ପ୍ରଦାନକୁ ସୁନିଶ୍ଚିତ କରିବା ସହ ଏକାଧିକ ଭାଷା ଶିକ୍ଷା ନୀତି ଏବଂ ବ୍ୟବହାର ଉପରେ ଗୁରୁତ୍ୱ ଦେବା ଜରୁରୀ ବୋଲି ଗ୍ଲୋବାଲ ଏଜୁକେଶନ ମନିଟରିଂ(ଜିଇଏମ୍) ଟିମ୍ ପକ୍ଷରୁ କୁହାଯାଇଛି।**

**ନୂଆଦିଲ୍ଲୀ, ୨।୩**

ବୈଶ୍ୱିକ ଜନସଂଖ୍ୟାର ୪୦% ଲୋକ ସେମାନେ କହିପାରୁଥିବା କିମ୍ବା ବୁଝିପାରୁଥିବା ଭାଷାରେ ଶିକ୍ଷା ହାସଲ କରିବାର ସୁବିଧା ପାଇପାରୁ ନାହାନ୍ତି। କିଛି ସ୍ୱଳ୍ପ ଏବଂ ମଧ୍ୟମ ଆୟ ବର୍ଗ ଦେଶରେ ଏହି ସଂଖ୍ୟା ୯୦% ପର୍ଯ୍ୟନ୍ତ ରହିଥିବା ନେଇ ଜାତିସଂଘର ଶୈକ୍ଷିକ, ବୈଜ୍ଞାନିକ ଏବଂ ସାଂସ୍କୃତିକ ସଙ୍ଗଠନ(ୟୁନେସ୍କୋ)ର ଗ୍ଲୋବାଲ ଏଜୁକେଶନ ମନିଟରିଂ(ଜିଇଏମ୍) ଟିମ୍ ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନରେ କୁହାଯାଇଛି। କହିପାରୁଥିବା କିମ୍ବା ବୁଝିପାରୁଥିବା ଭାଷାରେ ଶିକ୍ଷାଦାନ ପାଇପାରୁ ନ ଥିବାରୁ ବୈଶ୍ୱିକ ୨୫ କୋଟିରୁ ଅଧିକ ଶିକ୍ଷାର୍ଥୀ ପ୍ରଭାବିତ ହେଉଛନ୍ତି। ୟୁନେସ୍କୋର ଜିଇଏମ୍ ଟିମ୍ ପକ୍ଷରୁ ‘ଲାଙ୍ଗୁଏଜେସ୍ ମ୍ୟାଟର, ଗ୍ଲୋବାଲ ଗାଇଡାନ୍ସ ଅନ୍ ମଲ୍ଟି ଲିଙ୍ଗୁଆଲ ଏଜୁକେଶନ’ ଶୀର୍ଷକ ଏହି ରିପୋର୍ଟରେ କୁହାଯାଇଛି, ଘରୋଇ ଭାଷାର ଭୂମିକାକୁ ନେଇ ଅଧିକାଂଶ ଦେଶ ଅବଗତ ଥିବାବେଳେ ଉକ୍ତ ଭାଷାରେ ଶିକ୍ଷାଦାନ ସମ୍ବନ୍ଧିତ ନୀତି ପ୍ରଣୟନକୁ କେବଳ ସୀମିତ ଦେଶ କାର୍ଯ୍ୟକାରୀ କରିଛନ୍ତି। ଘରୋଇ ଭାଷାକୁ ବ୍ୟବହାର କରିବାରେ ଶିକ୍ଷକମାନଙ୍କ ସୀମିତ କ୍ଷମତା, ଘରୋଇ ଭାଷା ସମ୍ବନ୍ଧିତ ସାମଗ୍ରୀର କମ୍ ଉପଲବ୍ଧତା ଏବଂ ବିଭିନ୍ନ ସମ୍ପ୍ରଦାୟର ବିରୋଧ ଯୋଗୁ ଏହାର କାର୍ଯ୍ୟାନ୍ୱୟନରେ ଅନେକ ଚ୍ୟାଲେଞ୍ଜ ରହିଥିବା ଏହି ରିପୋର୍ଟ କହିଛି। ବହୁ ଭାଷୀ ଶିକ୍ଷା ନୀତିକୁ କାର୍ଯ୍ୟକାରୀ କରିବା ପାଇଁ ଏହି ରିପୋର୍ଟରେ ରାଷ୍ଟ୍ରଗୁଡ଼ିକୁ ପରାମର୍ଶ ଦିଆଯାଇଛି। ଏପରି କରାଗଲେ ଶିକ୍ଷାର୍ଥୀମାନେ ଉପକୃତ ହେବେ ବୋଲି ୟୁନେସ୍କୋ ପକ୍ଷରୁ ଜାରି ଏହି ରିପୋର୍ଟ ପ୍ରକାଶ କରିଛି। ସମଗ୍ର ବିଶ୍ୱରେ ପ୍ରବାସ ବଢ଼ିବା ସହ ଭାଷାଭିତ୍ତିକ ବିବିଧତା ଏକ ବିଶ୍ୱସ୍ତରୀୟ ବାସ୍ତବତାରେ ଧୀରେ ଧୀରେ ପରିଣତ ହେଉଛି। ସମ୍ପ୍ରତି ଶ୍ରେଣୀଗୃହ ମଧ୍ୟରେ ବିଭିନ୍ନ ଭାଷା ଏବଂ ପୃଷ୍ଠଭୂମିର ଶିକ୍ଷାର୍ଥୀ ରହିବା ଅତି ସାଧାରଣ କଥା ପାଲଟିଛି। ୩.୧ କୋଟିରୁ ଅଧିକ ବିସ୍ଥାପିତ ଯୁବପିଢ଼ି ସେମାନଙ୍କ ଶିକ୍ଷାରେ ଭାଷାଜନିତ ପ୍ରତିବନ୍ଧକକୁ ସାମ୍ନା କରୁଥିବା ଏହି ରିପୋର୍ଟ ପ୍ରକାଶ କରିଛି। ଅନ୍ତର୍ଜାତୀୟ ମାତୃଭାଷା ଦିବସର ୨୫ତମ ବାର୍ଷିକୀ ଅବସରରେ ଜିଇଏମ୍ ପକ୍ଷରୁ ଉକ୍ତ ରିପୋର୍ଟକୁ ପ୍ରସ୍ତୁତ କରାଯାଇଥିଲା। ତେବେ ଏହି ରିପୋର୍ଟ ଏପରି ଏକ ସମୟରେ ଆସିଛି, ଯେତେବେଳେ ଭାରତ ନୂତନ ଜାତୀୟ ଶିକ୍ଷା ନୀତି (ଏନ୍‌ଇପି)-୨୦୨୦କୁ କାର୍ଯ୍ୟକାରୀ କରିବା ପ୍ରକ୍ରିୟା ଆରମ୍ଭ କରିଛି। ଏନ୍‌ଇପି ବହୁ ଭାଷୀ ଶିକ୍ଷାକୁ ☞ପୃଷ୍ଠା-୪




# ମାଧବୀଙ୍କ ବିରୋଧରେ ଏତଲା ଦାଏର ପାଇଁ କୋର୍ଟଙ୍କ ନିର୍ଦ୍ଦେଶ

**ଷ୍ଟକ୍ ମାର୍କେଟ ଜାଲିଆତି**

**ମୁମ୍ବାଇ, ୨।୩**

ଷ୍ଟକ୍ ମାର୍କେଟ ଜାଲିଆତି ଏବଂ ନିୟମ ଉଲ୍ଲଂଘନ ଅଭିଯୋଗରେ ଭାରତର ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି)ର ପୂର୍ବତନ ଅଧ୍ୟକ୍ଷା ମାଧବୀ ପୁରୀ ବୁଚ୍‌ଙ୍କ ବିରୋଧରେ ଏତଲା ଦାଏର ପାଇଁ ଶନିବାର ମୁମ୍ବାଇର ଏକ ସ୍ୱତନ୍ତ୍ର ଅଦାଲତ ଦୁର୍ନୀତି ନିରୋଧୀ ବ୍ୟୁରୋ (ଏସିବି)କୁ ନିର୍ଦ୍ଦେଶ ଦେଇଛନ୍ତି। ତାଙ୍କ ବ୍ୟତୀତ ଏହି ଦୁର୍ନୀତି ସହ ଜଡ଼ିତ ଥିବା ଅନ୍ୟ ୫ ଜଣ ଅଧିକାରୀଙ୍କ ବିରୋଧରେ ଏଫ୍‌ଆଇଆର୍ ଦାଏର ପାଇଁ ଅଦାଲତ କହିଛନ୍ତି।

ଷ୍ଟକ୍ ବଜାର ନିୟମାବଳୀରେ ତ୍ରୁଟି ଏବଂ ବେଆଇନ ଭାବେ ସ୍ୱାର୍ଥ ହାସଲ ପାଇଁ ଗୋପନ ବୁଝାମଣା ହୋଇଥିବା ପ୍ରାଥମିକ ତଥ୍ୟ ପ୍ରମାଣରୁ ଜଣାପଡ଼ିଥିବାରୁ ଏହାର ନିରପେକ୍ଷ ତଦନ୍ତ ଆବଶ୍ୟକ ବୋଲି ସ୍ୱତନ୍ତ୍ର ଏସିବି କୋର୍ଟ ବିଚାରପତି ଶଶିକାନ୍ତ ଏକନାଥରାଓ ବାଙ୍ଗର ତାଙ୍କ ରାୟରେ କହିଛନ୍ତି। ଅଦାଲତ ଉକ୍ତ ତଦନ୍ତର ତଦାରଖ କରିବେ ବୋଲି କହିଥିବାବେଳେ ୩୦ ଦିନ ମଧ୍ୟରେ ଷ୍ଟାଟସ୍ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେବିର ପୂର୍ବତନ ଅଧ୍ୟକ୍ଷା ମାଧବୀ ଓ ଅନ୍ୟ ଅଧିକାରୀଙ୍କ ବିରୋଧରେ ଅଭିଯୋଗ ଏକ ଧର୍ତ୍ତବ୍ୟ ଅପରାଧ ହୋଇଥିବାରୁ ☞ପୃଷ୍ଠା-୪



ମାଧବୀ ପୁରୀ ବୁଚ୍

## ଆଜିର ସମ୍ପାଦକୀୟ

**ଓଭାଲ ଅଫିସ୍ ଶିକ୍ଷା**

## ଆଜିର ମନ୍ତବ୍ୟ

“ମୋ ପାଇଁ ଦଳ ସର୍ବୋପରି, ଏହାପରେ ଯାଇ ପାରିବାରିକ ସମ୍ପର୍କ। ଜୀବିତ ଥିବା ଯାଏ ଉତ୍ତରାଧିକାରୀ ଘୋଷଣା କରିବିନି।

-ମାୟାବତୀ, ବିଏସ୍‌ପି ସୁପ୍ରିମୋ

## ସଂକ୍ଷେପରେ

### କେନ୍ଦ୍ରମନ୍ତ୍ରୀଙ୍କ ଝିଅଙ୍କୁ ଉତ୍ପୀଡ଼ନ

ମୁମ୍ବାଇ, ୨।୩

ମହାରାଷ୍ଟ୍ରର ଜଲଗାଁଓସ୍ଥିତ ମୁକ୍ତାଇନଗରଠାରେ ଚାଲିଥିବା ସନ୍ଥ ମୁକ୍ତାଇ ମେଳାରେ କେନ୍ଦ୍ର କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ରକ୍ଷା ଖଡ଼ସେଙ୍କ ଝିଅଙ୍କୁ ଉତ୍ପୀଡ଼ନ କରାଯାଇଥିବା ଅଭିଯୋଗ ହୋଇଛି। ରକ୍ଷାଙ୍କ ଅଭିଯୋଗ ଆଧାରରେ ମୁକ୍ତାଇନଗର ପୋଲିସ ମାମଲା ରୁଜୁ କରିବା ସହ ଜଣଙ୍କୁ ଗିରଫ କରିଛି। ଶନିବାର ରକ୍ଷାଙ୍କ ଝିଅ ତାଙ୍କର ଜଣେ ବନ୍ଧୁଙ୍କ ସହ ମେଳାକୁ ଯାଇଥିବାବେଳେ ସେଠାରେ କେତେଜଣ ଯୁବକ ଦୁର୍ବ୍ୟବହାର କରିବା ସହ ଉତ୍ପୀଡ଼ନ ଦେଇଥିଲେ। ଖୁବ୍‌ଶୀଘ୍ର ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିଶ କହିଛନ୍ତି।

### ହିମସ୍ଖଳନ ମୃତ୍ୟୁସଂଖ୍ୟା ୮କୁ ବୃଦ୍ଧି

ଡେରାଡୁନ୍, ୨।୩

ଉତ୍ତରାଖଣ୍ଡର ଚାମୋଲି ଜିଲା ଅନ୍ତର୍ଗତ ମାନା ଗ୍ରାମରେ ଶୁକ୍ରବାର ହିମସ୍ଖଳନ ଯୋଗୁ ସୀମାନ୍ତ ସଡ଼କ ସଂଗଠନ (ବିଆର୍‌ଓ)ର ୫୫ ଜଣ ଶ୍ରମିକ ପୋତିହୋଇ ପଡ଼ିଥିଲେ। ରବିବାର ଆଉ ୪ ଜଣଙ୍କ ମୃତ୍ୟୁଦେହକୁ ବାହାର କରାଯାଇଛି। ଫଳରେ ହିମସ୍ଖଳନଜନିତ ମୃତ୍ୟୁସଂଖ୍ୟା ୮କୁ ବୃଦ୍ଧି ପାଇଛି। ଶନିବାର ୫୦ ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ମୃତ୍ୟୁ ଘଟିଥିଲା। ନିଖୋଜ ଶ୍ରମିକଙ୍କୁ ଚିହ୍ନଟ ପାଇଁ ଜିପିଆର୍, ସନ୍ଧାନୀ କୁକୁର, ଥର୍ମାଲ ଇମେଜିଂ କ୍ୟାମେରା ଏବଂ ହେଲିକପ୍ଟର ବ୍ୟବହାର କରାଯାଇଥିଲା।

### କ୍ରୁଜ୍ ଜାହାଜ ଢଳିବାରୁ ୧୬ ଯାତ୍ରୀ ଆହତ

ୱେଲିଂଟନ୍, ୨।୩

ନ୍ୟୁଜିଲାଣ୍ଡ ନିକଟ ମିଲ୍‌ଫୋର୍ଡ ସାଉଣ୍ଡ ଦେଇ ଯାତ୍ରୀମାନଙ୍କୁ ନେଇ ଯାଉଥିବା କ୍ରାଉନ୍ ପ୍ରିନ୍ସେସ୍ ନାମକ କ୍ରୁଜ୍ ଜାହାଜ ସାମାନ୍ୟ ଢଳିଯିବାରୁ ୧୬ ଜଣ ଯାତ୍ରୀ ଓ କ୍ରୁ ସଦସ୍ୟ ଆହତ ହୋଇଛନ୍ତି। ଗତ ମାସ ୨୫ ତାରିଖରେ ଏହି ଦୁର୍ଘଟଣା ଘଟିଛି। ଜାହାଜଟି ୧୪ ଡିଗ୍ରୀ ଢଳିଯିବାରୁ ଯାତ୍ରୀଙ୍କ ମଧ୍ୟରେ ହଇଚଇ ସୃଷ୍ଟି ହୋଇଥିଲା। କେତେକ ଯାତ୍ରୀ ଜାହାଜ ଭିତର ପାର୍ଶ୍ୱରେ ପିଟିହୋଇ ଯାଇଥିଲେ। କିଚିନ୍ ମଧ୍ୟରେ କେତେଜଣ କର୍ମଚାରୀ କାଉଣ୍ଟରରେ ପିଟି ହେଉଥିବା ଭିଡିଓରୁ ଦେଖିବାକୁ ମିଳିଛି।

# ଗାଜାକୁ ସହାୟତା ରୋକିଲା ଇସ୍ରାଏଲ୍

## ■ ନୂଆ ଯୁଦ୍ଧବିରତି ପ୍ରସ୍ତାବ ଗ୍ରହଣ କରିବାକୁ ଚାପ ■ ଶସ୍ତା ବ୍ଲାକ୍‌ମେଲ୍ କହିଲା ହମାସ୍

ତେଲ୍ ଆଭିଭ୍, ୨।୩

ଗାଜା ଷ୍ଟ୍ରିପ୍‌କୁ ସହାୟତା ସାମଗ୍ରୀ ନେଇ ଯାଉଥିବା ଗାଡ଼ିଗୁଡ଼ିକୁ ରବିବାର ଇସ୍ରାଏଲ୍ ଅଟକାଇଛି। ଯୁଦ୍ଧବିରତି ସମୟସୀମା ବଢ଼ାଇବା ପାଇଁ ନୂଆ ପ୍ରସ୍ତାବକୁ ହମାସ୍ ଯଦି ଗ୍ରହଣ ନ କରେ, ତେବେ ଏହାର ଅତିରିକ୍ତ ପରିଣାମ ପାଇଁ ଜେରୁଜେଲମ୍ ଚେତାବନୀ ଦେଇଛି। ଅନ୍ୟପକ୍ଷରେ ବର୍ତ୍ତମାନର ଯୁଦ୍ଧବିରତି ଚୁକ୍ତିନାମାକୁ ପଥଚ୍ୟୁତ କରିବା ପାଇଁ ଇସ୍ରାଏଲ୍ ଉଦ୍ୟମ କରୁଥିବା ହମାସ୍ ଅଭିଯୋଗ କରିଛି। ସହାୟତା ବନ୍ଦ କରିବା ଏକ ଶସ୍ତା ବ୍ଲାକ୍‌ମେଲ୍, ଯୁଦ୍ଧ ଅପରାଧ ଏବଂ ଅସ୍ତ୍ରବିରତି ଉପରେ ଖୋଲା ଆକ୍ରମଣ ବୋଲି ହମାସ୍ କହିଛି।

୧୩ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଚାଲିଥିବା ହମାସ୍-ଇସ୍ରାଏଲ୍ ଯୁଦ୍ଧକୁ ବନ୍ଦ କରିବା ପାଇଁ ବର୍ଷେରୁ ଅଧିକ ସମୟ ବୁଝାମଣା ପରେ ଗତ ଜାନୁଆରୀ ୧୯ରେ ଯୁଦ୍ଧବିରତି ଚୁକ୍ତିନାମା କାର୍ଯ୍ୟକାରୀ ହୋଇଥିଲା। ଇତିମଧ୍ୟରେ ୬ ପର୍ଯ୍ୟାୟରେ ହମାସ୍ ଅନେକ ପଣବନ୍ଦୀଙ୍କୁ ଫେରାଇ ଦେଇଥିବାବେଳେ ଏହା ବଦଳରେ ଇସ୍ରାଏଲ୍ ପାଲେଷ୍ଟିନୀୟ ବନ୍ଦୀମାନଙ୍କୁ ମୁକ୍ତ କରିଥିଲା। ପ୍ରଥମ ପର୍ଯ୍ୟାୟ ଅସ୍ତ୍ରବିରତି ଶନିବାର ଶେଷ ହୋଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଉଭୟ ପକ୍ଷ ଏପର୍ଯ୍ୟନ୍ତ ଆଲୋଚନା କରିନାହାନ୍ତି। ଦ୍ୱିତୀୟ ପର୍ଯ୍ୟାୟରେ ହମାସ୍‌କୁ ଅନେକ ପଣବନ୍ଦୀ ମୁକ୍ତ କରିବାକୁ ଥିବାବେଳେ ଇସ୍ରାଏଲ୍ ନିଜ ସୈନ୍ୟଙ୍କୁ ପ୍ରତ୍ୟାହାର କରିନେବ ଓ ସ୍ଥାୟୀ ଯୁଦ୍ଧବିରତି ହୋଇପାରିବ। ତେବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ସହ ଯୋଗାଯୋଗ ପରେ ସହାୟତା ସ୍ଥଗିତ ରଖିବାକୁ ନିଷ୍ପତ୍ତି ହୋଇଥିବା ଜଣେ ଇସ୍ରାଏଲୀ ଅଧିକାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ ଗଣମାଧ୍ୟମକୁ କହିଛନ୍ତି। ତେବେ ଗାଜାକୁ ସହାୟତା ବନ୍ଦ ପ୍ରସ୍ତାବ ଉପରେ ଆମେରିକା ପକ୍ଷରୁ କୌଣସି ମନ୍ତବ୍ୟ ଦିଆଯାଇ ନାହିଁ।

ଯୁଦ୍ଧ କ୍ଷତିଗ୍ରସ୍ତ ଗାଜାରେ ଲୋକେ ଖାଦ୍ୟ ଓ ଅତ୍ୟାବଶ୍ୟକ ସାମଗ୍ରୀ ଅଭାବ କାରଣରୁ ନାହିଁ ନ ଥିବା ଅସୁବିଧା ମଧ୍ୟରେ କାଳାତିପାତ କରିଆସୁଛନ୍ତି। ଜାନୁଆରୀ ୧୯ରେ ଯୁଦ୍ଧବିରତି କାର୍ଯ୍ୟକାରୀ ହେବା ପରେ ଗାଜାକୁ ସହାୟତା ସାମଗ୍ରୀ ନେଇ ପ୍ରତିଦିନ ଶତାଧିକ ଟ୍ରକ୍ ପ୍ରବେଶ କରୁଥିଲା। ସହାୟତା ବନ୍ଦ କରିଦେଲେ ଏହାର କିଭଳି ପ୍ରଭାବ ପଡ଼ିବ, ତାହା ସ୍ପଷ୍ଟ ହୋଇନାହିଁ।

ଇସ୍ରାଏଲ୍ କହିବା ଅନୁଯାୟୀ, ଆମେରିକା ସମର୍ଥିତ ନୂଆ ଯୁଦ୍ଧବିରତି ପ୍ରସ୍ତାବ ରମଜାନ ମାସ ଯାଏ ବଢ଼ାଇବାକୁ କୁହାଯାଇଛି। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ କାର୍ଯ୍ୟାଳୟର ସୂଚନା ଅନୁଯାୟୀ, ହମାସ୍ ଦ୍ୱିତୀୟ ପର୍ଯ୍ୟାୟ ଯୁଦ୍ଧବିରତିର ପ୍ରଥମ ଦିନରେ ଅଧା ପଣବନ୍ଦୀଙ୍କୁ ମୁକ୍ତ କରିବ ଏବଂ ସ୍ଥାୟୀ ଯୁଦ୍ଧବିରତି ଚୁକ୍ତିନାମା ଚୂଡ଼ାନ୍ତ ହେବା ପରେ ଅବଶିଷ୍ଟ ପଣବନ୍ଦୀଙ୍କୁ ଛାଡ଼ିବ। ପରବର୍ତ୍ତୀ ଯୁଦ୍ଧବିରତି ଚୁକ୍ତିନାମା ପାଇଁ ଇସ୍ରାଏଲ୍ ବୁଝାମଣା ପାଇଁ ପ୍ରସ୍ତୁତ। ତେବେ ଆଲୋଚନା ସମୟରେ ହମାସ୍ ଅଧିକ ପଣବନ୍ଦୀଙ୍କୁ ମୁକ୍ତ କରିବା ପାଇଁ ଚାହୁଁଛୁ ବୋଲି ଇସ୍ରାଏଲ୍ ବହିର୍ବ୍ୟାପାର ମନ୍ତ୍ରୀ ଗିଡେଅନ୍ ସାର କହିଛନ୍ତି। ସ୍ୱତଃପ୍ରବୃତ୍ତ ଭାବେ ଦ୍ୱିତୀୟ ପର୍ଯ୍ୟାୟ ଯୁଦ୍ଧବିରତି ନ ଲଗାଇବା ପାଇଁ ଆମେରିକା ଇସ୍ରାଏଲ୍‌କୁ ଏକ ପତ୍ର ପଠାଇଥିଲା। ତେବେ ଯୁଦ୍ଧବିରତି ଚୁକ୍ତିନାମାକୁ ବିଳମ୍ବ କିମ୍ବା ବାତିଲ କରିବାକୁ ଉଦ୍ୟମ କରାଯିବାର ପରିଣତି ପଣବନ୍ଦୀମାନଙ୍କ ଉପରେ ପଡ଼ିବ ବୋଲି ହମାସ୍ ସତର୍କ କରାଇଛି। ସେମାନଙ୍କୁ ମୁକ୍ତ କରିବାର ଏକମାତ୍ର ଉପାୟ ହେଲା ବର୍ତ୍ତମାନର ଚୁକ୍ତିନାମାକୁ କାର୍ଯ୍ୟକାରୀ କରିବା ବୋଲି ହମାସ୍ କହିଛି। ଦ୍ୱିତୀୟ ପର୍ଯ୍ୟାୟରେ ସବୁ ପଣବନ୍ଦୀଙ୍କୁ ଏକସଙ୍ଗେ ମୁକ୍ତ କରିଦେବା ପାଇଁ ହମାସ୍ ପ୍ରସ୍ତୁତ ଅଛି। ଏହା ବଦଳରେ ଅଧିକ ପାଲେଷ୍ଟିନୀୟ ବନ୍ଦୀଙ୍କୁ ଛଡ଼ାଯିବା ସହ ସ୍ଥାୟୀ ଅସ୍ତ୍ରବିରତି ଏବଂ ଇସ୍ରାଏଲ୍ ସେନା ପ୍ରତ୍ୟାହାର ପାଇଁ ସେମାନେ ଦାବି କରିଛନ୍ତି। ଯୁଦ୍ଧ ବନ୍ଦ ନ କରି ଅବଶିଷ୍ଟ ପଣବନ୍ଦୀଙ୍କୁ ଫେରାଇ ନେବା ଲକ୍ଷ୍ୟ ରଖିଥିବା ନୂଆ ପ୍ରସ୍ତାବକୁ ହମାସ୍ ଏବଂ ଇଜିପ୍ଟ ଗ୍ରହଣ କରିବେ ନାହିଁ ବୋଲି ଇଜିପ୍ଟର ଜଣେ ଅଧିକାରୀ କହିଛନ୍ତି।


ମାନବୀୟ ସହାୟତା ନେଇ ଯାଉଥିବା ଏକ ଟ୍ରକ୍‌କୁ ଗାଜା ସୀମାରେ ଅଟକିଛି।

### ଡୁପ୍ଲିକେଟ୍ ଭୋଟରକାର୍ଡ ନମ୍ବର ଅର୍ଥ ଜାଲ୍ ଭୋଟର ନୁହନ୍ତି: ଇସି

ନୂଆଦିଲ୍ଲୀ, ୨।୩ (ପି.ଟି.)

ଦୁଇ ଭିନ୍ନ ରାଜ୍ୟରେ ମତଦାତାଙ୍କୁ ସମାନ ଭୋଟର କାର୍ଡ ନମ୍ବର ଇସ୍ୟୁ କରାଯାଇଥିବା ଅଭିଯୋଗ ହୋଇଥିଲା। ତେବେ ଡୁପ୍ଲିକେଟ୍ ନମ୍ବର ପାଇଥିବା ମତଦାତା ଜାଲ୍ ଭୋଟର ନୁହନ୍ତି ବୋଲି ନିର୍ବାଚନ କମିଶନ ରବିବାର କହିଛନ୍ତି। କାରଣ ଭୋଟର ଫଟୋ ପରିଚୟପତ୍ରର ନମ୍ବର ସମାନ ଥିଲେ ମଧ୍ୟ ଅନ୍ୟାନ୍ୟ ବିବରଣୀ ଯଥା ନିର୍ବାଚନ ମଣ୍ଡଳୀ, ପୋଲିଂ ବୁଥ୍ ଆଦି ଭିନ୍ନ ରହିଛି। ସମାନ ନମ୍ବର ଥିବା ଭୋଟର କେବଳ ନିଜ ରାଜ୍ୟ ବା କେନ୍ଦ୍ରଶାସିତ ଅଞ୍ଚଳର ନିର୍ଦ୍ଦିଷ୍ଟ ନିର୍ବାଚନ ମଣ୍ଡଳୀରେ ଭୋଟ ଦେଇପାରିବେ, ଯେଉଁଠି ତାଙ୍କର ଭୋଟର ତାଲିକା ରହିଥିବ। ବିକେନ୍ଦ୍ରୀକରଣ ଏବଂ ମାନୁଆଲ୍ ବ୍ୟବସ୍ଥା ଯୋଗୁ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଗୋଟିଏ ନମ୍ବର ବା ସିରିଜ୍ ଅନ୍ୟ ରାଜ୍ୟର ଭୋଟରଙ୍କୁ ଦିଆଯାଇଥାଏ। ପୂର୍ବରୁ ଏହି ବ୍ୟବସ୍ଥା ଚାଲିଆସୁଥିଲା ବୋଲି ଇସି କହିଛନ୍ତି। ସୂଚନାଯୋଗ୍ୟ, ଆସନ୍ତାବର୍ଷ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଥିବାବେଳେ ଭାଜପା ନିର୍ବାଚନ କମିଶନଙ୍କ ସହ ଅନୈତିକ ବୁଝାମଣା କରି ଡୁପ୍ଲିକେଟ୍ ଭୋଟର କାର୍ଡ ନମ୍ବର ଜାରି କରି ଅନ୍‌ଲାଇନ ଜରିଆରେ ଜାଲ୍ ଭୋଟରଙ୍କୁ ସାମିଲ କରୁଥିବା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପୂର୍ବରୁ ଅଭିଯୋଗ କରିଥିଲେ।

## ଯୁଦ୍ଧବିରତି ପାଇଁ ବ୍ରିଟେନ୍, ଫ୍ରାନ୍ସ, ୟୁକ୍ରେନ୍ ଏକାଠି କାମ କରିବେ: ଷ୍ଟାର୍ମର

ଲଣ୍ଡନ, ୨।୩

ରୁଷିଆ-ୟୁକ୍ରେନ୍ ଯୁଦ୍ଧର ଅବସାନ ପାଇଁ ଅସ୍ତ୍ରବିରତି ଯୋଜନା ଉପରେ ବ୍ରିଟେନ୍, ଫ୍ରାନ୍ସ ଏବଂ ୟୁକ୍ରେନ୍ ଏକାଠି କାର୍ଯ୍ୟ କରିବାକୁ ରାଜି ହୋଇଛନ୍ତି। ପରେ ଏହି ଯୋଜନା ଆମେରିକା ନିକଟରେ ଉପସ୍ଥାପନ କରାଯିବ ବୋଲି ବ୍ରିଟେନ୍ ପ୍ରଧାନମନ୍ତ୍ରୀ କେର୍ ଷ୍ଟାର୍ମର କହିଛନ୍ତି।

ହ୍ୱାଇଟ୍ ହାଉସ୍‌ର ଓଭାଲ ଅଫିସରେ ଶୁକ୍ରବାର ରାତିରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ତାଙ୍କ ୟୁକ୍ରେନ୍ ପ୍ରତିପକ୍ଷ ଭୋଲୋଡିମିର ଜେଲେନ୍‌ସ୍କିଙ୍କ ମଧ୍ୟରେ ତୀବ୍ର କଥା କଟାକଟି ପରେ ୪ ଦେଶର ନେତାଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଏହାପରେ ଯୁଦ୍ଧବିରତି ଯୋଜନା ନିମନ୍ତେ କାର୍ଯ୍ୟ କରିବାକୁ ଦେଶଗୁଡ଼ିକ ରାଜି ହୋଇଛନ୍ତି। ଷ୍ଟାର୍ମର କହିଛନ୍ତି, ଆମେରିକା ରାଷ୍ଟ୍ରପତି ୟୁକ୍ରେନ୍‌ରେ ସ୍ଥାୟୀ ଶାନ୍ତି ଚାହୁଁଥିବା ସେ ବିଶ୍ୱାସ କରୁଛନ୍ତି। କାରଣ ଏହାକୁ


ବ୍ରିଟେନ୍ ପ୍ରଧାନମନ୍ତ୍ରୀ କେର୍ ଷ୍ଟାର୍ମରଙ୍କ ସହ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି।

### ଆମେରିକାର ସହଯୋଗ ନିଆଯିବ

ବଜାୟ ରଖିବା ପାଇଁ ଆମେରିକାର ସୁରକ୍ଷା ଗ୍ୟାରେଣ୍ଟି ଆବଶ୍ୟକ ବୋଲି ସେ ବାରମ୍ବାର କହିଥିଲେ। ୟୁକ୍ରେନ୍ ପ୍ରସଙ୍ଗ ଆଲୋଚନା ପାଇଁ ଷ୍ଟାର୍ମର ଲଣ୍ଡନରେ ରବିବାର ୟୁରୋପୀୟ ନେତାମାନଙ୍କ ଏକ ସମିଟ୍‌ର ଆୟୋଜନ କରିଥିଲେ। ତେବେ ଟ୍ରମ୍ପ-ଜେଲେନ୍‌ସ୍କି ବିବାଦ ଯୋଗୁ ସମିଟ୍‌ର ଗୁରୁତ୍ୱ କମିଯାଇଛି। ବୈଠକରେ ଯୁଦ୍ଧ କ୍ଷତିଗ୍ରସ୍ତ ସହଯୋଗୀଙ୍କୁ ସୁରକ୍ଷା ଦେବା ଏବଂ ମହାଦେଶର ପ୍ରତିରକ୍ଷା ବଢ଼ାଇବାକୁ ଅଧିକ ଗୁରୁତ୍ୱ ଦିଆଯାଇଛି।

## ପୁତୁରା ଆକାଶଙ୍କୁ ଦଳୀୟ ପଦରୁ ହଟାଇଲେ ମାୟାବତୀ

ଲକ୍ଷ୍ନୌ, ୨।୩

ବହୁଜନ ସମାଜ ପାର୍ଟି (ବିଏସ୍‌ପି) ସୁପ୍ରିମୋ ମାୟାବତୀ ରବିବାର ତାଙ୍କ ପୁତୁରା ଆକାଶ ଆନନ୍ଦଙ୍କୁ ସମସ୍ତ ଦଳୀୟ ପଦରୁ ହଟାଇ ଦେଇଛନ୍ତି। ସେ ଜୀବିତ ଥିବା ଯାଏ ତାଙ୍କ ଉତ୍ତରାଧିକାରୀଙ୍କ ନାମ ଘୋଷଣା କରିବେ ନାହିଁ ବୋଲି ଏହି ଅବସରରେ ମାୟାବତୀ କହିଛନ୍ତି। ସେ କହିଛନ୍ତି, ତାଙ୍କ ପାଇଁ ଦଳ ସର୍ବୋପରି ହୋଇଥିବାବେଳେ ଏହା ପଛକୁ ପାରିବାରିକ ସମ୍ପର୍କ ରହିଛି। ଆକାଶଙ୍କୁ ସମସ୍ତ ଦଳୀୟ ପଦରୁ ହଟାଇବା ପାଇଁ ମାୟାବତୀ ତାଙ୍କ ଶ୍ୱଶୁର ଅଶୋକ ସିଦ୍ଧାର୍ଥଙ୍କୁ ଦାୟୀ କରିଛନ୍ତି। ଦଳ ବିରୋଧୀ କାର୍ଯ୍ୟକଳାପ ଯୋଗୁ ଅଶୋକଙ୍କୁ ଗତ ବର୍ଷ ବିଏସ୍‌ପିରୁ ବହିଷ୍କୃତ କରାଯାଇଥିଲା। ବିଭିନ୍ନ ଜାତୀୟ ଗଣମାଧ୍ୟମର ରିପୋର୍ଟ

### 'ଜୀବିତ ଥିବା ଯାଏ ଉତ୍ତରାଧିକାରୀଙ୍କ ନାମ କହିବିନି'


ମାୟାବତୀ ଆକାଶ ଆନନ୍ଦ

ଅନୁଯାୟୀ, ରବିବାର ଦଳର ଶୀର୍ଷ ନେତାଙ୍କ ସହ ଏକ ବୈଠକରେ ମାୟାବତୀ ତାଙ୍କ ଭାଇ ଆନନ୍ଦ କୁମାର ଏବଂ ରାମଜୀ ଗୌତମଙ୍କୁ ବିଏସ୍‌ପିର ଜାତୀୟ ସଂଯୋଜକ ଭାବେ ନିଯୁକ୍ତି ଦେଇଛନ୍ତି। ଏହି ବୈଠକରେ ସେ ଉଭୟ ଆନନ୍ଦ ଓ ରାମଜୀଙ୍କୁ ସେମାନଙ୍କ ସାଙ୍ଗଠନିକ ଦକ୍ଷତା ପାଇଁ ପ୍ରଶଂସା କରିଛନ୍ତି।

## ଏନ୍‌ଇପିକୁ ନେଇ ବଢ଼ୁଛି ଡିଏମ୍‌କେ-ଭାଜପା ବିବାଦ

ନୂଆଦିଲ୍ଲୀ, ୨।୩

ଜାତୀୟ ଶିକ୍ଷା ନୀତି (ଏନ୍‌ଇପି)କୁ ଜବରଦସ୍ତ ଲାଗୁ କରିବା ପାଇଁ କେନ୍ଦ୍ର ସରକାର ଚାପ ପକାଉଥିବାରୁ ଏହାକୁ ନେଇ ତାମିଲନାଡୁର ଶାସକ ଡିଏମ୍‌କେ ଏବଂ ଭାଜପା ମଧ୍ୟରେ ବିବାଦ ତୀବ୍ର ରୂପ ଧାରଣ କରିଛି। ଶିକ୍ଷା ଅଧିକାର ଯୋଜନାରେ କେନ୍ଦ୍ରୀୟ ପାଣ୍ଠିକୁ ସ୍ଥଗିତ ରଖାଯାଇଥିବାରୁ ତାମିଲନାଡୁ ଏହାର ପ୍ରତିବାଦ ଜଣାଇଛି। ରାଜ୍ୟଗୁଡ଼ିକରେ ଏନ୍‌ଇପି ଲାଗୁ କରିବା ସହ ଏହି ପାଣ୍ଠି ଜଡ଼ିତ ଥିବା କେନ୍ଦ୍ର କହୁଥିବାବେଳେ ଏହା ଭାଷାଯୁଦ୍ଧକୁ ବଢ଼ାଇଛି। ଡିଏମ୍‌କେ ଏବଂ ଭାଜପା ମଧ୍ୟରେ ଚାଲିଥିବା ଏହି ବିବାଦରେ ଅନ୍ୟ କୌଣସି ଦଳ ସାମିଲ ହେବେ କି ନାହିଁ, ତାହାକୁ ନେଇ ସାଧାରଣରେ ଆଗ୍ରହ ବଢ଼ିଛି।

ଶିକ୍ଷା ଅଧିକାର ଯୋଜନାରେ ୨,୫୧୨ କୋଟି ଟଙ୍କା ପ୍ରଦାନ ଦାବିରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପାଖକୁ ପତ୍ର ଲେଖିଥିଲାବେଳେ ତାମିଲନାଡୁ ଏନ୍‌ଇପିର ଅନୁପାଳନ କରି ନ ଥିବା କେନ୍ଦ୍ର କହିଥିଲା। ଏହାଠାରୁ ଯଥେଷ୍ଟ ଅଧିକ ପାଣ୍ଠି ଦେଲେ ବି ହିନ୍ଦୀ ଭାଷାକୁ ରାଜ୍ୟରେ ଲଦିଦିଆଯିବ ନାହିଁ ବୋଲି ଷ୍ଟାଲିନ୍ ଘୋଷଣା କରିଥିଲେ। ରାଜନୈତିକ ଉଦ୍ଦେଶ୍ୟରେ ଭାଜପା ହିନ୍ଦୀକୁ ଲଦିଦେବାକୁ ଚାହୁଁଥିଲା ବେଳେ ଷ୍ଟାଲିନ୍‌ଙ୍କ ମନ୍ତବ୍ୟରୁ ରାଜ୍ୟରେ କେବଳ ତାମିଲ ଏବଂ ଇଂଲିଶ ଦୁଇ ଭାଷା ନୀତି ବଳବତ୍ତର ରହିବା ପ୍ରତିଫଳିତ ହେଉଛି। ସେହିପରି ପଞ୍ଜାବ ଏବଂ ତେଲଙ୍ଗାନା ଯଥାକ୍ରମେ ପଞ୍ଜାବୀ ଓ ତେଲୁଗୁକୁ ମୁଖ୍ୟ ଭାଷା କରିବାକୁ ଘୋଷଣା କରିଛନ୍ତି।

## ଚନ୍ଦ୍ରରେ ଅବତରଣ କଲା 'ବ୍ଲୁ ଘୋଷ୍ଟ'

ୱାଶିଂଟନ, ୨।୩

ଆମେରିକୀୟ ଘରୋଇ ଏରୋସ୍ପେସ୍ କମ୍ପାନୀ 'ଫାୟାରଫ୍ଲାଏ ଏରୋସ୍ପେସ୍'ର 'ବ୍ଲୁ ଘୋଷ୍ଟ' ଲୁନାର ଲାଣ୍ଡର ରବିବାର ଚନ୍ଦ୍ରପୃଷ୍ଠରେ ଅବତରଣ କରିଛି। ଏନେଇ ଟେକ୍ସାସ୍‌ସ୍ଥିତ କମ୍ପାନୀର ମିଶନ କଣ୍ଟ୍ରୋଲ ରୁମ୍ ପକ୍ଷରୁ ସୂଚନା ଦିଆଯାଇଛି। ଫାୟାରଫ୍ଲାଏ କମ୍ପାନୀ ପକ୍ଷରୁ ନିଜ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ଏହାର ଫଟୋକୁ ଶେୟାର କରାଯାଇଛି।

ଅବତରଣ କରିବାର ଅଧ ଘଣ୍ଟା ପରେ ବ୍ଲୁ ଘୋଷ୍ଟ ଚନ୍ଦ୍ରପୃଷ୍ଠର ଚିତ୍ର ପଠାଇବା ଆରମ୍ଭ କରିଛି। ପ୍ରଥମ ଫଟୋରେ ଏକ ସେଲ୍‌ଫି ରହିଥିଲା, ଯେଉଁଥିରେ ସୂର୍ଯ୍ୟଙ୍କ ଆଲୋକ କିଛି ମାତ୍ରାରେ ଦୃଶ୍ୟମାନ ହେଉଥିବା ନେଇ ଦେଖିବାକୁ ମିଳିଛି। କମ୍ପାନୀର ସୂଚନା ଅନୁଯାୟୀ, ଚନ୍ଦ୍ରରେ ଅବତରଣ କରିଥିବା ବ୍ଲୁ ଘୋଷ୍ଟ ଏକ ଛୋଟ ଲୁନାର ଲାଣ୍ଡର ହୋଇଥିବାବେଳେ ଏହାର ଲମ୍ବ ୬ ଫୁଟ ୬ ଇଞ୍ଚ (୨ ମିଟର) ଏବଂ ଏହାର ପରିଧି ୧୧ ଫୁଟ (୩.୫ ମିଟର) ରହିଛି।

ଗତ ଜାନୁଆରୀ ୧୫ରେ ଫ୍ଲୋରିଡାର କେନେଡ଼ି ସ୍ପେସ୍ ସେଣ୍ଟରରୁ ବ୍ଲୁ ଘୋଷ୍ଟ ଲୁନାର ଲାଣ୍ଡରକୁ ଲଞ୍ଚ୍ କରାଯାଇଥିଲା। ଏହି ଲାଣ୍ଡର ନାସା ପାଇଁ ଚନ୍ଦ୍ରରେ ୧୦ ବିଭିନ୍ନ ପରୀକ୍ଷଣ କରିବ। ବ୍ଲୁ ଘୋଷ୍ଟ ଲାଣ୍ଡରରେ ଏକ ସ୍ୱତନ୍ତ୍ର ଭାକ୍ୟୁମ ଉପକରଣ ସ୍ଥାପନ କରାଯାଇଛି, ଯାହା ବିଶ୍ଳେଷଣ ପାଇଁ ଚନ୍ଦ୍ରପୃଷ୍ଠରେ ଥିବା ମାଟିକୁ ସୁରକ୍ଷିତ ରଖିପାରିବ। ସେହିପରି ଏହି ଲାଣ୍ଡରରେ ଏକ ଡ୍ରିଲ ମଧ୍ୟ ସ୍ଥାପନ କରାଯାଇଛି, ଯାହା ଚନ୍ଦ୍ରପୃଷ୍ଠର ୧୦ ଫୁଟ ତଳ ପର୍ଯ୍ୟନ୍ତ ପହଞ୍ଚି ସେଠାକାର ତାପମାତ୍ରାକୁ ରେକର୍ଡ କରିପାରିବ।


ଚନ୍ଦ୍ର ପୃଷ୍ଠରେ ବ୍ଲୁ ଘୋଷ୍ଟ ଅବତରଣ କରିବା ପରେ ନାସା ପକ୍ଷରୁ ଜାରି ଫଟୋ।

## ଫୁରସତ୍

# ଦୈନିକ ୭୦ କେ.ଜି. ଓଜନ ଉଠାଉଛନ୍ତି ବୃଦ୍ଧା

### ୱେଟ୍‌ଲିଫ୍ଟର ଜେଜେ ମା' ଭାବେ ଯୁବପିଢ଼ିଙ୍କ ମଧ୍ୟରେ ପରିଚିତ

ନୂଆଦିଲ୍ଲୀ

ସାଧାରଣତଃ ବୃଦ୍ଧାବସ୍ଥାରେ ଶରୀର ଦୁର୍ବଳ ହୋଇଯାଇଥାଏ। ସେଥିପାଇଁ ଅଧିକାଂଶ ଲୋକ ଚାଲିବାରେ ଅସୁବିଧା ଅନୁଭବ କରିଥାନ୍ତି। ତେବେ ରୋଶନୀ ଦେବୀ ସାଙ୍ଗୱାନ୍ ନାମ୍ନୀ ଜଣେ ୭୦ ବର୍ଷ ବୟସ୍କା ଦୈନିକ ୭୦ କେ.ଜି. ପର୍ଯ୍ୟନ୍ତ ଓଜନ ଉଠାଇ ସମସ୍ତଙ୍କୁ ଚକିତ କରିଛନ୍ତି। ନିଜ ଫିଟନେସ୍ ପ୍ରତି ଏପରି ସଜାଗ ରହି ସେ ଯୁବପିଢ଼ିଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ରୋଶନୀ ଦେବୀ ଯୁବପିଢ଼ିଙ୍କ ମଧ୍ୟରେ ୱେଟ୍‌ଲିଫ୍ଟର ଜେଜେ ମା' ଭାବେ ପରିଚିତ।

ମୂଳତଃ ହରିୟାଣା ନିବାସୀ ରୋଶନୀ ଦେବୀ ୨୦୦୯ରୁ ଦିଲ୍ଲୀରେ ରହୁଛନ୍ତି। ତାଙ୍କର ୨ ପୁଅ ଏବଂ ଜଣେ ଝିଅ ରହିଛନ୍ତି। ତାଙ୍କ ବଡ଼ପୁଅ ହରିୟାଣାରେ ରୁହନ୍ତି। ସେ ନିଜ ସାନପୁଅ ଅଜୟଙ୍କ ସହ ଦିଲ୍ଲୀରେ ରହୁଛନ୍ତି। ସେହିପରି ତାଙ୍କ ଝିଅ ଲକ୍ଷ୍ନୌରେ ରୁହନ୍ତି। ସବୁବେଳେ ଶାକାହାରୀ ଖାଦ୍ୟ ଖାଉଥିବା ରୋଶନୀ ଦେବୀ କୌଣସି ବିଶେଷ ଡାଏଟ୍ ପ୍ଲାନିଂରେ ବିଶ୍ୱାସ କରନ୍ତି ନାହିଁ। ସେ ସାଧାରଣତଃ ବେଶି ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଖାଇବାକୁ ପସନ୍ଦ କରନ୍ତି। ଏଥିପ୍ରତି ସେ ବିଶେଷ ଯତ୍ନ ନେଇଥାନ୍ତି। ସେ ନିଜ ଶରୀରକୁ ଫିଟ୍ ରଖିବା ପାଇଁ ପ୍ରତିଦିନ ୱର୍କଆଉଟ କରନ୍ତି। କୌଣସି ମଧ୍ୟ ଦିନ ସେ ୱର୍କଆଉଟ କରିବା ବନ୍ଦ କରନ୍ତି ନାହିଁ। ଏଥିପାଇଁ ରୋଶନୀ ଦେବୀ ପ୍ରତିଦିନ ଜିମ୍ ଯାଆନ୍ତି। ୭୦ ବର୍ଷ ବୟସର ଅଧିକାଂଶ ଲୋକ ଚାଲିବାରେ ଅସୁବିଧା ଅନୁଭବ କରୁଥିବାବେଳେ ରୋଶନୀ ଦେବୀ ଜିମ୍‌ରେ ୬୦ରୁ ୭୦ କେ.ଜି. ପର୍ଯ୍ୟନ୍ତ ଓଜନ ଉଠାଇ ସମସ୍ତଙ୍କୁ ଚକିତ କରିଥାନ୍ତି।

ନିଜ ଫିଟ୍‌ନେସ୍‌କୁ ନେଇ ରୋଶନୀ ଦେବୀ କୁହନ୍ତି, ସେ ତାଙ୍କ ବୟସ ଦର୍ଶାଇ ବିଭିନ୍ନ କ୍ଷେତ୍ରରେ ବାହାନା କରିବାକୁ ପସନ୍ଦ କରନ୍ତି ନାହିଁ। ଶରୀରକୁ ସୁସ୍ଥ ରଖିବାକୁ ହେଲେ, ପ୍ରତିଦିନ ବ୍ୟାୟାମ କରିବା ନିତାନ୍ତ ଆବଶ୍ୟକ। ମଣିଷ ପାଇଁ ଫିଟ୍ ରହିବା କେତେ ଗୁରୁତ୍ୱପୂର୍ଣ୍ଣ ଏହା ତାଙ୍କୁ ତାଙ୍କ ପୁଅ ଅଜୟ ଶିଖାଇଛନ୍ତି। ଅଜୟ ଜଣେ ଫିଟ୍‌ନେସ୍ ଟ୍ରେନର ହୋଇଥିବା ବେଳେ ସେ ନିଜ ମା'ଙ୍କ ଶରୀରର ସମ୍ପୂର୍ଣ୍ଣ ଯତ୍ନ ନେଉଛନ୍ତି। ସମ୍ପ୍ରତି ରୋଶନୀ ଦେବୀ ନିଜ ଫିଟ୍‌ନେସ୍ ମାଧ୍ୟମରେ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି। ଜିମ୍‌କୁ ଆସୁଥିବା ପିଲାମାନେ ତାଙ୍କ ମା'ଙ୍କୁ ୱର୍କଆଉଟ କରୁଥିବାର ଦେଖି ଫିଟ୍‌ନେସ୍ ପ୍ରତି ଅଧିକ ଉତ୍ସାହିତ ହେଉଛନ୍ତି ବୋଲି ଅଜୟ କହିଛନ୍ତି।




## 'ବାଗି ୪': ଟାଇଗରଙ୍କ ଲୁକ୍ ଉପରୁ ପରଦା ଉଠିଲା

ମୁମ୍ବାଇ

ବଲିଉଡ୍ ଅଭିନେତା ଟାଇଗର ଶ୍ରଫ୍ ରବିବାର ତାଙ୍କର ୩୫ତମ ଜନ୍ମଦିନ ପାଳନ କରିଛନ୍ତି। ଏହି ଅବସରରେ ତାଙ୍କ ପ୍ରଶଂସକମାନଙ୍କୁ ଏକ ଉପହାର ମିଳିଛି। ରବିବାର ଟାଇଗରଙ୍କ ଆଗାମୀ ଫିଲ୍ମ 'ବାଗି ୪'ର ଏକ ପୋଷ୍ଟରକୁ ଜାରି କରାଯାଇଛି, ଯେଉଁଥିରେ ଟାଇଗରଙ୍କ ଲୁକ୍ ଉପରୁ ପରଦା ଉଠିଛି। ଉକ୍ତ ପୋଷ୍ଟରରେ ଟାଇଗର ପୂରା ଆକ୍ସନ ଏବଂ ଥ୍ରୀଲର ଲୁକ୍‌ରେ ନଜର ଆସିଛନ୍ତି। ପୋଷ୍ଟରରେ ଟାଇଗରଙ୍କ ମୁହଁରୁ ରକ୍ତ ବାହାରୁଥିବାର ଦେଖିବାକୁ ମିଳିଛି। 'ବାଗି ୪' ଫିଲ୍ମର ନିର୍ମାତା ସାଜିଦ୍ ନାଡିଆଡ୍‌ୱାଲା ତାଙ୍କ ଏକ୍ସ'ରେ ଏହି ନୂତନ ପୋଷ୍ଟରକୁ ଶେୟାର କରିଥିବାବେଳେ ଟାଇଗର ଏହାକୁ ରି-ଶେୟାର କରିଛନ୍ତି। କ୍ୟାପ୍‌ଶନ୍‌ରେ ଟାଇଗର ଲେଖିଛନ୍ତି, 'ବାଗି' ଫ୍ରାଞ୍ଚାଇଜ୍ ତାଙ୍କୁ ପରିଚୟ ଦେବା ସହ ନିଜକୁ ଆକ୍ସନ ହିରୋ ଭାବରେ ପ୍ରମାଣିତ କରିବାର ସୁଯୋଗ ଦେଇଥିଲା। ଏଥିପାଇଁ ସେ 'ବାଘି' ଫ୍ରାଞ୍ଚାଇଜ ଏବଂ ସାଜିଦଙ୍କ ନିକଟରେ କୃତଜ୍ଞ। ତେବେ 'ବାଗି ୪' ଫିଲ୍ମ ମାଧ୍ୟମରେ ଏହି ଫ୍ରାଞ୍ଚାଇଜ ତାଙ୍କୁ ଏକ ନୂତନ ଶୈଳୀରେ ଦର୍ଶକଙ୍କ ନିକଟରେ ଉପସ୍ଥାପନ କରିବାକୁ ଯାଉଛି। ଫିଲ୍ମରେ ତାଙ୍କ ଚରିତ୍ରକୁ ଦର୍ଶକ ପସନ୍ଦ କରିବେ ବୋଲି ସେ ଆଶାପ୍ରକଟ କରିଛନ୍ତି।


ଟାଇଗର ଶ୍ରଫ




# 'ଚାଷୀଙ୍କ ଆୟ ବୃଦ୍ଧି ଦିଗରେ କାର୍ଯ୍ୟ କରୁଛୁ'



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଣେ ମହିଳା ଚାଷୀଙ୍କୁ କୃଷି କଲ୍ୟାଣ ଯୋଜନାରେ ସହାୟତା ପ୍ରଦାନ କରୁଛନ୍ତି।

**■ ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ**
**■ ଯନ୍ତ୍ରପାତି ମେଳା କୃଷି ପଦ୍ଧତିକୁ ଆଧୁନିକୀକରଣ କରିବ**

**କେନ୍ଦୁଝର, ୨।୩ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)**

ସମାଜର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଅଙ୍ଗ ହେଉଛନ୍ତି କୃଷକ। କୃଷକ ସମାଜ ଖରା, ବର୍ଷା, ଶୀତକୁ ଭ୍ରୂକ୍ଷେପ ନ କରି ହାଡ଼ଭଙ୍ଗା ପରିଶ୍ରମ ଦ୍ୱାରା ଆମ୍ଭ ସମସ୍ତଙ୍କୁ ଆହାର ଦେଇଥାନ୍ତି। ସେମାନଙ୍କ ବିନା ସମାଜର ପରିକଳ୍ପନା ଅସମ୍ଭବ। ଅନ୍ନଦାତାଙ୍କୁ ଯେତେ ଧନ୍ୟବାଦ ଦେଲେ ମଧ୍ୟ ତାହା ସବୁବେଳେ କମ୍ ହିଁ ହେବ। ତେଣୁ ସେମାନଙ୍କ ଆୟ ବୃଦ୍ଧି ଦିଗରେ ରାଜ୍ୟ ସରକାର କାର୍ଯ୍ୟ କରୁଛନ୍ତି ବୋଲି କେନ୍ଦୁଝରରେ ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମତବ୍ୟକ୍ତ କରିଛନ୍ତି।

ଧରଣୀଧର ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆଠାରେ ୫ ଦିନ ବ୍ୟାପୀ ଆୟୋଜିତ ହେବାକୁ ଥିବା ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳାକୁ ରବିବାର ଉଦ୍‌ଘାଟନ କରି ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ଓଡ଼ିଶା ଏକ କୃଷି ଭିତ୍ତିକ ରାଜ୍ୟ। ଏଠାରେ ୬୦ ପ୍ରତିଶତରୁ ଉର୍ଦ୍ଧ୍ୱ ଲୋକ କୃଷି ଏବଂ ଆନୁଷଙ୍ଗିକ କାର୍ଯ୍ୟ ଉପରେ ନିର୍ଭରଶୀଳ। ତେଣୁ ଆମ ସରକାର ଆସିବାର ମାତ୍ର ୨୪ ମିନିଟ ମଧ୍ୟରେ ରାଜ୍ୟର ଚାଷୀ ଭାଇ ଓ ଭଉଣୀଙ୍କ ଆୟ ବୃଦ୍ଧି କରିବା ପାଇଁ କୃଷକ ସମୃଦ୍ଧି ଯୋଜନା କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଯାହା ଆମ ସରକାରଙ୍କ କୃଷି ଓ କୃଷକଙ୍କ କଲ୍ୟାଣ ନିମନ୍ତେ ଥିବା ପ୍ରତିଶ୍ରୁତିବଦ୍ଧତାକୁ ପ୍ରଦର୍ଶନ କରୁଛି। କୃଷି କ୍ଷେତ୍ରରେ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ କୃଷି ଯନ୍ତ୍ରପାତିର ବ୍ୟବହାର ଦ୍ୱାରା ଦକ୍ଷତା, ଉତ୍ପାଦକତା ଏବଂ ଲାଭଦାୟକତା ବୃଦ୍ଧି କରାଯାଇପାରିବ। କୃଷି ପଦ୍ଧତିକୁ ଆଧୁନିକୀକରଣ କରିବା ସହିତ ଚାଷୀଙ୍କୁ ବିଶ୍ୱ ବଜାରରେ ପ୍ରତିଯୋଗୀ ଭାବେ ଗଢ଼ି ତୋଳିବାରେ ଏହା ସକ୍ଷମ ହେବ। ୨୦୨୫-୨୬ ବଜେଟରେ କୃଷି ଓ କୃଷକଙ୍କ କଲ୍ୟାଣ ନିମନ୍ତେ ବହୁବିଧ ଯୋଜନା ପ୍ରସ୍ତୁତ କରାଯାଇ ପର୍ଯ୍ୟାପ୍ତ ଅର୍ଥର ବ୍ୟବସ୍ଥା କରାଯାଇଛି। ସମୃଦ୍ଧ କୃଷକ ଯୋଜନା ଅନ୍ତର୍ଗତ ଚାଷୀଙ୍କଠାରୁ କୁଇଣ୍ଟାଲ ପିଛା ୩୧୦୦ ଟଙ୍କାରେ ଧାନ କିଣାଯାଉଛି। ଏହି ଯୋଜନାରେ ବଜେଟ ୫୦୦୦ କୋଟିରୁ ୬୦୦୦ କୋଟିକୁ ବୃଦ୍ଧି କରାଯାଇଛି। ସେହିପରି କେନ୍ଦ୍ର ସରକାରଙ୍କ 'ପିଏମ୍ କିଷାନ'କୁ ରାଜ୍ୟ ଯୋଜନା 'ସିଏମ୍ କିଷାନ' ସହିତ ସମ୍ମିଶ୍ରଣ କରାଯାଇ କୃଷକଙ୍କ ଆୟ ବୃଦ୍ଧି ଲକ୍ଷ୍ୟକୁ ସାକାର ପାଇଁ ବଜେଟରେ ୨୦୨୦ କୋଟି ଟଙ୍କାର ପ୍ରସ୍ତାବ ରଖାଯାଇଛି। ମାଣ୍ଡିଆ ଚାଷ ଦ୍ୱାରା ଖାଦ୍ୟ ସୁରକ୍ଷା ଓ ପୋଷଣର ଆବଶ୍ୟକତାକୁ ପୂରଣ ପାଇଁ 'ଶ୍ରୀ ଅନ୍ନ ଅଭିଯାନ'କୁ ସମସ୍ତ ୩୦ ଜିଲାର ୧୭୭ ବ୍ଲକ୍‌କୁ ସମ୍ପ୍ରସାରିତ କରାଯିବାର ଲକ୍ଷ୍ୟ ନେଇ ବଜେଟରେ ସ୍ୱତନ୍ତ୍ର ଅର୍ଥ ବ୍ୟବସ୍ଥା କରାଯାଇଛି। କୃଷି ଯାନ୍ତ୍ରିକୀକରଣ ଓ କୃଷିଭିତ୍ତିକ ଉଦ୍ୟୋଗର ବିକାଶ ନିମନ୍ତେ ୪୨୫ କୋଟି ବ୍ୟୟ ବରାଦ ହୋଇଛି। ସେହିପରି କୃଷି ଉଦ୍ୟୋଗର ପ୍ରୋତ୍ସାହନ, ବ୍ୟବସାୟ ସୁଗମ ପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ନିମନ୍ତେ ୨୬୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ। ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ କୃଷି ଯନ୍ତ୍ରପାତି ଓ ଅନ୍ୟ କୃଷି ଆନୁଷଙ୍ଗିକ ଉପକରଣ ପ୍ରଦର୍ଶିତ ହେଉଥିବା ବିଭିନ୍ନ ଷ୍ଟଲ ବୁଲି ଦେଖିଥିଲେ। ଏହି ଅବସରରେ ୧୧ ଜଣ ଚାଷୀ ଭଉଣୀ, ଭାଇଙ୍କୁ ରାଜ୍ୟ ସରକାରଙ୍କ ବିଭିନ୍ନ କୃଷି କଲ୍ୟାଣ ଯୋଜନାର ସୁବିଧା ହସ୍ତାନ୍ତର କରାଯାଇଥିଲା।

ଅନ୍ୟମାନଙ୍କ ମଧ୍ୟରେ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ, ତେଲକୋଇ ବିଧାୟକ ଡ. ଫକୀର ମୋହନ ନାଏକ, ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ଜିଲାପାଳ ବିଶାଲ ସିଂହ, ଅତିରିକ୍ତ ନିର୍ଦ୍ଦେଶକ କୃଷି ବିଭାଗ ଜାମି ସୂର୍ଯ୍ୟା ରାଓ, କେନ୍ଦୁଝରଗଡ଼ ପୌରାଧ୍ୟକ୍ଷା ନିକୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଅନିଶ୍ଚିତତା ଭରା ବିଶ୍ୱରେ ଆମ ନୀତି, ଅଭ୍ୟାସର ବ୍ୟାପକ ଢାଞ୍ଚା ରହିବା ଆବଶ୍ୟକ: ଡ. ପି.କେ. ମିଶ୍ର



ଭାରତ ସରକାରଙ୍କ ବ୍ୟବସ୍ଥାରେ ଯେ କୌଣସି ନୀତି ନିର୍ଦ୍ଧାରଣ କରିବା ସମୟରେ ଅନିଶ୍ଚିତତାକୁ ଧ୍ୟାନରେ ରଖି ଏକ ବ୍ୟାପକ ରୂପରେଖ ଏବଂ ଫଳାଫଳ ଆଧାରିତ ସୃଜନଶୀଳ ମାନସିକତା ଉପରେ ଗୁରୁତ୍ୱାରୋପ କରିବାର ଆବଶ୍ୟକତା ରହିଛି। ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପି.କେ. ମିଶ୍ର ନୂଆଦିଲ୍ଲୀରେ ଆୟୋଜିତ ବିଜ୍‌ନେସ୍ ଷ୍ଟାଣ୍ଡାର୍ଡ ମନ୍ଥନ ଶିଖର ସମ୍ମିଳନୀରେ ଜଣେ ବରିଷ୍ଠ ସାମ୍ବାଦିକଙ୍କ ସହ କଥା ହେବାବେଳେ ଏହା କହିଛନ୍ତି। ଏହି ଅବସରରେ ବିଭିନ୍ନ ପ୍ରସଙ୍ଗ ଉପରେ ମତ ରଖି ସେ କହିଲେ, ସରକାର ଆତ୍ମନିର୍ଭର ହେବା ଉପରେ ଧ୍ୟାନ ଦେଇ କୋଭିଡ୍-୧୯ ମହାମାରୀ, ୟୁକ୍ରେନ-ରୁଷ ବିବାଦ ଏବଂ ପଶ୍ଚିମ ଏସିଆ ସଙ୍କଟ କାରଣରୁ ଉପୁଜିଥିବା ଅସ୍ଥିର ପରିସ୍ଥିତିକୁ ସଫଳତାର ସହ ମୁକାବିଲା କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଭାରତୀୟ ଅର୍ଥ ବ୍ୟବସ୍ଥା କିଭଳି ଭାବେ ଅନେକ ଆହ୍ୱାନର ସାମ୍ନା କରିଥିଲା ଓ ବଦଳୁଥିବା ପରିସ୍ଥିତିରେ ଦେଖାଦେଉଥିବା ବହୁ ସମସ୍ୟାର ମୁକାବିଲା ପାଇଁ ପ୍ରଧାନମନ୍ତ୍ରୀ ବହୁ ସଂସ୍କାର ପ୍ରବର୍ତ୍ତନ କରିଥିବା ସେ କହିଥିଲେ। ଭୂ-ରାଜନୈତିକ ଉତ୍ତେଜନା, ବିଶ୍ୱ ଯୋଗାଣ ଶୃଙ୍ଖଳାରେ ବ୍ୟାଘାତ ଓ ଶକ୍ତିକ୍ଷେତ୍ରରେ ପରିବର୍ତ୍ତନକୁ ଭାରତ ଦୃଢ଼ ଭାବେ ମୁକାବିଲା କରିଥିଲା। କୋଭିଡ୍ ସମୟରେ ସମଗ୍ର ବିଶ୍ୱ ଅଶାନ୍ତ ଅବସ୍ଥାରେ ଥିଲାବେଳେ ଭାରତ ଆହ୍ୱାନଗୁଡ଼ିକୁ ପ୍ରଭାବୀ ଢଙ୍ଗରେ ସଫଳତାର ସହ ମୁକାବିଲା କରିପାରିଥିଲା। ଦେଶ ଉତ୍ପାଦନଭିତ୍ତିକ ପ୍ରୋତ୍ସାହନ (ପିଏଲ୍ଆଇ) ଯୋଜନା ସମେତ କେତେକ ପ୍ରୋତ୍ସାହନ ପ୍ୟାକେଜ ପ୍ରଦାନ କରିବା ସହିତ ଆର୍ଥିକ ସଂସ୍କାର ପାଇଁ ବହୁ ପଦକ୍ଷେପ ନେବାରୁ ଅଭିବୃଦ୍ଧି ଗତି ପୁନଃସ୍ଥାପିତ ହୋଇଥିଲା।

ସରକାରଙ୍କ ଉତ୍ପାଦନ ଭିତ୍ତିକ ପ୍ରୋତ୍ସାହନ (ପିଏଲ୍ଆଇ) ଯୋଜନା ଏବଂ ଭାରତର ଉପଭୋଗ ଆଧାର ତଥା ଜନସାଂଖ୍ୟିକୀୟ ଲାଭର ଲାଭ ଉଠାଇବା ଉପରେ ମଧ୍ୟ ଆଲୋକପାତ କରିଥିଲେ। ଭାରତର ଉତ୍ପାଦନ-ଭିତ୍ତିକ ପ୍ରୋତ୍ସାହନ ଯୋଜନା ବିଷୟରେ ମତ ରଖି ଡ. ମିଶ୍ର ଏହାର ସକାରାତ୍ମକ ପ୍ରଭାବ ବିଷୟରେ ଉଲ୍ଲେଖ କରିଥିଲେ। ଏଥିସହିତ ଏହି ଯୋଜନାର ଦୀର୍ଘକାଳୀନ ମୂଲ୍ୟାଙ୍କନ ଉପରେ ଗୁରୁତ୍ୱାରୋପ କରିଥିଲେ। ବର୍ତ୍ତମାନ ଚାଲିଥିବା ପ୍ରୋଟେକ୍ସନିଜମ୍ (ସ୍ୱଦେଶୀ ଶିଳ୍ପର ସଂରକ୍ଷଣ ପାଇଁ ଉଦ୍ଦିଷ୍ଟ ନୀତି) ଏବଂ ୱାଶିଂଟନ କନ୍‌ସେନ୍‌ସସ୍‌ର ବିଫଳତା ପରିପ୍ରେକ୍ଷୀରେ ଉଲ୍ଲେଖ କରି ଡ. ମିଶ୍ର କହିଲେ, ବିଶ୍ୱ ସହିତ ଭାରତର ଆର୍ଥିକ ସମ୍ପର୍କରେ ଆମର ନୀତିଗତ ଆଭିମୁଖ୍ୟ ଅତ୍ୟନ୍ତ ସୁସଙ୍ଗତ ରହିଛି। ନିକଟରେ ଅଷ୍ଟ୍ରେଲିଆ, ୟୁଏଇ ଏବଂ ଇଏଫ୍‌ଟିଏ ସହିତ ହୋଇଥିବା ଏଫ୍‌ଟିଏର ଉଦାହରଣ ଦେଇ ବ୍ରିଟେନ ଏବଂ ୟୁରୋପୀୟ ସଂଘ ସହିତ ଚାଲିଥିବା ଆଲୋଚନା ବିଷୟରେ ସେ ଉଲ୍ଲେଖ କରିଥିଲେ। ଏହି ଆଭିମୁଖ୍ୟ ଭାରତକୁ ପରିବର୍ତ୍ତିତ ଆହ୍ୱାନଗୁଡିକୁ ହ୍ରାସ କରିବାରେ ସାହାଯ୍ୟ କରିବ ବୋଲି ସେ କହିଥିଲେ। ଏକ ନୂତନ ଆଭିମୁଖ୍ୟ ସହିତ ଅନିଶ୍ଚିତତାର ମୁକାବିଲା କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ, ଯେଉଁଠାରେ କେବଳ ବିପଦ ଆକଳନ ନୁହେଁ ବରଂ ଏକ 'ଅଭଙ୍ଗୁର ବ୍ୟବସ୍ଥା' ନିର୍ମାଣ କରିବା ଆମର ଉଦ୍ଦେଶ୍ୟ ହେବା ଉଚିତ। ସେହିପରି ଆମ ବ୍ୟବସ୍ଥା କେବଳ ନମନୀୟ ନ ହୋଇ ଅଭଙ୍ଗୁର ହେବା ଆବଶ୍ୟକ ବୋଲି ସେ କହିଥିଲେ।

ପ୍ରଧାନମନ୍ତ୍ରୀଙ୍କ ସଦ୍ୟ ଆମେରିକା ଗସ୍ତ ବିଷୟରେ ଉଲ୍ଲେଖ କରି ସେ ଏହାକୁ କେବଳ ସଙ୍କଟ ମୁକାବିଲା ପାଇଁ ଜବାବୀ ପଦକ୍ଷେପ ପରିବର୍ତ୍ତେ ବାଣିଜ୍ୟ ସମ୍ପର୍କ ବୃଦ୍ଧି ଏବଂ ସୁଯୋଗ ଦିଗରେ ଆଗକୁ ବଢ଼ିବା ଦୃଷ୍ଟିକୋଣରୁ ଅତ୍ୟନ୍ତ ସକାରାତ୍ମକ ବୋଲି ବର୍ଣ୍ଣନା କରିଥିଲେ। କେବଳ ଦ୍ୱିପାକ୍ଷିକ, ଆଞ୍ଚଳିକ ନୁହେଁ ବରଂ ବିକଶିତ ହେଉଥିବା ବିଶ୍ୱ ବାଣିଜ୍ୟ ପରିବେଶରେ ବହୁପକ୍ଷୀୟ ସମ୍ପର୍କ ମଧ୍ୟ ଆର୍ଥିକ ପରିଦୃଶ୍ୟକୁ ବଦଳାଇ ଦେଉଛି। ଭାରତର ବ୍ୟାପକ ଉପଭୋକ୍ତା ଆଧାର ଏବଂ ଜନସାଂଖ୍ୟିକୀୟ ଲାଭକୁ ନେଇ ସେ ଆଶା ବ୍ୟକ୍ତ କରିଥିଲେ। ଏହା ଏକ ସୁଦୃଢ଼ ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି ଏବଂ ବୈଷୟିକ ସାମର୍ଥ୍ୟ ଦ୍ୱାରା ବୃଦ୍ଧିପାଇଛି। ସେହିପରି ଭାରତ ବାହ୍ୟ ଚାପର ମୁକାବିଲା କରିବା ଏବଂ ନିଜର ସ୍ଥିତି ଦୃଢ଼ ରଖି ବୁଝାମଣା କରିବାରେ ସକ୍ଷମ ହେବା ଉଚିତ୍।

ଦେଶର ମୋଟ ଶ୍ରମଶକ୍ତିର ପ୍ରାୟ ୪୬ ପ୍ରତିଶତ କୃଷି କ୍ଷେତ୍ରରେ ରହିଛି। ମୋଟ୍ ଘରୋଇ ଉତ୍ପାଦ (ଜିଡିପି)ରେ ଏହାର ଅଂଶ ୧୯୭୦ ଦଶକରେ ପ୍ରାୟ ୫୦ ପ୍ରତିଶତରୁ ବର୍ତ୍ତମାନ ୧୮ ପ୍ରତିଶତକୁ ହ୍ରାସ ପାଇଛି। କୃଷିରେ ବିବିଧତା ଆଣିବା ଗୁରୁତ୍ୱପୂର୍ଣ୍ଣ ବୋଲି ସେ ମତବ୍ୟକ୍ତ କରିଥିଲେ। ସେହିପରି ପ୍ରଶାସନର ପରିବର୍ତ୍ତିତ ଆବଶ୍ୟକତା ସହିତ ତାଳଦେଇ ପ୍ରଶାସନିକ ସେବା କ୍ଷେତ୍ରର ଆଧୁନିକୀକରଣ ଏବଂ ସୁଦୃଢ଼ୀକରଣ ପାଇଁ ଭାରତ ସରକାର ନିରନ୍ତର ଓ ବିକାଶଶୀଳ ପ୍ରୟାସ ପ୍ରଦର୍ଶନ କରୁଛି। ନିରନ୍ତର ନବସୃଜନ, ଆଜୀବନ ଶିକ୍ଷା ଏବଂ ସ୍ଥିର ବିଶ୍ୱସନୀୟତା ମଧ୍ୟ ଏହି ଆଭିମୁଖ୍ୟରେ ରହିଛି। ଗତ ଦଶନ୍ଧି ମଧ୍ୟରେ କର୍ମଚାରୀ ପରିଚାଳନା ବ୍ୟବସ୍ଥାରେ ଅଭୂତପୂର୍ବ ପରିବର୍ତ୍ତନ ଆସିଛି। 'ମିଶନ କର୍ମଯୋଗୀ' ଏବଂ 'ସମନ୍ୱିତ ସରକାରୀ ଅନ୍‌ଲାଇନ ତାଲିମ' (ଆଇଜିଓଟି) ମଞ୍ଚ ଭଳି ନୂତନ ପଦକ୍ଷେପଗୁଡ଼ିକ କାର୍ମିକ ପରିଚାଳନା କ୍ଷେତ୍ରରେ ଦକ୍ଷତା ଆଧାରିତ ଏବଂ ସାମଗ୍ରିକ ଆଭିମୁଖ୍ୟ ସ୍ପଷ୍ଟ କରୁଛି। ପ୍ରଶାସନକୁ ଅଧିକ ସୁଗମ୍ୟ, ଦକ୍ଷ ଏବଂ ନାଗରିକ ଅନୁକୂଳ କରିବା ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଭଳି ନୂତନ ପ୍ରଯୁକ୍ତିବିଦ୍ୟା ଗ୍ରହଣ ଭଳି କ୍ଷେତ୍ରରେ ସଂସ୍କାର ଜାରି ରହିବ ବୋଲି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ମିଶ୍ର କହିଛନ୍ତି।

(ସୌଜନ୍ୟ: ପିଆଇବି)

# ଅଙ୍ଗନୱାଡ଼ି ଅଣ୍ଡା ମୂଲ୍ୟ ୨ ଟଙ୍କା ବୃଦ୍ଧି ନିଷ୍ପତ୍ତି

**ଭୁବନେଶ୍ୱର, ୨।୩(ସୁଚିସ୍ମିତା ସାହୁ)**

ଅଙ୍ଗନୱାଡି କେନ୍ଦ୍ର ପାଇଁ ଦିଆଯାଉଥିବା ଅଣ୍ଡାର ଦାମ୍ ୨ ଟଙ୍କା ବୃଦ୍ଧି କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଗୋଟିଏ ଅଣ୍ଡାର ଦାମ୍ ୫ ଟଙ୍କାରୁ ୭ ଟଙ୍କା କରାଯାଇଛି। ବର୍ତ୍ତମାନର ବଜାର ସ୍ଥିତିକୁ ଦୃଷ୍ଟିରେ ରଖି ମହିଳା ଓ ଶିଶୁଙ୍କ ପୋଷଣକୁ ଗୁରୁତ୍ୱ ଦେଇ ଏହି ନିଷ୍ପତ୍ତି ନିଆଯାଇଥିବା ସୂଚନା ଦିଆଯାଇଛି। ଏଥିପାଇଁ ସରକାର ଅଧିକ ୧୭୫.୧୪ କୋଟି ଖର୍ଚ୍ଚ କରିବେ। ଏହି ନିଷ୍ପତ୍ତି ପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ କୃତଜ୍ଞତା ଜଣାଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ବଜାରରେ ଅଣ୍ଡାର ଦାମ୍ ଉଚ୍ଚା ରହୁଥିବାରୁ ଅଙ୍ଗନୱାଡ଼ି ଭୋଜନରେ ୫ ଟଙ୍କାରେ ଅଣ୍ଡା ଦେବା କଷ୍ଟକର ହୋଇପଡୁଥିଲା। ଅଙ୍ଗନୱାଡ଼ି ପିଲାଙ୍କୁ ମାସକୁ ୨୦ଟି ବଦଳରେ ମାତ୍ର ୧୫ଟି ଅଣ୍ଡା ମିଳୁଥିଲା। ଗର୍ଭବତୀ ଓ ପ୍ରସୂତିଙ୍କୁ ମାସିକ ୧୨ଟି ଅଣ୍ଡା ଦେବା ବ୍ୟବସ୍ଥା ରହିଥିବାବେଳେ ଅଙ୍ଗନୱାଡି ଦିଦିମାନେ ୮ରୁ ୯ଟି ଲେଖାଏଁ ଅଣ୍ଡା ଦେଉଥିବା ବାରମ୍ବାର ଅଭିଯୋଗ ହେଉଥିଲା। ତେଣୁ ଏହାର ମୂଲ୍ୟକୁ ବୃଦ୍ଧି କରିବା ପାଇଁ ବାରମ୍ବାର ଦାବି ହୋଇଆସୁଥିଲା।

# ୮୦ ହଜାର ଅଯୋଗ୍ୟ ହିତାଧିକାରୀ ଫେରାଇଲେଣି ୧୨ ହଜାର ରାଶନ କାର୍ଡ

**ଭୁବନେଶ୍ୱର, ୨।୩(ଅନୁରାଧା ମହାରଣା)**

ରାଶନକାର୍ଡ ପାଇଁ ଯୋଗ୍ୟତା ନିର୍ଦ୍ଧାରଣ କରାଯାଇଛି। ହିତାଧିକାରୀଙ୍କ ପାଇଁ ନିର୍ଦ୍ଧାରିତ ଆୟଠାରୁ ଅଧିକ ରହିଥିଲେ, ସ୍ୱତଃପ୍ରବୃତ୍ତ ଭାବେ ରାଶନକାର୍ଡ ଫେରାଇବାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଅପିଲ କରିଛନ୍ତି। ମନ୍ତ୍ରୀ କହିଛନ୍ତି, ପାଖାପାଖି ୮୦ ହଜାର ଅଯୋଗ୍ୟ ହିତାଧିକାରୀ ୧୨ ହଜାରରୁ ଅଧିକ କାର୍ଡ ଫେରେଇଲେଣି। ବର୍ତ୍ତମାନ ମଧ୍ୟ ଅଯୋଗ୍ୟ ହିତାଧିକାରୀଙ୍କ କାର୍ଡ ଫେରାଇବା ପ୍ରକ୍ରିୟା ଜାରି ରହିଛି। ସେଥିରୁ ସାଢେ ୪ ହଜାର ସରକାରୀ କର୍ମଚାରୀ କାର୍ଡ ଫେରାଇଛନ୍ତି। ପ୍ରତିଦିନ ୩ରୁ ୪ ହଜାର ଲୋକ କାର୍ଡ ଫେରାଉଛନ୍ତି। ୪ ଲକ୍ଷ ମୃତ ହିତାଧିକାରୀଙ୍କ କାର୍ଡ ବି କଟାଯାଇଛି। ନୂଆ ଆବେଦନ ପାଇଁ ଶନିବାରଠାରୁ ପୋର୍ଟାଲ ଖୋଲାଯାଇଛି। ଦେଢ଼ ହଜାର ନୂଆ ଆବେଦନ ହୋଇଥିବାବେଳେ ପୂର୍ବରୁ ୬ ଲକ୍ଷ ଆବେଦନକାରୀ ଅପେକ୍ଷାରେ ଅଛନ୍ତି। ସେମାନଙ୍କୁ ଖୁବ୍‌ଶୀଘ୍ର କାର୍ଡ ଦେବା ପ୍ରକ୍ରିୟା ଆରମ୍ଭ ହେବ। ଆୟକର ଦେଉଥିବା ହିତାଧିକାରୀଙ୍କର ବି ଫିଜିକାଲ ଭେରିଫିକେଶନ କରି କାର୍ଡ କଟାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଗ୍ରାମୀଣ ଅଞ୍ଚଳରେ ଯେଉଁମାନଙ୍କର ମାସିକ ଆୟ ୧୦ ହଜାର ଟଙ୍କା, ସହରାଞ୍ଚଳରେ ୧୫ ହଜାର ଟଙ୍କା ରହିଛ, ସେମାନେ କାର୍ଡ ରଖିଥିଲେ ଫେରାଇ ଦିଅନ୍ତୁ। ବର୍ତ୍ତମାନ କାର୍ଡ ଫେରାଇଲେ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ନେବେ ନାହିଁ। ପରବର୍ତ୍ତୀ ସମୟରେ ଆଉ ଥରେ ଯାଞ୍ଚ ହେବ ଓ ଧରା ପଡ଼ିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ ପାତ୍ର ଚେତାଇ ଦେଇଛନ୍ତି।

# ମକଦ୍ଦମା ରୁଜୁବେଳେ ଲାଗିବ ୧୦୦ ଟଙ୍କିଆ କର୍ପସ ଫଣ୍ଡ୍ ଷ୍ଟାମ୍ପ


ଖବରଦାତା ସମ୍ମିଳନୀରେ ରାଜ୍ୟ ଆଇନଜୀବୀ ପରିଷଦ ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ଓ ଅନ୍ୟମାନେ।

**ଏପ୍ରିଲ ପହିଲାରୁ ରାଜ୍ୟରେ ଲାଗୁ**

**■ ଆଇନଜୀବୀଙ୍କ କଲ୍ୟାଣାର୍ଥେ ବିନିଯୋଗ ହେବ**
**■ ଯୁବ ଆଇନଜୀବୀଙ୍କୁ ଦିଆଯିବ ଷ୍ଟାଇପେଣ୍ଡ**

**କଟକ, ୨।୩(କାର୍ତ୍ତିକ ସାହୁ)**

ରାଜ୍ୟର ଆଇନଜୀବୀମାନଙ୍କର ସର୍ବୋଚ୍ଚ ନିୟାମକ ସଂସ୍ଥା ରାଜ୍ୟ ଆଇନଜୀବୀ ପରିଷଦ ଆଇନଜୀବୀ କଲ୍ୟାଣ କର୍ପସ ଫଣ୍ଡ ଆଇନ ୨୦୨୦କୁ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଛି। ଦୀର୍ଘବର୍ଷ ଧରି ଏହି ଆଇନ ପ୍ରଣୟନ କରାଯାଇଥିଲେ ମଧ୍ୟ ନବ ନିର୍ବାଚିତ ଆଇନଜୀବୀ ପରିଷଦର ସଭ୍ୟମାନଙ୍କର ମିଳିତ ନିଷ୍ପତ୍ତିକ୍ରମେ ଏହା ଆସନ୍ତା ଏପ୍ରିଲ ୧ରୁ କାର୍ଯ୍ୟକାରୀ ହେବ। ଫଳସ୍ୱରୂପ ଆଇନଜୀବୀ ନିଜ ମହକିଲଙ୍କ ପ୍ରତ୍ୟେକ ମକଦ୍ଦମା ରୁଜୁ କଲାବେଳେ ୧୦୦ ଟଙ୍କାର ଆଡ୍‌ଭୋକେଟ୍ ୱେଲ୍‌ଫେୟାର କର୍ପସ ଫଣ୍ଡର ଷ୍ଟାମ୍ପ ଲଗାଇବା ବାଧ୍ୟତାମୂଳକ ହେବେ। ଏହି ଫଣ୍ଡରେ କେନ୍ଦ୍ର ସରକାର, ରାଜ୍ୟ ସରକାର, ଭାରତୀୟ ବାର୍ କାଉନ୍‌ସିଲ, ଘରୋଇ କମ୍ପାନୀ କିମ୍ବା ବ୍ୟକ୍ତିବିଶେଷ ମଧ୍ୟ ଅନୁଦାନ ଦେଇପାରିବେ। ଏହି କର୍ପସ ଫଣ୍ଡରେ ଆଦାୟ ହୋଇଥିବା ଅର୍ଥର ୨୦% ପଞ୍ଜିକୃତ ବାର୍ ଆସୋସିଏଶନଗୁଡ଼ିକୁ ଫେରାଇବା ପାଇଁ ପ୍ରାବଧାନ କରାଯାଇଛି। ସେହିପରି ୪% ପଞ୍ଜିକୃତ ବାର୍ ଆସୋସିଏଶନ ଲାଇବ୍ରେରି ନବୀକରଣ, ୩% ଯୁବ ଆଇନଜୀବୀଙ୍କୁ ଷ୍ଟାଇପେଣ୍ଡ, ୧୨% ଆଇନଜୀବୀଙ୍କ ଚିକିତ୍ସା, ୧୦% ମୃତ୍ୟୁକାଳୀନ ସହାୟତା, ୧୦% ଜରୁରିକାଳୀନ ପରିସ୍ଥିତି, ୧% ରାଜ୍ୟ ଆଇନଜୀବୀ ପରିଷଦର ପାଠାଗାର ଓ ୨୦% ଓଡ଼ିଶା ଆଇନଜୀବୀ ପରିଷଦର ସାମୂହିକ ଖର୍ଚ୍ଚ ନିମନ୍ତେ ବିନିଯୋଗ କରାଯିବ। ଏହାଛଡ଼ା ଉକ୍ତ ଅର୍ଥରୁ ପ୍ରତ୍ୟେକ ବାର୍ ଆସୋସିଏଶନରେ ମଧୁବାବୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଓ ଆଲୋଚନାଚକ୍ର ପାଇଁ ଅନୁଦାନ ଯୋଗାଇଦେବାର ବ୍ୟବସ୍ଥା ରହିଛି। ଏଥିସହ ହାର୍ଟ, କିଡ୍‌ନୀ, ଲିଭର ଭଳି ଗୁରୁତର ରୋଗରେ ପୀଡ଼ିତ ଆଇନଜୀବୀଙ୍କ ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତାର ବ୍ୟବସ୍ଥା ରହିଛି। ସେହିପରି ରାଜ୍ୟ ଆଇନଜୀବୀ ପରିଷଦର ସାମୂହିକ ସୁରକ୍ଷା ଓ କଲ୍ୟାଣକୁ ଧ୍ୟାନ ଦେଇ ତୁରନ୍ତ ମଧୁବାବୁ ସ୍ୱାସ୍ଥ୍ୟବୀମା ୧୦ ଲକ୍ଷ ଟଙ୍କା, ଆଡ୍‌ଭୋକେଟ୍ ଏକାଡେମୀ ପ୍ରତିଷ୍ଠା, ରାଜ୍ୟ ସରକାରଙ୍କ ପୂର୍ବରୁ ମିଳୁଥିବା ଅନୁଦାନ ରାଶି ୧୦ କୋଟିରୁ ୫୦ କୋଟିକୁ ବୃଦ୍ଧି କରିବା ଓ ଆଇନଜୀବୀଙ୍କ ସୁରକ୍ଷା ନିମନ୍ତେ ଆଇନ ପ୍ରଣୟନ କରିବାକୁ ଆଇନଜୀବୀ ପରିଷଦ ପକ୍ଷରୁ ୨୦୨୪ ନଭେମ୍ବର ୧୪ରେ ପତ୍ର ମାଧ୍ୟମରେ ସରକାରଙ୍କ ନିକଟରେ ଦୃଢ଼ ଦାବି କରାଯାଇଛି।

ଓଡ଼ିଶା ରାଜ୍ୟ ଆଇନଜୀବୀମାନଙ୍କ ସାମୂହିକ ସ୍ୱାର୍ଥକୁ ଆଖି ଆଗରେ ରଖି ଉଚ୍ଚ କର୍ପସ ଫଣ୍ଡର ଆବଶ୍ୟକତା ନିହାତି ଜରୁରୀ ରହିଛି। ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ କଟକ ଚାନ୍ଦିନୀଚୌକସ୍ଥିତ କାର୍ଯ୍ୟାଳୟରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପରିଷଦର ଅଧ୍ୟକ୍ଷ ସିତାଂଶୁ ମୋହନ ଦ୍ୱିବେଦୀ ଏନେଇ ସୂଚନା ଦେଇଛନ୍ତି। ଏଥିରେ ରାଜ୍ୟର ଆଇନଜୀବୀମାନେ ସହଯୋଗ କରିବାକୁ ସେ ନିବେଦନ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ପରିଷଦର ଉପାଧ୍ୟକ୍ଷ ରାଜୀବ କୁମାର ମହାନ୍ତି, କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଅରୂପାନନ୍ଦ ଦାସ, ଅର୍ଥ ଅଧ୍ୟକ୍ଷ ମାନସ ଚାନ୍ଦ, ଆଡ୍‌ଭୋକେଟ୍ ଏକାଡେମୀ ଆବାହକ ବିଭୁପ୍ରସାଦ ତ୍ରିପାଠୀ, ସଦସ୍ୟ ସୌରଚନ୍ଦ୍ର ମହାପାତ୍ର, ଦେବୀପ୍ରସାଦ ଧଳ, ଆତ୍ମାପ୍ରକାଶ ମହାନ୍ତି, ଧନଞ୍ଜୟ ମୁଣ୍ଡ, ଲକ୍ଷ୍ମୀନାରାୟଣ ପଟେଲ ଓ ଗିରିଧାରୀ ମହାପାତ୍ର ଉପସ୍ଥିତ ଥିଲେ।

# ରନ୍ ଫର୍ ଶିମିଳିପାଳ ମାରାଥନରେ ମୁଖ୍ୟମନ୍ତ୍ରୀ


ମାରାଥନରେ ଅଂଶ ଗ୍ରହଣ କରିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ।

**ବାରିପଦା, ୨।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟର ସୁରକ୍ଷା ବାର୍ତ୍ତା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ସକାଳ ୮ଟାରେ ଶିମିଳିପାଳ ମିନି ମାରାଥନକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଜଙ୍ଗଲ ଓ ପରିବେଶ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ରନ୍ ଫର୍ ଶିମିଳିପାଳ ମାରାଥନରେ ମୁଖ୍ୟମନ୍ତ୍ରୀ ଦୌଡ଼ିଥିଲେ। ଶିମିଳିପାଳର ସୁରକ୍ଷା ପାଇଁ ପୂଜାପାଠ କରି ମୁଖ୍ୟମନ୍ତ୍ରୀ ଗଛଟିଏ ଲଗାଇ ସୁରକ୍ଷା ଦିଗରେ ସମସ୍ତଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ରହିଛି ବୋଲି କହିଥିଲେ। ଶିମିଳିପାଳକୁ ବନାଗ୍ନିରୁ ରକ୍ଷା କରିବା, ଶିକାର ଓ ଶିକାରୀ ମୁକ୍ତ କରିବା ଏବଂ ବନ୍ୟଜନ୍ତୁଙ୍କ ସୁରକ୍ଷାକୁ ନେଇ ବ୍ୟାପକ ଜନ ସଚେତନତା ବାର୍ତ୍ତା ବାଣ୍ଟିବା ଲକ୍ଷ୍ୟରେ ଆୟୋଜିତ ମାରାଥନକୁ ସେ ପ୍ରଶଂସା କରିଥିଲେ। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ତତ୍ତ୍ୱାବଧାନରେ ଯଶିପୁରସ୍ଥିତ ରାମତୀର୍ଥ ବନ ବିଭାଗ କାର୍ଯ୍ୟାଳୟଠାରୁ ଏହି ମାରାଥନ ଆରମ୍ଭ ହୋଇ ହାଣ୍ଡିପୁହାଣଠାରେ ଶେଷ ହୋଇଥିଲା। ଏଥିରେ ୯୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ଜଙ୍ଗଲ, ପରିବେଶ ଓ ଜଳବାୟୁ ନିୟନ୍ତ୍ରଣ ବିଭାଗ ମନ୍ତ୍ରୀ ଇଂ. ଗଣେଶ ରାମସିଂ ଖୁଣ୍ଟିଆ, ମୟୂରଭଞ୍ଜ ଏମ୍‌ପି ନବଚରଣ ମାଝୀ, ସାରସକଣା ବିଧାୟକ ଭାଦବ ହାଁସଦା, ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ତଥା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ, ଜିଲାପାଳ ହେମକାନ୍ତ ସୟ, ଏସ୍‌ପି ବରୁଣ ଗୁଣ୍ଟୁପାଲି, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଡିଭିଜନର ଉପ ନିର୍ଦ୍ଦେଶକ ସାଇ କିରଣ, ରାଇରଙ୍ଗପୁର ଓ କରଞ୍ଜିଆ ବନଖଣ୍ଡ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଓଡ଼ିଶା ୱାଇଲ୍ଡ ଲାଇଫ୍ କନ୍‌କ୍ଲେଭର ଉଦ୍‌ଘାଟନୀ ସମାରୋହ ଓ ନ୍ୟାଶନାଲ ସେମିନାର, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଡାଇନୋସର ପାର୍କର ଉଦ୍‌ଘାଟନୀ, ସ୍ଥାନ: ରିଜିଓନାଲ ସାଇନ୍ସ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ 'ସଙ୍ଗୀତାୟନ', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ
- ସତ୍ୟବାଦୀ ପଞ୍ଚାୟତ ସମିତିର ସପ୍ତମ ସାଧାରଣ ବୈଠକ, ସ୍ଥାନ: ସମିତି ସଭାଗୃହ, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ, ବାଲେଶ୍ୱର, ସମୟ:ପୂର୍ବାହ୍ନ ୧୦ଟା।
- ବିକଶିତ ଗାଁ ବିକଶିତ ଓଡ଼ିଶା ପଞ୍ଚବାର୍ଷିକ ପ୍ରକଳ୍ପର ଚୂଡ଼ାନ୍ତ ତାଲିକା ଅନୁମୋଦନ ପାଇଁ ବୈଠକ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ସଭାଗୃହ, ଖଇରା,ସମୟ:ଅପରାହ୍ନ ୩ଟା।
- ମହିମା ମେଳା ମହୋତ୍ସବ, ସ୍ଥାନ: ଜିଆଣିପଦା ମହିମାଶ୍ରମ, ଖଇରା,ସମୟ: ଅପରାହ୍ନ ୪ଟା।

## ଭଦ୍ରକ
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଅଲେଖ ମହିମା ଆଶ୍ରମ, ବାସୁଦେବପୁର, ସମୟ: ସକାଳ ୯ଟା।
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ରମାକାନ୍ତ ଫାଉଣ୍ଡେଶନର ପ୍ରତିଭା ସମ୍ବର୍ଦ୍ଧନା ସଭା, ସ୍ଥାନ: ନାୟକାଣିଡିହି, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଡା. ମାୟାଧର ପଣ୍ଡାଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ବିଲଣା, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ଅନନ୍ତ ନାରାୟଣ ମନ୍ଦିର ପ୍ରତିଷ୍ଠା ଓ ପୂର୍ଣ୍ଣାହୁତି, ସ୍ଥାନ: ସାହାଡ଼ା, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ନବଗ୍ରହ ମନ୍ଦିରର ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ତେନ୍ତୁଳିଆସ୍ଥିତ ନବଗ୍ରହ ମନ୍ଦିର ପରିସର, ବାସୁଦେବପୁର, ସମୟ: ଅପରାହ୍ନ ୫ଟା।

## ମୟୂରଭଞ୍ଜ
- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଜାଗର ମେଳା, ସ୍ଥାନ: ବାବା କଖାରୁଆ ବୈଦ୍ୟନାଥ ମନ୍ଦିର, ବଡ଼ସାହି, ସମୟ: ପୂର୍ବାହ୍ନ ୧୦ଟା।
- ଜାଗର ମେଳା, ସ୍ଥାନ: ଶିମିଳେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣ, ଶିମିଳା, ବାଙ୍ଗିରିପୋଷି, ସମୟ: ପୂର୍ବାହ୍ନ ୧୦ଟା।
- ଜାଗର ମେଳା, ସ୍ଥାନ: ବୁଦ୍ଧେଶ୍ୱର ମହାଦେବଙ୍କ ମନ୍ଦିର, ଦେବଶୂଳ, ରାସଗୋବିନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟା।
- ଜାଗର ମେଳା, ସ୍ଥାନ: ଝିଙ୍କେଶ୍ୱର ମହାଦେବ ମନ୍ଦିର, ଝିଙ୍କପଦା, କପ୍ତିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଭାରତୀୟ ହସ୍ତଶିଳ୍ପ ଓ ହସ୍ତତନ୍ତ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର
- ନାଟକ ସମାରୋହ ସମିତି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଉତ୍କଳ ଆଶ୍ରମ ସଭାଗୃହ, ସମୟ: ଅପରାହ୍ନ ୧୨ଟା।

## କନ୍ଧମାଳ
- ଚିରନ୍ତନ ପର୍ଯ୍ୟଟନର ବିକାଶ ସମ୍ବନ୍ଧୀୟ ଆଲୋଚନାଚକ୍ର, ସ୍ଥାନ: ଜାଗୃତି ସଭାଗୃହ, ସମୟ: ପୂର୍ବାହ୍ନ ୧୧ ଟା।
- ଅଷ୍ଟ ପ୍ରହର ନାମଯଜ୍ଞ, ସ୍ଥାନ : ସାରକେତା କ,ନୂଆଗାଁ କନ୍ଧମାଳ , ସମୟ: ସକାଳ ୯ଟା।

## ଗଜପତି
- ମିଳିତ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ପାରଳାଖେମୁଣ୍ଡିସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କାମାକ୍ଷାନଗର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ସାଢେ ୧୦ଟା।
- ୪୮ତମ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞ, ସ୍ଥାନ: ଯାଉଁଳି ପୋଖରୀ ମଠ, ଢେଙ୍କାନାଳ, ସମୟ: ସକାଳ ୮ଟା।
- ଶ୍ରୀଶ୍ରୀ ଗୁପ୍ତେଶ୍ୱର ମହାଦେବଙ୍କ ନବନିର୍ମିତ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ରାଣିବଣିଆ, ଧଳପୁର, ଓଡାପଡା ବ୍ଲକ, ସମୟ: ସକାଳ ୬ଟା।

## ଜଗତ୍‌ସିଂହପୁର
- ନୀଳାଚଳ ସାରସ୍ୱତ ସଂଘର ବାର୍ଷିକ ଉତ୍ସବ, ସ୍ଥାନ: ନିଗମାନନ୍ଦ ଆଶ୍ରମ, ନୂଆବଜାର,ପାରାଦୀପ, ସମୟ: ସକାଳ ୬ଟା।
- ବିବେକାନନ୍ଦ ୟୁଥ କ୍ଲବ୍ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ବିଜୟଚନ୍ଦ୍ରପୁର,ଅଠରବାଙ୍କୀ, ପାରାଦୀପ, ସମୟ: ସକାଳ ୮ଟା।

## କେନ୍ଦ୍ରାପଡ଼ା
- ପ୍ରଶାସନର ମିଳିତ ଜନଶୁଣାଣୀ ଶିବିର, ସ୍ଥାନ: ଟାଉନହଲ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ଜିଲାସ୍ତରୀୟ ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଯାଜପୁର ଜିଲା ପରିଷଦ ସମ୍ମିଳନୀ ଗୃହ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ନାଟ୍ୟଧାରା ପକ୍ଷରୁ ପଞ୍ଚମ ରାଜ୍ୟସ୍ତରୀୟ ନାଟ୍ୟମେଳାର ୨ୟ ଦିବସର ନାଟକ ଭିନ୍ନ ଏକ ସହଯାତ୍ରୀ, ସ୍ଥାନ:ପଠାଣି ସମାନ୍ତ ଅଡିଟୋରିୟମ, ସମୟ:ସନ୍ଧ୍ୟା ୭ଟା।
- ଲଡୁବାବାଙ୍କ ପୀଠରେ ଜାଗର ଯାତ୍ରାର ଷଷ୍ଠ ଦିବସ, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ପୀଠ, ସମୟ: ଅପରାହ୍ନ ୪ଟା।
- ଭାପୁର ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ୨ୟ ଦିବସରେ ୱେଲ ଫେୟାର ୟୁଥ୍ କ୍ଲବ ରାଉରକେଲା ବନାମ ମଙ୍ଗଳା କ୍ଲବ କଟକ, ସ୍ଥାନ: ଭାପୁର ବ୍ଲକ ଭାପୁର ଖେଳ ପଡିଆ, ସମୟ:ଅପରାହ୍ନ ସାଢ଼େ ୩ଟା।
- ଜିଲାପାଳଙ୍କ ଜନଶୁଣାଣୀ ଶିବିର, ସ୍ଥାନ: ନୟାଗଡ଼ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ:ପୂର୍ବାହ୍ନ ୧୦ଟା।
- ମହେନ୍ଦ୍ର ସ୍ୱାଇଁ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟରରେ ବନ୍ଧୁତ୍ୱପୂର୍ଣ୍ଣ ୨ ପ୍ରଦର୍ଶନୀ ମ୍ୟାଚ, ସ୍ଥାନ:ଖଣ୍ଡପଡା ମଧୁବନ ମିନି ଷ୍ଟାଡିୟମ, ସମୟ:ଅପରାହ୍ନ ସାଢ଼େ ୩ଟା।

## ରାୟଗଡ଼ା
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା।
- ଗ୍ରାମ ପଞ୍ଚାୟତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ରେଖାପଦର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, କୋଲନରା, ସମୟ: ପୂର୍ବାହ୍ନ ୧୦।

## ନବରଙ୍ଗପୁର
- ମିଶନ ଶକ୍ତି କାଫେ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ ; କୋଷାଗୁମୁଡ଼ା, ସମୟ: ସକାଳ ୯ ଟା ।

## କୋରାପୁଟ
- ନୂତନ ପ୍ରଧାନଶିକ୍ଷକଙ୍କ ଦାୟିତ୍ୱ ଗ୍ରହଣ, ସ୍ଥାନ: ଜୟ ପ୍ରକାଶ ଉଚ୍ଚ ବିଦ୍ୟାଳୟ, ମାନିଆ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ମିଳିତ ଜନଶୁଣାଣି, ସ୍ଥାନ: ଦେବୀଘାଟ ପଞ୍ଚାୟତ କାର୍ଯ୍ୟାଳୟ, ଦେବୀଘାଟ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ହାଟଗୁଡ଼ା ପଞ୍ଚାୟତ କାର୍ଯ୍ୟାଳୟ, ସେମିଳିଗୁଡା ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା।
- ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ବୈପାରୀଗୁଡା ବ୍ଲକ କାର୍ଯ୍ୟାଳୟ ପରିସର, ବୈପାରୀଗୁଡା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପାନୀୟ ଜଳ ଯୋଗାଣ ନେଇ ସମୀକ୍ଷା, ସ୍ଥାନ: ଓସ୍ୱାନ ସମ୍ମିଳନୀ କକ୍ଷ,କୋରାପୁଟ, ସମୟ: ଅପରାହ୍ନ ୫ଟା।
- ନଗର କୀର୍ତ୍ତନ ଓ ନାଟକ ପରିବେଷଣ, ସ୍ଥାନ: ସିନେମା ହଲ ପଡ଼ିଆ, ସେମିଳିଗୁଡା, ସମୟ: ସନ୍ଧ୍ୟା ୬ଟା।

## ମାଲକାନଗିରି
- ବଡଯାତ୍ରା ନୈବିହାର, ସ୍ଥାନ–ପୋଲେରୁ, ସମୟ– ସକାଳ ୯ଟା

## ସମ୍ବଲପୁର
- ଜିଲା ପ୍ରଶାସନର ମିଳିତ ଜନ ଶୁଣାଣି, ସ୍ଥାନ: ଧନଉକଡା ବ୍ଲକ ପରିସରସ୍ଥ ସଭାକକ୍ଷ, ସମୟ : ପୂର୍ବାହ୍ନ ୧୦ଟା ।
- ଜିଲା କ୍ରୀଡା ସଂଘ ଓ ସମଲେଶ୍ୱରୀ ସ୍ପୋର୍ଟିଂ ଆୟୋଜିତ ସର୍ବଭାରତୀୟ ସମ୍ବଲପୁର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚ ଓଡ଼ିଶା ବନାମ ହାଇଦ୍ରାବାଦ, ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୨ଟା ୩୦ ।
- ସେଲିବ୍ରିଟି କ୍ଲବ କ୍ରିକେଟ ଟୁର୍ନାମେଣ୍ଟ ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୬ଟା ।

## ବଲାଙ୍ଗୀର
- ସୁଭଦ୍ରା ଶକ୍ତି ମେଳା, ସ୍ଥାନ: କୋଶଳ କଳା ମଣ୍ଡଳ ପଡିଆ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା ।
- ବଲାଙ୍ଗୀର ବହିହାଟର ଅଷ୍ଟମ ଦିବସ, ସ୍ଥାନ: କୋଶଳ କଳା ମଣ୍ଡଳ, ବଲାଙ୍ଗୀର, ସମୟ: ଅପରାହ୍ନ ୨ଟା ।

## ରାଉରକେଲା
- ରାଉରକେଲା ଡେ ପାଳନ ନେଇ ମାରାଥନ, ସ୍ଥାନ: ସେକ୍ଟର–୧୩ ମେଳଣ ପଡିଆ, ସମୟ: ସକାଳ ୬ଟା ।
- କାନ୍‌ଭାସ୍ ପକ୍ଷରୁ ରାଉରକେଲା ଦିବସ 'ରନ୍ ଫର୍ ରାଉରକେଲା', ସ୍ଥାନ: ସେକ୍ଟର–୧୩ ପଡିଆ, ସମୟ: ସକାଳ ୭ଟା ।
- ବେଦବ୍ୟାସ ସଂସ୍କୃତ କଲେଜରେ ବୈଦିକ ଆଲୋଚନାଚକ୍ର, ସ୍ଥାନ: ବେଦବ୍ୟାସ, ସମୟ: ପୂର୍ବାହ୍ନ ୧୦ଟା ।
- ମିରର୍ ଅନୁଷ୍ଠାନର ବାର୍ଷିକୋତ୍ସବ, ସ୍ଥାନ: ସି. ୩୧୭ ସେକ୍ଟର–୧୬, ସମୟ: ୧୦ଟା ୩୦ ।
- କ୍ୟାରିଅର୍ କାଉନସେଲିଂ କାର୍ଯ୍ୟକ୍ରମ, ସ୍ଥାନ: ଡିପିଏସ୍ ସେକ୍ଟର–୧୪, ସମୟ: ପୂର୍ବାହ୍ନ ୧୧ଟା ।
- ନରସେବା ନାରାୟଣ ସେବା ପକ୍ଷରୁ ମାଗଣା ହାଟ, ସ୍ଥାନ: ଶନି ମନ୍ଦିର ପରିସର, ବାସନ୍ତୀ କଲୋନି, ସମୟ: ପୂର୍ବାହ୍ନ ୧୧ଟା ।

## ସୁନ୍ଦରଗଡ଼
- ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣୀ ଶିବିର, ସ୍ଥାନ: ବଣାଇ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା୩୦ ।

## ବରଗଡ଼
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ସଭାକକ୍ଷ, ଝାରବନ୍ଧ, ସମୟ: ପୂର୍ବାହ୍ନ ୧୦ଟା ।
- ସମୃଦ୍ଧି ମ୍ୟୁଜିକ ପରିବାରର ସମ୍ବର୍ଦ୍ଧନା ସମାରୋହ ଓ ଆଲୋଚନାଚକ୍ର, ସ୍ଥାନ: ବିଜୁ ପଟ୍ଟନାୟକ ହଲ, ବରଗଡ଼, ସମୟ: ସନ୍ଧ୍ୟା ୬ଟା ।

## କଳାହାଣ୍ଡି
- ଜିଲାପାଳଙ୍କ ଅଭିଯୋଗ ଶୁଣାଣୀ ଓ ସମାଧାନ ଶିବିର, ସ୍ଥାନ: ଭବାନୀପାଟଣା ଜିଲାପାଳଙ୍କ ସମ୍ମିଳନୀ କକ୍ଷ,ସମୟ:ପୂର୍ବାହ୍ନ ୧୦ ।
- ବିଦ୍ୟୁତ୍ କର୍ମଚାରୀ ଶ୍ରମିକ ସଂଘର ବିକ୍ଷୋଭ,ସ୍ଥାନ:ଭବାନୀପାଟଣା, ବାହାଦୂର ବଗିଚା ପଡା ସ୍ଥିତ ମୁଖ୍ୟ ଅଧିକ୍ଷଣ ଯନ୍ତ୍ରୀ କାର୍ଯ୍ୟାଳୟ,ସମୟ:ପୂର୍ବାହ୍ନ ୧୦ଟା ।

## ବୌଦ୍ଧ
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ବୌଦ୍ଧ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ ପୂର୍ବାହ୍ନ ୧୦ଟା ।
- ଷୋହଳତମ ଅଲ୍ ଇଣ୍ଡିଆ ଡିଏସ୍ କପ୍ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ଜିଲା ଷ୍ଟାଡିୟମ, ବୌଦ୍ଧ, ସମୟ: ଅପରାହ୍ନ ୩ଟା ।

## ଦେବଗଡ଼
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲା ଠିକାଦାରଙ୍କ ପକ୍ଷରୁ ବିଭାଗୀୟ କାର୍ଯ୍ୟାଳୟ ତାଲାବନ୍ଦ ଆନ୍ଦୋଳନ ଓ ଧାରଣା, ସ୍ଥାନ: ଆର୍‌ଏଣ୍ଡବି କାର୍ଯ୍ୟାଳୟ, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା ।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା ।

## ସୁବର୍ଣ୍ଣପୁର
- ରାମାୟଣ ପାରାୟଣ, ସ୍ଥାନ: ଟିକିରାପଡା,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା ।
- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ସୁବର୍ଣ୍ଣପୁର ଜିଲା ପରିଷଦ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ।
- ସପ୍ତାହ ପାରାୟଣର ପଞ୍ଚମ ଦିବସ, ସ୍ଥାନ: ବଡ଼ମାଳ–ବହଳପଦର ମଠ,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା ।
- ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣୀ ଶିବିର, ସ୍ଥାନ: ଜଟେସିଂହା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା ।
- ଗ୍ରାମ୍ୟ ପରିଚାଳନା କମିଟିର ବୈଠକ, ସ୍ଥାନ: ଅମରପାଲି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା ।
- ଛପନ ପ୍ରହର ନମଯଜ୍ଞ ର ଅଧିବାସ, ସ୍ଥାନ: ଟିକିରାପଡା,ବୀରମହାରାଜପୁର ବ୍ଲକ, ସମୟ: ରାତି ୮ଟା ।

## ନୂଆପଡ଼ା
- ଗ୍ରାମକୁ ପ୍ରଶାସନ କାର୍ଯ୍ୟକ୍ରମ,ସ୍ଥାନ:କୋମନା ବ୍ଲକ କୁରୁମପୁରି ପଞ୍ଚାୟତ କାର୍ଯ୍ୟାଳୟ ସମୟ ପୂର୍ବାହ୍ନ ୧୦ ଟା ।
- ଷୋହଳ ପ୍ରହରୀ ଅଖଣ୍ଡ ନାମଯଜ୍ଞ ନାମ ଧାରଣ ଅବ୍ୟାହତ ଓ ଆଳତି, ସ୍ଥାନ:କୋମନା ବ୍ଲକ୍ ତରବୋଡ ସାପ୍ତାହିକ ବଜାର ପଡ଼ିଆ, ସମୟ:ସକାଳ ୫ଟା ୧୫ ।
- ଷୋହଳ ପ୍ରହରୀ ଅଖଣ୍ଡ ନାମଯଜ୍ଞ ନାମଧାରଣ, ସ୍ଥାନ:କୋମନା ବ୍ଲକ ସିଳଭା ପଞ୍ଚାୟତ ଠାକୁରପାଲି ଗାଁ, ସମୟ: ସକାଳ ୯ଟା ।

## ଝାରସୁଗୁଡ଼ା
- ୨୪ ପ୍ରହର ନାମ ସଂକୀର୍ତ୍ତନ, ସ୍ଥାନ: ସାଲେଟିକ୍ରା, ସମୟ: ସକାଳ ୮ଟା ।
- ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଅଭିଯୋଗ ଶୁଣାଣି ଶିବି, ସ୍ଥାନ: ଜିଲପାଳଙ୍କ କାର୍ଯ୍ୟାଳୟ, ଝାରସୁଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା ।
- ଦୋଳ ପୂର୍ଣ୍ଣିମା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଖଲିଆକାନି କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ।
- ଘିଚାମୁରା ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ଘିଚାମୁରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।
- ମାସିକ ବାଲ୍ମୀକି ରାମାୟଣ ପାଠ, ସ୍ଥାନ: କୁମର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ପ୍ରତ୍ୟୁଷ ଯାତ୍ରାରେ ବନ୍ଧୁ ମିଳନ ଓ ନୂତନ ସ୍ଥାନ ପରିଦର୍ଶନର ସୁଯୋଗ ପାଇବେ । ବହୁପୂର୍ବରୁ ଯେଉଁ କାମଟିକୁ କରିବା ପାଇଁ ଇଚ୍ଛା କରୁଥିଲେ ଆଜି ତାହା ଆରମ୍ଭ କରିପାରନ୍ତି । ପ୍ରିୟ ବ୍ୟକ୍ତିଙ୍କର ନିକଟ ଭବିଷ୍ୟତରେ ଅନୁପସ୍ଥିତି ଆଶଙ୍କା କରି ମନ ବ୍ୟାକୁଳ ହେବ । ଆବଶ୍ୟକତା ଅନୁଯାୟୀ ଅର୍ଥ ବନ୍ଧୁଙ୍କ ନିକଟରୁ କଷ୍ଟରେ ପାଇବେ ।

**ବୃଷ** ଦୀର୍ଘଦିନରୁ ପାଇବାକୁ ଥିବା ଟଙ୍କା ପଇସା ପାଇବାରେ କିଛି ଅସୁବିଧା ହେବ ନାହିଁ । ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବା ସକାଶେ ଜୋରଦାର ଉଦ୍ୟମ କରି ସଫଳତା ହାସଲ କରିବେ । ଅତି ନିଜର ବୋଲି ଭାବୁଥିବା ବନ୍ଧୁଟି ହିଁ ସ୍ୱାର୍ଥକୈନ୍ଦ୍ରିକ ହୋଇପାରେ । ପରିବାର ଭିତରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିପାରନ୍ତି ।

**ମିଥୁନ** ଆକର୍ଷଣୀୟ ବ୍ୟବହାର ଦ୍ୱାରା ଅନ୍ୟକୁ ଆକର୍ଷିତ କରିପାରିବେ । ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ କଷ୍ଟକର ହୋଇପାରେ । ଅନ୍ତର୍ଦ୍ୱନ୍ଦ୍ୱ କାରଣରୁ ପାରିବାରିକ ଅଶାନ୍ତି ବଢୁଥିବାରୁ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହେବେ । ନିଜର ଆତ୍ମୀୟସ୍ୱଜନମାନଙ୍କ ସହ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ଆଲୋଚନା କରିପାରନ୍ତି ।

**କର୍କଟ** ପଦାଧିକାରୀଙ୍କ ସାହାଯ୍ୟରେ କର୍ମକ୍ଷେତ୍ରରେ ବିଷମ ପରିସ୍ଥିତିକୁ ନିୟନ୍ତ୍ରଣ କରିପାରିବେ । ଅତ୍ୟାବଶ୍ୟକ ଜିନିଷଟି ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି । ନିର୍ମାଣ କାର୍ଯ୍ୟ, ସଭାସମିତି, ଗବେଷଣା, ନୃତ୍ୟ ଓ ସଙ୍ଗୀତାଦି କ୍ଷେତ୍ରରେ ଗଠନମୂଳକ ପ୍ରେରଣା ଦେଇ ପ୍ରଶଂସିତ ହେବେ । ପାରିବାରିକ ଅସହଯୋଗ କାରଣରୁ କାମ ସମ୍ପନ୍ନ କଷ୍ଟକର ହେବ ।

**ସିଂହ** ଆଜି ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଅଶାନ୍ତ ପରିସ୍ଥିତି ସୃଷ୍ଟି ହେବ । ଆପଣଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ହୋଇ କେତେକ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି । ଅପରାହ୍ନ ସମୟରେ ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି । ଭ୍ରମଣ ସୁଯୋଗ ଲାଭ କରିବେ ଓ ବ୍ୟବସାୟିକ ସଫଳତା ଅବଶ୍ୟ ମିଳିବ ।

**କନ୍ୟା** ବିଭିନ୍ନ ମାନସିକ ଅଶାନ୍ତିଜନିତ ଅଭାବନୀୟ ପରିସ୍ଥିତି ସୃଷ୍ଟି ଆଶଙ୍କା ରହିଛି । କୌଣସି ନୂତନ କର୍ମାରମ୍ଭ ସକାଶେ ଅର୍ଥ ଆବଶ୍ୟକ ହୋଇପାରେ, ଯାହାକି ଆପଣଙ୍କ ଟେନ୍‌ସନକୁ ବୃଦ୍ଧି କରିବ । ପ୍ରିୟ ବାନ୍ଧବୀ ସହ ସନ୍ଦେହ ଓ ଭୁଲ ବୁଝାମଣା ହେତୁ ସମସ୍ୟା ବଢିପାରେ । କର୍ମକ୍ଷେତ୍ରରେ ଭୁଲ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି ।

**ତୁଳା** ହାତକୁ ନେଇଥିବା କାମ ସୁବିଧାରେ ସମ୍ପନ୍ନ ନ ହେବାରୁ ଟେନସନ ଲାଗି ରହିବ । ଶିଳ୍ପ, ବାଣିଜ୍ୟ ଓ ପରିବହନରୁ ଲାଭବାନ ହେବେ । ଦୀର୍ଘ ଦିନରୁ ଆଶା କରିଥିବା କୌଣସି ଖବର ଆଜି ଅପରାହ୍ନେ ପାଇ ଖୁସି ହେବେ । ବନ୍ଧୁଙ୍କ କାର୍ଯ୍ୟାବଳୀରେ ପ୍ରଶଂସାମୁଖର ହେବେ, କିନ୍ତୁ ଅଧିକ ସମୟ ତାଙ୍କ ଉପସ୍ଥିତିକୁ ପସନ୍ଦ କରିବେ ନାହିଁ ।

**ବିଛା** ବିବାଦୀୟ ପରିସ୍ଥିତିରେ କୌଶଳପୂର୍ଣ୍ଣ କଥା ଓ କାର୍ଯ୍ୟହେତୁ ବନ୍ଧୁମାନେ ଦୂରେଇ ରହିବାକୁ ବାଧ୍ୟ ହେବେ । ପୁରୁଣା ଗାଡିମୋଟର, ଘର ମରାମତି ସକାଶେ ନୂତନ ଯୋଜନା ପ୍ରଣୟନ କରିବେ । ବନ୍ଧୁଙ୍କ ସହ ଆଲୋଚନା ପରେ ଟେନ୍‌ସନ ଦୂର ହୋଇଯିବ । କଳା, ସାହିତ୍ୟ ଓ କ୍ରୀଡା, ଚଳଚ୍ଚିତ୍ର , ସଙ୍ଗୀତ କ୍ଷେତ୍ରରେ ଉନ୍ନତି କରିପାରନ୍ତି ।

**ଧନୁ** ଆଜି ଖୁସିର ସହ କାମ କରିବା ସାଙ୍ଗକୁ ପରିବାରରେ ମତଭେଦ ଦୂର ହେବ । କର୍ମକ୍ଷେତ୍ରରେ ବିଭିନ୍ନ କାମର ଚାପ ହେତୁ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିପାରନ୍ତି । ସମସ୍ତ ପ୍ରକାର ସୁବିଧା ଥିଲେ ମଧ୍ୟ କିମ୍ବା ଯାହା କଲେ ମଧ୍ୟ ଖର୍ଚ୍ଚାନ୍ତ ହେବେ । ସାମାଜିକ ସ୍ତରରେ କିମ୍ବା କର୍ମକ୍ଷେତ୍ରରେ ନିଜର ଅନଚ୍ଛାଜନିତ ପ୍ରତିକ୍ରିୟାକୁ ହଠାତ୍ ପ୍ରକାଶ କରନ୍ତୁ ନାହିଁ ।

**ମକର** ଆଜିର ଅନୁକୂଳ ଗ୍ରହସ୍ଥିତିର ପ୍ରଭାବରେ ଘରେ ଓ ବାହାରେ ସବୁଠି ଶାନ୍ତିର ଝଲକ ଅନୁଭବ କରିବେ । ନିଜ ଲୋକଙ୍କୁ ଛାଡିପାରିବେ ନାହିଁ କିମ୍ବା ଭରସା ମଧ୍ୟ କରିପାରିବେ ନାହିଁ । ପାରିବାରିକ ଅସହଯୋଗରୁ ଅର୍ଜିତ ଧନ ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବ । ସଭାସମିତି,ପରିବହନ,ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ ।

**କୁମ୍ଭ** ଆର୍ଥିକ ଦୃଷ୍ଟିକୋଣରୁ ଦିନଟି ଭଲ । ଯେତିକି ପାଇବା କଥା ତା'ଠାରୁ ଅଧିକ ପାଇବେ । ପିଲାମାନଙ୍କ ପଢା ସମସ୍ୟା କିମ୍ବା ବିଶୃଙ୍ଖଳାକୁ ନେଇ ମନ ଭାରାକାନ୍ତ ରହିବ । ଆଲୋଚନା କ୍ଷେତ୍ରରେ ସ୍ୱକୀୟ ମତ ପୋଷଣ କରି ସମାଲୋଚିତ ହେବେ । ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ପ୍ରଭୃତି ଆନୁଷ୍ଠାନିକ କାମ ଓ ସଭାସମିତିରେ ସମସ୍ୟା ସମାଧାନ ହୋଇଯିବ ।

**ମୀନ** ଆଜି ଯାହା ଚିନ୍ତା କରୁଛନ୍ତି ଅଚିରେ ସମାଧାନ ହୋଇଯିବ । ପରିବାର, ପରିବହନ, ଦୋକାନବାଡି, ନିର୍ମାଣ ଓ ଜମିଜମା କ୍ଷେତ୍ରରେ ଆଶାନୁରୂପ ସଫଳତା ମିଳିବ । ଗତକାଲିର ବିବାଦୀୟ ଘଟଣାର ସରଳ ସମାଧାନ ହୋଇଯିବ । ସାମାଜିକ ସ୍ତରରେ ଅଜଣା ଆଶଙ୍କାରେ ବିବ୍ରତ ରହିବେ କିନ୍ତୁ କୌଣସି ପ୍ରକାର ଅସୁବିଧା ହେବ ନାହିଁ ।

ଆଜି ମାର୍ଚ୍ଚ ୩ ତାରିଖ, ବିଶ୍ୱ ବନ୍ୟପ୍ରାଣୀ ଦିବସ, ରାଷ୍ଟ୍ରୀୟ ପ୍ରତିରକ୍ଷା ଦିବସ, ଫାଲଗୁନ ଶୁକ୍ଳ ଚତୁର୍ଥୀ ସୋମବାର । ଚତୁର୍ଥୀରେ ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ଦିବା ଘ.୦୬।୦୮ ମି. ଗତେ, ଘ. ୦୭।୩୬ ମି. ମଧ୍ୟେ, ଘ.୧୦।୪୮ ମି. ଗତେ, ଘ.୦୧।୦୮ ମି. ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ.୦୭।୩୬ ମି. ଗତେ, ଘ.୦୯।୦୩ ମି. ମଧ୍ୟେ ରାହୁକାଳ ।

# ପ୍ରଥମ ପୃଷ୍ଠାରୁ...

## 'ପାଟଣାରେ ହେବ ...

ଷ୍ଟିଲ୍ ପ୍ଲାଣ୍ଟ ନିର୍ମାଣ ପାଇଁ ଚେଷ୍ଟା ଚାଲିଛି । କେନ୍ଦୁଝର ଜିଲାକୁ ସୁନାର କେନ୍ଦୁଝର କରାଯିବ । ସାରା ଓଡ଼ିଶାର ନେତୃତ୍ୱ ଏହି ଜିଲା ନେବ । ଏଥିପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ମତ ଦେଇଥିଲେ । ଅନ୍ୟପକ୍ଷରେ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ ଚନ୍ଦ୍ରଶେଖର ମହାବିଦ୍ୟାଳୟ ପ୍ରତି ଆର୍ଥିକ ଅନୁଦାନ ପ୍ରଦାନ ପାଇଁ ସାଧୁବାଦ ଜଣାଇଥିଲେ । ଚମ୍ପୁଆବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବଜାର ମଧ୍ୟରେ ପ୍ରସ୍ତାବିତ ଫ୍ଲାଇ ଓଭରବ୍ରିଜ୍ କରା ନ ଯାଇ ବାଇପାସ୍ ନିର୍ମାଣ କଲେ ଜନସାଧାରଣଙ୍କ ଆର୍ଥିକ ମାନଦଣ୍ଡ ସୁଦୃଢ଼ ହେବ ବୋଲି ପ୍ରସ୍ତାବ ରଖିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର କର ପରିଚାଳନା କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଫକିର ମୋହନ ନାୟକ ପ୍ରମୁଖ ଯୋଗଦେଇଥିଲେ ।




କେନ୍ଦୁଝର ଜିଲା ଚମ୍ପୁଆ ଚନ୍ଦ୍ରଶେଖର ମହାବିଦ୍ୟାଳୟର ୪୮ତମ ବାର୍ଷିକ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରାଯାଉଛି ।

## ମାଧବୀଙ୍କ ବିରୋଧରେ ...

ତଦନ୍ତ ଜରୁରୀ ବୋଲି ନିର୍ଦ୍ଦେଶନାମାରେ କୁହାଯାଇଛି । ଅଭିଯୋଗ ସତ୍ତ୍ୱେ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥା ଏବଂ ସେବି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବାରୁ ସିଆର୍‌ପିସିର ବ୍ୟବସ୍ଥା ଅନୁଯାୟୀ ନ୍ୟାୟିକ ହସ୍ତକ୍ଷେପ ଜରୁରୀ ହୋଇପଡ଼ିଛି । ଅନ୍ୟପକ୍ଷରେ ଅଦାଲତ ସେବିକୁ ପକ୍ଷ ରଖିବା ପାଇଁ ସୁଯୋଗ ନ ଦେଇ ଏକ ଗୁରୁତ୍ୱହୀନ ଅଭିଯୋଗ ଉପରେ ଏଭଳି ନିର୍ଦ୍ଦେଶ ଦେଇଥିବାରୁ ବୋର୍ଡ ଏହାକୁ ଚ୍ୟାଲେଞ୍ଜ କରିବ ବୋଲି କହିଛି ।

ସେବିର ପୂର୍ବତନ ମୁଖ୍ୟଙ୍କ ସମେତ ଅନ୍ୟ ଅଧିକାରୀମାନେ ବଡ଼ ଧରଣର ଆର୍ଥିକ ଜାଲିଆତି, ନିୟମାବଳୀର ଉଲ୍ଲଂଘନ ଏବଂ ଦୁର୍ନୀତିରେ ସମ୍ପୃକ୍ତ ଥିବାରୁ ଏହାର ତଦନ୍ତ ପାଇଁ ଅଭିଯୋଗକାରୀ ଖବରଦାତା ଆବେଦନ କରିଥିଲେ । ଅଭିଯୋଗ ଅନୁଯାୟୀ, ମାଧବୀ ଓ ଅନ୍ୟ ଅଧିକାରୀମାନେ ସେମାନଙ୍କ ବୈଧାନିକ କର୍ତ୍ତବ୍ୟ ପାଳନ ନ କରିବାରୁ ଶେୟାର ବଜାରରେ ହେରଫେର ବଢ଼ିଥିଲା । ସେବି ଆଇନ, ୧୯୯୨ ଏବଂ ନିୟମାବଳୀର ଅନୁପାଳନ ନ କରି ସେମାନେ ନିର୍ଦ୍ଧାରିତ ମାନଦଣ୍ଡ ପୂରଣ କରୁ ନ ଥିବା ଏକ କମ୍ପାନୀକୁ ଷ୍ଟକ୍ ମାର୍କେଟରେ ତାଲିକାଭୁକ୍ତ କରିବାକୁ ଅନୁମତି ଦେବାରୁ କର୍ପୋରେଟ୍ ଜାଲିଆତି ପାଇଁ ବାଟ ଖୋଲିଯାଇଥିଲା । ଏହି କାରଣରୁ ବଡ଼ ଧରଣର ଆର୍ଥିକ ଜାଲିଆତି ସାଙ୍ଗକୁ ଦୁର୍ନୀତି ଓ ଅନିୟମିତତା ଦେଖାଦେଇଥିଲା । ଅନେକ ଥର ଥାନା ଏବଂ ସମ୍ପୃକ୍ତ ନିୟାମକ ସଂସ୍ଥା ନିକଟରେ ଆବେଦନ କରିଥିଲେ ମଧ୍ୟ ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା ବୋଲି ଅବେଦନକାରୀ ଉଲ୍ଲେଖ କରିଛନ୍ତି । ଅଦାଲତ ରେକର୍ଡ ହୋଇଥିବା ବିଷୟକୁ ବିଚାରକୁ ନେଇ ମୁମ୍ବାଇ ୱର୍ଲି ଅଞ୍ଚଳର ଏସିବିଙ୍କୁ ଆଇପିସି, ଦୁର୍ନୀତି ନିବାରଣ ଆଇନ, ସେବି ଆଇନ ଏବଂ ଅନ୍ୟାନ୍ୟ ଆଇନର ପ୍ରାସଙ୍ଗିକ ବ୍ୟବସ୍ଥା ଅନୁଯାୟୀ ଏତଲା ଦାଏର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ଭାରତର ପ୍ରଥମ ମହିଳା ସେବି ଅଧ୍ୟକ୍ଷା ମାଧବୀ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ପଦବୀର ଦୁରୁପଯୋଗ କରିଥିବା ଆମେରିକାର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ଅଭିଯୋଗ ଆଣିବା ପରେ ଏହାକୁ ନେଇ ଦେଶରେ ରାଜନୀତି ଜୋର୍ ଧରିଥିଲା । ମାଧବୀଙ୍କ ୩ ବର୍ଷର କାର୍ଯ୍ୟକାଳ ଗତ ଶୁକ୍ରବାର ଶେଷ ହୋଇଛି । ଯଦିଓ ସେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଇକ୍ୟୁଟିଗୁଡ଼ିକରେ ତ୍ୱରିତ୍ ସମାଧାନ, ଏଫ୍‌ପିଆଇ ତଥ୍ୟ ପ୍ରଦାନ ବଢ଼ାଇବା ଏବଂ ମ୍ୟୁଚୁଆଲ୍ ଫଣ୍ଡ୍ ବଢ଼ାଇବା ଆଦିରେ ଉଲ୍ଲେଖନୀୟ ଉନ୍ନତି କରିଥିଲେ ମଧ୍ୟ ଶେଷ ବର୍ଷରେ ଅନେକ ବିବାଦ ମଧ୍ୟରେ ଛନ୍ଦିହୋଇ ପଡ଼ିଥିଲେ । ହିଣ୍ଡେନ୍‌ବର୍ଗ ସମେତ କଂଗ୍ରେସ ଦଳ ତାଙ୍କ ବିରୋଧରେ ଅନେକ ଅଭିଯୋଗ ଆଣିଥିଲା । ମାଧବୀ ଓ ତାଙ୍କ ସ୍ୱାମୀ ଧବଳ ବୁଚ୍ ବିଦେଶରେ ଥିବା ସଂସ୍ଥାଗୁଡ଼ିକରେ ପୁଞ୍ଜିନିବେଶ କରିଥିବା ହିଣ୍ଡେନ୍‌ବର୍ଗ ଅଭିଯୋଗ ଆଣିଥିଲା, ଯେଉଁ ସଂସ୍ଥା ସହ ଆଦାନୀ ଗ୍ରୁପ୍ ଅଧ୍ୟକ୍ଷ ଗୌତମ ଆଦାନୀଙ୍କ ବଡ଼ ଭାଇ ବିନୋଦ ଆଦାନୀ ସମ୍ପୃକ୍ତ ଥିଲେ । ଆଦାନୀ ଗ୍ରୁପ୍ ବିରୋଧରେ ଜାଲିଆତି ଅଭିଯୋଗର ଉପଯୁକ୍ତ ତଦନ୍ତ କରା ନ ଯିବା ପଛରେ ବ୍ୟକ୍ତିଗତ ସ୍ୱାର୍ଥ ରହିଥିବା ଅଭିଯୋଗକ୍ରମେ ସେବି ମୁଖ୍ୟ ପଦବୀରୁ ଇସ୍ତଫା ଦେବା ଲାଗି ଗତବର୍ଷ ଅଗଷ୍ଟରେ ମାଧବୀଙ୍କ ଉପରେ ଚାପ ପଡ଼ିଥିଲା ।

## ୨ ସ୍କୁଟି ଧକ୍କା...

ସ୍କୁଟିରେ କଚେରି କାର୍ଯ୍ୟରେ କରଞ୍ଜିଆ ଆସୁଥିଲେ । ବିପରୀତ ଦିଗରୁ ସ୍କୁଟି ଚାଳକ ଏକ ବୋଲେରୋକୁ ଅତିକ୍ରମ କରୁଥିବା ସମୟରେ ସେମାନଙ୍କ ସ୍କୁଟି ସହ ମୁହାଁମୁହିଁ ଧକ୍କା ହୋଇଥିଲା । ସମସ୍ତ ଆରୋହୀ ଗାଡ଼ିରୁ ଛିଟିକି ପଡ଼ିଥିଲେ । ଖବରପାଇ ସିଙ୍ଗଡ଼ା ଫାଣ୍ଡି ଅଧିକାରୀ ତପନ କୁମାର ବାରିକ ଘଟଣାସ୍ଥଳରେ ପହଞ୍ଚି ୪ଜଣଙ୍କୁ ଆମ୍ବୁଲାନ୍ସ ଯୋଗେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ । ସେଠାରେ ଡାକ୍ତର ୩ଜଣଙ୍କୁ ମୃତ ଘୋଷଣା କରିଥିଲେ । ପୋଲିସ ୨ ସ୍କୁଟିକୁ ଜବତ କରି ତଦନ୍ତ ଜାରି ରଖିଛି ।

## ବୁଝୁଥିବା ଭାଷାରେ ...

ପ୍ରୋତ୍ସାହିତ କରୁଥିବାବେଳେ ତାମିଲନାଡୁ ସମେତ ଭାରତର କେତେକ ରାଜ୍ୟ ସ୍କୁଲ ଶିକ୍ଷା କ୍ଷେତ୍ରରେ ୩ ଭାଷା–ନୀତିକୁ ବିରୋଧ କରିଛନ୍ତି । ଜିଇଏମ୍‌ର ଜଣେ ବରିଷ୍ଠ ସଦସ୍ୟ କହିଛନ୍ତି, ଗତ ଦଶନ୍ଧି ମଧ୍ୟରେ ଛାତ୍ରୀଛାତ୍ରଙ୍କ ଉପରେ ଟେକ୍ନୋଲୋଜିର ପ୍ରଭାବ ବଢ଼ିବା ସହ କୋଭିଡ୍–୧୯ର ପ୍ରଭାବ ଯୋଗୁ ପିଲାମାନଙ୍କ ପଢ଼ିବା ଏବଂ ଗଣିତ ଶିଖିବା ସ୍ତରରେ ହ୍ରାସ ଘଟିଛି । ସେହିପରି ଯେଉଁ ଛାତ୍ରୀଛାତ୍ରମାନେ ବିସ୍ଥାପନ କିମ୍ବା ଅନ୍ୟାନ୍ୟ କାରଣ ଯୋଗୁ ଘରେ ଶିକ୍ଷାପ୍ରାପ୍ତ କରୁଥିବା ଭାଷାରେ କଥାବାର୍ତ୍ତା ହେଉନାହାନ୍ତି, ସେମାନଙ୍କ ନିକଟରେ ଶିଖିବାର କ୍ଷମତା ହ୍ରାସ ହେବାର ବଡ଼ ବିପଦ ରହିଥିବା ସେ କହିଛନ୍ତି ।

# ମହିଳା କଂଗ୍ରେସ କର୍ମୀଙ୍କୁ ହତ୍ୟା, ସୁଟ୍‌କେସ୍‌ରୁ ମିଳିଲା ମୃତଦେହ

ନୂଆଦିଲ୍ଲୀ, ୨।୩

ହରିୟାଣାର ରୋହତକ ଜିଲାରେ ୨୩ ବର୍ଷୀୟା ଜଣେ ମହିଳା କଂଗ୍ରେସ କର୍ମୀଙ୍କୁ ହତ୍ୟା କରାଯାଇଛି। ତାଙ୍କ ମୃତଦେହ ଶନିବାର ରୋହତକ-ଦିଲ୍ଲୀ ହାଇୱେର ସାମ୍ପଲା ବସ୍‌ଷ୍ଟାଣ୍ଡ ନିକଟରେ ଏକ ସୁଟ୍‌କେସ୍‌ରୁ ମିଳିଛି। ମୃତକ ହେଲେ ହିମାନୀ ନରୱାଲ, ଯିଏକି ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ଯାତ୍ରାରେ ସାମିଲ ହୋଇଥିଲେ। ତେବେ ଦଳର କେତେଜଣ ଲୋକ କିମ୍ବା ସାଙ୍ଗ ହିମାନୀଙ୍କ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥାଇପାରନ୍ତି ବୋଲି ତାଙ୍କ ମା' ସବିତା ନରୱାଲ ଗଣମାଧ୍ୟମକୁ କହିଛନ୍ତି। ରାଜ୍ୟରେ ଚାଲିଥିବା 'ପୌର ନିର୍ବାଚନ' ଏବଂ 'ଦଳ' ତାଙ୍କ ଝିଅର ଜୀବନ ନେଲା ବୋଲି ସେ କହିଛନ୍ତି। କାରଣ ତାଙ୍କ ଝିଅ ହିମାନୀଙ୍କ ଉଜ୍ଜ୍ୱଳ ରାଜନୈତିକ କ୍ୟାରିୟରରେ ଦଳର କେତେଜଣ ଭୟଭୀତ ହୋଇପଡ଼ିଥିବା ନେଇ ସେ ଅନୁଭବ କରିଥିବା ସବିତା କହିଛନ୍ତି। ଝିଅ ମୃତ୍ୟୁ ପରେ କଂଗ୍ରେସରୁ କେହି ବି ନେତା ତାଙ୍କ ସହ ଯୋଗାଯୋଗ କରି ନ ଥିବା ସବିତା କହିବା ସହ ଘଟଣା ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। କଂଗ୍ରେସ ପାଇଁ ହିମାନୀ ବହୁତ ତ୍ୟାଗ କରିଛନ୍ତି ଏବଂ ଦଳର ବହୁ ସଦସ୍ୟ ଘରକୁ ଯାଆସ କରନ୍ତି, ଯାହାକି ଦଳର କେତେଜଣଙ୍କ ପାଇଁ ଅସହ୍ୟ ଥିଲା। ତେଣୁ ସେମାନେ ଏଭଳି ହତ୍ୟାକାଣ୍ଡ ଘଟାଇ ଥାଇପାରନ୍ତି ବୋଲି ସବିତା କହିଛନ୍ତି। ଏହାକୁ ନେଇ ରବିବାର ରାଜନୀତି ସରଗରମ ହୋଇଛି। କଂଗ୍ରେସର କେତେଜଣ ସଦସ୍ୟଙ୍କ ଆପରାଧିକ ରେକର୍ଡକୁ ନେଇ ଭାଜପା ସମାଲୋଚନା କରିଛି।

ନୂଆଦିଲ୍ଲୀରେ ପୁଅ ଯତୀନଙ୍କ ସହ ରହୁଥିବା ସବିତା ଶେଷଥର ପାଇଁ ଗତ ୨୭ ତାରିଖରେ ଝିଅ ହିମାନୀଙ୍କ ସହ ଫୋନରେ କଥା ହୋଇଥିଲେ। ଏହାର ଦିନକ ପରେ ଅର୍ଥାତ୍ ୨୮ ତାରିଖରେ ହିମାନୀ ବରିଷ୍ଠ କଂଗ୍ରେସ ନେତା ଭୂପିନ୍ଦର ସିଂ ହୁଡ୍ଡାଙ୍କ ରାଲିରେ ଯୋଗଦେବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ପରଦିନ ଫୋନ୍ କରିବାରୁ ହିମାନୀଙ୍କ ମୋବାଇଲ ସୁଇଚ୍ ଅଫ୍ ଦର୍ଶାଇଥିଲା ବୋଲି ସବିତା କହିଛନ୍ତି। ଆଇନ ଛାତ୍ରୀ ହିମାନୀ ପ୍ରାୟ ୧୦ ବର୍ଷ ହେଲା କଂଗ୍ରେସ ସହ ଯୋଡ଼ି ହୋଇ ରହିଛନ୍ତି। ଏପରି କି ପୂର୍ବରୁ ଭାରତ ଯୋଡ଼ୋ ଯାତ୍ରା ସମୟରେ ହିମାନୀ ରାହୁଲ ଗାନ୍ଧୀଙ୍କ ସହ ଶ୍ରୀନଗର ଯାଇଥିଲେ। ସେ ସବୁବେଳେ ସ୍ୱଚ୍ଛ ରାଜନୀତି ଚାହୁଁଥିଲେ, କିନ୍ତୁ କେତେଜଣ ତାଙ୍କୁ ସମସ୍ୟା ମଧ୍ୟରେ ଛନ୍ଦି ଦେବାକୁ ଷଡ଼ଯନ୍ତ୍ର ରଚୁଥିଲେ। ସେ ଅନେକ ଥର ପାର୍ଟିରେ ଥିବା ସମସ୍ୟା ସମ୍ପର୍କରେ ସ୍ୱର ଉଠାଉଥିଲେ ଏବଂ ବରିଷ୍ଠ ନେତାମାନଙ୍କ ସହ ଯୁକ୍ତିତର୍କ କରୁଥିଲେ। କେହିଜଣେ ତାଙ୍କୁ କୌଣସି କଥାରେ ଆପୋସ ସମାଧାନ କରିବାକୁ କହୁଥିଲେ। କିନ୍ତୁ ହିମାନୀ ସେଥିରେ ରାଜି ନ ହେବା ସହ ଯାହା ଭୁଲ, ତାହା ଭୁଲ ଏବଂ ଯାହା ଠିକ୍, ତାହା ଠିକ୍ ବୋଲି କହିଥିବା ସବିତା କହିଛନ୍ତି। ସେହିପରି ଭାରତ ଯୋଡ଼ୋ ଯାତ୍ରା ସମୟରେ ରୁମ୍ ଶେୟାରିଂ ବ୍ୟବସ୍ଥାକୁ ନେଇ ଦଳର ସଦସ୍ୟମାନଙ୍କ ସହ ହିମାନୀ ଅସହମତ ଥିଲେ। କାରଣ ସେ ପିଆଜ, ରସୁଣ ଖାଆନ୍ତି ନାହିଁ, ତେଣୁ ଏକାକୀ ରହିବାକୁ ଚାହୁଁଥିଲେ ବୋଲି ସବିତା କହିଛନ୍ତି। ଝିଅର ହତ୍ୟାକାରୀଙ୍କୁ ଫାଶୀଦଣ୍ଡ ଦେବାକୁ ସେ ଦାବି କରିଛନ୍ତି।

ଅନ୍ୟପକ୍ଷରେ ହରିୟାଣା ପୋଲିସ ଘଟଣାର ତଦନ୍ତ ପାଇଁ ୪ଟି ସ୍ୱତନ୍ତ୍ର ଟିମ୍ ଗଠନ କରିଛି। ତଦନ୍ତ ବେଳେ କିଛି ସୁରାକ୍ ମିଳିଛି, ଖୁବ୍‌ଶୀଘ୍ର ସତ୍ୟ ଉନ୍ମୋଚନ କରିବ ବୋଲି ଜଣେ ସାମ୍ପଲା ଡିଏସ୍‌ପି ରାଜନୀଶ କୁମାର କହିଛନ୍ତି। ହିମାନୀଙ୍କ ଭାଇ ଯତୀନ କହିଛନ୍ତି ଯେ, ତାଙ୍କ ଭଉଣୀଙ୍କ ସୁଟ୍‌କେସ୍‌ରୁ ହିଁ ମୃତଦେହ ମିଳିଛି। ଅର୍ଥାତ୍ କେହିଜଣେ ପରିଚିତ ହିଁ ତାଙ୍କୁ ହତ୍ୟା କରିଥିବା କହିଛନ୍ତି। ନ୍ୟାୟ ନ ମିଳିବା ଯାଏ ହିମାନୀଙ୍କ ମୃତଦେହ ସତ୍କାର କରିବୁ ନାହିଁ ବୋଲି ସେ କହିଛନ୍ତି।

ହିମାନୀ ଭୂପିନ୍ଦର ସିଂ ହୁଡ୍ଡାଙ୍କ ସ୍ତ୍ରୀ ଆଶା ହୁଡାଙ୍କ ଖୁବ୍ ନିକଟତର ଥିଲେ। ହେଲେ ଆଶା ତାଙ୍କ ଫୋନ କଲ୍‌କୁ ଉଠାଇ ନ ଥିବା ସବିତା କହିଛନ୍ତି। ଏହାକୁ ଭାଜପା ନେତା ଅମିତ୍ ମାଲବ୍ୟ 'ଏକ୍ସ'ରେ ଉଲ୍ଲେଖ କରି କଂଗ୍ରେସକୁ କଡ଼ା ସମାଲୋଚନା କରିଛନ୍ତି। ତନ୍ଦୁର ଘଟଣା ପରେ ଏବେ ସୁଟ୍‌କେସ ଘଟଣା ଘଟିଛି ବୋଲି ମାଲବ୍ୟ ତାଙ୍କ ପୋଷ୍ଟରେ ଉଲ୍ଲେଖ କରିବା ସହ ମହିଳା କର୍ମୀଙ୍କୁ ଶୋଷଣ ଓ ହତ୍ୟା କଂଗ୍ରେସର ପରିଚୟ ପାଲଟିଥିବା ଦର୍ଶାଇଛନ୍ତି। ସୂଚନାଥାଉ କି, ୧୯୯୫ରେ ଦିଲ୍ଲୀର ପଞ୍ଚତାରକା ହୋଟେଲରେ ନୈନା ସାହନୀ ନାମ୍ନୀ ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ତଥା କଂଗ୍ରେସ ନେତା ସୁଶୀଲ ଶର୍ମା ହତ୍ୟା କରିବା ପରେ ତନ୍ଦୁର ଚୁଲାରେ ପୋଡ଼ି ଦେଇଥିଲେ। ପରେ ସୁଶୀଲ ଦୋଷୀ ସାବ୍ୟସ୍ତ ହୋଇଥିଲେ।


ଭାରତ ଯୋଡ଼ୋ ଯାତ୍ରା ସମୟରେ ରାହୁଲ ଗାନ୍ଧୀଙ୍କ ସହ ହିମାନୀ। (ଫାଇଲ୍ ଫଟୋ)

# ଏସ୍‌ପି ବାସଭବନ ଆଗରେ ବୃଦ୍ଧଙ୍କୁ ହତ୍ୟା

ନୂଆପଡ଼ା, ୨।୩ (ମକାରୁ ବେମାଲ)

ନୂଆପଡ଼ା ସଦର ମହକୁମାସ୍ଥିତ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ବାସଭବନ ସମ୍ମୁଖରେ ରବିବାର ରାସ୍ତା ମଝିରେ ଜଣେ ବୃଦ୍ଧଙ୍କୁ ହତ୍ୟା କରାଯାଇଛି। ମୃତ ବୃଦ୍ଧ ଜଣକ ନୂଆପଡ଼ା ଏନ୍‌ଏସି ୧୨ ନମ୍ବର ୱାର୍ଡ ସିରତୋଲର ସୁକଲାଲ ସାହୁ (୮୦)। ହତ୍ୟାପରେ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ପୋଲିସ ମୃତଦେହ ଜବତ କରି ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଦଳ ସହ ତଦନ୍ତ ଆରମ୍ଭ କରିଛି। ହତ୍ୟାର କାରଣ ଜଣାପଡ଼ି ନ ଥିବା ବେଳେ ଗୁଣିଗାରେଡ଼ି ନେଇ ଏଭଳି ଘଟିଥିବା ସନ୍ଦେହ କରାଯାଉଛି।

ସୁକଲାଲ ପ୍ରତିଦିନ ପରି ରବିବାର ଭୋର ୪ଟାରେ ବିଛଣାରୁ ଉଠି ନିଜ ଜମି ପଟେ ଯାଉଥିଲେ। ଏହି ସମୟରେ ୨ ଜଣ ଦୁର୍ବୃତ୍ତ ଆସି ୩୫୩ ନମ୍ବର ଜାତୀୟ ରାଜପଥ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ବାସଭବନ ଆଗରେ ସୁକଲାଲଙ୍କୁ ଅତର୍କିତ ଭାବରେ ଆକ୍ରମଣ କରିଥିଲେ। ଏସ୍‌ପିଙ୍କ ବାସଭବନରେ କାର୍ଯ୍ୟରତ ଥିବା ପୋଲିସ କର୍ମଚାରୀମାନେ ଦୌଡ଼ି ଆସିବାରୁ ଦୁର୍ବୃତ୍ତମାନେ ସେଠାରୁ ଫେରାର ହୋଇଯାଇଥିଲେ। ବୃଦ୍ଧଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ୧୨ ଘଣ୍ଟା ବିତି ଯାଇଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କ ଟେର ପାଉ ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ବୃଦ୍ଧଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଜେଲଫେରନ୍ତା ବଳାତ୍କାରୀଙ୍କୁ ହତ୍ୟା

## ତୀରମାରି ହତ୍ୟା କରିଥିବା ଦମ୍ପତି ଗିରଫ

କୁଆଁରମୁଣ୍ଡା, ୨।୩ (ମହେନ୍ଦ୍ର କୁମାର ସାହୁ)

ଜଣେ ଜେଲ ଫେରନ୍ତା ବଳାତ୍କାରୀଙ୍କୁ ତୀର ମାରି ହତ୍ୟା କରାଯାଇଛି। ଶନିବାର ଏଭଳି ଘଟଣା ଘଟିଛି ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅଞ୍ଚଳରେ। ମୃତକ ହେଲେ ବିହାର ରାଜ୍ୟ ଔରଙ୍ଗାବାଦ ଅଞ୍ଚଳର ଅନୁରାଜ ଓରଫ ରାଜ କୁମାର ଯାଦବ(୩୬)। ହତ୍ୟାକାରୀ ହେଉଛନ୍ତି ବଳାତ୍କାରର ଶିକାର ମହିଳା(୩୨) ଏବଂ ତାଙ୍କ ସ୍ୱାମୀ (୩୫)। ପୋଲିସ ଏକ ମାମଲା(୭୧/୨୫) ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

ପୋଲିସ ସୂଚନା ଅନୁଯାୟୀ, ମୃତ ରାଜକୁମାର ପାଣିପାଇପ ମିସ୍ତ୍ରି ଥିଲେ। ସେ କୁଆଁରମୁଣ୍ଡା ବ୍ଲକ ପଛପାର୍ଶ୍ୱ ନିର୍ମାଣାଧୀନ ପାଣି ଟାଙ୍କିରେ କାମ କରୁଥିଲା ନିକଟସ୍ଥ ଜଣଙ୍କ ଘରେ ଭଡ଼ାରେ ରହୁଥିଲେ। ୨୦୨୩ରେ ରାଜକୁମାର ସେଠାକାର ଜଣେ ମହିଳାଙ୍କୁ ବଳାତ୍କାର କରିବା ଅଭିଯୋଗରେ ଜେଲ ଯାଇଥିଲେ। ନିକଟରେ ଜାମିନରେ ଆସିଥିଲେ। ଶନିବାର ରାତିରେ ପୁଣି ସେହି ମହିଳାଙ୍କ ଘରେ ପଶି ଧମକଚମକ ସହ ଅସଦାଚରଣ କରିଥିଲେ। ଏଥିରେ ଅତିଷ୍ଠ ହୋଇ ମହିଳା ଓ ତାଙ୍କ ସ୍ୱାମୀ ରାଜକୁମାରଙ୍କୁ ତୀରମାଡ଼ କରିଥିଲେ। ରବିବାର କୁଆଁରମୁଣ୍ଡା ବ୍ଲକ ପଛ ପାର୍ଶ୍ୱ ପାଣିଟାଙ୍କି ନିକଟସ୍ଥ ପୋଖରୀରୁ ତୀରବିଦ୍ଧ ମୃତ ଶରୀରକୁ କୁଆଁରମୁଣ୍ଡା ପୋଲିସ ସୁନ୍ଦରଗଡ଼ ଅଗ୍ନିଶମ ଟିମ୍ ଓ ସାଇଣ୍ଟିଫିକ ଟିମ୍ ଉପସ୍ଥିତିରେ ଜବତ କରିଛି। ମୃତକଙ୍କ ଛାତିରେ ପଶିଥିବା ୩ଟି ବିଷବୋଳା ତୀର ଜବତ ହୋଇଛି। ଅନ୍ୟ ଏକ ତୀରକୁ ପୋଲିସ ମହିଳାଙ୍କ ଘରୁ ଜବତ କରିଛି। ବୀରମିତ୍ରପୁର ଥାନାଧିକାରୀ ରାମପ୍ରସାଦ ନାଗ, କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ଅଭୟ ମହାପାତ୍ର ଓ ସୁନ୍ଦରଗଡ ସାଇଣ୍ଟିଫିକ ଟିମ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ରାଜକୁମାର ଜେଲରୁ ଫେରିବା ପରେ ପୁଣି ଉକ୍ତ ମହିଳାଙ୍କୁ ବଳାତ୍କାର କରିବାକୁ ଉଦ୍ୟମ କରୁଥିଲେ। ଏଥିରେ ସ୍ୱାମୀ ଓ ସ୍ତ୍ରୀ ଅତିଷ୍ଠ ହୋଇ ତାଙ୍କୁ ହତ୍ୟା କରିଥିବା ନେଇ ସ୍ୱୀକାର କରିଛନ୍ତି ବୋଲି ପୋଲିସ କହିଛି।

# କାଠଫାଳିଆ ମାଡ଼ରେ ଯୁବକଙ୍କ ମୃତ୍ୟୁ ଘଟଣାରେ ୫ ଗିରଫ

ବୁଗୁଡ଼ା, ୨।୩
(କାଳିଚରଣ ଦାଶ)

ବୁଗୁଡ଼ା ଥାନା ବିରଞ୍ଚିପୁର ପଞ୍ଚାୟତ ଅନ୍ତର୍ଗତ ରାମଚନ୍ଦ୍ରପୁର ଖଦାଳ ସାହିରେ ଥଟ୍ଟାମଜାରୁ ଗଣ୍ଡଗୋଳ ଏବଂ କାଠଫାଳିଆ ମାଡ଼ରେ ଯୁବକଙ୍କ ମୃତ୍ୟୁ ଘଟଣାରେ ବୁଗୁଡ଼ା ପୋଲିସ ରବିବାର ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ସିତାଂଶୁ ଶେଖର ମାନ୍ଧାତା ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ବୁଗୁଡ଼ା ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ଗାଁର ସୀମାଞ୍ଚଳ ନାୟକ(୨୩), ଯାଜ୍ଞସେନୀ ନାୟକ(୨୨), ସଞ୍ଜୁ ନାୟକ(୩୦), ସ୍ୱାମୀ ବାବୁଲା(୩୯) ଏବଂ ସଞ୍ଜୁ ନାୟକ(୫୦)। ମୃତକ ହେଲେ ଉକ୍ତ ଗ୍ରାମର ଅଭିମନ୍ୟୁ ନାଇକଙ୍କ ପୁଅ ବଳରାମ ନାଇକ(୩୫)। ପ୍ରକାଶ ଯେ, ଶୁକ୍ରବାର ଅପରାହ୍ନରେ ବଳରାମ ଭୋଜି ଖାଇ ଫେରି ତାଙ୍କର ସମ୍ପର୍କୀୟଙ୍କ ନିକଟରେ ମଦ ପିଇ ଥଟ୍ଟାମଜା କରୁଥିବା ବେଳେ ତାହା ଭୟଙ୍କର ଗଣ୍ଡଗୋଳରେ ପରିଣତ ହୋଇଥିଲା ଏବଂ ସମ୍ପର୍କୀୟ ୫ ଜଣଙ୍କ ମିଳିତ କାଠ ଫାଳିଆ ଆକ୍ରମଣରେ ସେ ଆହତ ହୋଇ ଘରକୁ ଫେରିଥିଲେ। ରାତି ପ୍ରାୟ ୧୦ଟା ବେଳକୁ ବଳରାମଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ତାଙ୍କୁ ବୁଗୁଡା ମେଡିକାଲକୁ ଅଣାଯାଇଥିଲା ବେଳେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା।


ଗିରଫ ୫ ଅଭିଯୁକ୍ତ।

# ବିଦେଶିନୀଙ୍କ ଜଙ୍ଘରେ ଜଗନ୍ନାଥ ଟାଟୁ, ଥାନାରେ ଏତଲା

ଭୁବନେଶ୍ୱର, ୨।୩ (ସତ୍ୟଜିତ୍ ରାଉତ)

ବିଦେଶୀ ମହିଳାଙ୍କ ଜଙ୍ଘରେ ଜଗନ୍ନାଥଙ୍କ ଟାଟୁ କରି ଜଣେ ଆର୍ଟିଷ୍ଟ ଅଡୁଆରେ ପଡ଼ିଛନ୍ତି। ଭୁବନେଶ୍ୱର ଶହୀଦନଗର ଥାନାରେ ରକି ଟାଟୁଜ୍ ଷ୍ଟୁଡିଓର ମାଲିକ ରକି ରଞ୍ଜନ ବିଶୋଇଙ୍କ ବିରୋଧରେ ରବିବାର କେତେଜଣ ସାମାଜିକ କର୍ମୀ ଏତଲା ଦେଇ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଜଗନ୍ନାଥ ସଂସ୍କୃତିକୁ ରକି ଅପମାନିତ କରିଥିବାରୁ ତାଙ୍କୁ ଗିରଫ କରିବାକୁ ମଧ୍ୟ ଦାବି କରାଯାଇଛି। ପୋଲିସ ଏହି ଘଟଣା ସଂକ୍ରାନ୍ତରେ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି।

ଶହୀଦନଗରରେ ଥିବା ରକିଙ୍କ ଷ୍ଟୁଡିଓ ପକ୍ଷରୁ ଜଣେ ମହିଳାଙ୍କ ଜଙ୍ଘରେ ଜଗନ୍ନାଥଙ୍କ ଟାଟୁ କରାଯିବା ସହ ଉକ୍ତ ଫଟୋକୁ ଇନ୍‌ଷ୍ଟାଗ୍ରାମ ଓ ହ୍ୱାଟ୍‌ସଆପ୍‌ରେ ଶେୟାର କରାଯାଇଥିଲା। ଏହାପରେ ଘଟଣା ପଦାକୁ ଆସିଥିଲା। ଏହା ହିନ୍ଦୁ ଧର୍ମୀୟ ଭାବନାରେ କୁଠାରାଘାତ ସହ ଜଗନ୍ନାଥଙ୍କୁ ଅପମାନିତ କରାଯାଇଥିବା ଅଭିଯୋଗକାରୀ ସାଗର କୁମାର ସାହୁ, ବିନ୍ଦୁଜା ଉପାଧ୍ୟାୟ ପ୍ରମୁଖ କହିଛନ୍ତି। ଜଗନ୍ନାଥ କ'ଣ ତାଙ୍କର ପୈତୃକ ସମ୍ପତ୍ତି କି ବୋଲି ବିନ୍ଦୁଜା ପ୍ରଶ୍ନ କରିବା ସହ ଏହାକୁ ଅଭଦ୍ର ଆଚରଣ ବୋଲି ଅଭିହିତ କରିଛନ୍ତି। ଏପରିକି ଟାଟୁ ଆର୍ଟିଷ୍ଟଙ୍କୁ ଗିରଫ କରିବାକୁ ସେ କମିଶନରେଟ୍ ପୋଲିସକୁ ନିବେଦନ କରିଛନ୍ତି। ଅପରପକ୍ଷରେ ରକି ରଞ୍ଜନ ନିଜ ଇନ୍‌ଷ୍ଟାଗ୍ରାମରେ ଭିଡିଓ ଶେୟାର କରି ଏହି କାମକୁ ଭୁଲ୍ ଦର୍ଶାଇବା ସହ କ୍ଷମା ପ୍ରାର୍ଥନା କରିଛନ୍ତି। ଇଟାଲୀର ଯୁବତୀ ଜଣକ ଶନିବାର ଷ୍ଟୁଡିଓକୁ ଆସି ଜଙ୍ଘରେ ଟାଟୁ କରିବାକୁ ଅନୁରୋଧ କରିବାରୁ ଜଣେ ଆର୍ଟିଷ୍ଟ ତାହା କରିଦେଇଥିଲେ। ଏଥିପାଇଁ ଷ୍ଟୁଡିଓ ଏବଂ ଆର୍ଟିଷ୍ଟଙ୍କ ପକ୍ଷରୁ ରକି ସମସ୍ତଙ୍କୁ କ୍ଷମା ମାଗିଛନ୍ତି। ଉକ୍ତ ଟାଟୁ କରିଥିବା ଯୁବତୀଙ୍କୁ ସେ ଯୋଗାଯୋଗ କରିଛନ୍ତି। ବର୍ତ୍ତମାନ ଉକ୍ତ ଟାଟୁକୁ ଲିଭାଗଲେ ସଂକ୍ରମଣ ହୋଇଯିବାର ଆଶଙ୍କା ରହିଛି। ଯୁବତୀ ଜଣକ ୨୫ ଦିନ କିମ୍ବା ମାସେ ପରେ ଏଠାକୁ ଆସି ଟାଟୁକୁ ଲିଭାଇବେ କିମ୍ବା ତାହା ପରିବର୍ତ୍ତେ ସେହି ସ୍ଥାନରେ ଆଉ କିଛି ଆର୍ଟ କରିବେ ବୋଲି ସେ ଜଣାଇଥିବା ରକି କହିଛନ୍ତି।



# ପୂର୍ବତନ ସମ୍ପାଦକଙ୍କୁ ଗିରଫ କଲା ଭିଜିଲାନ୍ସ ଟିମ୍

## ଓସ୍ତିଆ ସେବା ସମବାୟ ସମିତିରେ ଦୁର୍ନୀତି ଘଟଣା

### ବର୍ତ୍ତମାନର ସମ୍ପାଦକଙ୍କୁ ସର୍ତ୍ତମୂଳକ ଛଡ଼ାଗଲା

ବାଙ୍କୀ, ୨।୩ (ଶୁଭେନ୍ଦୁ ମହାପାତ୍ର)

କଟକ ବାଙ୍କୀ ସମବାୟ ବ୍ୟାଙ୍କ ଅନ୍ତର୍ଗତ ସୁବର୍ଣ୍ଣପୁର ଶାଖା ଅଧୀନ ଓସ୍ତିଆ ସେବା ସମବାୟ ସମିତିରେ ବ୍ୟାପକ ଦୁର୍ନୀତି ଓ ଚାଷୀଙ୍କ ଅର୍ଥ ହଡ଼ପ ହୋଇଥିବା ଅଭିଯୋଗ ହୋଇଥିଲା। ଏହାର ତଦନ୍ତ ପରେ ଭିଜିଲାନ୍ସ ଟିମ୍ ସମିତିର ପୂର୍ବତନ ସମ୍ପାଦକ ଶ୍ରୀନିବାସ ମନ୍ତ୍ରୀଙ୍କୁ ଶୁକ୍ରବାର ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଅପରପକ୍ଷେ ଓସ୍ତିଆର ବର୍ତ୍ତମାନ ସମ୍ପାଦକ ରମେଶ ଚନ୍ଦ୍ର ସାହୁଙ୍କୁ ସର୍ତ୍ତମୂଳକ ଭାବେ ଛଡ଼ାଯାଇଛି।

ଓସ୍ତିଆ ସେବା ସମବାୟ ସମିତିରେ ବିଭିନ୍ନ ଅନିୟମିତତା ହୋଇଥିବା ନେଇ ବାଙ୍କୀ ସମବାୟ ଉପନିବନ୍ଧକ କାର୍ଯ୍ୟାଳୟରେ ଚାଷୀମାନେ ଅଭିଯୋଗ କରିଥିଲେ। ମାତ୍ର ବିଭାଗୀୟ ଅଧିକାରୀମାନେ ଏହାର ଠିକ୍ ଭାବେ ତଦନ୍ତ କରି ନ ଥିଲେ। ଏଥିରେ ଅସନ୍ତୋଷବ୍ୟକ୍ତ କରି ଚାଷୀମାନେ କଟକ ଜିଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ କରିଥିଲେ। ଏହାର ତଦନ୍ତ କରାଯାଇ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଚିଠି (ନଂ.୫୮୭/୨୫)ରେ ଓସ୍ତିଆ ସେବା ସମବାୟ ସମିତି ସମ୍ପାଦକ ଶ୍ରୀନିବାସ ମନ୍ତ୍ରୀ ଓ ବୋର୍ଡ ସଦସ୍ୟମାନଙ୍କୁ ନିଲମ୍ବିତ କରାଯାଇଥିଲା।

ଏହାପରେ ଘୋଡ଼ାବର ସେବା ସମବାୟ ସମିତି ସମ୍ପାଦକ ରମେଶ ଚନ୍ଦ୍ର ସାହୁଙ୍କୁ ଓସ୍ତିଆ ସେବା ସମିତିର ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା। ଶ୍ରୀନିବାସଙ୍କ ଭଳି ରମେଶ ଚନ୍ଦ୍ର ସାହୁଙ୍କ ନାଁରେ ମଧ୍ୟ ଅର୍ଥ ତୋସରପାତ ଅଭିଯୋଗ ହୋଇଥିଲା। ସେ ଚାଷୀଙ୍କ ଲକ୍ଷାଧିକ ଟଙ୍କା ହେରଫେର କରି ଆତ୍ମସାତ କରିଥିବା ନେଇ ଚାଷୀମାନେ ଅଭିଯୋଗରେ ଦର୍ଶାଇଥିଲେ। ଏହାର ତଦନ୍ତ କରାଯିବା ପରେ କଟକ ଜିଲା ରେଜିଷ୍ଟ୍ରାରଙ୍କ ଚିଠି (ନଂ. ୬୦୧/୨୫) ଅନୁଯାୟୀ, ତାଙ୍କୁ ମଧ୍ୟ ଚାକିରିରୁ ବହିଷ୍କୃତ କରାଯାଇଥିଲା। ପରେ ରମେଶଙ୍କୁ ପୁନର୍ବାର ଓସ୍ତିଆ ଓ ଘୋଡ଼ାବର ସମିତିର ଦାୟିତ୍ୱ ଦିଆଯାଇଛି।

ଫେବୃଆରୀ ପ୍ରଥମ ସପ୍ତାହରେ ଏନେଇ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ ହେବା ପରେ ତଦନ୍ତ ଦାୟିତ୍ୱ ଭିଜିଲାନ୍ସ ବିଭାଗକୁ ଦିଆଯାଇଥିଲା। ଶୁକ୍ରବାର ଜିଲା ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ସମ୍ପାଦକ ଶ୍ରୀନିବାସ ମନ୍ତ୍ରୀ ଓ ରମେଶ ଚନ୍ଦ୍ର ସାହୁ ଥିଲାବେଳେ ଭିଜିଲାନ୍ସ ପକ୍ଷରୁ ସେଠାରେ ଚଢ଼ାଉ କରାଯାଇ ଉଭୟଙ୍କୁ ଉଠାଇ ନିଆଯାଇଥିଲା। ଏହାପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଗଲେ ଆହୁରି ଅନେକ ତଥ୍ୟ ସାମନାକୁ ଆସିବ ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାଉଳ ଭାଜିଲି ଝାଇଁ**
**ଦି' ସଉତୁଣୀ ଜଗି ବସିଛ**
**ଘଇତା ଆସିବା ପାଇଁ।**

ଦି' ସଉତୁଣୀ ମଧ୍ୟରେ ଅହିନକୁଳ ସମ୍ପର୍କ ରହିଥାଏ। କେହି କାହାର ଶିରି ଦେଖି ସହି ପାରିନଥାନ୍ତି। ସ୍ୱାମୀ ଆଗରେ ନିଜର ପଣିଆ ଦେଖେଇ ହେବାକୁ ଯାଇ କେହି କାହାଠାରୁ ପଛରେ ପଡ଼ିଯିବାକୁ ଚାହିଁ ନଥାନ୍ତି। ଏପରିସ୍ଥଳେ ପତି ସୋହାଗିନୀ ଜାହିର କରିବାକୁ ନେଇ ପରସ୍ପର ମଧ୍ୟରେ ଟଣାଓଟରା ବା ପ୍ରତିଦ୍ୱନ୍ଦ୍ୱିତା କରି ବସୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚାଲ ଧଡ଼ପଡ଼ ପାଇଟି ଅଛି**
**ଘଇତା ମଲେ ଦିଅର ଅଛି।**

କିଛି ବ୍ୟକ୍ତି ଯେକୌଣସି ପରିସ୍ଥିତିରେ ମଧ୍ୟ ଫାଇଦା ଉଠାଇବାରେ ସିଦ୍ଧହସ୍ତ ହୋଇଥାନ୍ତି। ନିଜର ସୁଖ ସୁବିଧା ପାଇଁ ଯେକୌଣସି ସ୍ତରକୁ ମଧ୍ୟ ଖସିଯିବାରେ ପଛଘୁଞ୍ଚା ଦେଇ ନଥାନ୍ତି। ଗଳିପଶି ଏ ପାଖ ନହେଲେ ସେ ପାଖରେ ଯାଇ ସୁବିଧା ହାସଲ କରୁଥିବା ବ୍ୟକ୍ତି ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ୫ ଘରୁ ଟଙ୍କା, ସୁନାଗହଣା ଚୋରି

- ଜାଗରଯାତ୍ରାବେଳେ ଗାଁରୁ ସିରିଜ୍ ଚୋରି
- ପୋଲିସ, ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ

ବାଙ୍କୀ, ୨।୩ (ଶୁଭେନ୍ଦୁ ମହାପାତ୍ର/ ଜ୍ଞାନେନ୍ଦ୍ର ମୋହନ ମିଶ୍ର)

କଟକ ଜିଲା ବାଙ୍କୀ ବୈଦ୍ୟେଶ୍ୱର ଥାନା ଅଧୀନ ପୁଇଁଚିଆ ଗ୍ରାମରେ ଶନିବାର ରାତିରେ ସିରିଜ୍ ଚୋରି ହୋଇଛି। ଗାଁ ଲୋକ ଜାଗର ଯାତ୍ରା ଦେଖିବାକୁ ଯାଇଥିବାବେଳେ ଦୁର୍ବୃତ୍ତମାନେ ୫ ଜଣଙ୍କ ଘରୁ ଲକ୍ଷାଧିକ ଟଙ୍କା ସମେତ ସୁନାଗହଣା, କଂସା ବାସନକୁସନ ଆଦି ଚୋରି କରିନେଇଛନ୍ତି। ଗ୍ରାମର ପ୍ରଦୀପ ରାଉତରାୟ, ପ୍ରଗତି ରାଉତରାୟ, ମାନସ ବଳବନ୍ତରାୟ, ଶରତ କହଲସିଂ, ଗୌତମ ପାଇକରାୟଙ୍କ ଘରୁ ଚୋରି ହୋଇଥିବା ଜଣାପଡ଼ିଛି।

ଖବରପାଇ ବୈଦ୍ୟେଶ୍ୱର ଥାନା ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବାବେଳେ ରବିବାର ସକାଳୁ ଅନୁସନ୍ଧାନକାରୀ କୁକୁର ଏବଂ ସାଇଣ୍ଟିଫିକ ଟିମ୍ ଜରିଆରେ ପୁନର୍ବାର ଯାଞ୍ଚ କରାଯାଇଛି। ଏନେଇ ଥାନାରେ ମାମଲା (ନଂ.୩୫/୨୫) ରୁଜୁ କରାଯାଇଛି। ମାତ୍ର ଅଭିଯୁକ୍ତମାନଙ୍କ କୌଣସି ପତ୍ତା ମିଳିପାରିନାହିଁ।

ଜାଗରଯାତ୍ରା ଉପଲକ୍ଷେ ସ୍ଥାନୀୟ ବାଲୁଙ୍କେଶ୍ୱର ମହାଦେବଙ୍କ ପୀଠରେ ଚାରି ଦିନ ବ୍ୟାପୀ ଗ୍ରାମ ଯୁବକମାନଙ୍କ ଦ୍ୱାରା ନାଟକ ପରିବେଷଣ କରାଯାଉଛି। ଶନିବାର ରାତିରେ ଲୋକେ ଘରେ ତାଲା ପକାଇ ନାଟକ ଦେଖିବାକୁ ଯାଇଥିଲେ। ଦୁର୍ବୃତ୍ତମାନେ ଏହାର ସୁଯୋଗ ନେଇ ୫ ଜଣଙ୍କ ଘରୁ ବିଭିନ୍ନ ସାମଗ୍ରୀ ଚୋରିକରି ନେଇଛନ୍ତି। ରାତ୍ର ପ୍ରାୟ ୧ଟା ବେଳେ ଏବିଷୟରେ ଜଣାପଡ଼ିବା ପରେ ଗାଁ ଲୋକେ ଦୁର୍ବୃତ୍ତମାନଙ୍କୁ ଖୋଜିଥିଲେ ମଧ୍ୟ ସେମାନଙ୍କର କୌଣସି ପତ୍ତା ମିଳି ନ ଥିଲା। ଏନେଇ ତଦନ୍ତ ଜାରି ରହିଛି ବୋଲି ଆଇଆଇସି ପି.କେ.ନାୟକ କହିଛନ୍ତି।


ପୋଲିସ ଅଧିକାରୀମାନେ ଗାଁରେ ତଦନ୍ତ କରୁଛନ୍ତି।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଯାତ୍ରା ଦେଖାବେଳେ ଗଣ୍ଡଗୋଳରୁ ଛୁରାମାଡ଼, ୫ ଆହତ

ଡାବୁଗାଁ, ୨।୩ (ପ୍ରଜ୍ଞାରଞ୍ଜନ ପରିଡା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଚଚରାଗୁଡ଼ା ପଞ୍ଚାୟତ ଅଧୀନ କୁସୁମବନ୍ଧ ଗ୍ରାମର ଶିବ ମନ୍ଦିରଠାରେ ଯାତ୍ରା ଦେଖିବା ସମୟରେ ଗଣ୍ଡଗୋଳ ହୋଇ ଛୁରାମାଡ଼ରେ ୫ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଗୁରୁତର ରଞ୍ଜିତ ମାଝୀ, ଧନସାଏ ଗୌଡ ଏବଂ ଦାସ ପନକାଙ୍କୁ ପ୍ରଥମେ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ରଞ୍ଜିତ ଓ ଧନସାଏଙ୍କ ଅବସ୍ଥା ଗୁରୁତର ଥିବାରୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାଏକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ପରେ ରଞ୍ଜିତଙ୍କୁ ବ୍ରହ୍ମପୁର ମେଡିକାଲକୁ ପଠାଯାଇଛି।

ସୂଚନାଯୋଗ୍ୟ, କୁସୁମବନ୍ଧ ଗ୍ରାମର ଶିବ ମନ୍ଦିରଠାରେ ଶିବରାତ୍ରି ଉପଲକ୍ଷେ ଶନିବାର ରାତିରେ ଆଦିବାସୀ ନାଟକ ଚାଲିଥିଲା। କୁସୁମବନ୍ଧ ଗ୍ରାମର ଆସମନ ଗୌଡ, ରଞ୍ଜିତ ମାଝି ଓ ଧନସାଏ ଗୌଡ ନାଟକ ଦେଖିବା ପାଇଁ ଯାଇଥିଲେ। ନାଟକ ଦେଖୁଥିବା ବେଳେ ରାତି ପ୍ରାୟ ୩ଟାରେ ଚଚରାଗୁଡ଼ା ଗ୍ରାମର ତନ୍ତିପାଲ ପନକା ଓ ଦାସ ପନକା ମଦ୍ୟପାନ କରି ଅସଭ୍ୟ ଭାଷାରେ ଗାଳିଗୁଲଜ କରି ଲୋକଙ୍କୁ ଠେଲାପେଲା କରୁଥିଲେ। ସେହି ସମୟରେ ଆସମନ, ରଞ୍ଜିତ ଓ ଧନସାଏ ସେମାନଙ୍କୁ ବୁଝାଇବାକୁ ଚେଷ୍ଟା କରିବାରୁ ତନ୍ତିପାଲ ପନକା ଉତ୍ତ୍ୟକ୍ତ ହୋଇ ଏକ ଛୁରା ସାହାଯ୍ୟରେ ସେମାନଙ୍କୁ ଆକ୍ରମଣ କରିଥିଲେ। ରଞ୍ଜିତ ଓ ଧନସାଏଙ୍କ ପେଟରେ ଛୁରି ବାଜି ଆଘାତ ହୋଇଥିବାବେଳେ ଆସମନଙ୍କ ହାତରେ ଆଘାତ ଲାଗିଛି। ଫଳରେ ସ୍ଥାନୀୟ ଲୋକେ ଆକ୍ରମଣକାରୀ ତନ୍ତିପାଲ ପନକା ଓ ଦାସ ପନକାଙ୍କୁ ମାରପିଟ କରିବାରୁ ଉଭୟ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଆହତଙ୍କୁ ଆମ୍ବୁଲାନ୍ସ ଯୋଗେ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଏନେଇ ରବିବାର ଅପରାହ୍ନରେ ଆହତ ଆସମନ ଡାବୁଗାଁ ଥାନାରେ ଏତଲା ଦେବା ପରେ ପୋଲିସ ଏ ନେଇ କେସ ନଂ ୩୪/୨୫ ମାମଲା ରୁଜୁ କରିଛି। ଡାବୁଗାଁ ଥାନା ସବ୍‌ଇନିସ୍ପେକ୍ଟର ଚନ୍ଦନ ସାହୁ ଘଟଣାସ୍ଥଳରେ ପହଞ୍ଚି ତନ୍ତିପାଲଙ୍କୁ ଥାନାରେ ଅଟକ ରଖିବା ସହ ଆକ୍ରମଣରେ ବ୍ୟବହୃତ ଛୁରିକୁ ଜବତ କରିଛନ୍ତି। ଅନ୍ୟପକ୍ଷେ ସ୍ଥାନୀୟ ଲୋକଙ୍କ ମାରପିଟରେ ଦାସ ପନକା ଗୁରୁତର ଅବସ୍ଥାରେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି।

# ଆଇଇଡି ବୋମା ନିଷ୍କ୍ରିୟ କଲେ ଯବାନ

ମାଲକାନଗିରି, ୨।୩
(ନୃସିଂହ ଚରଣ ମହାନ୍ତି)

ଛତିଶଗଡ ସୁକ୍‌ମା ଜିଲାରେ ତଲାସି ବେଳେ ଏକ ଆଇଇଡି ବୋମାକୁ ରବିବାର ଠାବକରି ଯବାନମାନେ ନିଷ୍କ୍ରିୟ କରିଛନ୍ତି। ସୁକୁମା ଜିଲା ରାଇଗୁଛା ପାହାଡ଼ ନିକଟରେ ମାଓବାଦୀ ଦମନ ନିମନ୍ତେ ସିଆରପିଏଫ ଯବାନମାନେ ବାହାରିଥିଲେ। ଏହି ସମୟରେ ଯବାନମାନେ ମାଓବାଦୀ ଖଞ୍ଜିଥିବା ଏକ ଆଇଇଡି ବୋମାକୁ ଠାବ କରିଥିଲେ। ଏହାର ଓଜନ ପ୍ରାୟ ୫ କିଲୋଗ୍ରାମ ରହିଥିବା ବେଳେ ଘଟଣାସ୍ଥଳରେ ନଷ୍ଟ କରିଥିଲେ।

ସୂଚନାଯୋଗ୍ୟ, ପ୍ରାୟ ୬ ମାସ ପୂର୍ବେ ଏହି ଅଞ୍ଚଳରେ ମାଓବାଦୀଙ୍କ ଦ୍ୱାରା ଲଗାଯାଇଥିବା ଆଇଇଡି ବିସ୍ଫୋରଣ ଯୋଗୁ ଡୁଙ୍ଗାମାର୍କା ଗ୍ରାମର ଜଣେ ମହିଳା କାୱାସି ସୁକ୍କିଙ୍କ ମୃତ୍ୟୁ ହୋଇଥିଲା। ବୋମା ନିଷ୍କ୍ରିୟ ପରେ ଅଞ୍ଚଳରେ ତଲାସି ଅଭିଯାନକୁ ବଢ଼ାଇ ଦିଆଯାଇଛି।


ଆଇଇଡି ବୋମା।

ପ୍ରଭୁ ! ଆମ ଭିତରେ ଯାହାକିଛି କୃତ୍ରିମତା ଓ ମିଥ୍ୟାଚାର ରହିଛି– ଯାହାକିଛି ରହିଛି ପ୍ରତାରଣା, ଛଳନା– ସେସବୁ କିଛି ଏହି ବର୍ଷଟି ସହିତ ଲୋପ ପାଇଯାଉ। ଯାହାକିଛି ସଂପୂର୍ଣ୍ଣ ସତ୍ୟ, ନିଷ୍ପାପର, ସରଳ ଓ ଶୁଦ୍ଧ ତାହା ଯେପରି ଆଗାମୀ ବର୍ଷଟି ଆମ ପ୍ରକୃତି ଭିତରେ ସଂଚାରିତ ହେଉ। –ଶ୍ରୀମା



# ଓଭାଲ ଅଫିସ ଶିକ୍ଷା

ରାଜନୀତିରେ ନେତାଙ୍କ କାର୍ଯ୍ୟକାଳ ସ୍ୱଳ୍ପସ୍ଥାୟୀ। ତାହାକୁ ଯେଉଁମାନେ ଦୀର୍ଘସ୍ଥାୟୀ ଭାବି ନେଇଥାଆନ୍ତି ତାହା ଅପରିଣାମଦର୍ଶିତାର ଫଳ ଦେଇଥାଏ। ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଭାବିଥିଲେ ଆମେରିକାର ତତ୍‌କାଳୀନ ରାଷ୍ଟ୍ରପତି ଜୋ ବାଇଡେନ୍ ଓ ତାଙ୍କ ଦଳ ପୁନର୍ବାର କ୍ଷମତାକୁ ଫେରିବେ। ସମ୍ଭବତଃ ସେହି ଆଶା ରଖି ସେ ୨୦୨୪ ଆମେରିକାର ରାଷ୍ଟ୍ରପତି ନିର୍ବାଚନରେ ପରିବର୍ତ୍ତିତ ପରିସ୍ଥିତିରେ ଡେମୋକ୍ରାଟିକ୍ ପ୍ରାର୍ଥୀ ହୋଇଥିବା କମଳା ହାରିସଙ୍କ ପାଇଁ ପେନ୍‌ସିଲଭାନିଆରେ ନିର୍ବାଚନ ପ୍ରଚାର କରିଥିଲେ। ଡେମୋକ୍ରାଟିକ୍ ପାର୍ଟି ହାରିଯିବା ପରେ ଆମେରିକାରୁ ଜେଲେନ୍‌ସ୍କି ଯେଉଁ ସାମରିକ ଓ ଆର୍ଥିକ ସମର୍ଥନ ପାଉଥିଲେ ତାହା ବନ୍ଦ ହୋଇଯାଇଛି। କାରଣ ବାଇଡେନ୍ ପ୍ରଶାସନର ବହିର୍ବ୍ୟାପାର ନୀତିରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବ୍ୟାପକ ପରିବର୍ତ୍ତନ ଆଣିଛନ୍ତି। ଆମେରିକା ଅର୍ଥନୀତି ପୂର୍ବଭଳି ଭଲ ନ ଥିବାରୁ ଟ୍ରମ୍ପ୍ ନିଜ ଦେଶକୁ ଆର୍ଥିକ ଭାବେ ସୁଦୃଢ଼ କରିବା ଲାଗି ସବୁ ପ୍ରୟାସ କରୁଛନ୍ତି। 'ମେକ୍ ଆମେରିକା ଗ୍ରେଟ୍ ଏଗେନ୍' ବା ମାଗା ଚିନ୍ତାଧାରା ରଖି କାର୍ଯ୍ୟ କରିବା ତାଙ୍କ ପାଇଁ ସର୍ବୋଚ୍ଚରେ ରହିଛି। ସେଥିପାଇଁ ଆମେରିକା ଦୀର୍ଘବର୍ଷ ଧରି ବିଶ୍ୱର ଅନ୍ୟାନ୍ୟ ରାଷ୍ଟ୍ରକୁ ଯେଉଁ ଆର୍ଥିକ ସହାୟତା ଦେଇ ଆସୁଥିଲା ତାହାକୁ ଏକପ୍ରକାର ବନ୍ଦ କରିଦେଲାଣି। ଆମେରିକୀୟ କରଦାତାଙ୍କ ଅର୍ଥ ଅନ୍ୟ କାହାର ମଙ୍ଗଳରେ କାହିଁକି ଆସିବ ବୋଲି ଟ୍ରମ୍ପ୍ ଯୁକ୍ତି ବାଢୁଛନ୍ତି। ନିଜ ଅର୍ଥନୀତି ଦୁର୍ବଳ ହୋଇଯାଉଥିବା ବେଳେ ଅନ୍ୟ କାହା କଥା ଚିନ୍ତା କରିବା ତାଙ୍କ ଦେଶର ଲକ୍ଷ୍ୟ ନୁହେଁ ବୋଲି ସେ କହୁଛନ୍ତି। ତାଙ୍କର ଏହି ଆଭିମୁଖ୍ୟକୁ ଦୋଷ ଦେଇହେବ ନାହିଁ। କାରଣ ନିଜ ଦେଶର ଉନ୍ନତି ସବୁ ନେତାଙ୍କ ପାଇଁ ଗୁରୁତ୍ୱ ରଖିବା କଥା।

୨୮ ଫେବୃଆରୀରେ ହ୍ୱାଇଟ୍ ହାଉସର ଓଭାଲ ଅଫିସ୍‌ରେ ରାଷ୍ଟ୍ରପତି ଟ୍ରମ୍ପ୍, ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ ଯେଉଁଭଳି ଭାବେ ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନ୍‌ସ୍କିଙ୍କୁ ଅପଦସ୍ଥ କଲେ ସେଇ ଘଟଣା ଏବେ ସମଗ୍ର ବିଶ୍ୱରେ ଚହଳ ପକାଇଛି। ୩ ବର୍ଷରୁ ଅଧିକ ସମୟ ଧରି ରୁଷିଆ–ୟୁକ୍ରେନ୍ ଯୁଦ୍ଧ ଲାଗି ରହିଥିବାରୁ ତାହାକୁ ବନ୍ଦ କରି ଶାନ୍ତି ସ୍ଥାପନ ନିମନ୍ତେ ଜେଲେନ୍‌ସ୍କି ଆମେରିକା ଗସ୍ତରେ ଥିଲେ। ଜେଲେନ୍‌ସ୍କି ଓ ଟ୍ରମ୍ପ୍‌ଙ୍କ ମଧ୍ୟରେ ପ୍ରାରମ୍ଭିକ କଥାବାର୍ତ୍ତା ସୌହାର୍ଦ୍ଦ୍ୟପୂର୍ଣ୍ଣ ଥିଲା। ଯେତେବେଳେ ଖଣିଜ ଚୁକ୍ତି ନେଇ ଆଲୋଚନା ହୋଇଥିଲା ସେତେବେଳେ ଜେଲେନ୍‌ସ୍କି ପ୍ରତିକ୍ରିୟା ପ୍ରକାଶ କରିଥିଲେ। ୟୁକ୍ରେନ୍‌କୁ ୩୫୦ ବିଲିୟନ୍ ଡଲାର ଆର୍ଥିକ ସହାୟତା ଦେଇଥିବାରୁ ସେଠାକାର ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଉପରେ ଆମେରିକାର ଅଧିକାର ରହିବା ନେଇ ଟ୍ରମ୍ପ୍ ମତ ରଖିଥିଲେ। ଏହା ବଦଳରେ ଚୁକ୍ତିରେ ରୁଷିଆଠାରୁ ନିଜ ଦେଶକୁ ରକ୍ଷା କରିବା ଲାଗି ଜେଲେନ୍‌ସ୍କି ଆମେରିକାଠାରୁ ପୂର୍ଣ୍ଣ ନିରାପତ୍ତା ସୁନିଶ୍ଚିତ କରିବା ସଂକ୍ରାନ୍ତ କଥା ଉଠାଇବାରୁ ଦୁଇ ନେତାଙ୍କ ମଧ୍ୟରେ ତିକ୍ତତା ବଢ଼ିଯାଇଥିଲା। ଟେଲିଭିଜନ୍‌ରେ ସିଧା ପ୍ରସାରଣ ହେଉଥିବା ଏହି ଶାନ୍ତି ଆଲୋଚନା ଏକ ବିରକ୍ତିକର ଯବନିକା ଟାଣିଥିବାରୁ ରୁଷିଆ–ୟୁକ୍ରେନ୍ ଯୁଦ୍ଧକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଇତିମଧ୍ୟରେ ୟୁରୋପୀୟ ସଂଘ ୟୁକ୍ରେନ୍‌କୁ ସମର୍ଥନ କରିବେ ବୋଲି ଆଗେଇ ଆସିଛି। କିନ୍ତୁ ବାସ୍ତବରେ ଆମେରିକା ଯେଭଳି ଜେଲେନ୍‌ସ୍କିଙ୍କୁ ସାମରିକ ଓ ଆର୍ଥିକ ସହାୟତା ଦେଇଥିଲା, ଅନ୍ୟ ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ଭବିଷ୍ୟତରେ କିଭଳି ଆଭିମୁଖ୍ୟ ରଖିବେ ତାହା ମଧ୍ୟ ଏବେଠୁ କହିହେବ ନାହିଁ। ହ୍ୱାଇଟ୍‌ହାଉସ୍‌ରେ ଘଟିଥିବା ଘଟଣାରେ କେତେକେ ଜେଲେନ୍‌ସ୍କିଙ୍କୁ ହିରୋ ଆଖ୍ୟା ଦେଉଥିବା ବେଳେ ରୁଷିଆ–ୟୁକ୍ରେନ୍ ମଧ୍ୟରେ ଶାନ୍ତି ସ୍ଥାପନ ନେଇ ଟ୍ରମ୍ପ୍ ନେଇଥିବା ପଦକ୍ଷେପକୁ କିଛି ସମର୍ଥନ କରୁଛନ୍ତି। କିନ୍ତୁ ଯାହା ଦୃଶ୍ୟମାନ ହେଉଛି ଆମେରିକାର ବିନା ସମର୍ଥନରେ ୟୁକ୍ରେନ୍ ନିଜର ଅସ୍ତିତ୍ୱ ବଜାୟ ରଖିବା ସମ୍ଭବ ହୋଇ ନ ପାରେ। କାରଣ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ଟ୍ରମ୍ପ୍‌ଙ୍କ ସମର୍ଥନ ରହିଲେ ବିଶ୍ୱର ଅନ୍ୟ ଦେଶଗୁଡ଼ିକ ଜେଲେନ୍‌ସ୍କିଙ୍କୁ ପୂର୍ଣ୍ଣମାତ୍ରାରେ ସହଯୋଗ କରିବାକୁ ହୁଏତ କୁଣ୍ଠିତ ହୋଇପାରନ୍ତି। ଏହି କଥା ହୃଦୟଙ୍ଗମ କରିବା ପରେ ଜେଲେନ୍‌ସ୍କି ବର୍ତ୍ତମାନ କହିଲେଣି ଯେ ଶାନ୍ତି ଆଲୋଚନା ପାଇଁ ଆମେରିକା ସହାୟତା ଜରୁରୀ।

ଜେଲେନ୍‌ସ୍କିଙ୍କୁ ଏଭଳି ବ୍ୟବହାର ଦେଖାଇ ରାଷ୍ଟ୍ରପତି ଟ୍ରମ୍ପ୍ ଓ ଉପରାଷ୍ଟ୍ରପତି ଜେଡି ଭାନ୍ସ ଏକ ନୂଆ ସମୀକରଣ ଆରମ୍ଭ କରିଦେଲେ। ଟ୍ରମ୍ପ୍‌ଙ୍କ ଦ୍ୱାରା କରାଯାଇଥିବା ଦାବି ଯେ ଆମେରିକା ସବୁଜାଗାରେ ଶାନ୍ତି ପ୍ରତିଷ୍ଠା କରିବାକୁ ଉଦ୍ୟମ କରିବ ବୋଲି ଯେଉଁ କଥା ଉଠୁଛି, ତାହା ଇସ୍ରାଏଲ୍–ହମାସ ଯୁଦ୍ଧରେ ଦେଖିବାକୁ ମିଳୁନାହିଁ। ଅନ୍ୟପଟେ ଯଦି ଆମେରିକା ଓ ରୁଷିଆ ମିଶି ଚାଇନା ସହିତ ବନ୍ଧୁତ୍ୱ ଗଢ଼ିଦେଲେ, ତେବେ ଅନ୍ୟ ଦେଶଙ୍କ ପାଇଁ ଏକ ଭିନ୍ନ ସମସ୍ୟା ସୃଷ୍ଟି ହୋଇପାରେ। ଉଦାହରଣସ୍ୱରୂପ, ତାଇୱାନ ଉପରେ ଚାଇନା ରଖିଥିବା ଦୃଷ୍ଟି ସମଗ୍ର ପୃଥିବୀ ଜାଣିଛି। ଥରେ ବୁଝାମଣା ହୋଇଗଲେ ହୁଏତ ତାଇୱାନକୁ ଚାଇନା ମାଡ଼ିବସିଲା ବେଳକୁ ଆମେରିକା କୌଣସି ପ୍ରତିକ୍ରିୟା ପ୍ରକାଶ କରିବ ନାହିଁ। ସେହିଭଳି କେବଳ ୟୁକ୍ରେନରେ ନୁହେଁ, ପୋଲାଣ୍ଡ ଓ ଅନ୍ୟ କେତେକ କ୍ଷୁଦ୍ର ଦେଶକୁ ରୁଷିଆ ଜୋର୍ ଜବରଦସ୍ତ ନିଜ ଅକ୍ତିଆରକୁ ନେବାକୁ ଚେଷ୍ଟା କଲାବେଳକୁ ବାଡ଼ ପକାଇବାକୁ କେହି ନ ଥିବେ। ବିଶ୍ୱକୁ ମିଳୁଥିବା ବାର୍ତ୍ତା ସମସ୍ତଙ୍କୁ ବିଚଳିତ କରିପାରେ। କିଛିମାସ ପରେ ତାଇୱାନକୁ ନିଜ ସାଙ୍ଗରେ ମିଶାଇନେବା ପରେ ଚାଇନାର ଦୃଷ୍ଟି ଭାରତର କେତେକ ଅଞ୍ଚଳ ଯଥା ଅରୁଣାଚଳ ପ୍ରଦେଶରେ ପଡ଼ିବା ଅସମ୍ଭବ ନୁହେଁ। ଆମେ ସମସ୍ତେ ଜାଣିଛୁ ଯେ ଚାଇନା ସହ ସାମରିକ ମୁକାବିଲା କରିବା ପାଇଁ କୌଣସି ଶକ୍ତି ଏସିଆ ମହାଦେଶରେ ନାହିଁ। ଏଥିରୁ ଶିକ୍ଷା ନେଇ ଭାରତ ଭଳି ଦେଶକୁ ନିଜର ପଡ଼ୋଶୀ ରାଷ୍ଟ୍ରଗୁଡ଼ିକ ସହ ସୁସମ୍ପର୍କ ଗଢ଼ିବା ସହିତ ନିଜର ଅର୍ଥନୈତିକ ପରିସ୍ଥିତିରେ ଖୁବ୍‌ଶୀଘ୍ର ସୁଧାର ଆଣିବାକୁ ପଡ଼ିବ। ତାହା ଅର୍ଥନୀତିରେ ବିକାଶ ଆସିଲେ ସାମରିକ ଶକ୍ତି ବଢ଼ିବା ସମ୍ଭବପର। ସେଥିରେ ମଧ୍ୟ ପେଟ୍ରୋଲିୟମ୍ ବିହୀନ ଭାରତ ପାଇଁ ବିରାଟ ଆହ୍ୱାନ ରହିଛି। ଏହି ସମସ୍ୟା ଦୂର ଭବିଷ୍ୟତ ନୁହେଁ, ଅତି ନିକଟ ଭବିଷ୍ୟତରେ ସାମ୍ନା କରିବାକୁ ପଡ଼ିପାରେ।



# ସୈନ୍ୟ ମିଳିବେ ନାହିଁ ଯୁଦ୍ଧ କରିବାକୁ

ସହଦେବ ସାହୁ

ଏଣିକି ଯୁଦ୍ଧ ଆରମ୍ଭ କରିବା ପୂର୍ବରୁ ଆକ୍ରମଣ କରିବାକୁ ଚାହୁଁଥିବା ନେତା ଓ ତାଙ୍କ ଅନୁଗାମୀମାନେ ଚିନ୍ତାରେ ପଡ଼ିଲେଣି, ସେନାବାହିନୀ ଯଥେଷ୍ଟ ନ ଥିଲେ ଯୁଦ୍ଧ କରିବା ବୃଥା। ନୌ ଓ ବାୟୁସେନା ଧ୍ୱସ୍ତବିଧ୍ୱସ୍ତ କରିଦେବ ସିନା ବିଜିତ ଅଞ୍ଚଳକୁ ଅକ୍ତିଆରରେ ରଖିବାକୁ ସୈନ୍ୟବଳ ଦରକାର। ମନେପକାନ୍ତୁ ୧୯୪୪ରେ ନର୍ମାଣ୍ଡି ଆକ୍ରମଣ ପାଇଁ ୧,୫୬,୦୦୦ ସୈନ୍ୟ ଫ୍ରାନ୍ସର ଉପକୂଳରେ ଓହ୍ଲାଇଥିଲେ। କେତେକ ଓସ୍ତାଦ କହୁଛନ୍ତି, ଯଦି ଚାଇନା ତାଇୱାନକୁ ଆକ୍ରମଣ କରେ ପ୍ରାୟ ୧୦ ଲକ୍ଷ ସୈନ୍ୟ ଦରକାର କରିବ। ଯଦି ଆମେରିକା ଫର୍ମୋଜାକୁ (ଗୋଟିଏ ଟାପୁକୁ) ରକ୍ଷା କରିବାକୁ ଚାହେଁ, ପ୍ରଥମ ୩ ସପ୍ତାହରେ ଯାହାଙ୍କୁ ମରଣମୁହଁକୁ ଠେଲିଦେବ ତାହା ଇରାକ–ଆଫଗାନିସ୍ଥାନରେ ୨୦ ବର୍ଷର ଯୁଦ୍ଧରେ ହରାଇଥିବା ସୈନ୍ୟସଂଖ୍ୟାର ପ୍ରାୟ ଅଧା ହେବ ବୋଲି ପଣ୍ଡିତମାନେ ହିସାବ କରୁଛନ୍ତି। ଏମାନଙ୍କ ଭିତରେ ଅଧିକାଂଶ ହୋଇଥିବେ ଜବରଦସ୍ତିରେ ନିଯୁକ୍ତ, କନ୍‌ସ୍କ୍ରିପ୍ଟ ବା ଇଚ୍ଛା ବିରୋଧରେ ଭର୍ତ୍ତି ହୋଇଥିବା ନବଯୁବକ (ଏଯାଏ ଯୁବତୀଙ୍କୁ ନିଆଯିବାର ଆଇନ କୌଣସି ଦେଶ କରିନାହାନ୍ତି)। ସାମରିକ ଶକ୍ତି ବଢ଼ିଚାଲିଛି, କିନ୍ତୁ ସେନା ମିଳୁନାହାନ୍ତି। ରୁଷିଆ–ୟୁକ୍ରେନ ଯୁଦ୍ଧ ଜଣାଉଛି ରୁଷିଆ କିପରି ଅନ୍ୟ ଦେଶର ଲୋକଙ୍କୁ ମଜୁରି ଦେଇ ଲଢ଼ିବାକୁ କହୁଛି। ୟୁଏସ୍‌ଏ ଓ ଚାଇନା ଭିତରେ ଯୁଦ୍ଧ ହେଲେ କେତେ ସୈନ୍ୟ ଲାଗିବେ ଭାବି ହେଉ ନାହିଁ। ଭିଏତ୍‌ନାମ ଯୁଦ୍ଧରେ ଯୁକ୍ତରାଷ୍ଟ୍ର ଆମେରିକା ୨୭ ଲକ୍ଷ ସେନା ଓ ସେନାଧିକାରୀଙ୍କୁ ଲଗାଇଥିଲା, ତହିଁରୁ ୫୮,୦୦୦ ମଲେ ଯୁଦ୍ଧର ପ୍ରଥମ ୩ ସପ୍ତାହରେ, ସେମାନଙ୍କ ଭିତରେ ୩୦% ଥିଲେ ସଦ୍ୟ–ଜବରଦସ୍ତ ନିଯୁକ୍ତ ସୈନ୍ୟ। ସେଣ୍ଟର ଫର୍ ଏ ନିୟୁ ଆମେରିକାନ୍ ସେକ୍ୟୁରିଟି (CNAS) ନାମକ ଏକ ପ୍ରତିରକ୍ଷା ଚିନ୍ତନ ସଂସ୍ଥା ଅନୁଶୀଳନ କରିଛି: ଯଦି କେବେ ଯୁଦ୍ଧ ହୁଏ, ଆମେରିକାକୁ ୧୯୩ ଦିନରେ ଲକ୍ଷେ ଜବରଦସ୍ତ ସୈନିକ ନିଯୁକ୍ତ କରିବାକୁ ପଡ଼ିବ ତାହାର ତାଇୱାନ ଯୁଦ୍ଧ ସାଙ୍ଗକୁ ନିଜର ପଶ୍ଚିମ ଉପକୂଳକୁ ଚାଇନା ଆକ୍ରମଣରୁ ରକ୍ଷା କରିବାକୁ। ୫ ଲକ୍ଷ ଯୁବକଙ୍କୁ ଧରିଆଣିଲେ ଲକ୍ଷେ ବି ମିଳିବା କଷ୍ଟ। ଆମେରିକା ଆଇନ କହେ ୧୮ରୁ ୨୫ ବର୍ଷ ବୟସ ଭିତରେ ଥିବା ସମସ୍ତଙ୍କୁ ନୋଟିସ୍ ପଠାହେବ, ଅନେକଙ୍କ ଠିକଣା ଠିକ୍ ନ ଥିବ, ଅନେକେ ସାମର୍ଥ୍ୟ ନାହିଁ କାରଣ ଦେଖାଇବେ, କେତେ ବି କୋର୍ଟରେ ଆଶ୍ରୟ ନେବେ, ବହୁତ ଜନପ୍ରତିବାଦ ହେବ, କେତେକ ବଛା ହୋଇଥିବା ଲୋକ ଯୁଦ୍ଧ କରିବାକୁ ବିବେକ କହୁନାହିଁ ବୋଲି ପ୍ରତିବାଦ କରିବେ, (ଭିଏତ୍‌ନାମ ଯୁଦ୍ଧରେ ତ ୩ ଲକ୍ଷ ଗଲେ ନାହିଁ ବା ଯାଇଥିବା ଅନେକେ ଯୁଦ୍ଧକ୍ଷେତ୍ର ଛାଡ଼ି ପଳାଇଲେ।) ନିଜେ ପେଣ୍ଟାଗନ (ଆମେରିକାର ପ୍ରତିରକ୍ଷା ବିଭାଗ) ହିସାବ କରିଛି ଯେ, ଯୁବ ଆମେରିକାନ୍‌ମାନଙ୍କ ଭିତରେ ୭୭% ସେନାବାହିନୀରେ ପଶିବାର ଅଯୋଗ୍ୟ। କାରଣ ମୋଟାପା, ନିଶାସେବନ, ଶାରୀରିକ ବା ମାନସିକ



ଅକ୍ଷମତା। ତା' ଉପରେ ପୁଣି ଯନ୍ତ୍ରପାତି, ଟ୍ରେନିଂ ସୁବିଧା, ରସଦ ଯୋଗାଡ଼, ପରିବହନ ଇତ୍ୟାଦିର ସମସ୍ୟା ଅଛି। ୨୦୨୩ ଅକ୍ଟୋବର ୭ର ହମାସ୍ ଆକ୍ରମଣ ପରେ ଇସ୍ରାଏଲ୍ ୩ ଲକ୍ଷ ରିଜର୍ଭ ଥିବା ଲୋକଙ୍କୁ ଯେତେବେଳେ ଡାକିଲା, ପ୍ରସ୍ତୁତି ନିଅଣ୍ଟ ଦିଶିଲା, ଯାନବାହନ, ଯନ୍ତ୍ରପାତି, ଟ୍ରେନିଂ ସୁବିଧା ଓ ସ୍ଥାନ ଇତ୍ୟାଦିର ଅସୁବିଧା। ତାହାହେଲେ କ'ଣ ବିନା ସୈନିକରେ ଯୁଦ୍ଧ ହେବ ? ବିମାନ ବାହିନୀ ଓ ସାମୁଦ୍ରିକ ବାହିନୀ ଦ୍ୱାରା ଧୂଳିସାତ୍ କରିଥିବା (ଜିତିଥିବା) ଭୂଇଁକୁ ଜଗିବ କିଏ ?

ଯୁକ୍ତରାଷ୍ଟ୍ର ଆମେରିକାରେ ସୈନ୍ୟବାହିନୀରେ ଯୋଗଦେବାକୁ ଲୋକ ମିଳୁନାହାନ୍ତି, ହଜାର ହଜାର ପାହ୍ୟାରେ ଅଧିକାରୀ ନାହାନ୍ତି, ସମ୍ପ୍ରତି ରାଷ୍ଟ୍ରପତି ହୋଇଥିବା ଟ୍ରମ୍ପ୍ ପରା ହାଡ଼ବଙ୍କା (BONE SPURS) ରୋଗ ହୋଇଛି ଦେଖାଇ ଭିଏତ୍‌ନାମ ଯୁଦ୍ଧରେ ଭର୍ତ୍ତି ହେବାରୁ ମନା କରିଥିଲେ, ଯେତେବେଳେ ଆମେରିକା ସେନା–ରିକ୍ରୁଟ୍‌ମେଣ୍ଟ ବୟସ ୧୯କୁ କମାଇ ଦେଇଥିଲା। ଜର୍ମାନୀରେ ରିକ୍ରୁଟ୍‌ମେଣ୍ଟ ସତ୍ତ୍ୱେ ତା'ର ସାମରିକ ବାହିନୀ ଗତ କେତେ ବର୍ଷ ହେଲା ସଂକୁଚିତ ହେଉଛି। ବିଲାତ ସରକାର ତାଙ୍କର ୪ଟି ଯୁଦ୍ଧ ଜାହାଜକୁ ଅଚଳ କରିବାକୁ ଯାଉଛନ୍ତି, କାରଣ ସେଗୁଡ଼ିକୁ ଚଳାଇବାକୁ ନାବିକ ମିଳୁନାହାନ୍ତି। ଚାଇନା ସହ ସମ୍ପର୍କ ତିକ୍ତ ହେଉଥିବାରୁ ଜାପାନ ସାମରିକ ବାହିନୀ ବଢ଼ାଇବାକୁ ଚାହୁଁଥିଲେ ବି ଜାପାନର ସୁରକ୍ଷା ବାହିନୀ (Self-Defense Forces) ତା'ର ରିକ୍ରୁଟମେଣ୍ଟ ଲକ୍ଷ୍ୟ ପୂରଣ କରିପାରୁନାହିଁ। ବିଶ୍ୱର ବୃହତ୍ତମ ସାମରିକ ଶକ୍ତି ବୋଲାଉଥିବା ଚାଇନା ତା'ର କ୍ରମୋନ୍ନତ ଅସ୍ତ୍ରଶସ୍ତ୍ର ବ୍ୟବହାର କରିବା ଲାଗି ଯୋଗ୍ୟ ହାଇସ୍କୁଲ–ପାସ୍ ଲୋକ ପାଉନାହିଁ। କେତେକ ପଣ୍ଡିତ ସନ୍ଦେହ କରୁଛନ୍ତି କି ତାଇୱାନ ଆକ୍ରମଣ କରିବାକୁ ଦରକାର ବାହିନୀ ଯଥେଷ୍ଟ ପରିମାଣରେ ଚାଇନା ପାଉନାହିଁ ବୋଲି ଆଜିଯାଏ ଆକ୍ରମଣ କରିନାହିଁ। କେତେକ ଦେଶର ନେତା କନ୍‌ସ୍କ୍ରିପ୍‌ସନ୍ ପ୍ରସ୍ତାବ ଆଣିବାକୁ ଡରୁଛନ୍ତି, କାଳେ ଭୋଟରମାନେ ସେମାନଙ୍କୁ ହରାଇଦେବେ। ଆମ ଦେଶରେ ଅଗ୍ନିବୀର ଭଳି ୪ ବର୍ଷିଆ (ସ୍ଥାୟୀ ନୁହେଁ) ଚାକିରି ଆରମ୍ଭ ହୋଇଛି: ଯୋଜନାର ନାଁ ଅଗ୍ନିପଥ, ନିଆଁର ବାଟ। ରୁଷ୍–ୟୁକ୍ରେନ କ'ଣ ଶିଖାଉଛି ? ଖାତ ଖୋଳା ଯୁଦ୍ଧ, ଟାଙ୍କ୍ ଯୁଦ୍ଧ, ତୋପ ଯୁଦ୍ଧ ଭଳି ଆଗକାଳର ଯୁଦ୍ଧ ଆଗରେ ରୁଷ୍ ବେଶି ଆଗେଇ ପାରୁନାହିଁ, ୩ ବର୍ଷ ଯୁଦ୍ଧ ପରେ ବି କେତେଟା ଗାଁ ବା ଛୋଟ ସହର ଥରେ ଦଖଲ କରୁଛି ତ ପୁଣି ବେଦଖଲ ହେଉଛି। ବର୍ଷେ କାଳ ଚାଲିଥିବା ବାଖମୁତ୍ ଲଢ଼େଇରେ ରୁଷିଆ ୱାଗନର୍ ଗ୍ରୁପ୍ ନାମକ ଠିକାଦାରକୁ ଲଢେଇ ଦାୟିତ୍ୱ ଦେଲା, ଅଧିକାର କଲା ୟୁକ୍ରେନ–ପୂର୍ବାଞ୍ଚଳର ଏହି ଛୋଟ ସହରଟିକୁ। ଏ ଯାବତ୍ ୧୯,୫୦୦ ରୁଷ୍ ସୈନ୍ୟ ମଲେଣି। ୧୯୮୦ ଦଶକର ଦଶବର୍ଷିଆ ଆଫଗାନିସ୍ଥାନ ଯୁଦ୍ଧରେ ଏତେ ସୈନ୍ୟ ମରିନଥିଲେ। କନ୍‌ସ୍କ୍ରିପ୍ଟମାନେ ରୁଷିଆ ବାହାରେ କାମ କରିପାରିବେ ନାହିଁ ବୋଲି ରୁଷୀୟ ନିୟମ। ୨୦୨୨ରେ ରୁଷିଆ ଆଂଶିକ ମୋବିଲାଇଜେଶନ୍ ଜାରି କରି ୩ ଲକ୍ଷ ସୈନ୍ୟ ନିଯୁକ୍ତ କରିବାର ଯୋଜନା କରିଥିଲା, ତା'ର ଦୁଇଗୁଣ ଲୋକ ଜବରଦସ୍ତ ନିଯୁକ୍ତିକୁ ଏଡ଼ାଇବା ଲାଗି ଦେଶ ଛାଡ଼ି ପଳାଇଲେ। ଏହାକୁ ରୋକିବା ଲାଗି ରୁଷିଆ ଦୁଇଗୁଣ ଦରମା ଦେଲା, ଜେଲ୍ ଭୋଗୁଥିବା ଲୋକଙ୍କୁ ସେନାରେ ଯୋଗ ଦେଲେ କ୍ଷମା ଦେଲା।

ରୁଷ ଆକ୍ରମଣ ଆରମ୍ଭରେ ବହୁଳ ସଂଖ୍ୟାରେ ୟୁକ୍ରେନୀୟ ମାତୃଭୂମିର ରକ୍ଷା ପାଇଁ ଆଗେଇ ଆସିଲେ, ତିନି ବର୍ଷ ପରେ ୨୦୨୫ ଆରମ୍ଭରେ ସମ୍ମୁଖ–ଲଢ଼େଇ ପାଇଁ ଲୋକ ମିଳୁନାହାନ୍ତି। ଏବେ ୟୁକ୍ରେନୀୟ ସୈନ୍ୟଙ୍କ ହାରାହାରି ବୟସ ୪୦, ବିଶ୍ୱମାନଦଣ୍ଡରେ ବୁଢ଼ା। ଭାଲୋଡୋମିର ଜେଲେନ୍‌ସ୍କି ରିକ୍ରୁଟମେଣ୍ଟ ବୟସ ୨୭ରୁ ୨୫କୁ କମାଇଲେଣି, ଜେଲ୍‌ରୁ ବନ୍ଦୀଙ୍କୁ ମୁକୁଲେଇ ଯୁଦ୍ଧରେ ଲଗାଇଲେଣି। ୟୁକ୍ରେନ୍‌ର ଆଉ ଏକ ସମସ୍ୟା ଯେ, ତା'ର ଜନସଂଖ୍ୟା କମୁଛି, ୧୯୯୧ରେ ସ୍ୱାଧୀନତା ପର ଜନସଂଖ୍ୟା ଥିଲା ୫୧୫ ଲକ୍ଷ, ୨୦୧୯ ବେଳକୁ କମି ୩୭୯ ଲକ୍ଷ, ଆମ ଓଡ଼ିଶାଠୁଁ କୋଟିଏ କମ୍। ଏବେ ଯୁଦ୍ଧ ଭୟରେ ୬୦ ଲକ୍ଷରୁ ବେଶି ଦେଶ ଛାଡ଼ି ପଳାଇଛନ୍ତି, ଦେଶର ଅର୍ଥନୀତି ଶୋଚନୀୟ, ଶ୍ରମିକ ମିଳୁନାହାନ୍ତି। କ'ଣ କିଶୋରମାନଙ୍କୁ ବଳିଦେବାକୁ ପଡ଼ିବ ?

ଜନ୍ମହାର କମି ଯାଉଥିବା ଦକ୍ଷିଣ କୋରିଆ ଉତ୍ତର କୋରିଆର ଶତ୍ରୁତାକୁ ମୁକାବିଲା କରିବାର ରାସ୍ତା ଖୋଜୁଛି। ଉପସ୍ଥିତ ସ୍ତରରେ ସେନା ରଖିବାକୁ ହେଲେ ବର୍ଷକୁ ୨ ଲକ୍ଷ ପୁରୁଷ ଦରକାର, କିନ୍ତୁ ବୟସ ୨୦ ତଳେ ସଉଆ ଲକ୍ଷେରୁ ବେଶି ମିଳୁନାହାନ୍ତି। ପ୍ରାଚ୍ୟ ଏସିଆ ଭଳି ପ୍ରାଚ୍ୟ ୟୁରୋପର ଜନସଂଖ୍ୟା, କମ୍ ବଳ ଥିବାରୁ ସେମାନେ ମେଣ୍ଟ ହୋଇ ଲଢ଼ିବାକୁ ନାଟୋ ଗଢ଼ିଛନ୍ତି। 'ପ୍ରତି ପରିବାରରେ ଗୋଟିଏ ଛୁଆ' ଚିନ୍ତାରେ ଅତିଷ୍ଠ ହୋଇ ଚାଇନା ଓଲଟା ପେନ୍‌ସନ ଆଇନ କଲାଣି: ଯୁଦ୍ଧରେ ପିଲା ମଲେ ମା'ବାପା ପେନ୍‌ସନ୍ ଆଦି ପାଇବେ। ବୁଢ଼ାବୁଢ଼ୀଙ୍କ ସଂଖ୍ୟା ବଢ଼ିବା ଶାନ୍ତିର ସମୟ (geriatric peace) ଆଣୁଛି କି? ବର୍ତ୍ତମାନର ସମର୍ଥ ଯୁବଶକ୍ତି ଉଚ୍ଚ ଆୟର ନିଯୁକ୍ତି ପାଉଛନ୍ତି, ଯାହା ଶାନ୍ତି ସମୟ ଚାହେଁ। ସାଧାରଣ ଅଣରାଜନୀତିର ଲୋକେ କୋର୍ଟ, ଗଭର୍ନମେଣ୍ଟ, ମିଡିଆ ଓ ସାମରିକ ବାହିନୀ ପ୍ରତି ଆସ୍ଥା ହରାଉଛନ୍ତି। କିଛି ଦିନ ପରେ କେହି ଯୁଦ୍ଧ ଚାହିଁବେ ନାହିଁ ବୋଲି ଭ୍ଲାଡିମିର ପୁଟିନ୍ ବା ଜି ଜିନ୍‌ପିଙ୍ଗ କଳନା କରିନେଲେଣି କି ଆଉ ବେଳ ମିଳିବ ନାହିଁ (କ୍ଷମତା ହସ୍ତାନ୍ତର ତତ୍ତ୍ୱ, power transition theory), ଏବେ ସୈନ୍ୟବାହିନୀ ଶକ୍ତ ଥିଲା ବେଳେ, ଯାହା ପାରୁଛ ନେଇନିଅ, ନୂଆ ଭୂଇଁକୁ ଅଧିକାରରେ (ପାଦତଳେ) ରଖିବା ସଂଖ୍ୟକ ସୈନ୍ୟ ଥିବା ବେଳେ !

**ମୋ: ୭୦୦୮୭୬୪୦୩୪**



# ଇୟର ଫୋନ୍ ବଧିର କରିବ

ନାରାୟଣ ଚନ୍ଦ୍ର ବିଶ୍ୱାଳ

ବର୍ତ୍ତମାନ ସମୟର ଜୀବନଶୈଳୀକୁ ଦେଖିଲେ ଯାହା ଜଣାପଡୁଛି, ଅନେକଙ୍କର ଶ୍ରବଣ ଶକ୍ତି କମିବାର ପ୍ରମୁଖ କାରଣ ହେଉଛି ଇୟର ଫୋନର ମାତ୍ରାଧିକ ବ୍ୟବହାର। ମୋବାଇଲରେ କଥା ଓ ମନୋରଞ୍ଜନ ଲାଗି ଅତି କର୍କଶ ଶବ୍ଦର ପରିବେଶିତ ସଙ୍ଗୀତ ବିଶେଷକରି ଡିଜେର ପ୍ରଚଣ୍ଡ ଶବ୍ଦ କାନକୁ ବଧିରା କରିଦେବା ପାଇଁ ଯଥେଷ୍ଟ। ଆଜିର ସମୟରେ କେବଳ ଯୁବପିଢ଼ି ନୁହନ୍ତି, ଅଧିକାଂଶ ମୋବାଇଲରେ ନିଜକୁ ବ୍ୟସ୍ତ ରଖୁଥିବାବେଳେ ହେଡ୍‌ଫୋନ ଓ ଇୟର ଫୋନ ଘଣ୍ଟା ଘଣ୍ଟା ଧରି ସେମାନଙ୍କ କାନରେ ରହୁଛି, ଯାହା ଶୁଣିବା ଶକ୍ତିକୁ ଉଦ୍‌ବେଗଜନକ ଭାବେ ହ୍ରାସ କରିବାର କାରଣ ତ ସାଜିଛି। ଏହାର ଅନ୍ୟ ପ୍ରମୁଖ ପାରିପାର୍ଶ୍ୱିକ କାରଣ ମଧ୍ୟ ରହିଛି। ପାଠପଢ଼ା ହେଉ ବା ଅନ୍ୟାନ୍ୟ ବୃତ୍ତିଗତ କାର୍ଯ୍ୟ। ହେଡ୍‌ଫୋନ ଦିନକୁଦିନ କେତେ ଯେ ଘାତକ ହେଉଛି ତାହା କଳ୍ପନାର ବାହାରେ। ଏକ ପ୍ରମୁଖ ସ୍ୱାସ୍ଥ୍ୟଭିତ୍ତିକ ପତ୍ରିକାର ରିପୋର୍ଟ ଅନୁଯାୟୀ, ଭାରତରେ ସାଢ଼େ ଛଅ କୋଟିରୁ ଉର୍ଦ୍ଧ୍ୱ ଓ ପୃଥିବୀରେ ଦେଢ଼ଶହ କୋଟିରୁ ଉର୍ଦ୍ଧ୍ୱ ଲୋକ ନିଜର ଶ୍ରବଣ ଶକ୍ତି ହରାଇବାକୁ ଯାଉଛନ୍ତି। ଆଗାମୀ ୨୦୫୦ବେଳକୁ ପୃଥିବୀରେ ୨୫୦ କୋଟି କିମ୍ବା ପ୍ରତି ୧୦ଜଣଙ୍କ ଭିତରୁ ଜଣେ ନିଜ ଶ୍ରବଣ ଶକ୍ତି ହରାଇବାର ଆଶଙ୍କା ରହିଛି।

ସାଧାରଣତଃ ବଧିର ହେବାର ତ ଅନେକ କାରଣ ରହିଛି। ସେଗୁଡ଼ିକ ବଂଶାନୁକ୍ରମିକ ହୋଇପାରେ, ପ୍ରଦୂଷଣର କାରଣ ହୋଇପାରେ ଆଉ ରୋଗଜନିତ କାରଣ ମଧ୍ୟ ହୋଇପାରେ। କେନ୍ଦ୍ର ସରକାରଙ୍କ ପ୍ରଦତ୍ତ ତଥ୍ୟ ଅନୁଯାୟୀ ପ୍ରତିବର୍ଷ ଆମ ଦେଶରେ ୨୭,୦୦୦ରୁ ଉର୍ଦ୍ଧ୍ୱ ପିଲାଙ୍କର କାନ ସମସ୍ୟା ରହିଛି। ପ୍ରାଥମିକ ସମୟରୁ ସଚେତନ ରହିଲେ ଓ ପରୀକ୍ଷାନିରୀକ୍ଷା ସଠିକ ସମୟରେ ହୋଇପାରିଲେ ଏବଂ ପ୍ରାରମ୍ଭରୁ ସମସ୍ୟାକୁ ଅଣଦେଖା ନ କରି ଗୁରୁତ୍ୱ ଦେଲେ ଏହା ଆରୋଗ୍ୟସାଧ୍ୟ ନିଶ୍ଚିତ। ପ୍ରାଥମିକ ଚିକିତ୍ସାରେ କର୍ଣ୍ଣ, ଶ୍ରବଣ ଶକ୍ତି ପରୀକ୍ଷା ଓ ଯତ୍ନ ଦ୍ୱାରା ଶ୍ରବଣ ଶକ୍ତି ସମସ୍ୟା ନିର୍ଣ୍ଣୟ କରିବା ଲୋକମାନଙ୍କ ପାଇଁ ଲାଭଦାୟକ ହୋଇପାରେ। ଏହା ସାଧାରଣ କଥା ଶ୍ରବଣ ଶକ୍ତି ହ୍ରାସ ପାଇବାର ପ୍ରମୁଖ କାରଣ ହେଉଛି ଶବ୍ଦ ପ୍ରଦୂଷଣ। ସେହିପରି ଯୁବପିଢ଼ି ସର୍ବଦା ଇୟର ଫୋନ୍‌କୁ କାନରେ ଗେଞ୍ଜି ଘଣ୍ଟା ଘଣ୍ଟା ଧରି ବ୍ୟବହାର କରୁଥିବାରୁ ଏହା କେବଳ ଯେ କାନରେ ସଂକ୍ରମଣ ବଢ଼ାଇବ ତାହା ନୁହେଁ, ବରଂ ଆଗାମୀ ଦିନରେ ଖୁବ୍ କମ୍ ବର୍ଷ ବୟସରୁ ଜଣଙ୍କର ଶ୍ରବଣ ଶକ୍ତିକୁ ନଷ୍ଟ କରିପାରେ। ସେହିପରି ଯେଉଁମାନଙ୍କର ଡାଇବେଟିସ୍ ଓ ଉଚ୍ଚ ରକ୍ତଚାପ ସମସ୍ୟା ରହିଛି, ସେମାନଙ୍କର ଶ୍ରବଣ ଶକ୍ତି କମ୍ ହୋଇଯିବାର ଆଶଙ୍କା ବଢ଼ିଯାଏ। ଏହାସହ ଅନ୍ୟ ପ୍ରମୁଖ କାରଣ ମଧ୍ୟ ରହିଛି। ଶବ୍ଦ ପ୍ରଦୂଷଣ, ଅଟୋ ଟକ୍ସିକ ଡ୍ରଗ୍‌ସ ଓ ଅଟୋ ଟକ୍ସିକ କେମିକାଲ ବ୍ୟବହାର ଦ୍ୱାରା ବୃଦ୍ଧାବସ୍ଥାରେ ବଧିରତା ସମସ୍ୟା ବୃଦ୍ଧି ପାଉଛି। ଆଜିକାଲି ଜନ୍ମ ହେବା ପରେ ପରେ ଓ.ଏ.ଇ. ଟେଷ୍ଟ କରାଯାଉଛି। ଯଦି ଛୁଆଟିଏ କଥା କହିବାକୁ ଡେରି କରେ କିମ୍ବା ପଛରୁ ଡାକିଲେ ଶୁଣିପାରେ ନାହିଁ, ଆମେ ଜାଣିଯିବା ଯେ ତାକୁ ଶୁଭୁ ନାହିଁ। ସେଥିପାଇଁ ଆମେ ଯଥାଶୀଘ୍ର ତା'ର ପରୀକ୍ଷା କରିନେବା ଜରୁରୀ। ତେବେ କୋକଲିୟର ଇମପ୍ଲାଣ୍ଟଡିଭାଇସ୍ ଦ୍ୱାରା ଆମେ କିଛି ମାତ୍ରାରେ ଶ୍ରବଣ ଶକ୍ତି ଫେରି ପାଉଛେ।



ଏହାର ଦାମ ୬.୫ ଲକ୍ଷରୁ ଆରମ୍ଭ ହେଉଛି।

କାନକୁ ନେଇ ଅନେକଙ୍କ ଭିତରେ ଆଦୌ ସଚେତନତା ନାହିଁ କହିଲେ ଅତ୍ୟୁକ୍ତି ହେବନାହିଁ। ଜଣଙ୍କର ଶ୍ରବଣ ଶକ୍ତି ହରାଇବାର କୌଣସି ବୟସ ନ ଥାଏ। ବୟସ୍କ ଲୋକମାନଙ୍କର ଯେ କେବଳ ଶ୍ରବଣଶକ୍ତି ହ୍ରାସ ହୋଇଥାଏ ଏହା ଭାବିବା ଆଦୌ ଠିକ୍ ନୁହେଁ। ସେହିପରି ଥରେ ଶ୍ରବଣ ଶକ୍ତି କମିଗଲେ ଏହା ଆଉ ଫେରିବାର ସମ୍ଭବ ହୋଇପାରିନଥାଏ। ଅନେକେ ହୁଏତ ଜାଣିନଥା'ନ୍ତି ପିଲାଟି ଜନ୍ମ ହେବାର ପ୍ରାଥମିକ ୪୮ଘଣ୍ଟା ଭିତରେ ତା'ର ଶ୍ରବଣ ଶକ୍ତି ପରୀକ୍ଷା କରିବା ଜରୁରୀ ହୋଇଥାଏ। ଅନ୍ୟ କେତେକଙ୍କ କ୍ଷେତ୍ରରେ ପିଲାଟି ମାଆର ଗର୍ଭରେ ଥିବା ସମୟରୁ ହିଁ ଏହି ସମସ୍ୟା ରହିଯାଇଥାଏ। ତେଣୁ ପରବର୍ତ୍ତୀ ତିନିମାସ ପରେ କାନ ପରୀକ୍ଷା କରିବା ପ୍ରୟୋଜନୀୟ ହୋଇଥାଏ। ନେଗେଟିଭ ବାହାରିଲେ ଅନ୍ୟ ଏକ ପରୀକ୍ଷା, ଯାହାକୁ ବେରା ଟେଷ୍ଟ କୁହାଯାଏ। ଏହି ପରୀକ୍ଷାଟି କରାଯାଏ। ପିଲାମାନଙ୍କଠାରେ ଭାଇରାଲ ଫିଭର ଦେଖାଦେଇଥାଏ। ତେବେ କେତେକ କ୍ଷେତ୍ରରେ ଭାଇରାଲ ଫିଭରର କାରଣ ପାଇଁ ଅନେକ ଶିଶୁ ଶ୍ରବଣ ଶକ୍ତି ହରାଇଥା'ନ୍ତି। ସେହିପରି ଏକ ବର୍ଷରୁ ପନ୍ଦର ବର୍ଷ ବୟସର ପିଲାମାନଙ୍କ କ୍ଷେତ୍ରରେ ସେମାନଙ୍କ କାନରେ ଯେ କୌଣସି କାରଣଜନିତ ସଂକ୍ରମଣ ରହିଲେ ଏହା ସେମାନଙ୍କ କର୍ଣ୍ଣ ଗହ୍ୱରକୁ ପ୍ରଭାବିତ କରିଥାଏ ଓ ଏହା ବଧିରତା ସୃଷ୍ଟି କରେ। କାନରେ ହାଡ଼ ଖାଇ ଯାଇଥିଲେ କିମ୍ବା କୌଣସି ଦୁର୍ଘଟଣାଜନିତ କାରଣରୁ ପରଦା ଆଘାତ ପ୍ରାପ୍ତ ହୋଇ ଫାଟିଗଲେ ଜଣକୁ ଶୁଣାଯାଏ ନାହିଁ। ସେହିପରି ବୟସ ବଢ଼ିଲେ କାନ ସହ ସଂଲଗ୍ନ ହୋଇଥିବା ସ୍ନାୟୁଟି ଦୁର୍ବଳ ହୋଇ ନଷ୍ଟ ହେବା କାରଣରୁ ବଧିର ହେବାର ସମ୍ଭାବନା ରହିଥାଏ। ପିଲାଟି ମାତୃଗର୍ଭରେ ଥିବା ସମୟରେ ଆସନ୍ନପ୍ରସବା ମାଆଟି ରୁବେଲା, ମିଳିମିଳା କିମ୍ବା ସିଫଲିସ ଭଳି ରୋଗର ଶିକାର ହେଲେ ଏହା ପିଲାଟିରେ ଶ୍ରବଣ ଶକ୍ତି ଉପରେ ପ୍ରଭାବ ପକାଇଥାଏ। ତେଣୁ ଏ କ୍ଷେତ୍ରରେ ପ୍ରାଥମିକ ଅବସ୍ଥାରୁ ଇଏନ୍‌ଟି ବିଶେଷଜ୍ଞଙ୍କ ପରାମର୍ଶ ଜରୁରୀ। ଠିକ୍ ସମୟରେ ଡାକ୍ତରୀ ପରାମର୍ଶ ସହ ସଚେତନ ରହିଲେ ଶ୍ରବଣଜନିତ ସମସ୍ୟା ପରବର୍ତ୍ତୀ ସମୟରେ ଘାତକ ସାବ୍ୟସ୍ତ ହୁଅନ୍ତା ନାହିଁ। ପ୍ରଥମରୁ ସମସ୍ୟାକୁ ଚିହ୍ନଟ କରି ବିଶେଷଜ୍ଞଙ୍କ ସହାୟତା ନେଲେ ଆଜିକାଲି ଉନ୍ନତ ଶ୍ରବଣ ପ୍ରଯୁକ୍ତି ବିଦ୍ୟା ସାହାଯ୍ୟରେ ଏହି ସବୁ ସମସ୍ୟାରୁ ମୁକ୍ତି ମିଳିପାରିବ। ଶରୀରର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ଏହି ଅଙ୍ଗର ଯତ୍ନ ନେବା ଯେତିକି ଜରୁରୀ ଏ ନେଇ ଅନ୍ୟମାନଙ୍କ ଭିତରେ ସଚେତନତାକୁ ବ୍ୟାପକ କରିବା ମଧ୍ୟ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ। ତେବେ ସର୍ବପ୍ରଥମେ ଘଣ୍ଟା ଘଣ୍ଟା ଧରି ଇୟର ଫୋନ ଓ ହେଡ୍ ଫୋନଠାରୁ ଦୂରେଇବା ଅଭ୍ୟାସ ଆପଣାନ୍ତୁ। କାନ ଆପଣଙ୍କ ଶରୀର ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ ନିଜେ ଅନୁଭବ କରି ଏହାର ଯତ୍ନ ନିଅନ୍ତୁ, ନଚେତ୍ ବଧିରତା ଆପଣଙ୍କୁ ନିଶ୍ଚିତ ଗ୍ରାସ କରିବ।

**ବାକ୍ ଶ୍ରବଣ ବିଶେଷଜ୍ଞ,**
**'ଧ୍ୱନୀ' କାଠଗୋଲାରୋଡ଼,**
**ମଙ୍ଗଳାବାଗ, କଟକ**
**ମୋ: ୯୪୩୮୨୭୬୭୬୦**

## ଏଇ ଭାରତରେ

ଜଳ ପ୍ରଦୂଷଣ ଓ ସଙ୍କଟକୁ ଲକ୍ଷ୍ୟ କରି ତାହାର ସମାଧାନ ପାଇଁ ଆଗକୁ ବଢିଛନ୍ତି ଉତ୍ତରପ୍ରଦେଶ ବୁନ୍ଦେଲଖଣ୍ଡର ରାମବାବୁ ତିୱାରୀ। ଏବେ ତାଙ୍କୁ ୩୦ ବର୍ଷ। ସେ ନିଜ ଗାଁ ଅଧୱାନର ଲୋକଙ୍କ ସହାୟତାରେ ପୋଖରୀ ପୁନରୁଦ୍ଧାର କରିବାରେ ଲଗିଛନ୍ତି। ବର୍ତ୍ତମାନ ସୁଦ୍ଧା ସେମାନେ ବୁନ୍ଦେଲଖଣ୍ଡର ୭୫ଟି ପୋଖରୀର ପୁନରୁଦ୍ଧାର କରିସାରିଲେଣି। ଅନେକ ପୋଖରୀରୁ ପଙ୍କ ବାହାର କରି ତାହାର ପାଣିକୁ ବ୍ୟବହାର ଉପଯୋଗୀ କରିପାରିଛନ୍ତି। ରାମବାବୁ ଏହି କାର୍ଯ୍ୟ ୧୭ ବର୍ଷ ବୟସରୁ ଆରମ୍ଭ କରିଥିଲେ। ସେ ସେତେବେଳେ ଦ୍ୱାଦଶ ଶ୍ରେଣୀରେ ପଢୁଥିଲେ ଓ ବୁନ୍ଦେଲଖଣ୍ଡର ଜଳ ସଙ୍କଟ ଦୂର କରିବା ଲାଗି ନିଷ୍ପତ୍ତି ନେଇ ନିଜ ଗାଁ ପୋଖରୀ ପୁନରୁଦ୍ଧାରରୁ କାର୍ଯ୍ୟ ଆରମ୍ଭ କରିଥିଲେ। ତେବେ ଏହା ତାଙ୍କ କ୍ୟାରିୟର ଓ ଜୀବନର ଗତିପଥରେ ମୁଖ୍ୟ ବିଷୟ ହୋଇଯିବ ବୋଲି ସେ କେବେ ବି କଳ୍ପନା କରି ନ ଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

୩ ମାର୍ଚ୍ଚ ୧୯୭୬

- ୱାର୍କିଂ ଜର୍ଣ୍ଣାଲିଷ୍ଟସ ଫେଡେରେସନଙ୍କ ଆବେଦନ କ୍ରମେ ବୃଦ୍ଧ ତଥା ଅବସରପ୍ରାପ୍ତ ସାମ୍ବାଦିକମାନଙ୍କ ନିମନ୍ତେ କେରଳ ସରକାର ଏକ ନୂତନ ପେନସନ ଯୋଜନା କାର୍ଯ୍ୟକାରୀ କରିଛନ୍ତି।
- ଗୁଜରାଟର ସାଙ୍ଗେଡ଼ା ନିର୍ବାଚନ ମଣ୍ଡଳୀରୁ ବିଶାଳ ମଜଦୁର ଲୋକପକ୍ଷ ଟିକେଟରେ ରାଜ୍ୟ ବିଧାନସଭାକୁ ନିର୍ବାଚିତ ହୋଇଥିବା ଭାଇଜୀ ଭାଇ ଟାଡିଭିଙ୍କ କଂଗ୍ରେସରେ ଯୋଗଦାନ।
- କେନ୍ଦ୍ର ତଥା ରାଜ୍ୟ ଉଭୟ ସ୍ତରରେ ହିସାବ ସମୀକ୍ଷା (ଅଡିଟ)ରୁ ହିସାବପତ୍ର (ଆକାଉଣ୍ଟ୍ସ)କୁ ପୃଥକ୍ କରିବା ଉଦ୍ଦେଶ୍ୟରେ ରାଷ୍ଟ୍ରପତି ୨ଟି ଅଧ୍ୟାଦେଶ ଜାରି କରିଛନ୍ତି।

## ସୁ–ଡୋ–କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 8 | 6 | | | | |
| 5 | | | | | | | | 2 |
| 3 | | | 2 | 9 | 7 | | | |
| | | 6 | 1 | | | 4 | | |
| | | 1 | | | | | | |
| | | | | | 6 | | 2 | 7 |
| 6 | 9 | | | | 8 | | | 5 |
| | 1 | 3 | | | | | | |
| 8 | | 7 | | 1 | 4 | | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 4 | 6 | 9 | 2 | 5 | 1 | 7 |
| 9 | 5 | 2 | 3 | 1 | 7 | 4 | 8 | 6 |
| 6 | 1 | 7 | 5 | 4 | 8 | 2 | 9 | 3 |
| 4 | 6 | 8 | 1 | 7 | 3 | 9 | 5 | 2 |
| 1 | 3 | 9 | 4 | 2 | 5 | 7 | 6 | 8 |
| 2 | 7 | 5 | 8 | 6 | 9 | 1 | 3 | 4 |
| 7 | 2 | 1 | 9 | 3 | 6 | 8 | 4 | 5 |
| 8 | 9 | 6 | 2 | 5 | 4 | 3 | 7 | 1 |
| 5 | 4 | 3 | 7 | 8 | 1 | 6 | 2 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ତମାଖୁର ପ୍ରଭାବ

ମହାଶୟ,

ସାଧାରଣ ଲୋକ ତମାଖୁ ସେବନ କରି ଧୀରେ ଧୀରେ ତମାଖୁର ବଶବର୍ତ୍ତୀ ହୁଏ ଏବଂ ପରେ ଏହାର ପରିଣତି ଭୟାବହ ହୁଏ। ତମାଖୁ ବ୍ୟବହାର ମଧ୍ୟ ସମାଜରେ ବ୍ୟକ୍ତିବିଶେଷ ଏବଂ ପରିବାର ଉପରେ ଆର୍ଥିକ ବୋଝର କାରଣ ପାଲଟେ। ସିଗାରେଟ ଏବଂ ବିଡ଼ି ଧୂଆଁ କେବଳ ବ୍ୟକ୍ତି ଉପରେ ନୁହେଁ ବରଂ ଏହାର ପ୍ରତିକୂଳ ପ୍ରଭାବ ଆଖପାଖରେ ରହୁଥିବା ଶିଶୁ, ମହିଳା ଏବଂ ବୃଦ୍ଧ ବ୍ୟକ୍ତିଙ୍କ ଉପରେ ମଧ୍ୟ ପକାଇଥାଏ। ଫଳରେ ବ୍ୟବହାରକାରୀଙ୍କ ଉପରେ କ୍ୟାନ୍ସର ଭଳି ରୋଗ ଦେଖାଯାଉଥିବା ବେଳେ ଛୋଟଛୁଆଙ୍କ ଉପରେ ସ୍ମୃତିଶକ୍ତି ହରାଇବା ଏବଂ ଶ୍ୱାସରୋଗ ଭଳି ସମସ୍ୟା ଦେଖାଯାଇଥାଏ। ତମାଖୁ ସେବନ ଦ୍ୱାରା ମୁଖ୍ୟତଃ ଫୁସ୍‌ଫୁସ, ମୁଖ ଗହ୍ୱର, ଜିଭ, ମୂତ୍ରାଶୟରେ କର୍କଟ ରୋଗ ଦେଖାଦେଇଥାଏ। ତେବେ ତମାଖୁ ବର୍ଜନ କରିବା ନେଇ ପ୍ରୟାସ ଜାରିରଖିବା ଜରୁରୀ। ଶିକ୍ଷାନୁଷ୍ଠାନର ଶହେ ମିଟର ପରିସୀମା ମଧ୍ୟରେ କୌଣସି ନିଶା ସାମଗ୍ରୀ ଦୋକାନ ରହିବ ନାହିଁ। ଏହି ଆଇନ ୨୦୦୩ରୁ ଲାଗୁ କରାଯାଇଛି। ହେଲେ ଏବେ ବି ଶିକ୍ଷାନୁଷ୍ଠାନ ନିକଟରେ ମାଳମାଳ ନିଶାଦ୍ରବ୍ୟ ଦୋକାନ ରହିଛି।

**–ରବିନାରାୟଣ ପଟ୍ଟନାୟକ, ପଟିଆ, ଭୁବନେଶ୍ୱର**

## ଚିରନ୍ତନୀ

କେତେ ଶୀତ କେତେ ମଧୁମାସ
ଜୀବନର ଜୟ ପରାଜୟ
ଦୁର୍ଦ୍ଦିନ ଅମା କେତେ ଶତ
ଅନ୍ତରେ କାଟିଥିଲା କ୍ଷତ
ପୌଷର ମନ୍ଦ ମଳୟ
ପ୍ରାଣେ ପୁଣି ବଜାଏ ବଳୟ।
–(ପୌଷ–ମଳୟ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପେଟ୍ରୋଲ ଢାଳି ସ୍କର୍ପିଓରେ ନିଆଁ ଲଗାଇଦେଲେ

## ରାଜଧାନୀରେ ଆତଙ୍କ ଖେଳାଇଲେ ଦୁର୍ବୃତ୍ତ

ଭୁବନେଶ୍ୱର,୨।୩
(ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀ ଭୁବନେଶ୍ୱରରେ ଚୋରି, ଛିନ୍ତାଇ, ଆକ୍ରମଣ ଭଳି ଆପରାଧିକ କାର୍ଯ୍ୟକଳାପକୁ ନେଇ ଚିନ୍ତା ବଢ଼ିଛି। ଅପରାଧୀମାନେ ରାସ୍ତାରୁ କଲୋନୀ ଆତଙ୍କ ଖେଳାଉଥିବାରୁ ସହରବାସୀ ନିଜ ଧନଜୀବନକୁ ନେଇ ଅସୁରକ୍ଷିତ ମଣୁଛନ୍ତି। ଘଟଣାକ୍ରମରେ ଦୁଇଜଣ ଦୁର୍ବୃତ୍ତ ଘର ଆଗରେ ଥୁଆ ହୋଇଥିବା ଏକ ସ୍କର୍ପିଓରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଛନ୍ତି। ଖଣ୍ଡଗିରି ଥାନା ଅନ୍ତର୍ଗତ ଡୁମୁଡୁମା ଫେଜ୍-୫ ଅଞ୍ଚଳରେ ଶନିବାର ରାତିରେ ଏଭଳି ଘଟଣା ଘଟିଛି। ସିସି କ୍ୟାମେରାରେ ପୂରା ଘଟଣା କଏଦ ହୋଇଥିବାବେଳେ ଗାଡ଼ି ମାଲିକାଣୀ ରଞ୍ଜିତା ପଟ୍ଟନାୟକ ରବିବାର ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ସିସିଟିଭି ଫୁଟେଜ୍ ଆଧାରରେ ଅଭିଯୁକ୍ତଙ୍କୁ ଚିହ୍ନଟ କରି ଘଟଣାର ତଦନ୍ତ ଆରମ୍ଭ କରିଛି।



ପୋଡ଼ିଯାଇଥିବା ଗାଡ଼ି।

ପୂର୍ବ ଶତ୍ରୁତାରୁ ଅଭିଯୁକ୍ତମାନେ ଏଭଳି କାଣ୍ଡ ଘଟାଇଥିବା ଅନୁମାନ କରାଯାଉଥିବା ପୋଲିସ କହିଛି। ତେବେ ଦୁର୍ବୃତ୍ତଙ୍କ ଏଭଳି କାରନାମା ପାଇଁ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଦେଖାଯାଇଛି। ଅଧିକାଂଶ ମହିଳା ନିଜ ଜୀବନ ପ୍ରତି ବିପଦ ଥିବା କହିବା ସହ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏହାସହ ଅଞ୍ଚଳରେ ପାଟ୍ରୋଲିଂ କରିବାକୁ ପୋଲିସକୁ ଅନୁରୋଧ କରିଛନ୍ତି ଅଞ୍ଚଳବାସୀ। ଅପରପକ୍ଷେ ଉକ୍ତ ସ୍କର୍ପିଓ ପାଖରେ ଅନ୍ୟ ଗାଡ଼ି, ବାହାଘର ପାଇଁ ପ୍ରସ୍ତୁତ ଟେଣ୍ଟ ଓ ଘର ରହିଥିଲା। ନିଆଁ ବ୍ୟାପିବା ପୂର୍ବରୁ ସ୍ଥାନୀୟ ଲୋକେ ତାହାକୁ ଲିଭାଇ ଦେଇଥିବାରୁ ବଡ଼ ଦୁର୍ଘଟଣା ଟଳିଯାଇଛି।

ପୋଲିସ ସୂଚନାନୁସାରେ, ରଞ୍ଜିତା ତାଙ୍କ ପୁଅ ସହ କୌଣସି କାମରେ ଶନିବାର ରାତି ପାଖାପାଖି ୧୧ଟାରେ ନୟାପଲ୍ଲୀ ଯାଇଥିଲେ। ଘର ପାଖରେ ତାଙ୍କ ସ୍କର୍ପିଓ ରହିଥିଲା। ସେମାନେ ଯିବାର ୧୦ ମିନିଟ୍ ପରେ ଦୁଇ ଜଣ ବ୍ୟକ୍ତି ଗୋଟିଏ ବୁଲେଟ୍‌ରେ ଆସି ରଞ୍ଜିତାଙ୍କ ଗାଡ଼ି ପାଖକୁ ଯାଇଥିଲେ। ହାତରେ ପେଟ୍ରୋଲଭର୍ତ୍ତି ବୋତଲ ମଧ୍ୟ ରହିଥିଲା। ଏହାପରେ ଜଣେ ବୁଲେଟ୍‌ରେ ବସିଥିବା ବେଳେ ଅନ୍ୟ ଜଣେ ଯୁବକ ଗାଡ଼ିର ଚାରିପଟେ ପେଟ୍ରୋଲ ଛିଞ୍ଚି ଦିଆସିଲରେ ନିଆଁ ଲଗାଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଗାଡ଼ିଟି ହୁତୁହୁତୁ ହୋଇ ଜଳୁଥିବା ନେଇ ଜଣେ ପଡ଼ୋଶୀ ସିସିଟିଭିରୁ ଦେଖିବା ପରେ ବାହାରକୁ ଆସି ବଡ଼ପାଟିରେ ଡାକ ପକାଇଥିଲେ। ଆଖପାଖରେ ରହୁଥିବା ଲୋକେ ଦୌଡ଼ି ଆସି ପାଣି ପକାଇ ନିଆଁକୁ ଆୟତ୍ତ କରିଥିଲେ।

## ସଂକ୍ଷେପରେ

### ଭଏସ୍ ଅଫ୍ ଜାଗୃତିର ସଙ୍ଗୀତ ଅଡିସନ୍

ପିପିଲି,୨।୩(ପ୍ରଭାତ କୁମାର ମହାପାତ୍ର)

ଜାଗୃତି ସାଂସ୍କୃତିକ ଯୁବ ସଙ୍ଗଠନ ପକ୍ଷରୁ ଭଏସ୍ ଅଫ୍ ଜାଗୃତିର ସଙ୍ଗୀତ ଅଡିସନ୍ ରବିବାର ପିପିଲି ବ୍ଲକ ଛକସ୍ଥିତ ବୈଦିକ ଟେକ୍ନୋ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପିପିଲି, ନିମାପଡ଼ା, ଡେଲାଙ୍ଗ ବ୍ଲକ ଅଞ୍ଚଳରୁ ୫୦ରୁ ଊର୍ଦ୍ଧ୍ୱ ଗାୟକ ଓ ଗାୟିକା ଭାଗ ନେଇ ନିଜର ପ୍ରତିଭା ଦେଖାଇଥିଲେ। ସଂଗଠନର ସଭାପତି ପ୍ରଭାତ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସଙ୍ଗୀତ ନିର୍ଦ୍ଦେଶକ ତଥା ଅଧ୍ୟାପକ ଡ. ସଚିକାନ୍ତ ନାୟକ, ଅବସରପ୍ରାପ୍ତ ଶିକ୍ଷକ ତଥା ଆକାଶବାଣୀ ଦୂରଦର୍ଶନର ଗୀତିକାର ବୃନ୍ଦାବନ ଜେନା, କଣ୍ଠଶିଳ୍ପୀ ସୁକାନ୍ତ କୁମାର ସାହୁ, ଓଡ଼ିଶାର ଲୋକପ୍ରିୟ କଣ୍ଠଶିଳ୍ପୀ ସର୍ବେଶ୍ୱର ବୈଠାରୁ, ବୈଦିକ ଟେକ୍ନୋ ସ୍କୁଲର ପ୍ରିନ୍ସିପାଲ ଶୁଭଶ୍ରୀ ପଣ୍ଡା, ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ସୁରେନ୍ଦ୍ର ପୁଷ୍ପାଳକ ଯୋଗଦେଇ ମୂଲ୍ୟାୟନ କରି ମନୋନୟନ କରିଥିଲେ। ଏହି ଉନ୍ନୀତ ଯୁବ କଣ୍ଠଶିଳ୍ପୀମାନେ ଆଗାମୀ ଜାଗୃତି ମହୋତ୍ସବ ମାର୍ଚ୍ଚ ୩୦, ୩୧ ଓ ଏପ୍ରିଲ୍ ୧ରେ ନିଜର ସଙ୍ଗୀତ ଦକ୍ଷତା ଜାଗୃତି ମଞ୍ଚରେ ହଜାର ହଜାର ଦର୍ଶକଙ୍କ ସମ୍ମୁଖରେ ସିଧାସଳଖ ପ୍ରଦର୍ଶନ କରି ବିଶିଷ୍ଟ ସଙ୍ଗୀତ ବିଶାରଦମାନଙ୍କ ଦ୍ୱାରା ପରୀକ୍ଷିତ ହୋଇ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇ ପୁରସ୍କାର ଗ୍ରହଣ କରିବେ। ଉକ୍ତ କାର୍ଯ୍ୟକ୍ରମକୁ ସମ୍ପଦ ମହାପାତ୍ର ଓ ମୁନୁ ଅଗ୍ରୱାଲ ପରିଚାଳନା କରିଥିଲେ।

### ଶିରୁଲି ସ୍ୱାସ୍ଥ୍ୟକେନ୍ଦ୍ରକୁ ନିୟମିତ ଆସୁନାହାନ୍ତି ଡାକ୍ତର

ପୁରୀ,୨।୩(ଅଜିତ୍ କୁମାର ମହାନ୍ତି)

ଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଶିରୁଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିୟମିତ ଭାବେ ଡାକ୍ତର ଆସୁନାହାନ୍ତି। ଡାକ୍ତର ନିଜ ଇଚ୍ଛା ସମର ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ପରିସରସ୍ଥ ସରକାରୀ କ୍ୱାର୍ଟର କିମ୍ବା ସ୍ୱାସ୍ଥ୍ୟକେନ୍ଦ୍ର ପରିଧିର ୮ କି.ମି. ପରିଧି ମଧ୍ୟରେ ରହୁନାହାନ୍ତି। ଫଳରେ ସପ୍ତାହକୁ ୬ଦିନ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟ କରୁନାହାନ୍ତି। ସପ୍ତାହରେ ଦୁଇଦିନ କାର୍ଯ୍ୟ କରୁଛନ୍ତି। ସେହିଭଳି କେନ୍ଦ୍ରର ଓପିଡି ଅପରାହ୍ନ ସମୟରେ ବନ୍ଦ ରହୁଛି। ସକାଳେ ମଧ୍ୟ ଠିକ୍ ସମୟରେ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଉନାହିଁ। ଏନେଇ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଅଭିଯୋଗ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ।

# ବିଦ୍ୟୁତ୍ ସମସ୍ୟା ନେଇ ୨୧ରେ ଗଣବିକ୍ଷୋଭ


ବୈଠକରେ ଉପସ୍ଥିତ ଥିବା ବିଭିନ୍ନ ଦଳର ନେତୃବୃନ୍ଦ।

## ସର୍ବଦଳୀୟ ବୈଠକରେ ନିଷ୍ପତ୍ତି

ଭୁବନେଶ୍ୱର,୨।୩ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ଆହ୍ୱାନରେ ଏକ ସର୍ବଦଳୀୟ ବୈଠକ ସିପିଆଇ(ଏମ୍)ର ୯ ନମ୍ବର ସାମ୍ୟବାଦୀ ଭବନ କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମହାସଂଘର ରାଜ୍ୟ ଅଧ୍ୟକ୍ଷ ପଞ୍ଚାନନ କାନୁନ୍‌ଗୋଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ମହାସଂଘ ଆବାହକ ରବି ବେହେରା ରାଜ୍ୟରେ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ସମ୍ଭାବନାକୁ ଜୋରଦାର୍ ବିରୋଧ କରିଥିଲେ। ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ବନ୍ଦ କରିବା, ପାୱାରକଟ୍ ବନ୍ଦ, ସ୍ମାର୍ଟ ମିଟର ବାତିଲ, ଓଡ଼ିଆରେ ବିଲ୍, ପ୍ରତ୍ୟେକ ଘରକୁ ମାଗଣାରେ ୩୦୦ ୟୁନିଟ ଯୋଗାଣ, କୃଷି କ୍ଷେତ୍ରକୁ ସମ୍ପୂର୍ଣ୍ଣ ମାଗଣାରେ ବିଦ୍ୟୁତ୍ ଯୋଗାଇବାକୁ ସରକାରଙ୍କ ପାଖରେ ଦାବି କରାଯାଇଥିଲା। ଯଦି ରାଜ୍ୟ ସରକାର ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏସବୁ ଦାବିକୁ ମାନି ନ ନିଅନ୍ତି, ତା’ହେଲେ ଆସନ୍ତା ୨୧ ତାରିଖ ପୂର୍ବାହ୍ନ ୧୧ଟାରେ ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ପକ୍ଷରୁ ବିଧାନସଭା ସମ୍ମୁଖରେ ଗଣବିକ୍ଷୋଭ କରାଯିବ। ଏହି ଅବସରରେ ରାଜ୍ୟ ଶକ୍ତିମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କୁ ଏକ ସ୍ମାରକପତ୍ର ଦେବାପାଇଁ ନିଷ୍ପତ୍ତି ନିଆଯାଇଛି। କାର୍ଯ୍ୟକ୍ରମରେ ବିଜେଡି ପକ୍ଷରୁ ଡ. ଲେଲିନ୍ ମହାନ୍ତି, ସିପିଆଇ ପକ୍ଷରୁ ପୂର୍ବତନ ବିଧାୟକ ନାରାୟଣ ରେଡ୍ଡୀ, ଜୟନ୍ତ ଦାସ, ସିପିଆଇ(ଏମ୍) ପକ୍ଷରୁ ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ, ନାରୀ ନେତ୍ରୀ ପୁଷ୍ପା ଦାସ, ପ୍ରଭାତ ପାଣିଗ୍ରାହୀ, ସି.ପି.ଆଇ.(ଏମ୍-ଏଲ୍) ଲିବରେସନ ପକ୍ଷରୁ ମହେନ୍ଦ୍ର ପରିଡ଼ା, ସି.ପି.ଆଇ (ଏମ୍-ଏଲ୍) ରେଡ୍‌ଷ୍ଟାର୍ ପକ୍ଷରୁ ନାରୀ ନେତ୍ରୀ ପ୍ରମିଳା ବେହେରା ଓ ହେନା ବାରିକ ଏବଂ ଅନ୍ୟାନ୍ୟ ପ୍ରମୁଖ ବୈଠକରେ ଅଂଶଗ୍ରହଣ କରି ବିଜୁଳି ଆନ୍ଦୋଳନକୁ ଜନସାଧାରଣଙ୍କ ପାଖକୁ ନେଇ ଏହାକୁ ଏକ ବିରାଟ ଜନ ଆନ୍ଦୋଳନରେ ପରିଣତ କରିବାକୁ ଆହ୍ୱାନ ଦେଇଥିଲେ।

## ପାଚେରି ଭାଙ୍ଗି ପଶିଗଲା କାର୍

ଭୁବନେଶ୍ୱର,୨।୩(ସତ୍ୟଜିତ୍ ରାଉତ)

ଖଣ୍ଡଗିରି ଥାନା ଅନ୍ତର୍ଗତ ସୌଭାଗ୍ୟ ନଗର ଅଞ୍ଚଳରେ ଏକ କାର୍ ଦୁର୍ଘଟଣା ଘଟାଇଛି। ରବିବାର ଭୋର୍ ପ୍ରାୟ ୪ଟା ୩୦ରେ ଏକ କାର୍ ସ୍ଥାନୀୟ ଅଞ୍ଚଳରେ ଥିବା ଏକ ଆପାର୍ଟମେଣ୍ଟର ପାଚେରି ଭାଙ୍ଗି ପଶିଯାଇଥିବା ଅଭିଯୋଗ ହୋଇଛି। ଏହି ଦୁର୍ଘଟଣାରେ କାହାର କିଛି କ୍ଷତି ହୋଇ ନ ଥିବା ବେଳେ କାରଟି ଭାଙ୍ଗିଯାଇଥିବା ଦେଖିବାକୁ ମିଳିଛି। ତେବେ ଉକ୍ତ କାର୍‌ରେ ଥିବା ଯୁବକମାନେ ସେହି ଆପାର୍ଟମେଣ୍ଟରେ ରହୁଥିବା ସୂଚନା ମିଳିଛି। ୩ରୁ ୪ ଜଣ ଯୁବକ ଅଧିକ ବେଗରେ କାର୍ ଚଳାଇ ଏହି କାଣ୍ଡ ଘଟାଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ଦୁର୍ଘଟଣାର ଶବ୍ଦ ଶୁଣି ଆପାର୍ଟମେଣ୍ଟରେ ରହୁଥିବା ଅନ୍ୟ ଲୋକମାନେ ଘଟଣାସ୍ଥଳକୁ ଆସିଥିଲେ। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

## ବିଦ୍ୟାଳୟରେ ୭୬ ପ୍ରତିନିଧି ନେଲେ ଚାରା ପ୍ରସ୍ତୁତି ତାଲିମ


ଚାରା ପ୍ରସ୍ତୁତି ତାଲିମ ଶିବିରରେ ଉପସ୍ଥିତ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଅନ୍ୟମାନେ।

ନିରାକାରପୁର,୨।୩
(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ପଞ୍ଚାୟତ ଆର୍ଯ୍ୟ ବିହାରଠାରେ ଥିବା ସରସ୍ୱତୀ ଶିଶୁମନ୍ଦିର ପରିସରରେ ରବିବାର ଏକ ସାମାଜିକ ଅନୁଷ୍ଠାନ ଦ୍ୱାରା ଚାରା ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶ ଶିକ୍ଷା କାର୍ଯ୍ୟକ୍ରମ ଅଧୀନ ଓ ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଭୁବନେଶ୍ୱରଙ୍କ ସହାୟତାରେ ବିଦ୍ୟାମନ୍ଦିର ଇକୋ କ୍ଲବ ଦ୍ୱାରା ବିଦ୍ୟାମନ୍ଦିରର ଗୁରୁମା, ଗୁରୁଜୀ, ସ୍ଥାନୀୟ ଅଞ୍ଚଳର ଯୁବ ଚାଷୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମୋଟ ୭୬ ଜଣ ପ୍ରତିନିଧି ଶିବିରରେ ତାଲିମ ନେଇଥିଲେ। ମୁଖ୍ୟ ଅତିଥି ଭାବେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଯୁବ ବୈଜ୍ଞାନିକ ପ୍ରଦୀପ କୁମାର ନାୟକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନ ସମ୍ପାଦକ ବିଭୂତି ଭୂଷଣ ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିବା ସହ ଶିବିରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ କହିଥିଲେ। ପ୍ରଶିକ୍ଷକ ଗୁରୁବାରି ବିଶ୍ୱାଳ ଓ ରାଧାଶ୍ୟାମ ବିଶ୍ୱାଳ କଲମି ପ୍ରସ୍ତୁତି, କଲମି ପ୍ରସ୍ତୁତି ପାଇଁ ଆବଶ୍ୟକ ଉପକରଣ, ସମୟ, କଲମିକରଣ ବେଳେ କେଉଁ ବିଷୟ ପ୍ରତି ଧ୍ୟାନ ଦେବେ, ଗୋଟି କଲମି, ଡାଳି କଲମି ଓ ପାର୍ଶ୍ୱ କଲମି ବିଷୟରେ ବିଶଦ ଆଲୋଚନା କରିବା ସହ ପ୍ରତ୍ୟକ୍ଷ ଜ୍ଞାନ ପ୍ରଦାନ କରିଥିଲେ। କଲମି ଦ୍ୱାରା କିପରି ଜଣେ ଆତ୍ମନିର୍ଭରଶୀଳ ହୋଇପାରିବ, ସେ ବିଷୟରେ ଆଲୋଚନା ହୋଇଥିଲା। ଏହି ଅବସରରେ ଭରତଚନ୍ଦ୍ର ଜେନା, ପ୍ଲାନିଂ ଆସିଷ୍ଟାଣ୍ଟ, ପରିବେଶ ଶିକ୍ଷାକେନ୍ଦ୍ର, ଭୁବନେଶ୍ୱର ପରିବେଶ ସୁରକ୍ଷା, ରୋଷେଇ ବଗିଚାର ଆବଶ୍ୟକତା ବିଷୟରେ ବକ୍ତବ୍ୟ ରଖିଥିଲେ। ଏହା ପରେ ସମସ୍ତ ଶିକ୍ଷାର୍ଥୀଙ୍କୁ ଉଚ୍ଚମାନର ଚାରା ବଣ୍ଟନ କରାଯିବା ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଶିବିରରେ ଅଧ୍ୟାପକ ପ୍ରାଣେଶ୍ୱର ଜୟସିଂ ସଂଯୋଜନା କରିଥିଲେ। ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ନଳିନୀ ରଥ ଧନ୍ୟବାଦ ଦେଇଥିଲେ। ଶ୍ୟାମାଶଙ୍କର ମିଶ୍ର, ନୀହାର ରଞ୍ଜନ ସାମନ୍ତସିଂହାର, ପବିତ୍ର ରାଉତରାୟ, ବିନୋଦ ବିହାରୀ ସେଠୀ, କୃଷ୍ଣଚନ୍ଦ୍ର ଛୋଟରାୟ, ସନ୍ଧ୍ୟାରାଣୀ ବାହିନୀପତି, ସସ୍ମିତା ସାହୁ, ସୁମିତ୍ରା ସେନାପତି ସହଯୋଗ କରିଥିଲେ।

## ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା

କଣାସ,୨।୩(ବିଭୂତି ଭୂଷଣ ତ୍ରିପାଠୀ)

ଗୋପୀନାଥପୁର ପଞ୍ଚାୟତ ଅନ୍ତର୍ଗତ ପାଇକମରା ଗ୍ରାମରେ ଗତ ୨୨ ତାରିଖଠାରୁ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇ ୨୪ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହେବା ସହିତ ରବିବାର ଶେଷ ହୋଇଛି। ଗ୍ରାମେଶ୍ୱରଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ନିମନ୍ତେ ଅଗ୍ନିସ୍ଥାପନ, ଗର୍ଭଧାନ, ଶାଳା ପ୍ରବେଶ, ଚଣ୍ଡୀପାଠ, ମନ୍ଦିର ନ୍ୟାସାଦୀପରେ ଠାକୁରମାନେ ମନ୍ଦିର ପ୍ରବେଶ କରିଥିଲେ। ବିଭିନ୍ନ ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ୨୪ ପ୍ରହର ନାମ ସଂକୀର୍ତ୍ତନ ପରିବେଷଣ କରିଥିଲେ।


**ODISHA HYDRO POWER CORPORATION LTD.**
O/o Sr. GENERAL MANAGER, HIRAKUD HYDRO ELECTRIC PROJECT,
POST BOX. NO. 5, BURLA - 768017, DISTRICT : SAMBALPUR (ODISHA), INDIA
PHONE : 0663-2950721 (O), 2950765 (R), E-Mail : srgmhps_burla@yahoo.co.in
CIN : U40101OR1995SGC003963

No. HHEP/Tech-Pur-131/1172 Date : 28.02.2025

**NOTICE INVITING TENDER NO HHEP-07/2025**

No.CAD-2716 : Sealed Tenders are invited in double sealed cover from the Manufactures / Authorized Dealer / General Supplier and fulfilling the eligibility criteria as per the tender specification for the work as mentioned below.

| Name of work | Cost of tender paper (Non-Refundable) | EMD in Rs. | Availability of tender | Last date & Time of receipt tender | Date & Time of opening of tender |
|---|---|---|---|---|---|
| Supply of hardware, PHD & sanitary materials for HHEP, Burla | Rs. 7080/- (Rs. 6000/- + GST 18%) | 14340/- | 06.03.25 (11:00 A.M.) to 19.03.25 upto 03:00 P.M. | 19.03.25 upto 03:30 P.M. | 19.03.25 at 04:00 P.M. |

Further details and further correspondence / corrigendum, please visit our website www.ohpcltd.com
OIPR-04007/11/0023/2425 Sd./- C&P Head, HHEP, Burla


# ଶାସ୍ତ୍ରୀନଗରରେ ମେଗା ସ୍ୱାସ୍ଥ୍ୟ ଶିବିର

ଭୁବନେଶ୍ୱର,୨।୩
(ଅନୁରାଧା ମହାରଣା)

ଶାସ୍ତ୍ରୀନଗର ବରିଷ୍ଠ ନାଗରିକ ମଞ୍ଚ ଓ ରୋଟାରୀ କ୍ଲବ ପକ୍ଷରୁ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୨୨୦ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ବିନାମୂଲ୍ୟରେ ଚଷମା ଓ ଔଷଧ ବିତରଣ କରାଯାଇଛି। ବିଧାୟକ ଅନନ୍ତ ନାରାୟଣ ଜେନା ଶିବିର ଉଦ୍‌ଘାଟନ କରିବା ସହ ରୋଟାରୀ କ୍ଲବର ମୁଖ୍ୟ ଯଜ୍ଞାଶିଷ ମହାପାତ୍ରଙ୍କ ସମେତ ଡାକ୍ତର ଓ ସହଯୋଗୀଙ୍କୁ ସମ୍ବର୍ଦ୍ଧିତ ଥିଲେ। ଏହି ସ୍ୱାସ୍ଥ୍ୟ ଶିବିର ଆୟୋଜନରେ ସହଯୋଗ କରିଥିବା ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ଶାସ୍ତ୍ରୀନଗର ବରିଷ୍ଠ ନାଗରିକ ମଞ୍ଚର ସଭାପତି ଗିରିଜା ନନ୍ଦନ ମହାନ୍ତି ଓ ସମ୍ପାଦକ ଅଭିରାମ ଜେନା କୃତଜ୍ଞତା ଜଣାଇଛନ୍ତି।

# ଭାରତର ସାହିତ୍ୟିକ ପରମ୍ପରାକୁ ଆହୁରି ସମୃଦ୍ଧ କରିବାର ଆବଶ୍ୟକତା ରହିଛି



ଅତିଥିମାନେ ପୁସ୍ତିକା ଲୋକାର୍ପଣ କରୁଛନ୍ତି।

ଭୁବନେଶ୍ୱର,୨।୩(ସୁଚିସ୍ମିତା ସାହୁ)

ଉତ୍କଳ ବିଶ୍ୱବିଦ୍ୟାଳୟ ଇଂଲିଶ ବିଭାଗ ପକ୍ଷରୁ ‘ଭାରତୀୟ ପାଠ୍ୟ ପରମ୍ପରା: ଦେଶୀୟ ଏବଂ ଉନ୍ନତ ପରିବେଶ’ ଶୀର୍ଷକ ଦୁଇ ଦିନିଆ ଜାତୀୟ କର୍ମଶାଳା ରବିବାର ବିଭାଗ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରାଚୀନ ଏବଂ ସମସାମୟିକ ଭାରତୀୟ କାହାଣୀ କୌଶଳ ଓ ଧାରା, ଇଂଲିଶ ସାହିତ୍ୟ ସହିତ ସେମାନଙ୍କ ସମ୍ପର୍କର ଅନୁସନ୍ଧାନ ଉପରେ ଆଲୋଚକମାନେ ବକ୍ତବ୍ୟ ରଖିଥିଲେ। ଅରୁଣାଚଳ ପ୍ରଦେଶର ରାଜୀବ ଗାନ୍ଧୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ମହୀଶୂର ବିଶ୍ୱବିଦ୍ୟାଳୟର ପୂର୍ବତନ ଇଂଲିଶ ପ୍ରଫେସର ପ୍ରଫେସର କେ.ସି. ବେଲିଆପ୍ପା ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଲୋଚନାଚକ୍ରକୁ ଉଦଘାଟନ କରିଥିଲେ। ବିଶ୍ୱବିଦ୍ୟାଳୟ ଇଂଲିଶ ବିଭାଗର ମୁଖ୍ୟ ପ୍ରଫେସର ତଥା କର୍ମଶାଳା ସଂଯୋଜକ ଅସୀମ ରଞ୍ଜନ ପାଢ଼ୀ ପ୍ରସଙ୍ଗ ଉପରେ ଆଲୋଚନା କରି କହିଲେ, ଭାରତର ଅନ୍ତର୍ନିହିତ ସାହିତ୍ୟିକ ପରମ୍ପରା ଏବଂ ସମସାମୟିକ ସାହିତ୍ୟର ପରିସରକୁ ଆହୁରି ସମୃଦ୍ଧ କରିବାର ଆବଶ୍ୟକତା ରହିଛି। ପ୍ରଦୋଷ ଚୌଧୁରୀ ମହାନ୍ତି ସାହିତ୍ୟ ସାଧନାରେ ଭାରତୀୟ ପରମ୍ପରାର ସଂରକ୍ଷଣ ଜାରି ରଖିବା ଉଚିତ ବୋଲି କହିଥିଲେ। ବିଭାଗର ସହକାରୀ ପ୍ରଫେସର ଏସ. ଦୀପିକା ସ୍ୱାଗତ ଅଭିଭାଷଣ ଓ ସହକାରୀ ପ୍ରଫେସର ପୁଲସ୍ତ୍ୟ ଜାନି ଧନ୍ୟବାଦ ଅର୍ପଣ କରିଥିଲେ।


No.B-1052
**WORKS DEPARTMENT**
**OFFICE OF THE SUPERINTENDING ENGINEER, ROURKELA (R&B) DIVISION, UDITNAGAR, ROURKELA**
E-Mail Id : eepwdrkl@gmail.com
Government of Orissa “e” Procurement Notice
Bid Identification No. : 105/2024-25 Dated : 27.02.2025

1. Number of works : 1 (One) number of Works.
2. Estimated cost : Rs.70.87 Lakhs.
3. Period of completion : 6 (Six) calendar months.
4. Date & Time of availability of bid document in the portal : Dt. 06.03.2025 at 11.00 A.M.
5. Last date / Time for receipt of bids in the portal : Dt. 17.03.2025 up to 05.00 P.M.
6. Date of opening of Bid : Dt. 18.03.2025 at 11.00 A.M.
7. Name and Address of the Officer Inviting Bid : Superintending Engineer, (R&B) Division, Rourkela, Uditnagar.
8. Subsequently corrigendum/addendum if required shall only be available in website MORTH, https://eprocure.gov.in.

Further details can be seen from the e-procurement portal http// tendersorissa.gov.in.
Sd./- Superintending Engineer
Rourkela (R&B) Division
OIPR-34068/11/0025/2425



**FORM NO. 13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA.**
**O.A.No. 527/2024**
Bank of Maharashtra, BBSR Branch ................... Applicant
Versus
Biswaranjan Maharana & Others ............... Defendant(s)
To,
1) **Biswaranjan Maharana,** aged 38 years, S/o: Krutibash Maharana, At: Flat No.: 201/A, Ground Floor, Sai Bijay Palace, Po: Jharpada, Bhubaneswar, Odisha-D1.
2) **Mrs. Rashmita Maharana,** aged about 32 years, W/o: Biswaranjan Maharana, At: Flat No.: 201/A, Ground Floor, Sai Bijaya Palace, Po: Jharpada, Bhubaneswar, Odisha-D2.

**SUMMONS BY PAPER PUBLICATION**
**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A.No. 527/2024** in the court of the Debts of Recovery Tribunal, Cuttack for recovery of **Rs.20,05,440/-** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorized agent, in support of their defence to show cause within **30 days** from the publication or **on 05.05.2025 at 10.30 am** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **25th day of February 2025**.

Sd/-
(Nikhila Ranjan Pati)
Registrar



No.W-82
ACCESS TO JUSTICE FOR ALL

**ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ, ୨୦୨୫**
୦୮.୦୩.୨୦୨୫ (ଦ୍ୱିତୀୟ ଶନିବାର)
**ବିଶେଷ ସୂଚନା**

୧) ଆଜ୍ଞା, କଚେରିରେ ଆପଣଙ୍କର କୌଣସି ମକଦ୍ଦମା ବିଚାରାଧୀନ ରହିଛି କି ବା ଆପଣଙ୍କର କାହା ସହିତ କୌଣସି ବିବାଦ ରହିଛି କି ?
୨) ତେବେ ଆପଣ ସେ ମକଦ୍ଦମା/ବିବାଦର ସହଜ ଏବଂ ଆପୋସ ସହମତିରେ ସମାଧାନ ପାଇଁ ଲୋକ ଅଦାଲତର ସହାୟତା ନିଅନ୍ତୁ ।
୩) ୦୮.୦୩.୨୦୨୫ (ଦ୍ୱିତୀୟ ଶନିବାର)ରେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ତଥା ପ୍ରତ୍ୟେକ ଜିଲ୍ଲାସ୍ତରୀୟ ଏବଂ ତାଲୁକସ୍ତରୀୟ ବିଚାର ବିଭାଗୀୟ ନ୍ୟାୟାଳୟ ପରିସରରେ ଏକ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଛି ।
୪) ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା, ତଥା ଫୌଜଦାରି (ସାଲିସ୍‌ଯୋଗ୍ୟ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲା, ଶ୍ରମ ବିବାଦ ମାମଲା, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ମାମଲା ଯଥା ବିଦ୍ୟୁତ୍ ଓ ଜଳ ବିଲ୍ ପୈଠ ସମ୍ବନ୍ଧୀୟ ମାମଲା (ସାଲିସ୍‌ବିହୀନ ବିବାଦକୁ ବାଦ୍ ଦେଇ), ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ)/ପାରିବାରିକ ବିବାଦ, ଜମି ଅଧିଗ୍ରହଣ ମାମଲା, ଚାକିରି ସମ୍ବନ୍ଧୀୟ (ପେନ୍‌ସନ୍ ମାମଲା ଅନ୍ତର୍ଭୁକ୍ତ), ରାଜସ୍ୱ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ମାମଲା (ଉଚ୍ଚତମ ନ୍ୟାୟାଳୟ, ଜିଲ୍ଲା କୋର୍ଟରେ ଓ ରାଜ୍ୟ/ଜିଲ୍ଲା/ତାଲୁକ କର୍ତ୍ତୃପକ୍ଷଙ୍କ ନିକଟରେ ଥିବା ବିଚାରାଧୀନ), ବୌଦ୍ଧିକ ସମ୍ପତ୍ତି ଅଧିକାର ମାମଲା/ ଖାଉଟି ବିବାଦ/ ଅନ୍ୟାନ୍ୟ ବିବାଦ କୌଣସି ଅର୍ଦ୍ଧ-ନ୍ୟାୟିକ ପ୍ରାଧିକରଣ ନିକଟରେ ବିଚାରାଧୀନ ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଆପୋସ ସହମତିରେ ସମାଧାନ କରାଯାଇପାରିବ ।
୫) କେବଳ ବିଚାରାଧୀନ ମକଦ୍ଦମା ନୁହେଁ, ପ୍ରାକ୍-ମକଦ୍ଦମାସ୍ତରୀୟ (ନ୍ୟାୟାଳୟରେ ଦାୟର ହୋଇ ନଥିବା) ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ବିବାଦ, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ବିବାଦଗୁଡ଼ିକ (ସାଲିସ୍‌ବିହୀନ ବିବାଦକୁ ବାଦ୍ ଦେଇ), ବୈବାହିକ ବିବାଦ (ଛାଡପତ୍ର ବ୍ୟତୀତ)/ପାରିବାରିକ ବିବାଦ ଓ ଅନ୍ୟାନ୍ୟ ମକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ ।
୬) ଲୋକ ଅଦାଲତରେ ମକଦ୍ଦମା/ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡ଼ାନ୍ତ ଏବଂ ଅମଳଯୋଗ୍ୟ ।
୭) ଯଦି କୌଣସି ବିଚାରାଧୀନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ ।
୮) ଦୀର୍ଘଦିନ ଧରି ଚାଲୁ ରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇବା ପାଇଁ ଏହି ସୁବର୍ଣ୍ଣ ସୁଯୋଗର ସଦୁପଯୋଗ କରନ୍ତୁ ।
୯) ସବିଶେଷ ବିବରଣୀ ନିମନ୍ତେ ଆପଣଙ୍କ ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଥିବା ଜିଲ୍ଲା ବା ତାଲୁକ୍ ଆଇନ ସେବା କାର୍ଯ୍ୟାଳୟ ସହ ତୁରନ୍ତ ଯୋଗାଯୋଗ କରନ୍ତୁ ।

**ସଦସ୍ୟ ସଚିବ**
ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ
ଆଇନସେବା ଭବନ, ସେକ୍ଟର-୧, ସିଡିଏ, କଟକ
ଯୋଗାଯୋଗ: ମୋ-୯୪୩୮୫୭୮୫୮୬/୮୨୪୯୫୪୨୨୫୯
ଇ-ମେଲ୍: oslsa2020@gmail.com
OIPR-18008/11/0010/2425

# ପାଚେରି ଭାଙ୍ଗି ପଶିଗଲା କାର୍

ଭୁବନେଶ୍ୱର,୨।୩
(ସତ୍ୟଜିତ୍ ରାଉତ)

ଖଣ୍ଡଗିରି ଥାନା ଅନ୍ତର୍ଗତ ସୌଭାଗ୍ୟ ନଗର ଅଞ୍ଚଳରେ ଏକ କାର୍ ଦୁର୍ଘଟଣା ଘଟାଇଛି। ରବିବାର ଭୋର୍ ପ୍ରାୟ ୪ଟା ୩୦ରେ ଏକ କାର୍ ସ୍ଥାନୀୟ ଅଞ୍ଚଳରେ ଥିବା ଏକ ଆପାର୍ଟମେଣ୍ଟର ପାଚେରି ଭାଙ୍ଗି ପଶିଯାଇଥିବା ଅଭିଯୋଗ ହୋଇଛି। ଏହି ଦୁର୍ଘଟଣାରେ କାହାର କିଛି କ୍ଷତି ହୋଇ ନ ଥିବା ବେଳେ କାରଟି ଭାଙ୍ଗିଯାଇଥିବା ଦେଖିବାକୁ ମିଳିଛି। ତେବେ ଉକ୍ତ କାର୍‌ରେ ଥିବା ଯୁବକମାନେ ସେହି ଆପାର୍ଟମେଣ୍ଟରେ ରହୁଥିବା ସୂଚନା ମିଳିଛି। ୩ରୁ ୪ ଜଣ ଯୁବକ ଅଧିକ ବେଗରେ କାର୍ ଚଳାଇ ଏହି କାଣ୍ଡ ଘଟାଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ଦୁର୍ଘଟଣାର ଶବ୍ଦ ଶୁଣି ଆପାର୍ଟମେଣ୍ଟରେ ରହୁଥିବା ଅନ୍ୟ ଲୋକମାନେ ଘଟଣାସ୍ଥଳକୁ ଆସିଥିଲେ। ଖବର ପାଇ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

# ପେଟ୍ରୋଲ ଢାଳି ସ୍କର୍ପିଓରେ ନିଆଁ ଲଗାଇଦେଲେ

## ରାଜଧାନୀରେ ଆତଙ୍କ ଖେଳାଇଲେ ଦୁର୍ବୃତ୍ତ

ଭୁବନେଶ୍ୱର,୨।୩
(ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀ ଭୁବନେଶ୍ୱରରେ ଚୋରି, ଛିନ୍ତାଇ, ଆକ୍ରମଣ ଭଳି ଆପରାଧିକ କାର୍ଯ୍ୟକଳାପକୁ ନେଇ ଚିନ୍ତା ବଢ଼ିଛି। ଅପରାଧୀମାନେ ରାସ୍ତାରୁ କଲୋନୀ ଆତଙ୍କ ଖେଳାଉଥିବାରୁ ସହରବାସୀ ନିଜ ଧନଜୀବନକୁ ନେଇ ଅସୁରକ୍ଷିତ ମଣୁଛନ୍ତି। ଘଟଣାକ୍ରମରେ ଦୁଇଜଣ ଦୁର୍ବୃତ୍ତ ଘର ଆଗରେ ଥୁଆ ହୋଇଥିବା ଏକ ସ୍କର୍ପିଓରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଛନ୍ତି। ଖଣ୍ଡଗିରି ଥାନା ଅନ୍ତର୍ଗତ ଡୁମୁଡୁମା ଫେଜ୍-୫ ଅଞ୍ଚଳରେ ଶନିବାର ରାତିରେ ଏଭଳି ଘଟଣା ଘଟିଛି। ସିସି କ୍ୟାମେରାରେ ପୂରା ଘଟଣା କଏଦ ହୋଇଥିବାବେଳେ ଗାଡ଼ି ମାଲିକାଣୀ ରଞ୍ଜିତା ପଟ୍ଟନାୟକ ରବିବାର ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ସିସିଟିଭି ଫୁଟେଜ୍ ଆଧାରରେ ଅଭିଯୁକ୍ତଙ୍କୁ ଚିହ୍ନଟ କରି ଘଟଣାର ତଦନ୍ତ ଆରମ୍ଭ କରିଛି।




ପୋଡ଼ିଯାଇଥିବା ସ୍କର୍ପିଓ।

ପୂର୍ବ ଶତ୍ରୁତାରୁ ଅଭିଯୁକ୍ତମାନେ ଏଭଳି କାଣ୍ଡ ଘଟାଇଥିବା ଅନୁମାନ କରାଯାଉଥିବା ପୋଲିସ କହିଛି। ତେବେ ଦୁର୍ବୃତ୍ତଙ୍କ ଏଭଳି କାରନାମା ପାଇଁ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଦେଖାଯାଇଛି। ଅଧିକାଂଶ ମହିଳା ନିଜ ଜୀବନ ପ୍ରତି ବିପଦ ଥିବା କହିବା ସହ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏହାସହ ଅଞ୍ଚଳରେ ପାଟ୍ରୋଲିଂ କରିବାକୁ ପୋଲିସକୁ ଅନୁରୋଧ କରିଛନ୍ତି ଅଞ୍ଚଳବାସୀ। ଅପରପକ୍ଷେ ଉକ୍ତ ସ୍କର୍ପିଓ ପାଖରେ ଅନ୍ୟ ଗାଡ଼ି, ବାହାଘର ପାଇଁ ପ୍ରସ୍ତୁତ ଟେଣ୍ଟ ଓ ଘର ରହିଥିଲା। ନିଆଁ ବ୍ୟାପିବା ପୂର୍ବରୁ ସ୍ଥାନୀୟ ଲୋକେ ତାହାକୁ ଲିଭାଇ ଦେଇଥିବାରୁ ବଡ଼ ଦୁର୍ଘଟଣା ଟଳିଯାଇଛି।

ପୋଲିସ ସୂଚନାନୁସାରେ, ରଞ୍ଜିତା ତାଙ୍କ ପୁଅ ସହ କୌଣସି କାମରେ ଶନିବାର ରାତି ପାଖାପାଖି ୧୧ଟାରେ ନୟାପଲ୍ଲୀ ଯାଇଥିଲେ। ଘର ପାଖରେ ତାଙ୍କ ସ୍କର୍ପିଓ ରହିଥିଲା। ସେମାନେ ଯିବାର ୧୦ ମିନିଟ୍ ପରେ ଦୁଇ ଜଣ ବ୍ୟକ୍ତି ଗୋଟିଏ ବୁଲେଟ୍‌ରେ ଆସି ରଞ୍ଜିତାଙ୍କ ଗାଡ଼ି ପାଖକୁ ଯାଇଥିଲେ। ହାତରେ ପେଟ୍ରୋଲଭର୍ତ୍ତି ବୋତଲ ମଧ୍ୟ ରହିଥିଲା। ଏହାପରେ ଜଣେ ବୁଲେଟ୍‌ରେ ବସିଥିବା ବେଳେ ଅନ୍ୟ ଜଣେ ଯୁବକ ଗାଡ଼ିର ଚାରିପଟେ ପେଟ୍ରୋଲ ଛିଞ୍ଚି ଦିଆସିଲରେ ନିଆଁ ଲଗାଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଗାଡ଼ିଟି ହୁତୁହୁତୁ ହୋଇ ଜଳୁଥିବା ନେଇ ଜଣେ ପଡ଼ୋଶୀ ସିସିଟିଭିରୁ ଦେଖିବା ପରେ ବାହାରକୁ ଆସି ବଡ଼ପାଟିରେ ଡାକ ପକାଇଥିଲେ। ଆଖପାଖରେ ରହୁଥିବା ଲୋକେ ଦୌଡି ଆସି ପାଣି ପକାଇ ନିଆଁକୁ ଆୟତ୍ତ କରିଥିଲେ।

# ଟେମ୍ପଲ ସିଟି ଷ୍ଟାର ଭୁବନେଶ୍ୱର ବିଜୟୀ



ଜଣେ ଖେଳାଳି ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।

## ଟମାଣ୍ଡୋ କପ୍ କ୍ରିକେଟ

ଝାଁଳା,୨।୩(ବୁଲା ବାରିକ)

ଭୁବନେଶ୍ୱର ଉପକଣ୍ଠ ଟମାଣ୍ଡୋ କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ୭ମ ଟମାଣ୍ଡୋ କପ୍ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବି ବି ବି ୱାରିଅସକୁ ହରାଇ ଟେମ୍ପଲ ସିଟି ଷ୍ଟାର ଭୁବନେଶ୍ୱର ବିଜୟୀ ହୋଇଛି। ଟେମ୍ପଲ ସିଟି ଷ୍ଟାର ଟସ୍ ଜିତି ବ୍ୟାଟିଂ ଆରମ୍ଭ କରି ୨୦ ଓଭରରେ ୮ ଉଇକେଟ୍ ହରାଇ ୨୩୦ ରନ୍ ସଂଗ୍ରହ କରିଥିଲା। ଜବାବରେ ବି ବି ବି ୱାରିଅସ ୨୦ ଓଭରରେ ୮ ଉଇକେଟ ହରାଇ ୧୬୮ ରନ୍ ସଂଗ୍ରହ କରିଥିଲା। ମ୍ୟାଚରେ ପ୍ରବିନ କୁମାର ୩୮ ବଲ୍‌ରେ ୬୬ ରନ୍ ସଂଗ୍ରହ କରି ବେଷ୍ଟ ବ୍ୟାଟ୍ସ ମ୍ୟାନ୍ ହୋଇଥିବାବେଳେ ଏମ୍‌ଜି ଗୋପାଲ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ବିଜୟ କୁମାର ପଟ୍ଟନାୟକ ମ୍ୟାଚ ଉପସ୍ଥାପକ ଥିଲେ।

# ୮ ବଖରା ଜଳିଗଲା

ଟାଙ୍ଗୀ-ଖୋର୍ଦ୍ଧା,
୨।୩(ରଘୁନାଥ ସାହୁ)

ଟାଙ୍ଗୀ ଗ୍ରାମ ପଞ୍ଚାୟତର ବିନ୍ଧାଣିଆ ଗ୍ରାମରେ ଥିବା ଚାଳଘରେ ରବିବାର ସକାଳେ ନିଆଁ ଲାଗିଯାଇଥିଲା। ଗ୍ରାମର ଶିଖର ବେହେରାଙ୍କ ଘରେ ପ୍ରଥମେ ନିଆଁ ଲାଗିବା ପରେ ପଡ଼ୋଶୀ ପଙ୍କଜ ବେହେରା, ପ୍ରଶାନ୍ତ ସାହୁ ଓ ରବି ବେହେରାଙ୍କ ଘରେ ନିଆଁ ଲାଗିଯାଇଥିଲା। ଖବର ପାଇ ଟାଙ୍ଗୀ ଅଗ୍ନିଶମ ବାହିନୀର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କିନ୍ତୁ ନିଆଁ ଲିଭିବା ପୂର୍ବରୁ ୪ ପରିବାରର ୮ ବଖରା ଚାଳଘର ସମ୍ପୂର୍ଣ୍ଣ ପୋଡ଼ି ଯାଇଥିବା ଜଣାପଡ଼ିଛି। ତେବେ ନିଆଁ ଲାଗିବାର କାରଣ ଏ ପର୍ଯ୍ୟନ୍ତ ଜଣାପଡ଼ିନାହିଁ। କ୍ଷତିଗ୍ରସ୍ତ ସମସ୍ତ ପରିବାର ଗରିବ ଶ୍ରେଣୀର। ତେଣୁ ସମସ୍ତଙ୍କୁ ସରକାରୀ ଯୋଜନାରେ ଘର ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି। ଖବର ପାଇ ଟାଙ୍ଗୀ ସରପଞ୍ଚ କିଶୋର କୁମାର ବେହେରା ପହଞ୍ଚି ପ୍ରତ୍ୟେକ ପରିବାରଙ୍କୁ ୨୬ କେଜି ଚାଉଳ ଓ ୨ ହଜାର ଟଙ୍କା ଲେଖାଏଁ ଦେଇଛନ୍ତି। ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ସରପଞ୍ଚ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।



ସୁଷମା ସଙ୍ଗୀତ ସଦନ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ୧୯ତମ ଗୁରୁ ପ୍ରଣାମ ଉତ୍ସବରେ ରବିବାର ମୁଖ୍ୟ ଅତିଥି ତଥା ବାଚସ୍ପତି ସୁରମା ପାଢ଼ୀ 'ଗୁରୁ ବାଳକୃଷ୍ଣ ଦାସ ସମ୍ମାନ' ପ୍ରଦାନ କରୁଛନ୍ତି।

# ୩ ମାସ ପର୍ଯ୍ୟନ୍ତ ୩୦ ଧାରା ଲାଗୁ

ନିମାପଡ଼ା,୨।୩(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଓ ଏନ୍‌ଏସି ଅଞ୍ଚଳରେ ପୋଲିସ ପକ୍ଷରୁ ୩ ମାସ ପର୍ଯ୍ୟନ୍ତ ୩୦ ଧାରା ଲାଗୁ କରାଯାଇଛି। ଏହି ସମୟ ମଧ୍ୟରେ ୩୦ ଧାରା ଲାଗୁ ହୋଇଥିବା ଅଞ୍ଚଳରେ ପୋଲିସ ବିନା ଅନୁମତିରେ କୌଣସି ସଭା, ଶୋଭାଯାତ୍ରା, ସମାବେଶ, ଡାକବାଜି ଯନ୍ତ୍ର ବ୍ୟବହାର କରାଯାଇପାରିବ ନାହିଁ। ଏ ସମ୍ପର୍କରେ ଜିଲା ଏସ୍‌ପି ବିନୀତ ଅଗ୍ରୱାଲ ସୂଚନା ପ୍ରଦାନ କରିଛନ୍ତି। ଯଦି ନିମାପଡ଼ା ଥାନା ଅଞ୍ଚଳରେ କୌଣସି ବ୍ୟକ୍ତି କି ଅନୁଷ୍ଠାନ ଏହି କଟକଣାକୁ ଉଲ୍ଲଂଘନ କରନ୍ତି, ତେବେ ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ବାମଦେବ ସ୍ୱାଇଁ କହିଛନ୍ତି। ପୋଲିସ ପକ୍ଷରୁ ଜାରି ହୋଇଥିବା ଏଭଳି ପଦକ୍ଷେପକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି।

# ଶାସ୍ତ୍ରୀନଗରରେ ମେଗା ସ୍ୱାସ୍ଥ୍ୟ ଶିବିର



ବିଧାୟକ ଅନନ୍ତ ନାରାୟଣ ଜେନା ଶିବିରକୁ ଉଦ୍‌ଘାଟନ କରୁଛନ୍ତି।

ଭୁବନେଶ୍ୱର,୨।୩
(ଅନୁରାଧା ମହାରଣା)

ଶାସ୍ତ୍ରୀନଗର ବରିଷ୍ଠ ନାଗରିକ ମଞ୍ଚ ଓ ରୋଟାରୀ କ୍ଲବ ପକ୍ଷରୁ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୨୨୦ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ବିନାମୂଲ୍ୟରେ ଚଷମା ଓ ଔଷଧ ବିତରଣ କରାଯାଇଛି। ବିଧାୟକ ଅନନ୍ତ ନାରାୟଣ ଜେନା ଶିବିର ଉଦ୍‌ଘାଟନ କରିବା ସହ ରୋଟାରୀ କ୍ଲବର ମୁଖ୍ୟ ଯଜ୍ଞାଶିଷ ମହାପାତ୍ରଙ୍କ ସମେତ ଡାକ୍ତର ଓ ସହଯୋଗୀଙ୍କୁ ସମ୍ବର୍ଦ୍ଧିତ ଥିଲେ। ଏହି ସ୍ୱାସ୍ଥ୍ୟ ଶିବିର ଆୟୋଜନରେ ସହଯୋଗ କରିଥିବା ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ଶାସ୍ତ୍ରୀନଗର ବରିଷ୍ଠ ନାଗରିକ ମଞ୍ଚର ସଭାପତି ଗିରିଜା ନନ୍ଦନ ମହାନ୍ତି ଓ ସମ୍ପାଦକ ଅଭିରାମ ଜେନା କୃତଜ୍ଞତା ଜଣାଇଛନ୍ତି।

# ନିରାମୟ କେନ୍ଦ୍ରରେ ମିଳୁନି ଔଷଧ

## ଏସ୍‌ସିବି ମେଡିକାଲ

■ ଅନ୍ୟ କେନ୍ଦ୍ରକୁ ପଠାଉଛନ୍ତି କର୍ମଚାରୀ
■ ଅସନ୍ତୋଷ ପ୍ରକାଶ କଲେ ରୋଗୀ

କଟକ,୨।୩(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲର ୩ ନମ୍ବର ଆର୍‌ଡିସି ନିରାମୟ କେନ୍ଦ୍ରରେ ରୋଗୀଙ୍କୁ ଅସ୍ଥିଶଲ୍ୟ ବିଭାଗର ଔଷଧ ମିଳୁନି। ଡାକ୍ତର ଲେଖିଥିବା ଔଷଧ ଷ୍ଟକ୍ ନ ଥିବା କହି ରୋଗୀଙ୍କୁ ଅନ୍ୟ ନିରାମୟ କେନ୍ଦ୍ରକୁ ପଠାଇ ଦିଆଯାଉଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ରୋଗୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ମେଡିକାଲର ଅସ୍ଥିଶଲ୍ୟ ବିଭାଗରେ ଭର୍ତ୍ତି ଥିବା ଅନିତା ମଲ୍ଲିକଙ୍କ ସମ୍ପର୍କୀୟ ଅଭିଯୋଗ କରିଛନ୍ତି, ପ୍ରାୟ ୧୬ ଦିନ ହେବ ମେଡିକାଲରେ ଭର୍ତ୍ତି ରୋଗୀ ଚିକିତ୍ସା ହେଉଛି। ହେଲେ ସୁସ୍ଥ ହେବା ପାଇଁ ଡାକ୍ତର ଯେଉଁ ଔଷଧ ଲେଖୁଛନ୍ତି ସେସବୁ ନିରାମୟ କେନ୍ଦ୍ରରେ ନ ଥିବା କହି କର୍ମଚାରୀମାନେ ଫେରାଇ ଦେଉଛନ୍ତି। ଫଳରେ ବାଧ୍ୟ ହୋଇ ବାହାରୁ ଔଷଧ କିଣୁଛୁ। ମେଡିକାଲ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ବୋଲି ସେ କହିଛନ୍ତି। ଏନେଇ ମେଡିକାଲର କୁଳସଚିବ ସୁବାସ ରାଏଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ସୂଚନାଯୋଗ୍ୟ, ଗତ ଜାନୁଆରୀ ୧୪ ତାରିଖରେ ମେଡିକାଲରେ ରୋଗୀଙ୍କ ସୁବିଧା ନିମନ୍ତେ ପୂର୍ବରୁ ଥିବା ୬ଟି ନିରାମୟ କେନ୍ଦ୍ରକୁ ବିଭିନ୍ନ ବିଭାଗରେ ବିଭକ୍ତ କରାଯାଇଥିଲା। ସେଥିମଧ୍ୟରୁ ୩ ନମ୍ବର ନିରାମୟ କେନ୍ଦ୍ରରେ ଟ୍ରମା, ନନ୍ ଟ୍ରମା, ସର୍ଜରି, ଅର୍ଥୋପେଡିକ, ପେଡିଆଟ୍ରିକ୍ ଓ ଆର୍‌ଏସ୍‌ଆଇସି ବିଭାଗର ଔଷଧ ମିଳିବାକୁ ଥିବାବେଳେ ସେଠାରେ ଅଧିକାଂଶ ସମୟ ଅସ୍ଥିଶଲ୍ୟ ବିଭାଗର ଔଷଧ ଉପଲବ୍ଧ ନାହିଁ। ଏପରି କି ବର୍ହିର୍ବିଭାଗ ଯେଉଁଠି ରହିଛି ସେହି ନିକଟରେ ଥିବା ନିରାମୟ କେନ୍ଦ୍ରରୁ ରୋଗୀ ଔଷଧ ନେଇପାରିବେ ବୋଲି ମେଡିକାଲ କର୍ତ୍ତୃପକ୍ଷ କହିଥିଲେ। ହେଲେ ଏହି ବ୍ୟବସ୍ଥା ଏବେ ବାଟବଣା ହୋଇଛି।

ODISHA HYDRO POWER CORPORATION LTD.
O/o Sr. GENERAL MANAGER, HIRAKUD HYDRO ELECTRIC PROJECT,
POST BOX. NO. 5, BURLA - 768017, DISTRICT : SAMBALPUR (ODISHA), INDIA
PHONE : 0663-2950721 (O), 2950765 (R), E-Mail : srgmhps_burla@yahoo.co.in
CIN : U40101OR1995SGC003963

No. HHEP/Tech-Pur-131/1172 Date : 28.02.2025

NOTICE INVITING TENDER NO HHEP-07/2025

No.CAD-2716 : Sealed Tenders are invited in double sealed cover from the Manufactures / Authorized Dealer / General Supplier and fulfilling the eligibility criteria as per the tender specification for the work as mentioned below.

| Name of work | Cost of tender paper (Non-Refundable) | EMD in Rs. | Availability of tender | Last date & Time of receipt tender | Date & Time of opening of tender |
|---|---|---|---|---|---|
| Supply of hardware, PHD & sanitary materials for HHEP, Burla | Rs. 7080/- (Rs. 6000/- + GST 18%) | 14340/- | 06.03.25 (11:00 A.M.) to 19.03.25 upto 03:00 P.M. | 19.03.25 upto 03:30 P.M. | 19.03.25 at 04:00 P.M. |

Further details and further correspondence / corrigendum, please visit our website www.ohpcltd.com
OIPR-04007/11/0023/2425 Sd./- C&P Head, HHEP, Burla

# ଶିରୁଳି ସ୍ୱାସ୍ଥ୍ୟକେନ୍ଦ୍ରକୁ ନିୟମିତ ଆସୁନାହାନ୍ତି ଡାକ୍ତର

## କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳଙ୍କୁ ଦାବିପତ୍ର

ପୁରୀ,୨।୩(ଅଜିତ୍ କୁମାର ମହାନ୍ତି)

ଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଶିରୁଳି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିୟମିତ ଭାବେ ଡାକ୍ତର ଆସୁନାହାନ୍ତି। ଡାକ୍ତର ନିଜ ଇଚ୍ଛା ସମର ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ପରିସରସ୍ଥ ସରକାରୀ କ୍ୱାର୍ଟର କିମ୍ବା ସ୍ୱାସ୍ଥ୍ୟକେନ୍ଦ୍ର ପରିଧିର ୮ କି.ମି. ପରିଧି ମଧ୍ୟରେ ରହୁନାହାନ୍ତି। ଫଳରେ ସପ୍ତାହକୁ ୬ଦିନ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟ କରୁନାହାନ୍ତି। ସପ୍ତାହରେ ଦୁଇଦିନ କାର୍ଯ୍ୟ କରୁଛନ୍ତି। ସେହିଭଳି କେନ୍ଦ୍ରର ଓପିଡି ଅପରାହ୍ନ ସମୟରେ ବନ୍ଦ ରହୁଛି। ସକାଳେ ମଧ ଠିକ୍ ସମୟରେ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଉନାହିଁ। ଏନେଇ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଅଭିଯୋଗ ଜଣାଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ତେଣୁ ତଦନ୍ତ କରି ତୁରନ୍ତ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବରାଳ ଦାବି କରିଛନ୍ତି।

WORKS DEPARTMENT No.B-1052
OFFICE OF THE SUPERINTENDING ENGINEER,
ROURKELA (R&B) DIVISION, UDITNAGAR, ROURKELA
E-Mail Id : eepwdrkl@gmail.com
Government of Orissa "e" Procurement Notice
Bid Identification No. : 105/2024-25 Dated : 27.02.2025

1. Number of works : 1 (One) number of Works.
2. Estimated cost : Rs.70.87 Lakhs.
3. Period of completion : 6 (Six) calendar months.
4. Date & Time of availability of bid document in the portal : Dt. 06.03.2025 at 11.00 A.M.
5. Last date / Time for receipt of bids in the portal : Dt. 17.03.2025 up to 05.00 P.M.
6. Date of opening of Bid : Dt. 18.03.2025 at 11.00 A.M.
7. Name and Address of the Officer Inviting Bid : Superintending Engineer, (R&B) Division, Rourkela, Uditnagar.
8. Subsequently corrigendum/addendum if required shall only be available in website MORTH, https://eprocure.gov.in.

Further details can be seen from the e-procurement portal http//tendersorissa.gov.in.
Sd./- Superintending Engineer
Rourkela (R&B) Division
OIPR-34068/11/0025/2425

# ଭାରତର ସାହିତ୍ୟିକ ପରମ୍ପରାକୁ ଆହୁରି ସମୃଦ୍ଧ କରିବାର ଆବଶ୍ୟକତା ରହିଛି




ଜାତୀୟ କର୍ମଶାଳାରେ ଅତିଥିମାନେ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୨।୩(ସୁଚିସ୍ମିତା ସାହୁ)

ଉତ୍କଳ ବିଶ୍ୱବିଦ୍ୟାଳୟ ଇଂଲିଶ ବିଭାଗ ପକ୍ଷରୁ 'ଭାରତୀୟ ପାଠ୍ୟ ପରମ୍ପରା: ଦେଶୀୟ ଏବଂ ଉନ୍ନତ ପରିବେଶ' ଶୀର୍ଷକ ଦୁଇ ଦିନିଆ ଜାତୀୟ କର୍ମଶାଳା ରବିବାର ବିଭାଗ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରାଚୀନ ଏବଂ ସମସାମୟିକ ଭାରତୀୟ କାହାଣୀ କୌଶଳ ଓ ଧାରା, ଇଂଲିଶ ସାହିତ୍ୟ ସହିତ ସେମାନଙ୍କ ସମ୍ପର୍କର ଅନୁସନ୍ଧାନ ଉପରେ ଆଲୋଚକମାନେ ବକ୍ତବ୍ୟ ରଖିଥିଲେ। ଅରୁଣାଚଳ ପ୍ରଦେଶର ରାଜୀବ ଗାନ୍ଧୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ମହୀଶୂର ବିଶ୍ୱବିଦ୍ୟାଳୟର ପୂର୍ବତନ ଇଂଲିଶ ପ୍ରଫେସର ପ୍ରଫେସର କେ.ସି. ବେଲିଆପ୍ପା ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଲୋଚନାଚକ୍ରକୁ ଉଦଘାଟନ କରିଥିଲେ। ବିଶ୍ୱବିଦ୍ୟାଳୟ ଇଂଲିଶ ବିଭାଗର ମୁଖ୍ୟ ପ୍ରଫେସର ତଥା କର୍ମଶାଳା ସଂଯୋଜକ ଅସୀମ ରଞ୍ଜନ ପାଢ଼ୀ ପ୍ରସଙ୍ଗ ଉପରେ ଆଲୋଚନା କରି କହିଲେ, ଭାରତର ଅନ୍ତର୍ନିହିତ ସାହିତ୍ୟିକ ପରମ୍ପରା ଏବଂ ସମସାମୟିକ ସାହିତ୍ୟର ପରିସରକୁ ଆହୁରି ସମୃଦ୍ଧ କରିବାର ଆବଶ୍ୟକତା ରହିଛି। ପ୍ରଦୋଷ ଚୌଧୁରୀ ମହାନ୍ତି ସାହିତ୍ୟ ସାଧନାରେ ଭାରତୀୟ ପରମ୍ପରାର ସଂରକ୍ଷଣ ଜାରି ରଖିବା ଉଚିତ ବୋଲି କହିଥିଲେ। ବିଭାଗର ସହକାରୀ ପ୍ରଫେସର ଏସ. ଦୀପିକା ସ୍ୱାଗତ ଅଭିଭାଷଣ ଓ ସହକାରୀ ପ୍ରଫେସର ପୁଲସ୍ତ୍ୟ ଜାନି ଧନ୍ୟବାଦ ଅର୍ପଣ କରିଥିଲେ।

FORM NO. 13
BEFORE THE DEBTS RECOVERY TRIBUNAL, CUTTACK, ORISSA
C-71, SECTOR-7, CDA, CUTTACK, ODISHA.
O.A.No. 527/2024
Bank of Maharashtra, BBSR Branch ....................Applicant
Versus
Biswaranjan Maharana & Others ...............Defendant(s)
To,
1) Biswaranjan Maharana, aged 38 years, S/o: Krutibash Maharana, At: Flat No.: 201/A, Ground Floor, Sai Bijay Palace, Po: Jharpada, Bhubaneswar, Odisha-D1.
2) Mrs. Rashmita Maharana, aged about 32 years, W/o: Biswaranjan Maharana, At: Flat No.: 201/A, Ground Floor, Sai Bijaya Palace, Po: Jharpada, Bhubaneswar, Odisha-D2.

SUMMONS BY PAPER PUBLICATION
FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED

Take notice that the applicant has instituted an O.A.No. 527/2024 in the court of the Debts of Recovery Tribunal, Cuttack for recovery of Rs.20,05,440/- only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorized agent, in support of their defence to show cause within 30 days from the publication or on 05.05.2025 at 10.30 am as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this 25th day of February 2025.
Sd/-
(Nikhila Ranjan Pati)
Registrar

No.W-82
ACCESS TO JUSTICE FOR ALL

ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ, ୨୦୨୫
୦୮.୦୩.୨୦୨୫ (ଦ୍ୱିତୀୟ ଶନିବାର)
ବିଶେଷ ସୂଚନା

୧) ଆଜ୍ଞା, କଚେରିରେ ଆପଣଙ୍କର କୌଣସି ମକଦ୍ଦମା ବିଚାରାଧୀନ ରହିଛି କି ବା ଆପଣଙ୍କର କାହା ସହିତ କୌଣସି ବିବାଦ ରହିଛି କି ?
୨) ତେବେ ଆପଣ ସେ ମକଦ୍ଦମା/ବିବାଦର ସହଜ ଏବଂ ଆପୋସ ସହମତିରେ ସମାଧାନ ପାଇଁ ଲୋକ ଅଦାଲତର ସହାୟତା ନିଅନ୍ତୁ ।
୩) ୦୮.୦୩.୨୦୨୫ (ଦ୍ୱିତୀୟ ଶନିବାର)ରେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ତଥା ପ୍ରତ୍ୟେକ ଜିଲ୍ଲାସ୍ତରୀୟ ଏବଂ ତାଲୁକସ୍ତରୀୟ ବିଚାର ବିଭାଗୀୟ ନ୍ୟାୟାଳୟ ପରିସରରେ ଏକ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଛି ।
୪) ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା, ତଥା ଫୌଜଦାରି (ସାଲିସ୍‌ଯୋଗ୍ୟ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲା, ଶ୍ରମ ବିବାଦ ମାମଲା, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ମାମଲା ଯଥା ବିଦ୍ୟୁତ୍ ଓ ଜଳ ବିଲ୍ ପୈଠ ସମ୍ବନ୍ଧୀୟ ମାମଲା (ସାଲିସ୍‌ବିହୀନ ବିବାଦକୁ ବାଦ୍ ଦେଇ), ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ)/ପାରିବାରିକ ବିବାଦ, ଜମି ଅଧିଗ୍ରହଣ ମାମଲା, ଚାକିରି ସମ୍ବନ୍ଧୀୟ (ପେନ୍‌ସନ୍ ମାମଲା ଅନ୍ତର୍ଭୁକ୍ତ), ରାଜସ୍ୱ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ମାମଲା (ଉଚ୍ଚତମ ନ୍ୟାୟାଳୟ, ଜିଲ୍ଲା କୋର୍ଟରେ ଓ ରାଜ୍ୟ/ଜିଲ୍ଲା/ତାଲୁକ କର୍ତ୍ତୃପକ୍ଷଙ୍କ ନିକଟରେ ଥିବା ବିଚାରାଧୀନ), ବୌଦ୍ଧିକ ସମ୍ପତ୍ତି ଅଧିକାର ମାମଲା/ ଖାଉଟି ବିବାଦ/ ଅନ୍ୟାନ୍ୟ ବିବାଦ କୌଣସି ଅର୍ଦ୍ଧ-ନ୍ୟାୟିକ ପ୍ରାଧିକରଣ ନିକଟରେ ବିଚାରାଧୀନ ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଆପୋସ ସହମତିରେ ସମାଧାନ କରାଯାଇପାରିବ ।
୫) କେବଳ ବିଚାରାଧୀନ ମକଦ୍ଦମା ନୁହେଁ, ପ୍ରାକ୍-ମକଦ୍ଦମାସ୍ତରୀୟ (ନ୍ୟାୟାଳୟରେ ଦାୟର ହୋଇ ନଥିବା) ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ବିବାଦ, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ବିବାଦଗୁଡ଼ିକ (ସାଲିସ୍‌ବିହୀନ ବିବାଦକୁ ବାଦ୍ ଦେଇ), ବୈବାହିକ ବିବାଦ (ଛାଡପତ୍ର ବ୍ୟତୀତ)/ପାରିବାରିକ ବିବାଦ ଓ ଅନ୍ୟାନ୍ୟ ମକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ ।
୬) ଲୋକ ଅଦାଲତରେ ମକଦ୍ଦମା/ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡ଼ାନ୍ତ ଏବଂ ଅମଳଯୋଗ୍ୟ ।
୭) ଯଦି କୌଣସି ବିଚାରାଧୀନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ ।
୮) ଦୀର୍ଘଦିନ ଧରି ଚାଲୁ ରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇବା ପାଇଁ ଏହି ସୁବର୍ଣ୍ଣ ସୁଯୋଗର ସଦୁପଯୋଗ କରନ୍ତୁ ।
୯) ସବିଶେଷ ବିବରଣୀ ନିମନ୍ତେ ଆପଣଙ୍କ ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଥିବା ଜିଲ୍ଲା ବା ତାଲୁକ୍ ଆଇନ ସେବା କାର୍ଯ୍ୟାଳୟ ସହ ତୁରନ୍ତ ଯୋଗାଯୋଗ କରନ୍ତୁ ।

ସଦସ୍ୟ ସଚିବ
ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ
ଆଇନସେବା ଭବନ, ସେକ୍ଟର-୧, ସିଡିଏ, କଟକ
ଯୋଗାଯୋଗ: ମୋ-୯୪୩୮୫୭୮୫୮୬/୮୨୪୯୫୪୨୨୫୯
ଇ-ମେଲ୍: oslsa2020@gmail.com
OIPR-18008/11/0010/2425

# କିଶୋରୀ ସଶକ୍ତ ହେଲେ ନାରୀଶକ୍ତି ସକ୍ରିୟ ହେବ

## ବ୍ଳକସ୍ତରୀୟ କିଶୋରୀ-କିଶୋର ସମାବେଶ

ଅସ୍ତରଙ୍ଗ,୨।୩(ପ୍ରଦୀପ୍ତ କୁମାର ଦୀକ୍ଷିତ)

କିଶୋରୀମାନେ ସଶକ୍ତ ହେଲେ ନାରୀଶକ୍ତି ସକ୍ରିୟ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମହିଳା ଶିଶୁ ବିକାଶ ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ବ୍ଳକସ୍ତରୀୟ କିଶୋରୀ-କିଶୋର ସମାବେଶ ଅସ୍ତରଙ୍ଗ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ନୋଡାଲ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିରଞ୍ଜନ ବେହେରା, ଅନ୍ୟତମ ଅତିଥି ଭାବେ ଅସ୍ତରଙ୍ଗ ମଣ୍ଡଳ ଶିଶୁବିକାଶ ପ୍ରକଳ୍ପ ଅଧିକାରିଣୀ (ସିଡିପିଓ) ମମତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ନୋଡାଲ୍ ବିଦ୍ୟାଳୟର ଛାତ୍ରୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ଓଡ଼ିଆ ରଚନା, କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ଚିତ୍ରାଙ୍କନରେ ପ୍ରଥମ ସାଇ ପ୍ରଜ୍ଞାନ ପାଲ, ଓଡ଼ିଆ ରଚନାରେ ପ୍ରଥମ ଶିବାନୀ ବସ୍ତିଆ, କୁଇଜ୍ ପ୍ରତିଯୋଗିତାରେ ପ୍ରଥମ ଆଦ୍ୟାଶା ବେହେରା, ଦ୍ୱିତୀୟ ବିଷ୍ଣୁପ୍ରିୟା ସ୍ୱାଇଁ, ଶୁଭଦର୍ଶନୀ ମଲ୍ଲ ତୃତୀୟ ସ୍ଥାନ ଅଧିକାର କରିଥିଲେ।

କବାଡି ଓ ଦଉଡ଼ି ଟାଣିବା ପ୍ରତିଯୋଗିତାରେ ବିଷ୍ଣୁପ୍ରିୟା ବରାଳ, ସୁଚିତ୍ରା ବେହେରା, ଦୀପ୍ତିମୟୀ ମହାନ୍ତି, ପ୍ରତିମା ବସ୍ତିଆ, ବିଦ୍ୟୁଲତା ନାୟକ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଖୋଟିରେ ପ୍ରଥମ ବିଦ୍ୟୁଲତା ନାୟକ, ଦ୍ୱିତୀୟ ଅନୁରାଧା ସ୍ୱାଇଁ, ତୃତୀୟ ବେବି ନାୟକ ଓ ଗୀତ ଗାଇବାରେ ପ୍ରଥମ ଗୀତାଲତା ରଥ, ଦ୍ୱିତୀୟ ଜୟନ୍ତୀ ବେହେରା ଓ ତୃତୀୟ ବିଷ୍ଣୁପ୍ରିୟା ବରାଳ ମନୋନୀତ ହୋଇଥିଲେ। କାର୍ଯ୍ୟକ୍ରମରେ ମଣ୍ଡଳ ପରିଦର୍ଶିକା ଲକ୍ଷ୍ମୀ ନାୟକ ଅତିଥି ଭାବେ ଯୋଗଦେଇ ମହିଳା ଓ ଶିଶୁ ବିକାଶର ଏହି ପ୍ରଚେଷ୍ଟାକୁ ପ୍ରଶଂସା କରିଥିଲେ। ଏହିଭଳି କାର୍ଯ୍ୟକ୍ରମ କିଶୋରୀ-କିଶୋରମାନଙ୍କ ମଧ୍ୟରେ ନେତୃତ୍ୱ ନେବା, ଦଳଗତ କାର୍ଯ୍ୟ ଓ ଖେଳୁଆଡ଼ ମନୋଭାବ ବିକଶିତ କରିବ ବୋଲି ସେ ଉଲ୍ଲେଖ କରିଥିଲେ। ବ୍ଳକସ୍ତରୀୟ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରମାନେ ୫ ତାରିଖରେ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ ବୋଲି ସୂଚନା ମିଳିଛି।



ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ବ୍ଳକସ୍ତରୀୟ କିଶୋରୀ-କିଶୋର ସମାବେଶରେ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରମାନେ।

# ଶିରୁଳି ସ୍ୱାସ୍ଥ୍ୟକେନ୍ଦ୍ରକୁ ନିୟମିତ ଆସୁନାହାନ୍ତି ଡାକ୍ତର

## କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳଙ୍କୁ ଦାବିପତ୍ର

ପୁରୀ,୨।୩(ଅଜିତ୍ କୁମାର ମହାନ୍ତି)

ଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଶିରୁଳି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିୟମିତ ଭାବେ ଡାକ୍ତର ଆସୁନାହାନ୍ତି। ଡାକ୍ତର ନିଜ ଇଚ୍ଛା ସମର ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ପରିସରସ୍ଥ ସରକାରୀ କ୍ୱାର୍ଟର କିମ୍ବା ସ୍ୱାସ୍ଥ୍ୟକେନ୍ଦ୍ର ପରିଧିର ୮ କି.ମି. ପରିଧି ମଧ୍ୟରେ ରହୁନାହାନ୍ତି। ଫଳରେ ସପ୍ତାହକୁ ୬ଦିନ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟ କରୁନାହାନ୍ତି। ସପ୍ତାହରେ ଦୁଇଦିନ କାର୍ଯ୍ୟ କରୁଛନ୍ତି। ସେହିଭଳି କେନ୍ଦ୍ରର ଓପିଡି ଅପରାହ୍ନ ସମୟରେ ବନ୍ଦ ରହୁଛି। ସକାଳେ ମଧ୍ୟ ଠିକ୍ ସମୟରେ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଉନାହିଁ। ଏନେଇ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଅଭିଯୋଗ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ତେଣୁ ତଦନ୍ତ କରି ତୁରନ୍ତ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବରାଳ ଦାବି କରିଛନ୍ତି।

# ଜିଲା ବିଜେଡି ନିର୍ବାଚନ ଅଧିକାରୀଙ୍କୁ ସମ୍ବର୍ଦ୍ଧନା



ଜିଲା ବିଜେଡି ନିର୍ବାଚନ ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ପିପିଲି,୨।୩(ଦୁର୍ଗାମାଧବ ମିଶ୍ର)

ପିପିଲି ବିଜେଡି ମୁଖ୍ୟ କାର୍ଯ୍ୟାଳୟ ଠାରେ ପୁରୀ ଜିଲା ନିର୍ବାଚନ ଅଧିକାରୀ ବୈରାଗୀ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ପିପିଲି ବ୍ଲକ ବିଜେଡି ସଭାପତି ତଥା ଉପାଧ୍ୟକ୍ଷ ପ୍ରଫୁଲ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ସଭାରେ ଡେଲାଙ୍ଗ-ପିପିଲି ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥୀ, ପୁରୀ ଜିଲା ଯୁବ ବିଜେଡି ସଭାପତି ନାରାୟଣ ସ୍ୱାଇଁ, ଡେଲାଙ୍ଗ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ପିପିଲି ବ୍ଲକ ଅଧ୍ୟକ୍ଷା ଦେବସ୍ୱିନୀ ନନ୍ଦ, ଉପାଧ୍ୟକ୍ଷ ଦୁର୍ବାସା ନିଶଙ୍କ, ପିପିଲି ଏନ୍ଏସି ଅଧ୍ୟକ୍ଷ ସେକ୍ ବାବୁ, ଉପାଧ୍ୟକ୍ଷ ଭାଗ୍ୟବତୀ ମହାରଣା, ପୁରୀ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପର୍ଶୁରାମ ମହାପାତ୍ର, ଜିଲାପରିଷଦ ସୁଶାନ୍ତ ମଲ୍ଲିକ, ଧରଣୀଧର ସାହୁ ପ୍ରମୁଖ ସମେତ ପିପିଲି-ଡେଲାଙ୍ଗ ବ୍ଲକର ସରପଞ୍ଚ, ସମିତିସଭ୍ୟ ଏବଂ ବିଜୁ ଜନତା ଦଳର ମୁରବୀ ଓ କର୍ମୀମାନେ ଯୋଗ ଦେଇଥିଲେ। ଡେଲାଙ୍ଗ, ପିପିଲି ବ୍ଲକ୍ ସମେତ ପିପିଲି ଏନ୍ଏସିର ଜଣେ ଲେଖାଏ ନିର୍ବାଚନ ଅଧିକାରୀ ନିଯୁକ୍ତ କରାଯାଇ ପଞ୍ଚାୟତ ଓ ବ୍ଲକସ୍ତରୀୟ କାର୍ଯ୍ୟକର୍ତ୍ତା ଚୟନ କରିବା ପାଇଁ ପୂର୍ବତନ ବିଧାୟକ ମହାରଥୀଙ୍କ ସହିତ ଆଲୋଚନା କରାଯାଇଛି।

# ଜିଲା ସିନିୟର ସିଟିଜେନ୍ସ ଫୋରମ୍‌ର ତୃତୀୟ ଦ୍ୱିବାର୍ଷିକ ସମ୍ମିଳନୀ





ସମ୍ମିଳନୀରେ ପୁସ୍ତକ 'ଅସ୍ତରାଗ'କୁ ଅତିଥିମାନେ ଲୋକାର୍ପଣ କରୁଛନ୍ତି।

ପୁରୀ,୨।୩ (ଅଜିତ କୁମାର ମହାନ୍ତି)

ସ୍ଥାୟୀୟ ଯୁଥ ହଷ୍ଟେଲ ପରିସରରେ ପୁରୀ ଜିଲା ସିନିୟର ସିଟିଜେନ୍ସ ଫୋରମର ତୃତୀୟ ଦ୍ୱିବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ଯୋଗଦେଇ ସମ୍ମିଳନୀକୁ ଉଦଘାଟନ କରିଥିଲେ। ଫୋରମ ସଭାପତି ପ୍ରଫେସର କାର୍ତ୍ତିକ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟବକ୍ତାଭାବେ ରାଜ୍ୟ ମହାସଂଘ ସାଧାରଣ ସମ୍ପାଦକ ଡ. ଯୁଗଳ କିଶୋର ସାହୁ, ସମ୍ମାନିତ ଅତିଥିଭାବେ ବରିଷ୍ଠ ନାଗରିକ ମହାସଂଘ ରାଜ୍ୟ ସଭାପତି ଡ. ମଧୁମାଧବ ଜେନା, ଭୁବନେଶ୍ୱର ସନ୍‌ସାଇନ ହସ୍ପିଟାଲର ହୃଦରୋଗ ବିଶେଷଜ୍ଞ ଡାକ୍ତର ରିତେଶ ଆଚାର୍ଯ୍ୟ ଯୋଗଦେଇଥିଲେ। ସମ୍ମିଳନୀରେ ସିନିୟର ସିଟିଜେନ୍ ଫୋରମର ଦାବି ଅନୁଯାୟୀ, କଣାସ ଓ ଅସ୍ତରଙ୍ଗ ବ୍ଲକକୁ ମୋ ବସ୍ ସେବା ଯୋଗାଇ ଦିଆଯାଉ। ନିକଟ ଅତୀତରେ ପୁରୀରେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଏକ ପ୍ରତିନିଧିମଣ୍ଡଳୀ ଭେଟି ସରକାର ବନ୍ଦ କରିଥିବା ବରିଷ୍ଠ ନାଗରିକ ରିହାତି ରେଳ ଯାତ୍ରା ପୁନଃ ପ୍ରଚଳନ ପାଇଁ ଦାବି କରିଥିଲେ। ବିଶେଷକରି ନିକଟରେ କଣାସ ଅଞ୍ଚଳରେ ବନ୍ୟା ଓ ଝଡ଼ାବାତ୍ୟାର ଭୟାବହତା ସମସ୍ତଙ୍କୁ ବ୍ୟଥିତ କରିଛି। ଏତଦ୍‌ବ୍ୟତୀତ ପୁରୀ ସହରର ଡ୍ରେନ୍ ଜଳ ନିଷ୍କାସନ ନ ହୋଇପାରିବା ସହରବାସୀଙ୍କୁ ବ୍ୟଥିତ କରିଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି। ସର୍ବୋପରି ୭୦ ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ଆୟୁଷ୍ମାନ ଯୋଜନାରେ ସାମିଲ କରିବା ନିମନ୍ତେ ସରକାର ଯେଉଁ ନିଷ୍ପତ୍ତି ନେଇଛନ୍ତି, ତାହା ୬୦ ବର୍ଷରୁ ଲାଗୁକରିବା ପାଇଁ ଦାବି ହୋଇଥିଲା। ଏହି ଅବସରରେ ସନ୍ତୋଷ କୁମାର ମହାନ୍ତିଙ୍କ ସମ୍ପାଦନାରେ ଫୋରମର ସ୍ୱତନ୍ତ୍ର ପୁସ୍ତକ 'ଅସ୍ତରାଗ' ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ପ୍ରାରମ୍ଭରେ ଅଭ୍ୟର୍ଥନା ସମିତି ଅଧ୍ୟକ୍ଷା ପ୍ରତିଭା ତ୍ରିପାଠୀ ସ୍ୱାଗତ ଅଭିଭାଷଣ ଓ ସାଧାରଣ ସମ୍ପାଦକ ଦେବେନ ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। କୋଷାଧକ୍ଷ ଗୋଲକ ଚନ୍ଦ୍ର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ତ୍ରିବିକ୍ରମ ମିଶ୍ର, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ଶଙ୍କର ବାରିକ, ସଞ୍ଜୟ କୁମାର ଦାସ, ଅଶୋକ କୁମାର ମହାନ୍ତି, ସୁରେନ୍ଦ୍ର ନାଥ ସାହୁ, ମନୋରମା ପାଢ଼ୀ, ସାରଦା ନନ୍ଦ, ସତ୍ୟନାରାୟଣ ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ପ୍ରଶାନ୍ତ କୁମାର ଦାସ ଧନ୍ୟବାଦ ଦେଇଥିଲେ।

# ୧୦ଯାଏ ଶ୍ରୀ ଶ୍ରୀ ଅଷ୍ଟଲକ୍ଷ୍ମୀ ମହାଯଜ୍ଞ

ପୁରୀ,୨।୩(ଅଜିତ୍ କୁମାର ମହାନ୍ତି)

ପୂଜାନନା ଯଜ୍ଞ ଫାଉଣ୍ଡେଶନ ଏବଂ ପରିବର୍ତ୍ତନ ଓଡ଼ିଶା ପକ୍ଷରୁ ଶ୍ରୀ ଶ୍ରୀ ଅଷ୍ଟଲକ୍ଷ୍ମୀ ମହାଯଜ୍ଞ ୨ତାରିଖରୁ ଆରମ୍ଭ ହୋଇଥିବାବେଳେ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଯଜ୍ଞ ଗିରୋଳ ଛକ ନିକଟସ୍ଥ ଶାମୁକା ପ୍ରକଳ୍ପ ପାର୍ଶ୍ୱରେ ଆୟୋଜନ ହେଉଛି। ଓଡ଼ିଶାବାସୀଙ୍କ ସୁଖ, ଶାନ୍ତି, ସମୃଦ୍ଧି ତଥା ପରିବେଶର ଶୁଦ୍ଧୀକରଣ, ପୂଜା ଓ ଜାଗଯଜ୍ଞ ଆଦିରେ ଶୁଦ୍ଧ ସାମଗ୍ରୀ ବ୍ୟବହାର ପାଇଁ ସଚେତନତା କରାଯିବ। ଯଜ୍ଞରେ ୧୫୧ ଜଣ ବ୍ରାହ୍ମଣଙ୍କ ଦ୍ୱାରା ୨୫ଟି ଯଜ୍ଞକୁଣ୍ଡରେ ୨୫ କୁଇଣ୍ଟାଲ ବିଶୁଦ୍ଧ ଗାଈ ଘିଅର ଆହୁତି ଏବଂ ଶ୍ରୀ ଶ୍ରୀ ମହାଲକ୍ଷ୍ମୀଙ୍କ ୧୨ଲକ୍ଷ ମନ୍ତ୍ର ଜପ ଓ ୧ଲକ୍ଷ ୨୦ ହଜାର ଆହୁତି ପ୍ରଦାନ କରାଯିବ। ପୂଜନନା ଯଜ୍ଞ ଫାଉଣ୍ଡେଶନ ମୁଖ୍ୟ ପୃଷ୍ଠପୋଷକ ତଥା ଅଧ୍ୟକ୍ଷ ଗୁରୁ ଚରଣ ପଣ୍ଡା, ପରିବର୍ତ୍ତନ ଓଡ଼ିଶା ତଥା ଯଜ୍ଞ ଅଭ୍ୟର୍ଥନା ସମିତି ଅଧ୍ୟକ୍ଷ ଜିତେନ୍ଦ୍ର ମହାପାତ୍ର, ଯଜ୍ଞ ପରିଚାଳନା ସମିତି ଅଧ୍ୟକ୍ଷ ଜୟନ୍ତ କୁମାର ଷଡ଼ଙ୍ଗୀ, ବୈଜ୍ଞାନିକ ସମିତି ସଂଯୋଜକ ଡ. ଅନନ୍ତ ସାହୁ, ଡ. ଜଗନ୍ନାଥ ରଥ, ବେଦାଚାର୍ଯ୍ୟ ପଣ୍ଡିତ ଗୋପାଳ ମହାପାତ୍ର, ଗଣେଶ୍ୱର ମହାସୁଆର, ନରେନ୍ଦ୍ର ମହାନ୍ତି, କୃଷ୍ଣଚନ୍ଦ୍ର ଦାସ, ସଂଗ୍ରାମ କାନୁନଗୋ, ଶ୍ୟାମସୁନ୍ଦର ମହାପାତ୍ର ଓ ନରେନ୍ଦ୍ର ମହାନ୍ତି ପ୍ରମୁଖ ଏହି ସୂଚନା ଦେଇଥିଲେ।

# ପ୍ରଧାନଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା

ଯୋଗେଶ୍ୱରପୁର,୨।୩(ରଶ୍ମିରଞ୍ଜନ ସାହୁ)



ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଅତିଥିମାନେ।

ଧୂମାଳ ପଞ୍ଚାୟତରେ ଥିବା ନରସିଂହପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ପରିଡ଼ାଙ୍କ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୁବନେତା ଅଭିମନ୍ୟୁ ସିଂହ ଓ ମୁଖ୍ୟ ବକ୍ତା ଭାବେ କାକଟପୁର ବ୍ଲକର ପୂର୍ବତନ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ଦାସ, ସମ୍ମାନିତ ଅତିଥି ଭାବେ ସିଙ୍ଗପାନିଆଁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିକର୍ତ୍ତନ ଦୀକ୍ଷିତ, ଶିକ୍ଷକ ସନ୍ତୋଷ ବିଶ୍ୱାଳ, ଧୂମାଳ ସେବା ସମବାୟ ସମିତିର ସଭାପତି କୃଷ୍ଣଚନ୍ଦ୍ର ସ୍ୱାଇଁ, ପ୍ରଭାତ ନନ୍ଦିନୀ ମହାନ୍ତି, ଶିକ୍ଷକ ନିରଞ୍ଜନ ସ୍ୱାଇଁ ପରିଡ଼ାଙ୍କ ଉଦ୍ଦେଶ୍ୟରେ କବିତା ପାଠ କରିଥିଲେ। ଶିକ୍ଷକ ସଂଘର ସମ୍ପାଦକ ସରୋଜ କୁମାର ମିଶ୍ର ସଭାପତିତ୍ୱ କରିଥିବା ବେଳେ ଶିକ୍ଷୟିତ୍ରୀ କବିତା ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ସଭାପତି କାହ୍ନୁ ନାୟକ ଓ ଗୋପ ବ୍ଲକ ଶିକ୍ଷକ ସଂଘର ସଭାପତି ଅଜୟ କୁମାର ରଥ, ଶିକ୍ଷକ ଦେବୀ ପ୍ରସାଦ ପାତ୍ର, ଦେଓ୍ୱଳୀ ସ୍କୁଲର ପ୍ରଧାନ ଶିକ୍ଷକ ସୁରଜିତ୍ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


**ODISHA HYDRO POWER CORPORATION LTD.**
O/o Sr. GENERAL MANAGER, HIRAKUD HYDRO ELECTRIC PROJECT,
POST BOX. NO. 5, BURLA - 768017, DISTRICT : SAMBALPUR (ODISHA), INDIA
PHONE : 0663-2950721 (O), 2950765 (R), E-Mail : srgmhps_burla@yahoo.co.in
CIN : U40101OR1995SGC003963

No. HHEP/Tech-Pur-131/1172 Date : 28.02.2025

**NOTICE INVITING TENDER NO HHEP-07/2025**

**No.CAD-2716** : Sealed Tenders are invited in double sealed cover from the Manufactures / Authorized Dealer / General Supplier and fulfilling the eligibility criteria as per the tender specification for the work as mentioned below.

| Name of work | Cost of tender paper (Non-Refundable) | EMD in Rs. | Availability of tender | Last date & Time of receipt tender | Date & Time of opening of tender |
|---|---|---|---|---|---|
| Supply of hardware, PHD & sanitary materials for HHEP, Burla | Rs. 7080/- (Rs. 6000/- + GST 18%) | 14340/- | 06.03.25 (11:00 A.M.) to 19.03.25 upto 03:00 P.M. | 19.03.25 upto 03:30 P.M. | 19.03.25 at 04:00 P.M. |

Further details and further correspondence / corrigendum, please visit our website www.ohpcltd.com
OIPR-04007/11/0023/2425 Sd./- C&P Head, HHEP, Burla


# ଭଏସ୍ ଅଫ୍ ଜାଗୃତିର ସଙ୍ଗୀତ ଅଡିଶନ୍





ଅଡିଶନ୍‌ରେ ଜଣେ ପ୍ରତିଯୋଗୀ ଗୀତ ଗାଉଛନ୍ତି।

ପିପିଲି,୨।୩(ପ୍ରଭାତ କୁମାର ମହାପାତ୍ର)

ଜାଗୃତି ସାଂସ୍କୃତିକ ଯୁବ ସଂଗଠନ ପକ୍ଷରୁ ଭଏସ୍ ଅଫ୍ ଜାଗୃତିର ସଙ୍ଗୀତ ଅଡିଶନ୍ ରବିବାର ପିପିଲି ବ୍ଲକ ଛକସ୍ଥିତ ବୈଦିକ ଟେକ୍ନୋ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପିପିଲି, ନିମାପଡ଼ା, ଡେଲାଙ୍ଗ ବ୍ଲକ ଅଞ୍ଚଳରୁ ୫୦ରୁ ଊର୍ଦ୍ଧ୍ୱ ଗାୟକ ଓ ଗାୟିକା ଭାଗ ନେଇ ନିଜର ପ୍ରତିଭା ଦେଖାଇଥିଲେ। ସଂଗଠନର ସଭାପତି ପ୍ରଭାତ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସଙ୍ଗୀତ ନିର୍ଦ୍ଦେଶକ ତଥା ଅଧ୍ୟାପକ ଡ. ସଚିକାନ୍ତ ନାୟକ, ଅବସରପ୍ରାପ୍ତ ଶିକ୍ଷକ ତଥା ଆକାଶବାଣୀ ଦୂରଦର୍ଶନର ଗୀତିକାର ବୃନ୍ଦାବନ ଜେନା, କଣ୍ଠଶିଳ୍ପୀ ସୁକାନ୍ତ କୁମାର ସାହୁ, ଓଡ଼ିଶାର ଲୋକପ୍ରିୟ କଣ୍ଠଶିଳ୍ପୀ ସର୍ବେଶ୍ୱର ବୈଠାରୁ, ବୈଦିକ ଟେକ୍ନୋ ସ୍କୁଲର ପ୍ରିନ୍ସିପାଲ ଶୁଭଶ୍ରୀ ପଣ୍ଡା, ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ସୁରେନ୍ଦ୍ର ପୁଷ୍ପାଳକ ଯୋଗଦେଇ ମୂଲ୍ୟାୟନ କରି ମନୋନୟନ କରିଥିଲେ। ଏହି ଉନ୍ନୀତ ଯୁବ କଣ୍ଠଶିଳ୍ପୀମାନେ ଆଗାମୀ ଜାଗୃତି ମହୋତ୍ସବ ମାର୍ଚ୍ଚ ୩୦, ୩୧ ଓ ଏପ୍ରିଲ୍ ୧ରେ ନିଜର ସଙ୍ଗୀତ ଦକ୍ଷତା ଜାଗୃତି ମଞ୍ଚରେ ହଜାର ହଜାର ଦର୍ଶକଙ୍କ ସମ୍ମୁଖରେ ସିଧାସଳଖ ପ୍ରଦର୍ଶନ କରି ବିଶିଷ୍ଟ ସଙ୍ଗୀତ ବିଶାରଦମାନଙ୍କ ଦ୍ୱାରା ପରୀକ୍ଷିତ ହୋଇ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇ ପୁରସ୍କାର ଗ୍ରହଣ କରିବେ। ଉକ୍ତ କାର୍ଯ୍ୟକ୍ରମକୁ ସମ୍ପଦ ମହାପାତ୍ର ଓ ମୁନୁ ଅଗ୍ରୱାଲ ପରିଚାଳନା କରିଥିଲେ।

# ନୟାହାଟ ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ

ଯୋଗେଶ୍ୱରପୁର,୨।୩(ରଶ୍ମି ରଞ୍ଜନ ସାହୁ)

ନୟାହାଟ ହାଡ଼ିବନ୍ଧୁ କଲ୍ୟାଣମଣ୍ଡପ ଠାରେ ମଧୁସୂଦନ ବରିଷ୍ଠ ନାଗରିକ ମଞ୍ଚର ୫ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ୨ଶହରୁ ଊର୍ଦ୍ଧ୍ୱ ସଦସ୍ୟ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ପିପିଲି ବରିଷ୍ଠ ନାଗରିକ ସଂଘର ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ମୁଖ୍ୟବକ୍ତା ଭାବେ ଭୁବନେଶ୍ୱର ମହର୍ଷି ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ବସନ୍ତ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ମଙ୍ଗଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ମିତ୍ର, ଧୂମାଳ ସରପଞ୍ଚ ମୋନାଲିସା ସିଂହ, ଜଙ୍ଗଲବୋରି ସରପଞ୍ଚ ପ୍ରଭାତୀ ସାହୁ, ଈଶାଣପୁର ସରପଞ୍ଚ ବିନୋଦିନୀ ପାଳ, ଦେଓ୍ୱଳୀ ସରପଞ୍ଚ ରିସ୍ମା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ନୂତନ ଭାବେ ଯୋଗ ଦେଇଥିବା ୧୮ଜଣଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ଯୁଗ୍ମ ସମ୍ପାଦକ କୃଷ୍ଣ ଚନ୍ଦ୍ର ବାରିକ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଉପଦେଷ୍ଟା ମଧୁସୂଦନ ରାୟ, କାର୍ଯ୍ୟକାରୀ ସଭାପତି ପ୍ରସନ୍ନ କୁମାର ସ୍ୱାଇଁ, ଉପସଭାପତି ସୁରେନ୍ଦ୍ର ମୋହନ ବିଟି, ସଂଯୋଜକ ପ୍ରଭାତ କୁମାର ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ।


**WORKS DEPARTMENT** No.B-1052
**OFFICE OF THE SUPERINTENDING ENGINEER, ROURKELA (R&B) DIVISION, UDITNAGAR, ROURKELA**
E-Mail Id : eepwdrkl@gmail.com
**Government of Orissa "e" Procurement Notice**
**Bid Identification No. : 105/2024-25 Dated : 27.02.2025**

1. Number of works : 1 (One) number of Works.
2. Estimated cost : Rs.70.87 Lakhs.
3. Period of completion : 6 (Six) calendar months.
4. Date & Time of availability of bid document in the portal : Dt. 06.03.2025 at 11.00 A.M.
5. Last date / Time for receipt of bids in the portal : Dt. 17.03.2025 up to 05.00 P.M.
6. Date of opening of Bid : Dt. 18.03.2025 at 11.00 A.M.
7. Name and Address of the Officer Inviting Bid : Superintending Engineer, (R&B) Division, Rourkela, Uditnagar.
8. Subsequently corrigendum/addendum if required shall only be available in website MORTH, https://eprocure.gov.in.

Further details can be seen from the e-procurement portal http//tendersorissa.gov.in.
Sd./- Superintending Engineer
Rourkela (R&B) Division
OIPR-34068/11/0025/2425



**FORM NO. 13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA.**
**O.A.No. 527/2024**
Bank of Maharashtra, BBSR Branch ..................... Applicant
Versus
Biswaranjan Maharana & Others ............... Defendant(s)
To,
1) **Biswaranjan Maharana,** aged 38 years, S/o: Krutibash Maharana, At: Flat No.: 201/A, Ground Floor, Sai Bijay Palace, Po: Jharpada, Bhubaneswar, Odisha-D1.
2) **Mrs. Rashmita Maharana,** aged about 32 years, W/o: Biswaranjan Maharana, At: Flat No.: 201/A, Ground Floor, Sai Bijaya Palace, Po: Jharpada, Bhubaneswar, Odisha-D2.

**SUMMONS BY PAPER PUBLICATION**
**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A.No. 527/2024** in the court of the Debts of Recovery Tribunal, Cuttack for recovery of **Rs.20,05,440/-** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorized agent, in support of their defence to show cause within **30 days** from the publication or **on 05.05.2025 at 10.30 am** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **25th day of February 2025**.

Sd/-
(Nikhila Ranjan Pati)
Registrar



No.W-82

ନ୍ୟାୟ ସବ କେ ଲିଏ
ACCESS TO JUSTICE FOR ALL

**ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ, ୨୦୨୫**
୦୮.୦୩.୨୦୨୫ (ଦ୍ୱିତୀୟ ଶନିବାର)
**ବିଶେଷ ସୂଚନା**

୧) ଆଜ୍ଞା, କଚେରିରେ ଆପଣଙ୍କର କୌଣସି ମକଦ୍ଦମା ବିଚାରାଧୀନ ରହିଛି କି ବା ଆପଣଙ୍କର କାହା ସହିତ କୌଣସି ବିବାଦ ରହିଛି କି ?
୨) ତେବେ ଆପଣ ସେ ମକଦ୍ଦମା/ବିବାଦର ସହଜ ଏବଂ ଆପୋସ ସହମତିରେ ସମାଧାନ ପାଇଁ ଲୋକ ଅଦାଲତର ସହାୟତା ନିଅନ୍ତୁ ।
୩) ୦୮.୦୩.୨୦୨୫ (ଦ୍ୱିତୀୟ ଶନିବାର)ରେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ତଥା ପ୍ରତ୍ୟେକ ଜିଲ୍ଲାସ୍ତରୀୟ ଏବଂ ତାଲୁକସ୍ତରୀୟ ବିଚାର ବିଭାଗୀୟ ନ୍ୟାୟାଳୟ ପରିସରରେ ଏକ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଛି ।
୪) ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା, ତଥା ଫୌଜଦାରି (ସାଲିସ୍‌ଯୋଗ୍ୟ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲା, ଶ୍ରମ ବିବାଦ ମାମଲା, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ମାମଲା ଯଥା ବିଦ୍ୟୁତ୍ ଓ ଜଳ ବିଲ୍ ପୈଠ ସମ୍ବନ୍ଧୀୟ ମାମଲା (ସାଲିସ୍‌ବିହୀନ ବିବାଦକୁ ବାଦ୍ ଦେଇ), ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ)/ପାରିବାରିକ ବିବାଦ, ଜମି ଅଧିଗ୍ରହଣ ମାମଲା, ଚାକିରି ସମ୍ବନ୍ଧୀୟ (ପେନ୍‌ସନ୍ ମାମଲା ଅନ୍ତର୍ଭୁକ୍ତ), ରାଜସ୍ୱ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ମାମଲା (ଉଚ୍ଚତମ ନ୍ୟାୟାଳୟ, ଜିଲ୍ଲା କୋର୍ଟରେ ଓ ରାଜ୍ୟ/ଜିଲ୍ଲା/ତାଲୁକ କର୍ତ୍ତୃପକ୍ଷଙ୍କ ନିକଟରେ ଥିବା ବିଚାରାଧୀନ), ବୌଦ୍ଧିକ ସମ୍ପତ୍ତି ଅଧିକାର ମାମଲା/ ଖାଉଟି ବିବାଦ/ ଅନ୍ୟାନ୍ୟ ବିବାଦ କୌଣସି ଅର୍ଦ୍ଧ-ନ୍ୟାୟିକ ପ୍ରାଧିକରଣ ନିକଟରେ ବିଚାରାଧୀନ ଓ ଅନ୍ୟାନ୍ୟ ଦେଓ୍ୱାନୀ ମକଦ୍ଦମା ଆପୋସ ସହମତିରେ ସମାଧାନ କରାଯାଇପାରିବ ।
୫) କେବଳ ବିଚାରାଧୀନ ମକଦ୍ଦମା ନୁହେଁ, ପ୍ରାକ୍-ମକଦ୍ଦମାସ୍ତରୀୟ (ନ୍ୟାୟାଳୟରେ ଦାୟର ହୋଇ ନଥିବା) ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ବିବାଦ, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ବିବାଦଗୁଡ଼ିକ (ସାଲିସ୍‌ବିହୀନ ବିବାଦକୁ ବାଦ୍ ଦେଇ), ବୈବାହିକ ବିବାଦ (ଛାଡପତ୍ର ବ୍ୟତୀତ)/ପାରିବାରିକ ବିବାଦ ଓ ଅନ୍ୟାନ୍ୟ ମକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ ।
୬) ଲୋକ ଅଦାଲତରେ ମକଦ୍ଦମା/ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡ଼ାନ୍ତ ଏବଂ ଅମଳଯୋଗ୍ୟ ।
୭) ଯଦି କୌଣସି ବିଚାରାଧୀନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ ।
୮) ଦୀର୍ଘଦିନ ଧରି ଚାଲୁ ରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇବା ପାଇଁ ଏହି ସୁବର୍ଣ୍ଣ ସୁଯୋଗର ସଦୁପଯୋଗ କରନ୍ତୁ ।
୯) ସବିଶେଷ ବିବରଣୀ ନିମନ୍ତେ ଆପଣଙ୍କ ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଥିବା ଜିଲ୍ଲା ବା ତାଲୁକ୍ ଆଇନ ସେବା କାର୍ଯ୍ୟାଳୟ ସହ ତୁରନ୍ତ ଯୋଗାଯୋଗ କରନ୍ତୁ ।

**ସଦସ୍ୟ ସଚିବ**
ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ
ଆଇନସେବା ଭବନ, ସେକ୍ଟର-୧, ସିଡିଏ, କଟକ
ଯୋଗାଯୋଗ: ମୋ-୯୪୩୮୫୭୮୫୮୬/୮୨୪୯୫୪୨୨୫୯
ଇ-ମେଲ୍: oslsa2020@gmail.com
OIPR-18008/11/0010/2425

# ମହିଳା ସଶକ୍ତୀକରଣ ଏକ ନାରା ନୁହେଁ, ପ୍ରକ୍ରିୟା : ଉପମୁଖ୍ୟମନ୍ତ୍ରୀ

## ରାଜ୍ୟସ୍ତରୀୟ ଯୁବ ସମ୍ମିଳନୀ

### ଛାତ୍ରୀଙ୍କ ପ୍ରଶ୍ନର ଉତ୍ତର ରଖିଲେ ପ୍ରଭାତୀ

ଭୁବନେଶ୍ୱର,୨।୩(ସୁଚିସ୍ମିତା ସାହୁ)



ଯୁବ ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ମହିଳା ସଶକ୍ତୀକରଣ ଏକ ନାରା ନୁହେଁ, ଏହା ଏକ ପ୍ରକ୍ରିୟା। ମା' ସାହସୀ ହେଲେ ଝିଅ ସାହସୀ ହେବେ। ମହିଳାମାନେ ନିଜ କ୍ୟାରିୟର ସହ ଶିଶୁ ଲାଳନପାଳନକୁ ମଧ୍ୟ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଅନ୍ତର୍ଜାତୀୟ ମହିଳା ଦିବସ-୨୦୨୫ ପାଳନ ଉପଲକ୍ଷେ ରାଜ୍ୟସ୍ତରୀୟ ଯୁବ ସମ୍ମିଳନୀ ରବିବାର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ତଥା ଅନ୍ୟ ମହାବିଦ୍ୟାଳୟରୁ ଆସିଥିବା ଯୁବପିଢ଼ିଙ୍କ ସହ ସିଧା ଆଲୋଚନା କରିଥିଲେ। ମହିଳା ସଶକ୍ତୀକରଣ, ଯୌନଭିତ୍ତିକ ହିଂସା, ରାଜନୀତିରେ ମହିଳାଙ୍କ ଭୂମିକା, ମାନସିକ ସ୍ୱାସ୍ଥ୍ୟ, ଲିଙ୍ଗଗତ ଅସମାନତା ଓ ମହିଳାଙ୍କ ଅର୍ଥନୈତିକ ଭାଗୀଦାରି ଉପରେ ଛାତ୍ରୀଙ୍କ ସହ ଖୋଲା କଥାବାର୍ତ୍ତା ହୋଇ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଯୁବପିଢ଼ିଙ୍କ ନିର୍ଣ୍ଣୟ ନେବାର ସ୍ୱାଧୀନତା ଓ ନିଜ ଦକ୍ଷତା ଉପରେ ଆତ୍ମବିଶ୍ୱାସ ମହିଳା ସଶକ୍ତୀକରଣକୁ ଆହୁରି ସୁଦୃଢ଼ କରିବ। ସମାଜରେ ମହିଳାଙ୍କୁ ଭିନ୍ନଦୃଷ୍ଟିରେ ଦେଖିବାର ମାନସିକତା ବଦଳାଇବାର ସମୟ ଆସିଛି ବୋଲି ସେ ମତ ରଖିବା ସହ ମହିଳା ଓ ଯୁବପିଢ଼ିଙ୍କୁ ମାନସିକତା ସୁସ୍ଥତା ସହ ଯୋଗ, ପ୍ରାଣାୟାମ କରିବାକୁ ଉପଦେଶ ଦେଇଥିଲେ। ଯୌନ ସମ୍ବନ୍ଧୀୟ ପ୍ରଶ୍ନରେ ସେ କହିଲେ, ମହିଳା ସୁରକ୍ଷାକୁ ଆମ ସରକାର ପ୍ରାଥମିକତା ଦେଉଛନ୍ତି। ରାଜ୍ୟରେ ଖୁବ୍‌ଶୀଘ୍ର ବିଶାଖା ଗାଇଡ୍‌ଲାଇନ ଜାରି କରାଯିବ ଓ ମହିଳା କୋର୍ଟକୁ ପ୍ରାଧାନ୍ୟ ଦିଆଯିବ। ମାନସିକସ୍ତରରେ ଝିଅଙ୍କୁ ସଶକ୍ତ ହୋଇ ଆତ୍ମରକ୍ଷାର କୌଶଳ ଶିଖିବାକୁ ସେ କହିବା ସହ ପ୍ରେରଣା ଯୋଗାଇଥିଲେ। ଯେ ପୀଡ଼ା ପାଇଛି ସେ ପୀଡ଼ିତା ନୁହେଁ, ଯେ ପୀଡ଼ା ଦେଇଛି ସେ ହିଁ ପୀଡ଼ିତା ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ନିର୍ଦ୍ଦେଶକ ମୋନିଷା ବାନାର୍ଜୀ, ବିଶ୍ୱବିଦ୍ୟାଳୟ କୁଳପତି ଚଣ୍ଡୀଚରଣ ରଥ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟର ଛାତ୍ରୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।

# ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ୨୦୦ତମ ଜନ୍ମବାର୍ଷିକୀ ପାଳନ ହେବ



କାର୍ଯ୍ୟକାରିଣୀ ବୈଠକରେ ଉତ୍କଳ ଆର୍ଯ୍ୟ ପ୍ରତିନିଧି ସଭାର ସଭାପତି ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡାଙ୍କ ସହ ଅନ୍ୟମାନେ।

## ଉତ୍କଳ ଆର୍ଯ୍ୟ ପ୍ରତିନିଧି ସଭାର କାର୍ଯ୍ୟକାରିଣୀ

ଭୁବନେଶ୍ୱର,୨।୩(ସୌମ୍ୟରଞ୍ଜନ ରାଉତ)

ଉତ୍କଳ ଆର୍ଯ୍ୟ ପ୍ରତିନିଧି ସଭାର କାର୍ଯ୍ୟକାରିଣୀ ଓ କର୍ମଶାଳା ଅରବିନ୍ଦ ନଗରସ୍ଥିତ ବ୍ରହ୍ମାନନ୍ଦ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକାରିଣୀରେ ୩୦ ଜିଲାର ବିଭିନ୍ନ ଆର୍ଯ୍ୟସମାଜରୁ ଆସିଥିବା ପ୍ରତିନିଧିମାନେ ଯୋଗଦେଇ ବହୁ ପ୍ରସ୍ତାବ ଦେଇଥିଲେ। ଆର୍ଯ୍ୟସମାଜ ପ୍ରତିଷ୍ଠାର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ସହ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ୨୦୦ତମ ଜନ୍ମବାର୍ଷିକୀ 'ଜ୍ଞାନଜ୍ୟୋତି ପର୍ବ' ପାଳନ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଓଡ଼ିଶାର ସମସ୍ତ ଆର୍ଯ୍ୟସମାଜ ପ୍ରତିନିଧି ସଭାରେ ବେଦର ପ୍ରଚାର ପ୍ରସାର ପାଇଁ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯିବ ବୋଲି ପ୍ରସ୍ତାବ ଗୃହୀତ ହୋଇଥିଲା। ଉପଦେଷ୍ଟା ତଥା ମାର୍ଗଦର୍ଶକ ବେଦବିଦ୍ୱାନ୍ ଇଂ. ବ୍ରଜବନ୍ଧୁ ପଣ୍ଡା, ଆର୍ଯ୍ୟସମାଜ ଓଡ଼ିଶା ଓ ଦୟାନନ୍ଦ ସର୍ଭିସ୍ ମିଶନର ଅଧ୍ୟକ୍ଷ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ପ୍ରତ୍ୟେକ ଆର୍ଯ୍ୟସମାଜର ସୁପରିଚାଳନା ସହ ଯୁବକମାନଙ୍କୁ ଅଧିକରୁ ଅଧିକ ସାମିଲ କରିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ। ୧୫୦ ବର୍ଷ ପାଳନ ବେଳେ ୧୫୦ ଯୁବକଙ୍କୁ ସାମିଲ କରାଯିବାକୁ ମଧ୍ୟ ପ୍ରସ୍ତାବ ଦିଆଯାଇଥିଲା। ପ୍ରତିନିଧି ସଭାର ସମ୍ପାଦକ ତଥା କଟକ ଆର୍ଯ୍ୟସମାଜର ମୁଖ୍ୟ ଦୁଷ୍ମନ୍ତ କୁମାର ସାଇଁ ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରି ପ୍ରତି ୨ ମାସରେ ଥରେ ବୈଠକ କରିବାକୁ ପ୍ରସ୍ତାବ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରମେଶ ଚନ୍ଦ୍ର ଭୋଇ, ବରଗଡ଼ର ଅଶୋକ ମେହେର, ଭୁବନେଶ୍ୱର ଆର୍ଯ୍ୟସମାଜ ସଦସ୍ୟା ସୁପ୍ରିୟା ରଥ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

# ବଡ଼ଦାଣ୍ଡ, ବେଳାଭୂମି ସଫେଇ କଲେ ଜାପାନୀ ପର୍ଯ୍ୟଟକ

ପୁରୀ,୨।୩(ଅଜିତ୍ କୁମାର ମହାନ୍ତି)

ଶ୍ରୀକ୍ଷେତ୍ର ଏକ ଧାର୍ମିକ ସ୍ଥଳ । ଏଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଅବସ୍ଥାନ କରିଛନ୍ତି। ଏଠାକାର ମାଟି, ପବନ ଓ ପାଣି ପବିତ୍ର। ଏହି ମାଟିକୁ ଅଳିଆ ସ୍ପର୍ଶ କରିବାକୁ ଦେବା ନାହିଁ। ଏଭଳି ମହତ ଉଦ୍ଦେଶ୍ୟ ରଖି ପୁରୀର ସ୍ୱର୍ଣ୍ଣାଭ ବେଳାଭୂମି, ବଡ଼ଦାଣ୍ଡ ଓ ରାସ୍ତାରୁ ଅଳିଆ ସଫା କରୁଛନ୍ତି ଜାପାନୀ ପର୍ଯ୍ୟଟକ ଆକିଏ ଦୋଇ। ବେଳାଭୂମି ସହିତ ସହର ସାରା ବୁଲି ଯେଉଁଠି ଆବର୍ଜନା ଦେଖୁଛନ୍ତି, ତାକୁ ଏକ ବ୍ୟାଗରେ ଆଣି ଡଷ୍ଟବିନ୍‌ରେ ପକାଉଛନ୍ତି। ପୁରୀରେ ଦୀର୍ଘ ୬ମାସ ହେଲା ରହି ଏହିଭଳି ମହତ କାର୍ଯ୍ୟରେ ଲାଗିପଡ଼ିଛନ୍ତି ଆକିଏ। ଏଥିସହ ଅଳିଆ ପଡ଼ିଥିବା ଜାଗାରେ ଏକ କପଡ଼ାରେ ମହାପ୍ରଭୁଙ୍କ ଚିତ୍ର ଅଙ୍କନ କରି 'ଜଗନ୍ନାଥ ସବୁ ଦେଖୁଛନ୍ତି ତେଣୁ ଏଣେ ତେଣେ ଅଳିଆ ପକାନ୍ତୁ ନାହିଁ' ବୋଲି ବାର୍ତ୍ତା ଦେଉଛନ୍ତି। ନିକଟରେ ଥିବା ଡଷ୍ଟବିନ ବ୍ୟବହାର କରିବାକୁ ମଧ୍ୟ ଅନୁରୋଧ କରୁଛନ୍ତି। ତାଙ୍କର ଏଭଳି ପ୍ରୟାସକୁ ପୁରୀବାସୀ, ପର୍ଯ୍ୟଟକ ଓ ବ୍ୟବସାୟୀଙ୍କ ମହଲରେ ପ୍ରଶଂସା କରାଯାଉଛି। ଏ ସମ୍ପର୍କରେ ଇଣ୍ଡିଆ-ଜାପାନ ଫ୍ରେଣ୍ଡଶିପ୍ ସେଣ୍ଟରର ସଭାପତି ଶ୍ରୀମନ୍ତ କୁମାର ଦାଶ କହିଛନ୍ତି, ଆକିଏ ଦୋଇ ୬ ମାସ ହେଲା ପ୍ରତ୍ୟେକ ଦିନ ସକାଳେ କାନ୍ଧରେ ଏକ ବ୍ୟାଗ୍ ପକାଇ ବାହାରକୁ ବାହାରି ପଡ଼ିଥାନ୍ତି। ବେଳାଭୂମିଠୁ ଆରମ୍ଭ କରି ରାସ୍ତାଘାଟ ପ୍ରଭୃତି ଭ୍ରମଣ କରୁଥିବାବେଳେ ଯେଉଁଠି ଆବର୍ଜନା ଦେଖନ୍ତି, ତାକୁ ଉଠାଇ ଡଷ୍ଟବିନ୍‌ରେ ପକାଇଥାନ୍ତି। ସେହିପରି ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ମହାପ୍ରଭୁଙ୍କ ଚିତ୍ର ଦେଖାଇ ସମସ୍ତଙ୍କୁ ସଚେତନ କରୁଛନ୍ତି।



ଜାପାନୀ ପର୍ଯ୍ୟଟକ ବେଳାଭୂମି ସଫେଇ କରୁଛନ୍ତି ।





ମହିଳା ଦିବସ ଉପଲକ୍ଷେ ବୁଦ୍ଧ ମନ୍ଦିରଠାରେ 'ନାରୀ' କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

# 'ଆଜିର ନାରୀ ପରିବାର, ବୃତ୍ତି ମଧ୍ୟରେ ଚମତ୍କାର ସନ୍ତୁଳନ ରକ୍ଷାକରେ'

ଭୁବନେଶ୍ୱର,୨।୩
(ସୌମ୍ୟରଞ୍ଜନ ରାଉତ)

ବିଜେବି ପ୍ରାତଃ ମହାବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ରଙ୍କ ଅନୁଷ୍ଠାନ ବିଜେବି ଏମ୍ ବୁଜମ୍ ପକ୍ଷରୁ ମହିଳା ଦିବସ ଉପଲକ୍ଷେ ବୁଦ୍ଧ ମନ୍ଦିରଠାରେ 'ନାରୀ' କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ସଭା ମୁଖ୍ୟଭାବେ ଲେଖିକା ଡା. ଅର୍ଚ୍ଚନା ନାୟକ, ମୁଖ୍ୟ ଅତିଥି ଭାବେ କାଦମ୍ବିନୀ ପତ୍ରିକାର ସମ୍ପାଦିକା ଡ. ଇତିରାଣୀ ସାମନ୍ତ, ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ଡା. ଇଲିଆନା ଚିତାରିସ୍ତି ଏବଂ ଡା. ଆଦ୍ୟାଶା ଦାସ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ପୁରାଣଶାସ୍ତ୍ର ଆଦିର ଉଦାହରଣ ଦେଇ ନାରୀର ମହନୀୟତା, ଗୁରୁତ୍ୱ, କର୍ତ୍ତବ୍ୟ, ପରିବାର ଓ ସମାଜ ଗଢ଼ିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଆଜିର ନାରୀ ସ୍ୱାବଲମ୍ବୀ ହେବା ସହ ପରିବାର ଓ ବୃତ୍ତି ମଧ୍ୟରେ ଚମତ୍କାର ସନ୍ତୁଳନ ରକ୍ଷାକରିପାରୁଛନ୍ତି ଏବଂ ଅନେକ ଆହ୍ୱାନର ସମ୍ମୁଖୀନ ହୋଇ ମଧ୍ୟ ଆଗକୁ ବଢ଼ିଚାଲିଛନ୍ତି ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସମାଜର ବିଭିନ୍ନ ବର୍ଗର ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଶାକର୍ମୀ ସ୍ୱର୍ଣ୍ଣଲତା ପାଇକରାୟ, ଜୟନ୍ତୀ ବେହେରା, ଅରୁଣୀ ମହାପାତ୍ର, ସୁଜାନ୍ତି ଦେଇ, ସ୍ୱଚ୍ଛକର୍ମୀ ସରସ୍ୱତୀ ନାୟକ, ସବିତା ଜେଠୀ ଏବଂ ଅଙ୍କିତା ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ନାରୀଭିତ୍ତିକ ଖବର ପରିବେଷଣ ନିମନ୍ତେ ପ୍ରମେୟର ସହସମ୍ପାଦିକା ସଂଯୁକ୍ତା ସାହୁ, ସମ୍ବାଦର ପ୍ରଜ୍ଞା ନିବେଦିତା ନାୟକ, ଧରିତ୍ରୀର ସସ୍ମିତା ନାୟକ, ସମାଜର ଲହରିକା ପଟ୍ଟନାୟକ, ଧରିତ୍ରୀ ଲାଇଭ୍‌ର ଭବାନୀ ଭୂୟାଁ, ଓଡ଼ିଶା ପୋଷ୍ଟର ସୌରଭ ସାନ୍ୟାଲ, ଓଡ଼ିଶା ରିପୋର୍ଟରର ସ୍ୱାତୀ ଜେନା ଏବଂ ଓଡ଼ିଶା ଭାସ୍କର ଡିଜିଟାଲର ସୁଶ୍ରୀ ସ୍ୱାଇଁଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ସଡ଼କ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଗୃହରକ୍ଷୀ ଉର୍ମିଳା ପ୍ରଧାନ ଓ ଶକୁନ୍ତଳା ନାୟକ, କ୍ରୀଡ଼ାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଦିବ୍ୟାଙ୍ଗା ଦିବ୍ୟଜ୍ୟୋତି ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା ବେଳେ ପିଲାମାନଙ୍କୁ ସଚେତନତାର ବାର୍ତ୍ତା ପ୍ରଦାନ ପାଇଁ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସର ଆଡ୍‌ମିନିଷ୍ଟ୍ରେଟିଭ୍ ଅଫିସର ଅନାମିକା ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ଯୁବ ଉଦ୍ୟୋଗୀ ସୋନି ସାମଲ, ଆଦର୍ଶ ଶିକ୍ଷୟିତ୍ରୀ ପ୍ରଜ୍ଞା ପାରମିତା ପ୍ରଧାନ ଏବଂ ସମାଜସେବା ପାଇଁ ନିବେଦିତା ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରବୀନ୍ଦ୍ର ନାଥ ମଲ୍ଲିକ ଧନ୍ୟବାଦ ଦେଇଥିଲେ।



ଜଣେ ଯୁବତୀ ଯୋଗର କୌଶଳ ପ୍ରଦର୍ଶନ କରୁଛନ୍ତି।

# ବିଦ୍ୟୁତ୍ ସମସ୍ୟା ନେଇ ୨୧ରେ ଗଣବିକ୍ଷୋଭ

## ସର୍ବଦଳୀୟ ବୈଠକରେ ନିଷ୍ପତ୍ତି

ଭୁବନେଶ୍ୱର,୨।୩ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ଆହ୍ୱାନରେ ଏକ ସର୍ବଦଳୀୟ ବୈଠକ ସିପିଆଇ(ଏମ୍)ର ୯ ନମ୍ବର ସାମ୍ୟବାଦୀ ଭବନ କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମହାସଂଘର ରାଜ୍ୟ ଅଧ୍ୟକ୍ଷ ପଞ୍ଚାନନ କାନୁନ୍‌ଗୋଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ମହାସଂଘ ଆବାହକ ରବି ବେହେରା ରାଜ୍ୟରେ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ସମ୍ଭାବନାକୁ ଜୋରଦାର୍ ବିରୋଧ କରିଥିଲେ। ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ବନ୍ଦ କରିବା, ପାୱାରକଟ୍ ବନ୍ଦ, ସ୍ମାର୍ଟ ମିଟର ବାତିଲ, ଓଡ଼ିଆରେ ବିଲ୍, ପ୍ରତ୍ୟେକ ଘରକୁ ମାଗଣାରେ ୩୦୦ ୟୁନିଟ ଯୋଗାଣ, କୃଷି କ୍ଷେତ୍ରକୁ ସମ୍ପୂର୍ଣ୍ଣ ମାଗଣାରେ ବିଦ୍ୟୁତ୍ ଯୋଗାଇବାକୁ ସରକାରଙ୍କ ପାଖରେ ଦାବି କରାଯାଇଥିଲା। ଯଦି ରାଜ୍ୟ ସରକାର ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏସବୁ ଦାବିକୁ ମାନି ନ ନିଅନ୍ତି, ତା'ହେଲେ ଆସନ୍ତା ୨୧ ତାରିଖ ପୂର୍ବାହ୍ନ ୧୧ଟାରେ ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ପକ୍ଷରୁ ବିଧାନସଭା ସମ୍ମୁଖରେ ଗଣବିକ୍ଷୋଭ କରାଯିବ। ଏହି ଅବସରରେ ରାଜ୍ୟ ଶକ୍ତିମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କୁ ଏକ ସ୍ମାରକପତ୍ର ଦେବାପାଇଁ ନିଷ୍ପତ୍ତି ନିଆଯାଇଛି। କାର୍ଯ୍ୟକ୍ରମରେ ବିଜେଡି ପକ୍ଷରୁ ଡ. ଲେଲିନ୍ ମହାନ୍ତି, ସିପିଆଇ ପକ୍ଷରୁ ପୂର୍ବତନ ବିଧାୟକ ନାରାୟଣ ରେଡ୍ଡୀ, ଜୟନ୍ତ ଦାସ, ସିପିଆଇ(ଏମ୍) ପକ୍ଷରୁ ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ, ନାରୀ ନେତ୍ରୀ ପୁଷ୍ପା ଦାସ, ପ୍ରଭାତ ପାଣିଗ୍ରାହୀ, ସି.ପି.ଆଇ. (ଏମ୍-ଏଲ୍) ଲିବରେସନ ପକ୍ଷରୁ ମହେନ୍ଦ୍ର ପରିଡ଼ା, ସି.ପି.ଆଇ (ଏମ୍-ଏଲ୍) ରେଡ୍‌ଷ୍ଟାର୍ ପକ୍ଷରୁ ନାରୀ ନେତ୍ରୀ ପ୍ରମିଳା ବେହେରା ଓ ହେନା ବାରିକ ଏବଂ ଅନ୍ୟାନ୍ୟ ପ୍ରମୁଖ ବୈଠକରେ ଅଂଶଗ୍ରହଣ କରି ବିଜୁଳି ଆନ୍ଦୋଳନକୁ ଜନସାଧାରଣଙ୍କ ପାଖକୁ ନେଇ ଏହାକୁ ଏକ ବିରାଟ ଜନ ଆନ୍ଦୋଳନରେ ପରିଣତ କରିବାକୁ ଆହ୍ୱାନ ଦେଇଥିଲେ।



ବୈଠକରେ ବିଭିନ୍ନ ଦଳର ନେତୃବୃନ୍ଦ।

# ଆତ୍ମହତ୍ୟା କୌଣସି ସମସ୍ୟାର ସମାଧାନ ନୁହେଁ

ଭୁବନେଶ୍ୱର,୨।୩(ସୁଚିସ୍ମିତା ସାହୁ)

ପ୍ରତିଦିନ କେଉଁଠି ନା କେଉଁଠି ଆତ୍ମହତ୍ୟା ଭଳି ଖବର ସାମ୍ନାକୁ ଆସୁଛି। ଭାରତବର୍ଷରେ ଅନ୍ୟମାନଙ୍କଠାରୁ ଯୁବତୀ ଯୁବକମାନେ ଅଧିକ ଆତ୍ମହତ୍ୟା କରୁଥିବା ଜଣାପଡ଼ିଛି। ପାରିବାରିକ କଳହ, ପ୍ରେମ, ଅତ୍ୟଧିକ ଋଣଗ୍ରସ୍ତ, ମାନସିକ ସମସ୍ୟା ପ୍ରଭୃତି କାରଣରୁ ଆତ୍ମହତ୍ୟାର ସଂଖ୍ୟା ବୃଦ୍ଧି ପାଉଛି। ଏନେଇ ଯୁବପିଢ଼ିଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ୟୁଥ୍ ଫର୍ ଭଲ୍ୟୁଣ୍ଟାରି ୱାର୍କ ନାମରେ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ଅଧ୍ୟକ୍ଷ ମୀର୍ ଅହମ୍ମଦ ଅଲ୍ଲୀଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ପଦଯାତ୍ରା ରାଜମହଲ ଛକରୁ ବାହାରି ମାଷ୍ଟରକ୍ୟାଣ୍ଟିନ ଛକ ପର୍ଯ୍ୟନ୍ତ ଯାଇଥିଲା। 'ଜୀବନ ଏକ ଉପହାର, ଗଢ଼ିତୋଳି କର ସୁନ୍ଦର', 'ଆତ୍ମହତ୍ୟା କୌଣସି ସମସ୍ୟାର ସମାଧାନ ନୁହେଁ', 'ଆତ୍ମହତ୍ୟା ମହାପାପ, ସେ ପାପର ନାହିଁ ପ୍ରାୟଶ୍ଚିତ', 'ମଣିଷ ଜୀବନ ବହୁ ମୂଲ୍ୟବାନ୍' ଆଦି ସ୍ଲୋଗାନ ଦେଇ ସ୍ୱେଚ୍ଛାସେବୀମାନେ ଲୋକଙ୍କୁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ଓଡ଼ିଆ ଚଳଚ୍ଚିତ୍ରର ହାସ୍ୟ ଅଭିନେତା ଭକ୍ତ ପ୍ରହ୍ଲାଦ ଚରଣ ପଟ୍ଟନାୟକ ଓ ସାମାଜିକ କର୍ମୀ ନିରୋଜା ମହାପାତ୍ର ଯୋଗଦେଇ କହିଲେ, ଯେତେବଡ଼ ବାଧାବିଘ୍ନ ଆସୁନା କାହିଁକି ମଣିଷ କେବେ ନିଜ ଜୀବନକୁ ହାରିବା କଥା ନୁହଁ। କାରଣ ମଣିଷ ଜୀବନ ଏକ ଦୁର୍ଲଭ ଜୀବନ। ସାମାଜିକ କର୍ମୀ ବିନ୍ଦୁଜା ଉପାଧ୍ୟାୟ କଲେଜ ଛାତ୍ରୀଛାତ୍ରଙ୍କୁ ଯୁବଗୋଷ୍ଠୀ ମଧ୍ୟରେ ଏହି ସଚେତନତାକୁ ବଜାୟ ରଖିବା ପାଇଁ ଆହ୍ୱାନ କରିଥିଲେ। ବିନୋଦ କୁମାର ରାଉତ, ମନୋଜ କୁମାର ସାହୁ, ସରୋଜ କୁମାର ପ୍ରଧାନ, କ୍ଷୀରୋଦ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।



ଆତ୍ମହତ୍ୟା ନ କରିବାକୁ ୟୁଥ୍ ଫର୍ ଭଲ୍ୟୁଣ୍ଟାରି ୱାର୍କ ପକ୍ଷରୁ ଅନୁଷ୍ଠିତ ସଚେତନତା ପଦଯାତ୍ରା।

# ସ୍କୁଲ ଫି' ବୃଦ୍ଧିକୁ ଅଭିଭାବକଙ୍କ ବିରୋଧ

## ବିଜେଇଏମ୍ ସ୍କୁଲ ସମ୍ମୁଖରେ ବିକ୍ଷୋଭ

ଭୁବନେଶ୍ୱର,୨।୩(ସୁଚିସ୍ମିତା ସାହୁ)





ଫି' ବୃଦ୍ଧି ପ୍ରତିବାଦରେ ଅଭିଭାବକମାନେ ସ୍କୁଲ ସମ୍ମୁଖରେ ବିକ୍ଷୋଭ କରୁଛନ୍ତି।

ବାର୍ଷିକ ୨୦% ହାରରେ ଫି' ବୃଦ୍ଧି କରାଯାଉଥିବା ଅଭିଯୋଗ ଆଣି ଏହାର ପ୍ରତିବାଦରେ ଅଭିଭାବକମାନେ ରବିବାର ବିଜେଇଏମ୍ ସ୍କୁଲ ସମ୍ମୁଖରେ ବିକ୍ଷୋଭ କରିଥିଲେ। ସେମାନେ ପ୍ଲା' କାର୍ଡ ଧରି ବିଦ୍ୟାଳୟ ବିରୋଧରେ ନାରାବାଜି ଦେଇଥିଲେ। ପ୍ରାଇଭେଟ ସ୍କୁଲ କର୍ତ୍ତୃପକ୍ଷ କୌଣସି ଫି' ସଂକ୍ରାନ୍ତ ନିଷ୍ପତ୍ତି ନେବା ପୂର୍ବରୁ ଅଭିଭାବକ ସଂଘ ସହିତ ଆଲୋଚନା କରିବା ଜରୁରୀ ଥିଲା। କିନ୍ତୁ ବିଜେଇଏମ୍ କର୍ତ୍ତୃପକ୍ଷ ଅଭିଭାବକଙ୍କ ସହ ବିନା ଆଲୋଚନାରେ ପ୍ରତିବର୍ଷ ଫି' ବୃଦ୍ଧି କରୁଛନ୍ତି। ଅଭିଯୋଗ କଲେ ସ୍କୁଲରୁ ତୁରନ୍ତ ପିଲାଙ୍କୁ ନେଇ ଅନ୍ୟତ୍ର ପାଠ ପଢେଇବାକୁ ତାଗିଦ କରୁଥିବା ସ୍କୁଲ ଅଭିଭାବକ ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ଏଥିସହ ଏନେଇ ଅଭିଭାବକମାନେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି। ତେବେ ବହୁ ସମୟ ଧରି ବିକ୍ଷୋଭ ପରେ ବଡଗଡ ଥାନା ଅଧିକାରୀଙ୍କ ମଧ୍ୟସ୍ଥିରେ ୬ ଜଣ ଅଭିଭାବକ ଆଲୋଚନା ପାଇଁ ବିଦ୍ୟାଳୟକୁ ଯାଇଥିଲେ। ସଂଘ ସଭାପତି ରଞ୍ଜନ କୁମାର ଦାଶଙ୍କ ନେତୃତ୍ୱରେ ନିତ୍ୟାନନ୍ଦ ବେହେରା, ସତ୍ୟ ସୁନ୍ଦର ସାହୁ, ଅସିତ ଦାସ, ସୀମା ଚକ୍ରବର୍ତ୍ତୀ ଓ ନିବେଦିତା ଦାସ ଏବଂ ସ୍କୁଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ପ୍ରିନ୍ସିପାଲ ସନ୍ଧ୍ୟା ଜେନା, ଚେୟାରମ୍ୟାନ ରଘୁନାଥ ମିଶ୍ର, ମ୍ୟାନେଜର ପ୍ରତାପ ଜେନାଙ୍କ ସହିତ ୩ ଘଣ୍ଟା ଧରି ଆଲୋଚନା ହୋଇଥିଲା। ପ୍ରାଇଭେଟ ସ୍କୁଲଗୁଡ଼ିକର ମନମାନି ରୋକିବାକୁ ମୁଖ୍ୟମନ୍ତ୍ରୀ ତୁରନ୍ତ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଓଡିଶା ଅଭିଭାବକ ମହାସଂଘ କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ କହିଛନ୍ତି। ଏ ସମ୍ପର୍କରେ ବିଦ୍ୟାଳୟର ମ୍ୟାନେଜର ପ୍ରତାପ ଜେନା କହିଛନ୍ତି, ଅଭିଭାବକମାନେ ଯେଉଁ ୨୦% ଫି' ବୃଦ୍ଧି କଥା କହୁଛନ୍ତି ବାସ୍ତବରେ ତାହା ଠିକ୍ ନୁହେଁ। ହାଇକୋର୍ଟଙ୍କ ନିର୍ଦ୍ଦେଶାନୁସାରେ ବିଦ୍ୟାଳୟ ୧୫%ରୁ କମ୍ ଫି' ବୃଦ୍ଧି କରିଛି। ତେବେ ଆଜିର ଘଟଣା ପରେ ଥାନା ଆଇଆଇସିଙ୍କ ଉପସ୍ଥିତିରେ ବିଦ୍ୟାଳୟ ପକ୍ଷରୁ ୩ଜଣ ଓ ଅଭିଭାବକଙ୍କ ପକ୍ଷରୁ ୬ଜଣଙ୍କୁ ନେଇ ଆଲୋଚନା ହୋଇଥିଲା। ଶିକ୍ଷାଧିକାର ଆଇନ ଅଧୀନରେ ଆର୍ଥିକ ଦୁର୍ବଳ ଶ୍ରେଣୀର ପିଲାଙ୍କ ପାଠପଢ଼ା ୨୫% ପିଲାଙ୍କ ପାଇଁ ସ୍ଥାନ ସଂରକ୍ଷଣ ରଖିବା ନିୟମ ରହିଛି। ମାତ୍ର ଏଥିପାଇଁ ସରକାରଙ୍କ ଅନୁଦାନ ମିଳୁନାହିଁ। ସରକାରୀ ଅନୁଦାନ ବିନା ୭୫% ପିଲାଙ୍କଠାରୁ ଫି' ନେଇ ୧୦୦% ପିଲାଙ୍କୁ ପଢ଼ାଇବା ସମ୍ଭବ ନୁହେଁ। ସେହିପରି ପ୍ରତିବର୍ଷ ରିଆଡ୍‌ମିଶନ ଫି' ବୃଦ୍ଧି ନେଇ ଯେଉଁ ଅଭିଯୋଗ କରାଯାଉଛି ସେଥିରେ ସତ୍ୟତା ନାହିଁ। ବରଂ ନିର୍ଦ୍ଧାରିତ ସ୍ଲାବ୍ ଅନୁସାରେ ଫି' ବୃଦ୍ଧି କରାଯାଉଛି ବୋଲି ପ୍ରତାପ କହିଛନ୍ତି।

## ସଂକ୍ଷେପରେ

### ହାଇୱା ଧକ୍କାରେ ଯୁବକ ମୃତ ବିବାହ ଛୁଟି ପରେ କାର୍ଯ୍ୟରେ ଯୋଗଦେଇଥିଲେ



**ସାଲେପୁର, ୨।୩(ଅରବିନ୍ଦ ଭୂୟାଁ):** ୩ ମାସପୂର୍ବେ ବିବାହ କରିଥିଲେ। ଶନିବାର କାର୍ଯ୍ୟରେ ଯୋଗଦେଇଥିଲେ। ମାତ୍ର ସେହିଦିନ ତାଙ୍କ ଶେଷ କାର୍ଯ୍ୟଦିବସ ହୋଇଯାଇଛି।। ଏକ ଟ୍ରକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ ଘଟିଛି। ଏଭଳି ଦୁଃଖଦ ଘଟଣା ଘଟିଛି ସାଲେପୁରସ୍ଥିତ ଚନ୍ଦ୍ରାଦେଇପୁର ପଞ୍ଚାୟତରେ। ମୃତକ ହେଲେ ଏହି ପଞ୍ଚାୟତର ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ନାୟକଙ୍କ ପୁତ୍ର ଚନ୍ଦନ ନାୟକ(୩୭)। ଏନେଇ ଚନ୍ଦ୍ରାଦେଇପୁର ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଚନ୍ଦନ କୋଇଡ଼ାସ୍ଥିତ ଏକ ଘରୋଇ କମ୍ପାନୀରେ କାର୍ଯ୍ୟରତ ଥିଲେ। ବିବାହ ପରଠାରୁ ଛୁଟିରେ ଥିଲେ। ଶନିବାର କାର୍ଯ୍ୟରେ ଯୋଗଦେଇ ରାତ୍ରିକାଳୀନ ଡ୍ୟୁଟି କରୁଥିଲେ। ଏହି ଡ୍ୟୁଟି କରୁଥିବାବେଳେ ଏକ ହାଇୱା ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି।

### 'କେତକୀ ଫୁଲ ମହାଦେବଙ୍କ ପ୍ରିୟ'

**କଟକ, ୨।୩(କାର୍ତ୍ତିକ ସାହୁ):** ଆଦର୍ଶ ପ୍ରତିଭା ବିକାଶ ପରିଷଦ ପକ୍ଷରୁ ଜାଗରରେ କେତକୀଫୁଲର ଆଦର ଶୀର୍ଷକ ଆଲୋଚନାଚକ୍ର ଚାଉଳିଆଗଞ୍ଜସ୍ଥିତ ଉତ୍କଳମଣି ଶିଶୁ ଉଚ୍ଚଶିକ୍ଷା ମନ୍ଦିରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଡ. ପଣ୍ଡିତ ଅଭୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ଡ. ପଣ୍ଡିତ ଚୈତନ୍ୟ କୁମାର ସାହୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ କଳିଙ୍ଗରତ୍ନ ବ୍ରହ୍ମାନନ୍ଦ ମହାନ୍ତି, ମୁଖ୍ୟବକ୍ତା ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦର ସଭାପତି କୈଳାସ ଚନ୍ଦ୍ର ଜେନା, ବରେଣ୍ୟ ଅତିଥି ଭାବେ କବି ରାଜୀବ କୁମାର ଷଡ଼ଙ୍ଗୀ ଯୋଗଦେଇ କେବଳ ଜାଗରରେ କେତକୀ ଫୁଲ ମହାଦେବଙ୍କ ପ୍ରିୟ ପ୍ରସଙ୍ଗରେ ମତ ଉପସ୍ଥାପନ କରିଥିଲେ। କବୟିତ୍ରୀ ଅନ୍ନପୂର୍ଣ୍ଣା ସାହୁ ଓ ନଳିନୀପ୍ରଭା ଦାଶଙ୍କ ସଂଯୋଜନାରେ ରବୀନ୍ଦ୍ର ନାଥ ପଣ୍ଡା, ଦେବେନ୍ଦ୍ର ନାଥ ସାହୁ, ବାବାଜୀ ଚରଣ ଲେଙ୍କା, ସୁରଥ କୁମାର ରାଉତ, ଜୟନ୍ତୀ ପତି, ଉତ୍ତମ ଚରଣ ପ୍ରଧାନ ପ୍ରମୁଖ କବିତା ପାଠ କରିଥିଲେ। ସୁରେନ୍ଦ୍ର ମହାପାତ୍ର ସ୍ୱାଗତ ଭାଷଣ ଓ ଅଭୟ ପାତ୍ର ଧନ୍ୟବାଦ ଦେଇଥିଲେ।

# ମହିଳା ସଶକ୍ତୀକରଣ ଏକ ନାରା ନୁହେଁ, ପ୍ରକ୍ରିୟା : ଉପମୁଖ୍ୟମନ୍ତ୍ରୀ

**ରାଜ୍ୟସ୍ତରୀୟ ଯୁବ ସମ୍ମିଳନୀ**

- ଛାତ୍ରୀଙ୍କ ପ୍ରଶ୍ନର ଉତ୍ତର ରଖିଲେ ପ୍ରଭାତୀ



ଯୁବ ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଜଣେ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

**ଭୁବନେଶ୍ୱର, ୨।୩(ସୁଚିସ୍ମିତା ସାହୁ):** ମହିଳା ସଶକ୍ତୀକରଣ ଏକ ନାରା ନୁହେଁ, ଏହା ଏକ ପ୍ରକ୍ରିୟା। ମା' ସାହସୀ ହେଲେ ଝିଅ ସାହସୀ ହେବେ। ମହିଳାମାନେ ନିଜ କ୍ୟାରିୟର ସହ ଶିଶୁ ଲାଳନପାଳନକୁ ମଧ୍ୟ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଅନ୍ତର୍ଜାତୀୟ ମହିଳା ଦିବସ-୨୦୨୫ ପାଳନ ଉପଲକ୍ଷେ ରାଜ୍ୟସ୍ତରୀୟ ଯୁବ ସମ୍ମିଳନୀ ରବିବାର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ତଥା ଅନ୍ୟ ମହାବିଦ୍ୟାଳୟରୁ ଆସିଥିବା ଯୁବପିଢ଼ିଙ୍କ ସହ ସିଧା ଆଲୋଚନା କରିଥିଲେ। ମହିଳା ସଶକ୍ତୀକରଣ, ଯୌନଭିତ୍ତିକ ହିଂସା, ରାଜନୀତିରେ ମହିଳାଙ୍କ ଭୂମିକା, ମାନସିକ ସ୍ୱାସ୍ଥ୍ୟ, ଲିଙ୍ଗଗତ ଅସମାନତା ଓ ମହିଳାଙ୍କ ଅର୍ଥନୈତିକ ଭାଗୀଦାରି ଉପରେ ଛାତ୍ରୀଙ୍କ ସହ ଖୋଲା କଥାବାର୍ତ୍ତା ହୋଇ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଯୁବପିଢ଼ିଙ୍କ ନିର୍ଣ୍ଣୟ ନେବାର ସ୍ୱାଧୀନତା ଓ ନିଜ ଦକ୍ଷତା ଉପରେ ଆତ୍ମବିଶ୍ୱାସ ମହିଳା ସଶକ୍ତୀକରଣକୁ ଆହୁରି ସୁଦୃଢ଼ କରିବ। ସମାଜରେ ମହିଳାଙ୍କୁ ଭିନ୍ନଦୃଷ୍ଟିରେ ଦେଖିବାର ମାନସିକତା ବଦଳାଇବାର ସମୟ ଆସିଛି ବୋଲି ସେ ମତ ରଖିବା ସହ ମହିଳା ଓ ଯୁବପିଢ଼ିଙ୍କୁ ମାନସିକତା ସୁସ୍ଥତା ସହ ଯୋଗ, ପ୍ରାଣାୟାମ କରିବାକୁ ଉପଦେଶ ଦେଇଥିଲେ। ଯୌନ ସମ୍ବନ୍ଧୀୟ ପ୍ରଶ୍ନରେ ସେ କହିଲେ, ମହିଳା ସୁରକ୍ଷାକୁ ଆମ ସରକାର ପ୍ରାଥମିକତା ଦେଉଛନ୍ତି। ରାଜ୍ୟରେ ଖୁବ୍‌ଶୀଘ୍ର ବିଶାଖା ଗାଇଡ୍‌ଲାଇନ ଜାରି କରାଯିବ ଓ ମହିଳା କୋର୍ଟକୁ ପ୍ରାଧାନ୍ୟ ଦିଆଯିବ। ମାନସିକସ୍ତରରେ ଝିଅଙ୍କୁ ସଶକ୍ତ ହୋଇ ଆତ୍ମରକ୍ଷାର କୌଶଳ ଶିଖିବାକୁ ସେ କହିବା ସହ ପ୍ରେରଣା ଯୋଗାଇଥିଲେ। ଯେ ପୀଡ଼ା ପାଇଛି ସେ ପୀଡ଼ିତା ନୁହେଁ, ଯେ ପୀଡ଼ା ଦେଇଛି ସେ ହିଁ ପୀଡ଼ିତା ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ନିର୍ଦ୍ଦେଶକ ମୋନିଷା ବାନାର୍ଜୀ, ବିଶ୍ୱବିଦ୍ୟାଳୟ କୁଳପତି ଚଣ୍ଡୀଚରଣ ରଥ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟର ଛାତ୍ରୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।

## ବାର୍‌ହା ଆକ୍ରମଣରେ ୨ ଆହତ

**ଟିଗିରିଆ, ୨।୩(ଜାଫର ଖାଁ):** ଟିଗିରିଆ ଥାନା ଅନ୍ତର୍ଗତ ହାଟମାଳ ପଞ୍ଚାୟତର ଈଶାନେଶ୍ୱରଙ୍କ ମନ୍ଦିର ନିକଟରେ ଶନିବାର ବିଳମ୍ବିତ ରାତିରେ ବାର୍‌ହା ଆକ୍ରମଣରେ ୨ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ଗଦାଧରପୁର ଗ୍ରାମର ସତ୍ୟାନନ୍ଦ ରାଉତ ଓ ବାଙ୍କୀ ଥାନା ପାଳପୁଟ ଗ୍ରାମର ଦିଲୀପ ପଲାଇ। ଖବର ଅନୁଯାୟୀ, ଗଦାଧରପୁର ଗ୍ରାମର ସଂକୀର୍ତ୍ତନ ଦଳ ବାଙ୍କୀର ଖଜୁରୀପଦା ଗ୍ରାମରୁ ଅଷ୍ଟପ୍ରହରୀ ମେଳା ଶେଷ କରି ଶନିବାର ରାତି ୧୦ଟାରେ ଫେରୁଥିଲେ। ଦୁଇଟି ବାଇକ୍‌ରେ ସଂକୀର୍ତ୍ତନ ଦଳର ୪ ଜଣ ଆସୁଥିଲେ। ହାଟମାସ୍ଥିତ ମହାନଦୀ ବନ୍ଧ ହୁଡ଼ାର ଈଶାନେଶ୍ୱରଙ୍କ ମନ୍ଦିର ନିକଟରେ ପ୍ରଥମ ବାଇକ୍ ଯିବା ପରେ ଦ୍ୱିତୀୟ ବାଇକରେ ଥିବା ସତ୍ୟାନନ୍ଦ ଓ ଦିଲୀପ ବାର୍‌ହା ପଲ୍ଲଙ୍କ ସହ ମୁହାଁମୁହିଁ ହୋଇଥିଲେ। ବାର୍‌ହା ଆକ୍ରମଣ ଯୋଗୁ ଉଭୟେ ତଳେ ପଡ଼ିଯାଇଥିଲେ। ଫଳରେ ବାରହା କାମୁଡାରେ ଉଭୟଙ୍କ ହାତ, ଗୋଡରେ ଆଘାତ ଲାଗିଥିବାବେଳେ ବାଇକରୁ ପଡି ସେମାନଙ୍କ ମୁହଁ ମାଡ଼ ହୋଇଯାଇଛି। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ବିନ୍ଧାଣିମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଚିକିତ୍ସିତ ହେବାପରେ ସତ୍ୟାନନ୍ଦ ଓ ଦିଲୀପ ଘରକୁ ଫେରିଛନ୍ତି। ସେମାନଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ବିଭାଗ ବହନ କରିବ ବୋଲି ଟିଗିରିଆ ବନପାଳ ପ୍ରଶାନ୍ତ କୁମାର ପରିଡା କହିଛନ୍ତି।

## ବିଦ୍ୟୁତ୍ ସମସ୍ୟା ନେଇ ୨୧ରେ ଗଣବିକ୍ଷୋଭ

**ଭୁବନେଶ୍ୱର, ୨।୩ (ସୌମ୍ୟରଞ୍ଜନ ରାଉତ):** ଓଡ଼ିଶା ରାଜ୍ୟ ବିଦ୍ୟୁତ୍‌ଉପଭୋକ୍ତା ମହାସଂଘ ଆହ୍ୱାନରେ ଏକ ସର୍ବଦଳୀୟ ବୈଠକ ସିପିଆଇ(ଏମ୍)ର ୯ ନମ୍ବର ସାମ୍ୟବାଦୀ ଭବନ କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମହାସଂଘର ରାଜ୍ୟ ଅଧ୍ୟକ୍ଷ ପଞ୍ଚାନନ କାନୁନ୍‌ଗୋଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ମହାସଂଘ ଆବାହକ ରବି ବେହେରା ରାଜ୍ୟରେ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ସମ୍ଭାବନାକୁ ଜୋରଦାର୍ ବିରୋଧ କରିଥିଲେ। ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ବନ୍ଦ କରିବା, ପାୱାରକଟ୍ ବନ୍ଦ, ସ୍ମାର୍ଟ ମିଟର ବାତିଲ, ଓଡ଼ିଆରେ ବିଲ୍, ପ୍ରତ୍ୟେକ ଘରକୁ ମାଗଣାରେ ୩୦୦ ୟୁନିଟ ଯୋଗାଣ, କୃଷି କ୍ଷେତ୍ରକୁ ସମ୍ପୂର୍ଣ୍ଣ ମାଗଣାରେ ବିଦ୍ୟୁତ୍ ଯୋଗାଇବାକୁ ସରକାରଙ୍କ ପାଖରେ ଦାବି କରାଯାଇଥିଲା। ଯଦି ରାଜ୍ୟ ସରକାର ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏସବୁ ଦାବିକୁ ମାନି ନ ନିଅନ୍ତି, ତା'ହେଲେ ଆସନ୍ତା ୨୧ ତାରିଖ ପୂର୍ବାହ୍ନ ୧୧ଟାରେ ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ପକ୍ଷରୁ ବିଧାନସଭା ସମ୍ମୁଖରେ ଗଣବିକ୍ଷୋଭ କରାଯିବ। କାର୍ଯ୍ୟକ୍ରମରେ ବିଜେଡି ପକ୍ଷରୁ ଡ. ଲେଲିନ୍ ମହାନ୍ତି, ସିପିଆଇ ପକ୍ଷରୁ ପୂର୍ବତନ ବିଧାୟକ ନାରାୟଣ ରେଡ୍ଡୀ, ଜୟନ୍ତ ଦାସ, ସିପିଆଇ(ଏମ୍) ପକ୍ଷରୁ ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ, ନାରୀ ନେତ୍ରୀ ପୁଷ୍ପା ଦାସ, ପ୍ରଭାତ ପାଣିଗ୍ରାହୀ, ସି.ପି.ଆଇ.(ଏମ୍-ଏଲ୍) ଲିବରେସନ ପକ୍ଷରୁ ମହେନ୍ଦ୍ର ପରିଡ଼ା, ସି.ପି.ଆଇ (ଏମ୍-ଏଲ୍) ରେଡ୍‌ଷ୍ଟାର୍ ପକ୍ଷରୁ ନାରୀ ନେତ୍ରୀ ପ୍ରମିଳା ବେହେରା ଓ ହେନା ବାରିକ ଉପସ୍ଥିତ ଥିଲେ।

## ମା'ସାହେଶ୍ୱରୀ କ୍ଲବ୍ ଫୁଟବଲ୍: ୟଙ୍ଗ ଉତ୍କଳ ଚାମ୍ପିୟନ



ଅତିଥିଙ୍କ ଗହଣରେ ଟ୍ରଫିସହ ଚାମ୍ପିୟନ ଦଳର ଖେଳାଳିମାନେ।

**ସାଲେପୁର, ୨।୩(ଅରବିନ୍ଦ ଭୂୟାଁ):** ସାଲେପୁର ସ୍ପୋର୍ଟସ ଏକାଡେମୀ ପକ୍ଷରୁ ସାଲେପୁର ହାଇସ୍କୁଲ ଖେଳପଡ଼ିଆରେ ଚାଲିଥିବା ଜିଲାସ୍ତରୀୟ ସାହେଶ୍ୱରୀ କପ୍ ଫୁଟ୍‌ବଲ ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍ ୟଙ୍ଗ୍ ଉତ୍କଳ କଟକ ଓ କେବିଏଫ୍‌ସି ଚାଉଳିଆଗଞ୍ଜ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୟଙ୍ଗ୍ ଉତ୍କଳ ୪-୨ ଗୋଲ୍‌ରେ ଚାଉଳିଆଗଞ୍ଜକୁ ହରାଇ ଚାମ୍ପିୟନ ହୋଇଛି। ସାଲେପୁର ସ୍ପୋର୍ଟସ ଏକାଡେମୀ ସଭାପତି ପ୍ରଦୀପ୍ତ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଗୋଲଖ ଚନ୍ଦ୍ର ପରିଡ଼ା ଯୋଗଦେଇ ଖେଳକୁଦ ଦ୍ୱାରା ବ୍ୟକ୍ତିର ଶାରୀରିକ ଓ ମାନସିକ ବିକାଶ ହୋଇଥାଏ ବୋଲି ପ୍ରକାଶ କରିଥିଲେ। ବିଶିଷ୍ଟ ଅତିଥି ଭାବେ ସାମାଜିକ କର୍ମୀ ଡିମ୍ପଲ ଚୌଧୁରୀ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ସାଲେପୁର ଆଞ୍ଚଳିକ ଖବରଦାତା ସଂଘର ସଭାପତି ଅକ୍ଷୟ କୁମାର ଦାଶ, ବରିଷ୍ଠ ଆଇନଜୀବୀ ବିଜୟକେତନ ନାୟକ ଯୋଗଦେଇ ବିଜୟୀ ଦଳକୁ ଚାମ୍ପିୟନ ଟ୍ରଫି ଓ ନଗଦ ୭ ହଜାର ଟଙ୍କା ପୁରସ୍କାର ଦେଇଥିଲେ। ସେହିପରି ରନର୍ସଅପ୍ ଟିମ୍‌କୁ ପୁରସ୍କାର ଆକାରରେ ୫ ହଜାର ଟଙ୍କା ଦିଆଯାଇଥିଲା। ଏହି ଅବସରରେ ସାଲେପୁର ସ୍ପୋର୍ଟସ ଏକାଡେମୀ ପକ୍ଷରୁ ସାଲେପୁର ଅଞ୍ଚଳର ବହୁ ବରିଷ୍ଠ ଫୁଟ୍‌ବଲ ଖେଳାଳି ଓ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସାଲେପୁରରେ ଏକ ମହିଳା ଫୁଟ୍‌ବଲ ଟିମ୍ ଗଠନ ପାଇଁ ସାମାଜିକ କର୍ମୀ ଡିମ୍ପଲ ୨ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏହି ଖେଳକୁ ରେଫରି ଭାବେ ଅବଦୁଲ ମାର୍ଟିନ୍, ସେକ୍ ହୟାତ୍, ଟୁକୁନା ଭୋଇ ଉପସ୍ଥିତ ରହି ପରିଚାଳନା କରିଥିବାବେଳେ ରସାନନ୍ଦ ସାମଲ ଚତୁର୍ଥ ରେଫରି ଭାବେ ନିଜର କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଅବସରରେ ୟଙ୍ଗ୍ ଉତ୍କଳ କଟକର ଖେଳାଳି ରାକେଶ ସାହୁଙ୍କୁ ମ୍ୟାନ୍ ଅଫ୍ ଦ ସିରିଜ୍ ଓ ବାପୁନୀ ବିନ୍ଧାଣୀଙ୍କୁ ମ୍ୟାନ୍ ଅଫ ଦ ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ମ୍ୟାଚ୍ ପରିଚାଳନାରେ ସାଲେପୁର ସ୍ପୋର୍ଟସ ଏକାଡେମୀର ସମ୍ପାଦକ ରାଜେଶ ଭୂୟାଁ, ପ୍ରସନ୍ନ କୁମାର ମଲ୍ଲ, ରମେଶ ଚନ୍ଦ୍ର ନାୟକ, ସୁରେନ୍ଦ୍ର ବେହେରା, ଭାସ୍କର ସେଠୀ, ଗୋପବନ୍ଧୁ ଭୂୟାଁ, ବିଭୂତି ପାତ୍ର, ଅଶୋକ କୁମାର ସେଠୀ, ବିଶ୍ୱଜିତ୍ ଭୂୟାଁ, କମଳାକାନ୍ତ ପତି, ମଦନ ମୋହନ ଜେନାଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ୧୦ ରାଜ୍ୟ ରଜକ ସଂଘ ସାଧାରଣ ବୈଠକ

**ବାଙ୍କୀ, ୨।୩( ଶୁଭେନ୍ଦୁ ମହାପାତ୍ର ) :** ବାଙ୍କୀ ଉପଖଣ୍ଡ ସରଣ୍ଡାଗଡ଼ସ୍ଥିତ ମା'ବାଉତୀ ଦେବୀଙ୍କ ପୀଠରେ ୧୦ ରାଜ୍ୟ ରଜକ ସଂଘ ସଭାପତି ପରମାନନ୍ଦ ସେଠୀଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରଜକ ସମାଜ ମଧ୍ୟରେ ଥିବା ସମସ୍ୟା ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ରଜକ ସମାଜର ଯେକୌଣସି ପରିବାର ଅସୁବିଧା ଓ ସମସ୍ୟା ଉପରେ ଗୁରୁତ୍ୱାରୋପ ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ରଜକ ସଂଘ ସମ୍ପାଦକ ଅପର୍ତି ସେଠୀ, ଉପସଭାପତି ଲକ୍ଷ୍ମୀଧର ସେଠୀ, ବଡ଼ମ୍ବା ପଶ୍ଚିମ ଆଡେଣୀ ସଭାପତି ଫକିର କୁମାର ସେଠୀ, ସମ୍ପାଦକ ରବୀନ୍ଦ୍ର କୁମାର ସେଠୀଙ୍କ ସମେତ ବିଭିନ୍ନ ଅଞ୍ଚଳର ୨୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଯୋଗଦେଇଥିଲେ।

## ପୁରାତନ, ନୂତନ ଅଧ୍ୟକ୍ଷ, ଅଧ୍ୟାପକଙ୍କ ସମାବେଶ

**ବାଙ୍କୀ, ୨।୩(ଜ୍ଞାନେନ୍ଦ୍ର ମୋହନ ମିଶ୍ର ):** ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପୁରାତନ, ନୂତନ ଅଧ୍ୟକ୍ଷ ଓ ଅଧ୍ୟାପକଙ୍କ ସମାବେଶ କଲେଜ ଦୃଶ୍ୟ ଶ୍ରାବ୍ୟ ଗୃହରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଓ ନୂତନ ଅଧ୍ୟକ୍ଷ ସଂଘର ସଭାପତି ତଥା ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ପ୍ରଫୁଲ୍ଲ ଚନ୍ଦ୍ର ରାଜ ଏଥିରେ ସଭାପତିତ୍ୱ କରି କଲେଜର ଐତିହ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷ ଡ. ନିରଞ୍ଜନ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ପ୍ରାଧ୍ୟାପିକା ଗାୟତ୍ରୀ ନାୟକ ବିବରଣୀ ପାଠ କରିଥିଲେ। ପୂର୍ବତନ ଅଧ୍ୟକ୍ଷ ଡ.ଅମରେନ୍ଦ୍ର ମିଶ୍ର, ଡ. ସୁମିତ୍ରା ଲାହା, ସଦାଶିବ ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସେମାନଙ୍କର ଅଭିଜ୍ଞତା ସମ୍ପର୍କରେ କହିଥିଲେ।

## ବିଜୁ ଜୟନ୍ତୀ ପାଇଁ ବିଜେଡିର ପ୍ରସ୍ତୁତି



ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ବିଜେଡି ନେତୃମଣ୍ଡଳୀ ଓ କର୍ମକର୍ତ୍ତା।

**ଆଠଗଡ, ୨।୩(ସତ୍ୟ ପ୍ରସାଦ ରଥ) :** ଫେବୃଆରୀ ୫ରେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୦୯ତମ ଜୟନ୍ତୀ ଓ ମାର୍ଚ୍ଚ ୮ରେ ଆନ୍ତର୍ଜାତିକ ମହିଳା ଦିବସ ପାଳନ କରାଯିବ। ଏଥିଲାଗି ଆଠଗଡ଼ ଏନ୍‌ଏସି ବିଜେଡି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ସହର ଉପକଣ୍ଠସ୍ଥିତ ମା' ଉତ୍ତରାଚଣ୍ଡୀ ପୀଠରେ ଅନୁଷ୍ଠିତ ହୋଇଯାଇଛି।

ଆଠଗଡ଼ ଏନ୍‌ଏସିର ଯୁବ, ଛାତ୍ର ବିଜେଡି ଆନୁକୂଲ୍ୟରେ ଏହି ବୈଠକ ଆୟୋଜନ କରାଯାଇଥିଲା। ଏଥିରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ, ମାର୍ଚ୍ଚ ୫ରେ ସ୍ୱର୍ଗତ ବିଜୁବାବୁଙ୍କ ଜୟନ୍ତୀ ଅବସରରେ ପ୍ରଭାତ ସମୟରେ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ, କାରାଗାର ଓ ଡାକ୍ତରଖାନାରେ ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ଓ ଫଳମୂଳ ବଣ୍ଟନ, ମଧ୍ୟାହ୍ନରେ ମୋଟରସାଇକେଲ ଶୋଭାଯାତ୍ରା, ପଦଯାତ୍ରା ଓ ସନ୍ଧ୍ୟା ସମୟରେ ସାଧାରଣ ସଭା ଅନୁଷ୍ଠିତ ହେବ। ସେହିପରି ଆନ୍ତର୍ଜାତୀୟ ମହିଳା ଦିବସରେ ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ଏକ ବିଶାଳ ମହିଳା ସମାବେଶ ଆୟୋଜନ ପାଇଁ ନିଷ୍ପତ୍ତି ହୋଇଛି। ଆଠଗଡ଼ ଏନ୍‌ଏସିର ବିଜେଡି ସଭାପତି ଶିଶିର ପ୍ରସାଦ ମାନସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆଠଗଡ଼ ଏନ୍‌ଏସି ଛାତ୍ର ତଥା ବିଜେଡି ସଭାପତି ମହମ୍ମଦ ଖଲିଦ, ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ରାଉତ, ଉପାଧ୍ୟକ୍ଷ ବି. ଶୁଭ୍ରଶଙ୍କର ଜ୍ୟୋତି, ପୂର୍ବତନ ନଗରପାଳ ରମେଶ ଚନ୍ଦ୍ର ଘଡ଼େଇ, ସୁବର୍ଣ୍ଣ ମଞ୍ଜରୀ ଭଞ୍ଜ, ବରିଷ୍ଠନେତା ଲଳିତେନ୍ଦୁ ସେନାପତି, ପ୍ରଦୀପ୍ତ ଦାସ, ପ୍ରକାଶ ରାଉତ, ଓକିଲ ସଂଘ ସଭାପତି ସତ୍ୟେନ୍ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ମୁନ୍‌ସୀ ମେଳଣରେ ଶାନ୍ତିଶୃଙ୍ଖଳା ରକ୍ଷାକୁ ଗୁରୁତ୍ୱ



ବୈଠକରେ କମିଟି ସଦସ୍ୟଙ୍କ ସହ ମୁନ୍‌ସୀମେଳଣ ପ୍ରସଙ୍ଗରେ ଆଲୋଚନା କରାଯାଉଛି।

**ସାଲେପୁର, ୨।୩(ଅରବିନ୍ଦ ଭୂୟାଁ):** ସାଲେପୁର ଥାନା ପକ୍ଷରୁ ଐତିହାସିକ ମୁନ୍‌ସୀ ମେଳଣ ପାଇଁ ପ୍ରସ୍ତୁତି ବୈଠକ ସାଲେପୁର ଆଦର୍ଶ ଥାନାର ଭାରପ୍ରାପ୍ତ ଅଧିକାରୀ ଅନିତା ସାହୁଙ୍କ ଅଧ୍ୟକ୍ଷତାରେ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁନ୍‌ସୀ ମେଳଣ କମିଟିର ସମସ୍ତ କର୍ମକର୍ତ୍ତା ତଥା ସଭ୍ୟମାନେ ଉପସ୍ଥିତ ଥିଲେ। ମେଳଣ ଶାନ୍ତିଶୃଙ୍ଖଳା ସହ ପାଳନ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ସଭ୍ୟ ଜଗନ୍ନାଥ ବସ୍ତିଆ, ରାମଚନ୍ଦ୍ର ଜେନା, କୃଷ୍ଣଚନ୍ଦ୍ର ଜେନା, ରମେଶ ଚନ୍ଦ୍ର ନାୟକ, ଅଲେଖ ଚନ୍ଦ୍ର ପରିଡ଼ା, ଆଡ୍‌ଭୋକେଟ୍ ବିଜୟକେତନ ନାୟକ, ନବକିଶୋର କର, ରବୀନ୍ଦ୍ର ନାଥ କର, ସତ୍ୟ ଶିବ ସୁନ୍ଦର କର, ଦେବେନ୍ଦ୍ର ନାଥ କର, ପ୍ରସନ୍ନ କୁମାର ମଲ୍ଲ, ତପନ କୁମାର ଦାଶ, ଅକ୍ଷୟ କୁମାର ଦାଶ, ହୃଷୀକେଶ ମଲ୍ଲିକ, ଜଗବନ୍ଧୁ ସାହୁ, ସନ୍ତୋଷ କୁମାର ଭୂୟାଁ, ପ୍ରତ୍ୟୁଷ ମହାନ୍ତି, ସୌମ୍ୟରଞ୍ଜନ ମଲ୍ଲ, ଚନ୍ଦ୍ରାଦେଇପୁର ସରପଞ୍ଚଙ୍କ ପ୍ରତିନିଧି ମହେଶ୍ୱର ମଲ୍ଲିକ, ନଟରାଜ ଦାସଙ୍କ ସମେତ ବହୁ ବ୍ୟକ୍ତି ଯୋଗଦେଇଥିଲେ। ସାଲେପୁର ଥାନା ପୋଲିସ ସବ୍‌ଇନ୍ସପେକ୍ଟର ଦେବେନ୍ଦ୍ରନାଥ ମଲ୍ଲିକ, ନୀଳମାଧବ ପଣ୍ଡାଙ୍କ ସମେତ ବହୁ ପୁଲିସ କର୍ମଚାରୀ ଉପସ୍ଥିତ ରହି ଆଲୋଚନାରେ ଭାଗନେଇଥିଲେ। ପ୍ରକାଶ ଯେ, ଚଳିତବର୍ଷ ସାଲେପୁର ମୁନ୍‌ସୀ ମେଳଣକୁ ୯୯ ବର୍ଷ ହେବାକୁ ଯାଉଛି। ଏହି ଅବସରରେ ମୁନ୍‌ସୀ ମେଳଣ କମିଟି ପକ୍ଷରୁ ନୂତନ ଭାବେ ଯୋଗଦେଇଥିବା ଆଇଆଇସି. ଅନୀତା ସାହୁଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ମାଟି ରାସ୍ତାକୁ କଂକ୍ରିଟ୍ କରିବାକୁ ଦାବି

**ପାଣ୍ଡରା ଆରଡି ରୋଡ ଠାରୁ ବ୍ରାହ୍ମଣବାଡି ହରିଜନ ସାହି ରାସ୍ତା**

- ବର୍ଷା ହେଲେ ଅବସ୍ଥା ବେହାଲ
- ମିଳିପାରୁନି ଜରୁରିକାଳୀନ ସେବା
- ସ୍କୁଲ, ଅଙ୍ଗନୱାଡିକୁ ଛାତ୍ରୀଛାତ୍ର ଯାତାୟାତ କରନ୍ତି

**ରଘୁନାଥପୁର, ୨।୩(ରାଜେନ୍ଦ୍ର ନାରାୟଣ ସିଂହ)** ରଘୁନାଥପୁର ବ୍ଲକ ଏରଡ଼ଙ୍ଗା ପଞ୍ଚାୟତ ଅନ୍ତର୍ଗତ ୯ନଂ. ୱାର୍ଡ ପାଣ୍ଡରା ଆରଡି ରୋଡଠାରୁ ବ୍ରାହ୍ମଣବାଡି ହରିଜନ ସାହି ପର୍ଯ୍ୟନ୍ତ ୫୦୦ମିଟର ମାଟି ରାସ୍ତାକୁ କଂକ୍ରିଟ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଦୀର୍ଘଦିନ ଧରି ଏହି ରାସ୍ତାଟି ଅବହେଳିତ ଅବସ୍ଥାରେ ପଡ଼ିରହିଛି। ଦୈନନ୍ଦିନ ଏହି ମାଟି ରାସ୍ତା ଦେଇ ଅଙ୍ଗନୱାଡି ଓ ସ୍କୁଲକୁ ଛାତ୍ରୀଛାତ୍ରମାନେ ଯାତୟାତ କରିଥାନ୍ତି। ଏହାଛଡା ସ୍ଥାନୀୟ ହରିଜନ ସାହି ଲୋକମାନଙ୍କ ଏହି ରାସ୍ତା ଚଲାବାଟ ଅଟେ। ଗ୍ରାମର ମହିଳା ଓ ପୁରୁଷମାନେ ନିକଟସ୍ଥ ମନ୍ଦିରକୁ ମଧ୍ୟ ଏହି ରାସ୍ତା ଦେଇ ଯାଇଥାନ୍ତି। ତେବେ ଅଦିନିଆ ବର୍ଷା କିମ୍ବା ବର୍ଷା ଋତୁରେ ରାସ୍ତା ଅବସ୍ଥା ବେହାଲ ହୋଇଯାଏ।

ସ୍କୁଲ ଓ ଅଙ୍ଗନୱାଡିକୁ ଯାଉଥିବା ଛାତ୍ରୀଛାତ୍ର ଏବଂ ଗ୍ରାମବାସୀ ମାଟି କାଦୁଅରେ ପଶି ଯାତୟାତ କରିବାକୁ ବାଧ ହୋଇଥାନ୍ତି। ଆବଶ୍ୟକ ସମୟରେ ଆମ୍ବୁଲାନ୍ସ ମଧ୍ୟ ଗ୍ରାମ ଭିତରକୁ ପଶିପାରେନି ବୋଲି ସ୍ଥାନୀୟ ଅଧିବାସୀ କୈଳାସ ରାୟ ପ୍ରକାଶ କରିଛନ୍ତି। ବିଭିନ୍ନ ସମୟରେ ସ୍ଥାନୀୟ ଜନପ୍ରତିନିଧି ଓ ବ୍ଲକ ପ୍ରଶାସନକୁ ରାସ୍ତା ସମ୍ପର୍କରେ ଅବଗତ କରାଯାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏପରିକି ଉକ୍ତ ରାସ୍ତାରେ ନାଲି ମୋରମ ଗଣ୍ଡେ ପକାଯାଉନାହିଁ ବୋଲି ଗ୍ରାମବାସୀ କ୍ଷୋଭର ସହ ପ୍ରକାଶ କରିଛନ୍ତି। ୧୫୦ ପରିବାରଙ୍କ ଯାତାୟାତ ସୁବିଧାକୁ ହୃଦୟଙ୍ଗମ କରି ଉକ୍ତ ରାସ୍ତାକୁ କଂକ୍ରିଟ୍ କରିବାକୁ ରଞ୍ଜନ ସାହୁ, ଦୈତାରି ସେଠୀ, ସୁଦର୍ଶନ ପରିଡା, ଗୌରାଙ୍ଗ ସାହୁ, ଶୁକଦେବ ସେଠୀ, ସ୍ମୃତିରଞ୍ଜନ ନାୟକ, ବୀଣାପାଣି ରାଉତଙ୍କ ସମେତ ଗ୍ରାମବାସୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।



ବ୍ରାହ୍ମଣବାଡି ହରିଜନ ସାହି କଂକ୍ରିଟ୍ ହୋଇ ନ ଥିବା ରାସ୍ତା।

ଏ ସମ୍ପର୍କରେ ଖବର ନ ଥିବା ଏବଂ ଲିଖିତ ଅଭିଯୋଗ ଆସିଲେ ପଞ୍ଚାୟତ କିମ୍ବା ବ୍ଲକ ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି ବିଡିଓ ବିରଞ୍ଚି ନାରାୟଣ ବେହେରା ପ୍ରକାଶ କରିଛନ୍ତି।

# ଜିଲା ମୁଖ୍ୟ ଚିକିତ୍ସାଳୟରେ ସେବା ବିପର୍ଯ୍ୟସ୍ତ

## ଭିତ୍ତିଭୂମି ଅଭାବ, ନାହାନ୍ତି ଆବଶ୍ୟକ ସଂଖ୍ୟକ ଡାକ୍ତର

ଖୋର୍ଦ୍ଧା,୨।୩(ପ୍ରଭାତ ପାଣିଗ୍ରାହୀ)




ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହି ଚିକିତ୍ସାଳୟ ଉପରେ ଖୋର୍ଦ୍ଧାର ୩ ନିର୍ବାଚନମଣ୍ଡଳୀ ସମେତ ପଡୋଶୀ ପୁରୀ ଓ ନୟାଗଡ଼ ଜିଲାର ଲୋକେ ନିର୍ଭର କରନ୍ତି। ତେବେ ଏଠାରେ ଆବଶ୍ୟକ ସଂଖ୍ୟକ ବିଶେଷଜ୍ଞ, ଡାକ୍ତର, ପାରା ମେଡ଼ିକାଲ ଷ୍ଟାଫ୍ ନ ଥିବାବେଳେ ଆବଶ୍ୟକ ଯନ୍ତ୍ରପାତି ଅଭାବରୁ ରୋଗୀମାନେ ଉପଯୁକ୍ତଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏ ଚିକିତ୍ସା ସେବା ପାଇପାରୁନାହାନ୍ତି। ଗୁରୁତର ରୋଗୀଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇ କ୍ୟାପିଟାଲ ଅଥବା ଏମ୍ସକୁ ପଠାଇ ଦିଆଯାଉଛି।

ବହିର୍ବିଭାଗ (ଆଉଟ୍‌ଡୋର)ରେ ଦୈନିକ ଶତାଧିକ ରୋଗୀଙ୍କ ଭିଡ଼ ଜମୁଛି। ମାତ୍ର ଦୁଇଜଣ ଡାକ୍ତର ସେବା ଯୋଗାଇ ଦେଉଛନ୍ତି। ଫଳରେ ରୋଗୀ ଦୀର୍ଘ ସମୟ ଧରି ଅପେକ୍ଷା କରି ବିରକ୍ତ ହେଉଛନ୍ତି। ଟିକେଟ କାଉଣ୍ଟରରେ ଲମ୍ବା ଧାଡ଼ି ଲାଗୁଛି। ପୂର୍ବାହ୍ନରେ ବିଶେଷଜ୍ଞ ଡାକ୍ତରମାନେ ରୋଗୀ ଦେଖୁଥିବାବେଳେ ସନ୍ଧ୍ୟାରେ ବନ୍ଦ ରହୁଛି। ଏକାଧିକ ବିଶେଷଜ୍ଞ ଡାକ୍ତର ପଦବୀ ଖାଲି ପଡ଼ିଥିବାବେଳେ ଭେଷଜ ବିଭାଗ ଡାକ୍ତର ଶୂନ୍ୟ ରହିଛି। ଭେଷଜ ବିଶେଷଜ୍ଞ ଡା. ବିଶ୍ୱନାଥ ପାଢ଼ୀ ପଦୋନ୍ନତି ପାଇ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ (ପରିବାର କଲ୍ୟାଣ) ଭାବେ ନୂତନ ଦାୟିତ୍ୱ ପରେ ରୋଗୀଙ୍କୁ ଉପଯୁକ୍ତ ସେବା ମିଳୁନାହିଁ। ମେଡିସିନ ୱାର୍ଡରେ ବିଭାଗୀୟ ଡାକ୍ତରଙ୍କ ପରିବର୍ତ୍ତେ ଅନ୍ୟ ବିଭାଗର ଡାକ୍ତର ରୋଗୀ ଦେଖୁଛନ୍ତି। ଅସ୍ଥିଶଲ୍ୟ ବିଭାଗରେ ଅସ୍ତ୍ରପୋଚାର ବ୍ୟବସ୍ଥା ନାହିଁ। ଫଳରେ ଗୁରୁତର ଆହତଙ୍କୁ ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱର ପଠାଇ ଦିଆଯାଉଛି। ନଚେତ ଘରୋଇ କ୍ଲିନିକ୍‌ରେ ଚିକିତ୍ସା କରାଇବା ପାଇଁ ପରାମର୍ଶ ଦିଆଯାଉଛି। ଦୁର୍ଘଟଣାଜନିତ ଚିକିତ୍ସା ପାଇଁ ଖୋଲିଥିବା ଟ୍ରମାକେୟାର ୟୁନିଟ୍ କୋଠା ଦୀର୍ଘଦିନ ହେଲା ଉଦ୍‌ଘାଟନ ହୋଇସାରିଥିଲେ ବି ଏହା କାର୍ଯ୍ୟକ୍ଷମ ହୋଇପାରିନାହିଁ। ଖୋର୍ଦ୍ଧାକୁ ୧୬ ଓ ୫୭ ନମ୍ବର ଜାତୀୟ ରାଜପଥ ସଂଯୋଗ କରୁଛି। ଅନେକ ସମୟରେ ଦୁର୍ଘଟଣା ଘଟୁଛି। ତେବେ ଦୁର୍ଘଟଣାଜନିତ ଚିକିତ୍ସା ପାଇଁ ଉଦ୍ଦିଷ୍ଟ ଟ୍ରମାକେୟାର ଏବେ କୋମାରେ ରହିଛି। ରୋଗୀଙ୍କୁ ବାହାରକୁ ସ୍ଥାନାନ୍ତର ହେଉଛନ୍ତି। ସେହିଭଳି ଦେଢ଼ କୋଟି ଟଙ୍କା ବ୍ୟୟରେ ନିର୍ମିତ ଆଇସିୟୁରେ ତାଲା ଝୁଲୁଛି। ବିଶେଷଜ୍ଞ ଡାକ୍ତର, ଷ୍ଟାଫ ନିୟୋଜିତ ହୋଇ ନ ଥିବାରୁ ଅତ୍ୟାଧୁନିକ ଯନ୍ତ୍ରପାତି ଖତ ଖାଉଛି। ଅକ୍ସିଜେନ ପ୍ଲାଣ୍ଟ ଓ ରକ୍ତଭଣ୍ଡାର କାର୍ଯ୍ୟକ୍ଷମ ହୋଇନାହିଁ। ରୋଗୀଙ୍କୁ ତ୍ୱରିତ ରକ୍ତ ଯୋଗାଇବା ଲକ୍ଷ୍ୟରେ ଡିଏଚ୍‌ଏଚ୍‌ରେ ପରିସରରେ କୋଠା ନିର୍ମାଣ ହୋଇଥିବା ବେଳେ ଏହା କେବେ କାର୍ଯ୍ୟକ୍ଷମ ହେବ ତାହାକୁ ଅନିଶ୍ଚିତତା ଲାଗିରହିଛି। ନିରାମୟ ଯୋଜନାରେ କେବଳ ହାତଗଣତି ଔଷଧକୁ ବାଦ ଦେଲେ ବହୁ ଔଷଧ ମିଳୁନାହିଁ। ଫଳରେ ବାହାରୁ ଔଷଧ ଦୋକାନ ଉପରେ ରୋଗୀ ନିର୍ଭର କରୁଛନ୍ତି। ରକ୍ତ ନମୁନା ପରୀକ୍ଷା ପାଇଁ ରହିଥିବା ଷ୍ଟାଫଙ୍କ ଅଭାବ ଯୋଗୁ ନମୁନା ପରୀକ୍ଷା ପାଇଁ ଦୀର୍ଘ ସମୟ ଅପେକ୍ଷା କରି ରହୁଛନ୍ତି। ମେଡିକାଲକୁ ଗୁରୁତର ରୋଗୀଙ୍କୁ ନେଇ ଆସୁଥିବାବେଳେ ରୋଗୀଙ୍କୁ ନେବା ଆଣିବା ପାଇଁ ଆଟେଣ୍ଡାଣ୍ଟ ରହୁନାହାନ୍ତି। ମୁଁ ଆପଣଙ୍କୁ କ'ଣ ସହଯୋଗ କରିପାରେ କି ହେଲପ ଡେସ୍କର ସେବା ସନ୍ତୋଷଜନକ ନୁହେଁ। କାହା ସ୍ୱାର୍ଥରେ ଏହି ଡେସ୍କ କାମ କରୁଛି, କିଏ ଏହାକୁ ଅପରେଟ କରୁଛନ୍ତି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।

କେତେଜଣ ଡାକ୍ତରଙ୍କ ଘରୋଇ ହସ୍ପିଟାଲ ଓ କ୍ଲିନିକ ମୋହ ତୁଟୁନି। ରୋଗୀଙ୍କୁ ଦଲାଲଙ୍କ ଜରିଆରେ ଘରୋଇ ହସ୍ପିଟାଲକୁ ପଠାଇ ଦେଉଥିବା ଅନେକ ନଜିର ରହିଛି। ମାତୃ ଓ ଶିଶୁ ମଙ୍ଗଳ କେନ୍ଦ୍ରରେ ଗୁରୁତର ଗର୍ଭବତୀଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରିଦିଆଯାଉଛି, ପରେ ସେହି ରୋଗୀ ଘରୋଇ କ୍ଲିନିକରେ ପ୍ରସବ ହେଉଥିବା ଜଣାପଡିଛି। ଡିଏଚ୍‌ଏଚ୍‌ରେ ସରକାରୀ ଆମ୍ବୁଲାନ୍ସ ବ୍ୟବସ୍ଥା ନ ଥିବାରୁ ଘରୋଇ ଆମ୍ବୁଲାନ୍ସ ଉପରେ ନିୟନ୍ତ୍ରଣ ନାହିଁ। ରୋଗୀଙ୍କ ପାର୍କିଂସ୍ଥଳ ଏବେ ଘରୋଇ ଆମ୍ବୁଲାନ୍ସ ପାର୍କିଂସ୍ଥଳ ପାଲଟିଥିବାବେଳେ ବଟି ଆଦାୟ କରାଯାଉଥିବା ଅଭିଯୋଗ ହେଉଛି। ଏ ନେଇ ସିଡିଏମ୍‌ଓ ଡା. ରାଜଶ୍ରୀ ପଟ୍ଟନାୟକ କହିଛନ୍ତି, ମେଡିକାଲରେ ସ୍ୱାସ୍ଥ୍ୟସେବାର ଉନ୍ନତି ଓ ସମସ୍ୟା ସମାଧାନ ପ୍ରତି ଗୁରୁତ୍ୱ ଦିଆଯାଉଛି। ପର୍ଯ୍ୟାୟ କ୍ରମେ ଏ ନେଇ ସମସ୍ତ ଅଭିଯୋଗର ସମାଧାନ କରାଯିବ। ରୋଗୀଙ୍କୁ ଉପଯୁକ୍ତ ଉତ୍ତମ ସେବା ଯୋଗାଇ ଦିଆଯିବ।

# ଅଗ୍ନିକାଣ୍ଡରେ ୮ ବଖରା ଜଳିଗଲା


ଅଗ୍ନିଶମବାହିନୀ ନିଆଁ ଲିଭାଉଛନ୍ତି।

ଟାଙ୍ଗୀ–ଖୋର୍ଦ୍ଧା, ୨।୩(ରଘୁନାଥ ସାହୁ)

ଟାଙ୍ଗୀ ଗ୍ରାମ ପଞ୍ଚାୟତର ବିନ୍ଧାଣିଆ ଗ୍ରାମରେ ଥିବା ଚାଳଘରେ ରବିବାର ସକାଳେ ନିଆଁ ଲାଗିଯାଇଥିଲା। ଗ୍ରାମର ଶିଖର ବେହେରାଙ୍କ ଘରେ ପ୍ରଥମେ ନିଆଁ ଲାଗିବା ପରେ ପଡ଼ୋଶୀ ପଙ୍କଜ ବେହେରା, ପ୍ରଶାନ୍ତ ସାହୁ ଓ ରବି ବେହେରାଙ୍କ ଘରେ ନିଆଁ ଲାଗିଯାଇଥିଲା। ଖବର ପାଇ ଟାଙ୍ଗୀ ଅଗ୍ନିଶମ ବାହିନୀର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କିନ୍ତୁ ନିଆଁ ଲିଭିବା ପୂର୍ବରୁ ୪ ପରିବାରର ୮ ବଖରା ଚାଳଘର ସମ୍ପୂର୍ଣ୍ଣ ପୋଡ଼ି ଯାଇଥିବା ଜଣାପଡ଼ିଛି। ତେବେ ନିଆଁ ଲାଗିବାର କାରଣ ଏ ପର୍ଯ୍ୟନ୍ତ ଜଣାପଡ଼ିନାହିଁ। କ୍ଷତିଗ୍ରସ୍ତ ସମସ୍ତ ପରିବାର ଗରିବ ଶ୍ରେଣୀର। ତେଣୁ ସମସ୍ତଙ୍କୁ ସରକାରୀ ଯୋଜନାରେ ଘର ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି। ଖବର ପାଇ ଟାଙ୍ଗୀ ସରପଞ୍ଚ କିଶୋର କୁମାର ବେହେରା ପହଞ୍ଚି ପ୍ରତ୍ୟେକ ପରିବାରଙ୍କୁ ୨୬ କେଜି ଚାଉଳ ଓ ୨ ହଜାର ଟଙ୍କା ଲେଖାଏଁ ଦେଇଛନ୍ତି। ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ସରପଞ୍ଚ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ସ୍ୱାବଲମ୍ବୀ କାରିଗର ସଂଘର ବୈଠକ

ଖୋର୍ଦ୍ଧା, ୨।୩(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ ସ୍ୱାବଲମ୍ବୀ କାରିଗର ସଂଘର ଏକ ବୈଠକ ଛତିପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ବିଭିନ୍ନ ଦାବି ଉପରେ ଆଲୋଚନା ହୋଇଥିଲା। ସଂଘର କର୍ମକର୍ତ୍ତା କହିଥିଲେ, ପଞ୍ଚାୟତରେ ପାନୀୟଜଳ ପମ୍ପ ଚଳାଇବା ଓ ନଳକୂପ ମରାମତି କରି ଲୋକଙ୍କୁ ପାଣି ଯୋଗାଇ ଆସୁଥିଲେ ମଧ୍ୟ ଅଦ୍ୟାବଧି ପମ୍ପଚାଳକମାନଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ମିଳିନାହିଁ। ତୁରନ୍ତ ପମ୍ପଚାଳକଙ୍କୁ ସରକାରୀ କର୍ମଚାରୀ ମାନ୍ୟତା, ପଞ୍ଚାୟତ ପରିବର୍ତ୍ତେ ବ୍ଲକ ଅଫିସ୍‌ରୁ ଦରମା ପ୍ରଦାନ, ସର୍ବନିମ୍ନ ମଜୁରି ଦେବା, ଏସ୍‌ଇଏମ୍ ପଦ ଉଚ୍ଛେଦ ଆଦି ଦାବି କରାଯାଇଛି। ଦାବି ପୂରଣ ନ ହେଲେ ଆଗକୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ବୈଠକରେ ସଂଘ ସଭାପତି ଜିତେନ୍ଦ୍ର ବଳବନ୍ତରାୟ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ରତିକାନ୍ତ ସାହୁ, ଅଶୋକ ସାହୁ, ସୁକାନ୍ତ ସାହୁ, ନିରଞ୍ଜନ ପରିଡା, ବିଘ୍ନେଶ ପରିଡା, ହଟକିଶୋର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

### ମନୁଆ ସାହିତ୍ୟ ସଂସଦର ନୂତନ କର୍ମକର୍ତ୍ତା ଚୟନ

ବେଗୁନିଆ, ୨।୩(ସନ୍ଧ୍ୟାରାଣୀ ମିଶ୍ର)

କଡ଼ବ ପଞ୍ଚାୟତ ଅଧୀନ ଖଣତି ଗ୍ରାମ ନିକଟସ୍ଥ 'ମା' ଡାଳଖାଇ'ଙ୍କ ପୀଠରେ ମନୁଆ ସାହିତ୍ୟ ସଂସଦର ନୂତନ କର୍ମକର୍ତ୍ତା ଚୟନ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ପରମାନନ୍ଦ ମହାପାତ୍ର, ସମ୍ପାଦକ ଲମ୍ବୋଦର ଶତପଥୀ, ଉପସଭାପତି ଜମ୍ବେଶ୍ୱର ମଙ୍ଗରାଜଙ୍କ ସହ ସମ୍ପାଦକ ସୁଧାକର ସେଠୀ, କୋଷାଧ୍ୟକ୍ଷ ଦୀନବନ୍ଧୁ ଦାଶ, ସଙ୍ଗଠନ ସମ୍ପାଦକ ବାଳକୃଷ୍ଣ ନାୟକ, ଉପଦେଷ୍ଟା ରାଜକିଶୋର ପାଣିଗ୍ରାହୀ, ଡ. ପ୍ରତିମା ଷଡ଼ଙ୍ଗୀ, ପତିତପାବନ ବଳବନ୍ତରାୟ, ରାମଚନ୍ଦ୍ର ସାହୁ ଓ ବସନ୍ତ ସାହୁ ନିର୍ବାଚିତ ହୋଇଛନ୍ତି। ଦିଲୀପ ସାହୁ ଧନ୍ୟବାଦ ଦେଇଥିଲେ।

### ଶ୍ରୀନୃସିଂହ ତତ୍ତ୍ୱ ସଂକ୍ରାନ୍ତ ଆଲୋଚନା

ଖୋର୍ଦ୍ଧା, ୨।୩(ପ୍ରଭାତ ପାଣିଗ୍ରାହୀ)

ଶ୍ରୀଚୈତନ୍ୟ ରିସର୍ଚ୍ଚ ଆସୋସିଏଶନ ପକ୍ଷରୁ ଜଙ୍କିଆ ନିକଟ ଗୋଲାଇସ୍ଥିତ ଶ୍ରୀନୃସିଂହ ପୀଠରେ 'ଶ୍ରୀନୃସିଂହ ତତ୍ତ୍ୱ' ସଂକ୍ରାନ୍ତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆସୋସିଏଶନ ସଭାପତି ଜାନକୀ ବଲ୍ଲଭ ପଟ୍ଟନାୟକ ଶ୍ରୀନୃସିଂହ ଦେବ ଓ ତାଙ୍କ ପରମ ଭକ୍ତ ପ୍ରହ୍ଲାଦ ଏବଂ ଶ୍ରୀଜଗନ୍ନାଥ କିପରି ଇନ୍ଦ୍ରଦ୍ୟୁମ୍ନଙ୍କୁ ନୃସିଂହ ରୂପେ ଦର୍ଶନ ଦେଇଥିଲେ, ସେ ବିଷୟରେ ଆଲୋଚନା କରିଥିଲେ। ସ୍ଥାନୀୟ ପାହାଡ଼ରେ ଥିବା ଏକ ଗୁମ୍ଫାରେ ସଂକୀର୍ତ୍ତନ ଧ୍ୱନୀ ଶୁଭେ ବୋଲି ସ୍ଥାନୀୟ ଲୋକେ କୁହନ୍ତି। ସାଗର ମହାରାଜ, ବୋଧାୟନ୍ ମହାରାଜ, ଅନନ୍ତ ବାବା, ବନମାଳୀ ବାବା, ଅନୁପମା ପଣ୍ଡା, କାଦମ୍ବିନୀ ସାମନ୍ତରାୟ, ସନ୍ତୋଷୀ ସାହୁ, ଯୋଗେଶ୍ୱର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଯୁଧିଷ୍ଠିର ଛୁଆଳସିଂ ଆଲୋଚନାଚକ୍ରକୁ ସଂଯୋଜନା କରିଥିଲେ। ସଂଘ ସମ୍ପାଦକ ଜୟନାରାୟଣ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# କୁଶୁପଲ୍ଲା ଭାଗବତ ଦେବଙ୍କ ପୀଠରେ ମୁକ୍ତମଞ୍ଚ ନାଟକ ପରିବେଷଣ


ତଳସାହି ଭାଗବତ ଦେବଙ୍କ ପୀଠରେ ଚାଲିଥିବା ବାର୍ଷିକୋତ୍ସବରେ କଳାକାର ଏବଂ ଅନ୍ୟମାନେ।

ବେଗୁନିଆ, ୨।୩(ହରପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅଧୀନ କୁଶୁପଲ୍ଲା ଗ୍ରାମସ୍ଥିତ ତଳସାହି ଭାଗବତ ଦେବଙ୍କ ପୀଠରେ ସାହି କମିଟି ପକ୍ଷରୁ ୩ ଦିନ ଧରି ଚାଲିଥିବା ବାର୍ଷିକୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ନାମ ସଂକୀର୍ତ୍ତନ, ବିଶ୍ୱଶାନ୍ତି ମହାଯଜ୍ଞ ଏବଂ ମୁକ୍ତମଞ୍ଚ ନାଟକ ପରିବେଷଣ ଆଦି ଅନୁଷ୍ଠିତ ହୋଇଥିଲା। ପରମ୍ପରା ଅନୁଯାୟୀ, ଗ୍ରାମର ଆରାଧ୍ୟ ଦେବତା ହରି ଓ ହରଙ୍କୁ ଅତିଥି ଭାବେ ନିମନ୍ତ୍ରିତ କରାଯାଇଥିଲା। ହରି, ହରଙ୍କୁ ଦୋଳ ବିମାନରେ ବସାଇ ଗ୍ରାମ ଶୋଭାଯାତ୍ରା କରି ପୀଠ ପରିସରକୁ ଆମନ୍ତ୍ରଣ କରିଥିଲେ। ଦେବନୀତି ମୁତାବକ ମନ୍ତ୍ରପାଠ, ଠାକୁରଙ୍କୁ ନୂତନ ବସ୍ତ୍ର ପରିଧାନ ଆଦି ପୂଜାର୍ଚ୍ଚନା କରାଯାଇଥିଲା। ନାମ ସଂକୀର୍ତ୍ତନ ପରେ ଶ୍ରଦ୍ଧାଳୁ କଳସ ଶୋଭାଯାତ୍ରାରେ ବାହାରିଥିଲେ। ସନ୍ଧ୍ୟାରେ ସଂକୀର୍ତ୍ତନ ମଣ୍ଡଳୀ ଆଧ୍ୟାତ୍ମିକ ସଙ୍ଗୀତ ଗାନ କରିଥିଲେ। ଶନିବାର ରାତିରେ ସାହିର ଛୋଟ ବଡ଼ କଳାକାରଙ୍କ ଦ୍ୱାରା ମୁକ୍ତମଞ୍ଚ ନାଟକ 'ଆଖିର ଜନମ କାନ୍ଦିବା ପାଇଁ' ପରିବେଷଣ ହୋଇଥିଲା। ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ସରପଞ୍ଚ ସତ୍ୟନାରାୟଣ ପ୍ରଧାନ ଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ରବିବାର ପାରମ୍ପରିକ ରୀତିନୀତି ଅନୁଯାୟୀ ଶୁଭ ଅଙ୍କୁରାରୋପଣ, ମଣ୍ଡଳକରଣ ପରେ କଳସ ସ୍ଥାପନ, ଶତ ରୁଦ୍ରାଭିଷେକ, ବିଷ୍ଣୁ ସହସ୍ରନାମ ଯଜ୍ଞ ବିଧି ମୁତାବକ ସମ୍ପନ୍ନ ହୋଇଯାଇଛି। ସୂର୍ଯ୍ୟପୂଜା, ଗୋ ପୂଜା, ଭଗବଦ୍ ଗୀତା ଆହୁତି ପରେ ପୂର୍ଣ୍ଣାହୁତି ପ୍ରଦାନ ସମ୍ପନ୍ନ ହୋଇଥିଲା। ପୀଠ ପରିସରରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

# ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ

ବେଗୁନିଆ, ୨।୩(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ନୂଆସାହି ଆମ୍ରକାନନରେ ଓ ଖୋର୍ଦ୍ଧା ବ୍ଲକର ବରସାହିରେ ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରିଜର୍ଭ ବ୍ୟାଙ୍କ ସହାୟକ ପ୍ରବନ୍ଧକ ସୌମେନ ବସୁ ଯୋଗଦେଇ ବ୍ୟାଙ୍କରେ ଗ୍ରାହକଙ୍କୁ ଦିଆଯାଉଥିବା ବିଭିନ୍ନ ପ୍ରକାର ସୁବିଧା ସୁଯୋଗ ଓ ଆର୍ଥିକ ଠକେଇ ସମ୍ବନ୍ଧରେ ସଚେତନ କରିଥିଲେ। ପରେ ନାଟକ 'ନୁକ୍କଡ' ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମକୁ ଖୋର୍ଦ୍ଧା ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଏଫ୍‌ଏଲ୍‌ସି ବିକାଶ ମହାନ୍ତି ଓ ବ୍ଲକର ସିଏଫ୍‌ଏଲ୍ ଦୁର୍ଗା ପ୍ରସାଦ ମହାପାତ୍ର ପରିଚାଳନା କରିଥିଲେ।

# ଶ୍ରୀଶ୍ରୀ ଲୋକେଶ୍ୱରଦେବଙ୍କ ଅଷ୍ଟବିଂଶ ବାର୍ଷିକୋତ୍ସବ

ବେଗୁନିଆ, ୨।୩(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ରାଧାକାନ୍ତପୁର ପଞ୍ଚାୟତ ଅଧୀନ ସୁଆଁଳ ଗ୍ରାମସ୍ଥିତ ଶ୍ରୀ ଶ୍ରୀ ଲୋକେଶ୍ୱର ଦେବଙ୍କ ପୀଠରେ ଅଷ୍ଟବିଂଶ ବାର୍ଷିକ ଉତ୍ସବ ଉପଲକ୍ଷେ ୫ ଦିନ ବ୍ୟାପୀ ଚାଲିଥିବା ବାଦୀପାଲା ରବିବାର ଉଦ୍‌ଯାପିତ ହୋଇଯାଇଛି। ପୁରୀ ବ୍ରହ୍ମଗିରିର ଭାଷା ମଞ୍ଜୁଳା ପଦ୍ମକେଶରୀ କାଦମ୍ବରୀ ସ୍ୱାଇଁ ଏବଂ ଜଗତ୍‌ସିଂହପୁରର ଚନ୍ଦ୍ରପ୍ରଭା ସ୍ମିତାରାଣୀ ଦାସ ବାଦୀ ପାଲା ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ଏବଂ ସମ୍ମାନିତ ଅତିଥି ଭାବେ ଗୌରଚରଣ ସାମନ୍ତସିଂହାର ଯୋଗ ଦେଇଥିଲେ। ପାଲା କମିଟି ସଭାପତି ମନୋଜ କୁମାର ମଙ୍ଗରାଜ, ବିଜୟ କେତନ ପଟ୍ଟନାୟକ, ଦୀନବନ୍ଧୁ ମହାରଣା, ଶତ୍ରୁଘ୍ନ ବାଘ ଏବଂ ସନ୍ତୋଷ ଜୟସିଂ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଧାୟକ ପ୍ରଦୀପ କୁମାର ସାହୁ ଅତିଥି ଏବଂ ଗାୟିକାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଆଇନଜୀବୀ ପ୍ରଦୀପ ମଙ୍ଗରାଜ ଧନ୍ୟବାଦ ଦେଇଥିଲେ।

# ୧୪ରେ କୃଷ୍ଣପ୍ରସାଦ ଦୋଳଯାତ୍ରା ମହୋତ୍ସବ

କୃଷ୍ଣପ୍ରସାଦ, ୨।୩(କୈଳାଶ ଚନ୍ଦ୍ର ପଟନାୟକ)

କୃଷ୍ଣପ୍ରସାଦ ବ୍ଲକ ପାରିକୁଦଗଡ଼ ଚନ୍ଦନ ଯାତ୍ରା ପଡ଼ିଆଠାରେ ଦୋଳଯାତ୍ରା ମହୋତ୍ସବ ଆସନ୍ତା ୧୪ ତାରିଖରେ ଅନୁଷ୍ଠିତ ହେବ। ପାଞ୍ଚ ମୌଜା ପରିଚାଳନା କମିଟି ନେତୃତ୍ୱରେ ଆୟୋଜିତ ଏହି ଉତ୍ସବରେ ପାରିକୁଦ ରାଜା ସାହେବ ସନ୍ତୋଷଚନ୍ଦ୍ର ମାନସିଂହ ହରିଚନ୍ଦନ ମର୍ଦ୍ଦରାଜ ଭ୍ରମରବର ରାୟ ପୌରୋହିତ୍ୟ କରିବେ। ଏନେଇ ଏକ ବୈଠକ ପାରିକୁଦ ରାଜା ସାହେବଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବ ରୀତିନୀତି ଓ ପରମ୍ପରା ଅନୁସାରେ ମୁଖ୍ୟ ପୀଠାଧୀଶ ଶ୍ରୀଶ୍ରୀ ନୀଳକଣ୍ଠେଶ୍ୱର ଦେବ ଓ ଦଧିବାମନ ଦେବଙ୍କ ନେତୃତ୍ୱରେ ବ୍ଲକର ବିଭିନ୍ନ ସ୍ଥାନରୁ ୨୬ ଠାକୁର ହଜାର ହଜାର ଭକ୍ତଙ୍କ ଗହଣରେ ମେଳଣ ପଡ଼ିଆକୁ ବିଜେ କରିଥାନ୍ତି। ଚଳିତବର୍ଷଠାରୁ ନୂତନ ଭାବେ ନିର୍ମିତ ଟୁବୁକା ଗ୍ରାମର ଶ୍ରୀ ରାମଚନ୍ଦ୍ର ଦେବ ବିରାଜମାନ କରିବେ ବୋଲି ଜଣାପଡ଼ିଛି। ସୁନ୍ଦର ଆଲୋକସଜ୍ଜା, ଚିତ୍ତାକର୍ଷକ ଆତସବାଜି ପ୍ରଦର୍ଶନ, ତୂରୀ ଶଙ୍ଖନାଦ, ସମରକଳା ପାଇକ ଆଖଡ଼ା ଆଦି ଶୋଭାଯାତ୍ରାରେ ଦେଖିବାକୁ ମିଳିଥାଏ। ମହୋତ୍ସବକୁ ଅଧିକ ଆକର୍ଷଣୀୟ କରିବାକୁ କମିଟି କର୍ମକର୍ତ୍ତାଙ୍କୁ ଦାୟିତ୍ୱ ଦିଆଯାଇଛି। ଠାକୁରଙ୍କ ମେଳଣ ଉତ୍ସବରେ ବହୁ ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି କୃଷ୍ଣପ୍ରସାଦ ଥାନା ଆଇଆଇସି ଭାବଗ୍ରାହୀ ରାଉତଙ୍କ ନେତୃତ୍ୱରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପାଞ୍ଚ ମୌଜା ପରିଚାଳନା କମିଟି ସଭାପତି ଅଶୋକ କୁମାର ପଣ୍ଡା, ସମ୍ପାଦକ ଈଶ୍ୱରଚନ୍ଦ୍ର ପଲେଇ ଉତ୍ସବକୁ ସରସ ସୁନ୍ଦର କରିବା ଦିଗରେ ଲାଗି ପଡିଛନ୍ତି।

# ପରିଭ୍ରମଣ ଦ୍ୱାରା ଉତ୍ତମ ଜ୍ଞାନ ଆହରଣ ହୋଇଥାଏ


ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ପକ୍ଷରୁ ଆୟୋଜିତ ଶୈକ୍ଷିକ ପରିଭ୍ରମଣ କାର୍ଯ୍ୟକ୍ରମ।

ବେଗୁନିଆ, ୨।୩(ସନ୍ଧ୍ୟାରାଣୀ ମିଶ୍ର)

ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ପକ୍ଷରୁ ଶୈକ୍ଷିକ ପରିଭ୍ରମଣ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ବେଗୁନିଆ ବ୍ଲକରେ ଥିବା ବିଭିନ୍ନ ବିଦ୍ୟାଳୟର ମୋଟ ୧୭୦ ଜଣ ଛାତ୍ରୀଛାତ୍ର, ୩୫ ଜଣ ମାର୍ଗଦର୍ଶକ ଶିକ୍ଷୟିତ୍ରୀ ଶିକ୍ଷକ ଓ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଭୁବନେଶ୍ୱରସ୍ଥିତ ରାଜ୍ୟ ସଂଗ୍ରହାଳୟ, ଆଞ୍ଚଳିକ ବିଜ୍ଞାନକେନ୍ଦ୍ର ଓ ଜନଜାତି ସଂଗ୍ରହାଳୟ ପରିଦର୍ଶନ କରିଥିଲେ। ପରିଭ୍ରମଣରୁ ଫେରିବା ପରେ କଣ୍ଟାବାଡ଼ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଅମ୍ରିତା ପଣ୍ଡା ପରିଭ୍ରମଣ ଦ୍ୱାରା ଉତ୍ତମ ଜ୍ଞାନ ଆହରଣ, ଅଜ୍ଞତା ଦୂରୀକରଣ ଓ ଧୀ ଶକ୍ତି ବୃଦ୍ଧି ହୋଇପାରିବ ବୋଲି କହିଛନ୍ତି। ଏହାଦ୍ୱାରା ବହୁ ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କ ମନରେ ଉତ୍ତମ ଜ୍ଞାନ ଆହରଣ କରିବାକୁ ଶୈକ୍ଷିକ ପରିଭ୍ରମଣ ପ୍ରକୃଷ୍ଟ ମାଧ୍ୟମ ବୋଲି ଗୋଷ୍ଠୀ ଶିକ୍ଷାଧିକାରୀ ଭାସ୍କର ଲେଙ୍କା କହିଛନ୍ତି।

# ବନ କର୍ମଚାରୀଙ୍କୁ ନୂତନ ଜ୍ଞାନକୌଶଳ ପ୍ରଶିକ୍ଷଣ ଦାବି

## ଓଡ଼ିଶା ଅଣଗେଜେଟେଡ୍ ବନ ସେବା ସଂଘ ବୈଠକ

ଟାଙ୍ଗୀ–ଖୋର୍ଦ୍ଧା, ୨।୩(ରଘୁନାଥ ସାହୁ)

ଓଡ଼ିଶା ଅଣଗେଜେଟେଡ୍ ବନ ସେବା ସଂଘ, ଖୋର୍ଦ୍ଧା ଜୋନ୍ ପକ୍ଷରୁ ଟାଙ୍ଗୀ ପଥରବନ୍ଧସ୍ଥିତ ମେଗା ନର୍ସରୀଠାରେ ସାଧାରଣ ପରିଷଦ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜଙ୍ଗଲ ସୁରକ୍ଷା ଏବଂ ଓଡ଼ିଶାର ବର୍ତ୍ତମାନର ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଦିନକୁ ଦିନ ବିକାଶ ଆଳରେ ବ୍ୟାପକ ଜଙ୍ଗଲ କଟାଯାଉଛି। ଫଳରେ ପରିବେଶ ସନ୍ତୁଳନତା ବିଗିଡ଼ିବାରେ ଲାଗିଛି। ତେଣୁ ଯେତିକି ଜଙ୍ଗଲ ରହିଛି, ସେହି ଜଙ୍ଗଲକୁ ସୁରକ୍ଷା ଦେବାକୁ ଦିନ ରାତି କାର୍ଯ୍ୟ କରୁଥିବା ବନ କର୍ମଚାରୀଙ୍କୁ ଅତ୍ୟାଧୁନିକ ସୁବିଧା ସୁଯୋଗ ଯୋଗାଇବା ସହ ନୂତନ ଜ୍ଞାନକୌଶଳ ଦେଇ ପ୍ରଶିକ୍ଷଣ ଦେବାକୁ ବନ କର୍ମଚାରୀ ସଂଘର କର୍ମକର୍ତ୍ତା ଦାବି କରିଥିଲେ। କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବନଖଣ୍ଡ ଡିଏଫ୍‌ଓ ପୂର୍ଣ୍ଣିମା ପାଣ୍ଡିଆନ୍, ଏସିଏଫ୍ ଦେବାଶିଷ ଭୋଇ, ପୂର୍ବତନ ସାଧାରଣ ସମ୍ପାଦକ ସମୀର କୁମାର ବେହେରା, ବନସେବା ସଂଘ ଉପସଭାପତି ଭବାନୀ ଶଙ୍କର ପରିଚ୍ଛା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହାସହ ଖୋର୍ଦ୍ଧା ବନଖଣ୍ଡ ଅଧୀନରେ ଥିବା ଡେପୁଟି ରେଞ୍ଜର, ଫରେଷ୍ଟର ଓ ଫରେଷ୍ଟ ଗାର୍ଡ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଟେମ୍ପଲ ସିଟି ଷ୍ଟାର ଭୁବନେଶ୍ୱର ବିଜୟୀ


ଜଣେ ଖେଳାଳି ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।

## ଟମାଣ୍ଡୋ କପ୍ କ୍ରିକେଟ

ଯାଁଳା, ୨।୩(ବୁଲା ବାରିକ)

ଭୁବନେଶ୍ୱର ଉପକଣ୍ଠ ଟମାଣ୍ଡୋ କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ୭ମ ଟମାଣ୍ଡୋ କପ୍ ଟି–୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବି ବି ବି ୱାରିଅସକୁ ହରାଇ ଟେମ୍ପଲ ସିଟି ଷ୍ଟାର ଭୁବନେଶ୍ୱର ବିଜୟୀ ହୋଇଛି। ଟେମ୍ପଲ ସିଟି ଷ୍ଟାର ଟସ୍ ଜିତି ବ୍ୟାଟିଂ ଆରମ୍ଭ କରି ୨୦ ଓଭରରେ ୮ ଉଇକେଟ୍ ହରାଇ ୨୩୦ ରନ୍ ସଂଗ୍ରହ କରିଥିଲା। ଜବାବରେ ବି ବି ବି ୱାରିଅସ ୨୦ ଓଭରରେ ୮ ଉଇକେଟ ହରାଇ ୧୬୮ ରନ୍ ସଂଗ୍ରହ କରିଥିଲା। ମ୍ୟାଚରେ ପ୍ରଭିନ କୁମାର ୩୮ ବଲ୍‌ରେ ୬୬ ରନ୍ ସଂଗ୍ରହ କରି ବେଷ୍ଟ ବ୍ୟାଟ୍ସ ମ୍ୟାନ୍ ହୋଇଥିବାବେଳେ ଏମ୍‌ଜି ଗୋପାଲ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ବିଜୟ କୁମାର ପଟ୍ଟନାୟକ ମ୍ୟାଚ ଉପସ୍ଥାପକ ଥିଲେ।

# ଦେଉଳଟାଙ୍ଗୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ସୁଆଙ୍ଗ ଚାମ୍ପିୟନ

ଖୋର୍ଦ୍ଧା, ୨।୩(ପ୍ରଭାତ ପାଣିଗ୍ରାହୀ)


ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳିମାନେ।

ଖୋର୍ଦ୍ଧା ବ୍ଲକ କାଇପଦର ଗ୍ରାମପଞ୍ଚାୟତ ଅନ୍ତର୍ଗତ ଦେଉଳଟାଙ୍ଗୀରେ ମା' ବଘେଇ କ୍ରିକେଟ ଆସୋସିଏଶନ୍ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ସୁଆଙ୍ଗ ଚାମ୍ପିୟନ ହୋଇଛି। ରବିବାର ଦେଉଳଟାଙ୍ଗୀ ଓ ସୁଆଙ୍ଗ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଦେଉଳଟାଙ୍ଗୀ ଦଳ ବ୍ୟାଟିଂ କରି ୨୦ ଓଭରରେ ୮ ଉଇକେଟ୍ ହରାଇ ୧୨୩ ରନ୍ କରିଥିଲା। ଜବାବରେ ସୁଆଙ୍ଗ ଦଳ ୧୮.୨ ଓଭରରେ ୪ ଉଇକେଟ ହରାଇ ୧୨୪ ରନ୍ କରିଥିଲା। ଫଳରେ ସୁଆଙ୍ଗ ଦଳ ୬ ଉଇକେଟରେ ଜିତିଥିଲା। ଦଳ ପକ୍ଷରୁ ଅମିତ ବଡ଼ଜେନା ୨୨ ବଲ୍‌ରୁ ୩୮ ରନ କରି ମ୍ୟାନ ଅଫ୍ ଦି ମ୍ୟାଚ ଏବଂ ବିକାଶ ଦଳାଇ ମ୍ୟାନ ଅଫ୍ ଦି ଟୁର୍ଣ୍ଣାମେଣ୍ଟ ବିବେଚିତ ହୋଇଥିଲେ। ଶ୍ରଦ୍ଧାନନ୍ଦ ପ୍ରଧାନ ଓ ଝଜ ସାମନ୍ତରାୟ ଖେଳ ପରିଚାଳନା କରିଥିବାବେଳେ ସୁଶାନ୍ତ ସୁନ୍ଦରାୟ ସ୍କୋରର ରହିଥିଲେ। ଭାଷ୍ୟକାର ଥିଲେ ଶିବାନୀ ମିଶ୍ର। ଖୋର୍ଦ୍ଧା ବାର୍ ଆସୋସିଏଶନ୍‌ର ପୂର୍ବତନ ସଭାପତି ଅଜିତ କୁମାର ପଟ୍ଟନାୟକ ମୁଖ୍ୟ ଅତିଥି, ସତ୍ୟବାଦୀ ସ୍ୱାଇଁ, ଶ୍ୟାମସୁନ୍ଦର ଜେନା, ଅଶୋକ କୁମାର ବାରିକ, ସୁଶାନ୍ତ ନାୟକ, ବିପିନ ମହାପାତ୍ର, ମନୋଜ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

**ଝାଡ଼ଲିଙ୍ଗ ଉ.ପ୍ରା. ବିଦ୍ୟାଳୟର ବାର୍ଷିକ ଉତ୍ସବ**

ଅସ୍ତରଙ୍ଗ(ମମତା ଜେନା)- ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଝାଡ଼ଲିଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ସମ୍ମାନିତ ଅତିଥି ଭାବେ ଝାଡ଼ଲିଙ୍ଗ ସରପଞ୍ଚ ବୃନ୍ଦାବନ ନାୟକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ବାରିକ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବଳରାମ ପରିଡ଼ା, ମୋ ସ୍କୁଲର ସଭାପତି ଦିଲୀପ କୁମାର ନାୟକ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜୟ କୁମାର ପରିଜା ଓ ଝାଡ଼ଲିଙ୍ଗ କ୍ଲଷ୍ଟରର ସିଆର୍‌ସିସି ଗଣେଶ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବାର୍ଷିକ କ୍ରୀଡ଼ାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପରେ ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ନୃତ୍ୟ ଓ ଗୀତ ପରିବେଷଣ କରାଯାଇଥିଲା।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨।୩।୨୦୨୫

| | |
|---|---|
| | ୮,୦୮,୬୮୨ ଟଙ୍କା |
| ସୁନା | ୦.୫୫୦ ଗ୍ରାମ୍ |
| ରୁପା | ୧୪ ଗ୍ରାମ୍ |

# କାର୍ଯ୍ୟକ୍ଷମ ହେଉନି ସ୍ୱଜଳଧାରା ଟାଙ୍କି

**କୋଣାର୍କ,୨।୩(ଜ୍ୟୋତିରାଜ ମହାନ୍ତି)**

- ନିର୍ମାଣର ୩ ବର୍ଷ ବିତିଲା
- ଗ୍ରୀଷ୍ମ ଆରମ୍ଭରୁ ନଳକୂପରୁ ବାହାରୁନି ପାଣି
- ଚିନ୍ତାରେ ଓଟାଙ୍ଗ ଗ୍ରାମବାସୀ

ଗ୍ରୀଷ୍ମ ପ୍ରବାହ ଆରମ୍ଭରୁ ପାନୀୟ ଜଳ ସମସ୍ୟା ସୃଷ୍ଟି ହେଲାଣି। ନିର୍ମାଣର ୩ବର୍ଷ ପରେ ବି କାର୍ଯ୍ୟକ୍ଷମ ହେଉନି ସ୍ୱଜଳଧାରା ଓଭର୍ ହେଡ୍ ପାଣି ଟାଙ୍କି। କାର୍ଯ୍ୟ କରୁଥିବା ଠିକାଦାର ଓ ପାନୀୟ ଜଳ ଯୋଗାଣ ବିଭାଗ ଗୋପ ସେକ୍ସନ କନିଷ୍ଠ ଯନ୍ତ୍ରୀଙ୍କ ମନମୁଖି କାର୍ଯ୍ୟ ନେଇ ଗ୍ରାମବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ଖବର ଅନୁଯାୟୀ, ଗୋପ ବ୍ଲକ ଅନ୍ତର୍ଗତ ସୋରଭା ପଞ୍ଚାୟତ ଓଟାଙ୍ଗ ଗ୍ରାମରେ ଦେଖିବାକୁ ମିଳିଛି ପାନୀୟ ଜଳର ସମସ୍ୟା। ଠିକାଦାରଙ୍କ ମନମୁଖି ଓ ନିମ୍ନମାନର କାର୍ଯ୍ୟ ଯୋଗୁ ଆରମ୍ଭ ହୋଇପାରୁନି ପାନୀୟ ଜଳଯୋଗାଣ ବ୍ୟବସ୍ଥା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ପ୍ରାୟ ୧କୋଟି ଟଙ୍କା ବ୍ୟୟ ଅଟକଳରେ ସ୍ୱଜଳଧାରା ଅନୁଯାୟୀ ଓଟାଙ୍ଗ ଗ୍ରାମରେ ଥିବା ୭୦ରୁ ଊର୍ଦ୍ଧ୍ୱ ଘରକୁ ଟ୍ୟାପ୍ ମାଧ୍ୟମରେ ଘରେ ଘରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଇଦେବାକୁ ବ୍ୟବସ୍ଥା କରାଯାଇଛି। ଅସାଧୁ ଠିକାଦାର ମନମୁଖି ଓ ନିମ୍ନମାନର କାର୍ଯ୍ୟ କରିବାରୁ ନିର୍ମାଣାଧୀନ ଟାଙ୍କିରୁ ପାଣି ବାହାରୁନି। ଏଥିସହିତ ଲଗାଯାଇଥିବା ପାଇପ୍ ଲାଇନ ଓ ଷ୍ଟାଣ୍ଡ ପୋଷ୍ଟ ସବୁ ଭାଙ୍ଗିଗଲାଣି। ୩ ବର୍ଷ ବିତି ଯାଇଥିଲେ ମଧ୍ୟ ପାଣି ଯୋଗାଣ ବ୍ୟବସ୍ଥା ହୋଇପାରୁନି। ଓଟାଙ୍ଗ ଗ୍ରାମର ନଳକୂପର ପାଣି ଆଇରନଯୁକ୍ତ ହୋଇଥିବା ବେଳେ ଗ୍ରୀଷ୍ମ ପ୍ରବାହ ଆରମ୍ଭରୁ ନଳକୂପଗୁଡ଼ିକରୁ ପାଣି କମିବାରେ ଲାଗିଛି, ଯାହାକୁ ନେଇ ଚିନ୍ତାରେ ଗ୍ରାମବାସୀ। ତୁରନ୍ତ ଏହାକୁ କାର୍ଯ୍ୟକ୍ଷମ କରି ସ୍ୱଚ୍ଛ ପାନୀୟ ଜଳ ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ଏନେଇ କନିଷ୍ଠ ଯନ୍ତ୍ରୀ ଉର୍ବଶୀ ଆଚାର୍ଯ୍ୟଙ୍କୁ ଯୋଗାଯୋଗ କରିବାରେ ସେ କୁହନ୍ତି, ଠିକାଦାର ଠିକ୍ ସମୟରେ କାର୍ଯ୍ୟ ସାରି ନାହିଁ ଓ ବିଦ୍ୟୁତ୍ ସଂଯୋଗ ସମସ୍ୟା ଯୋଗୁ ଜଳଯୋଗାଣ ଆରମ୍ଭ ହୋଇନାହିଁ। ଖୁବ୍‌ଶୀଘ୍ର ଏସବୁ ସମସ୍ୟାର ସମାଧାନ କରାଯାଇ ପାଣି ବ୍ୟବସ୍ଥା କରାଯିବ ବୋଲି ଯନ୍ତ୍ରୀ କହିଥିଲେ।

ଅନ୍ୟପକ୍ଷରେ ଠିକ୍ ଭାବେ କାର୍ଯ୍ୟ କରି ତୁରନ୍ତ ପାନୀୟ ଜଳଯୋଗାଣ କରା ନ ଗଲେ ବ୍ଲକ ଅଫିସ ଘେରାଉ କରାଯିବ ବୋଲି ୱାର୍ଡସଭ୍ୟ ବିଦ୍ୟାଧର ସ୍ୱାଇଁ, ଜ୍ଞାନଚନ୍ଦ୍ର ସ୍ୱାଇଁ, ଲକ୍ଷ୍ମୀଧର ପାଇଟାଳ, ମନ୍ମଥ ସ୍ୱାଇଁ, ଉପେନ୍ଦ୍ର ପାଇଟାଳ, ବ୍ରଜବନ୍ଧୁ ସ୍ୱାଇଁ, ରାମଚନ୍ଦ୍ର ପାଇଟାଳ, ସନ୍ତୋଷ କୁମାର ପାଇଟାଳ, ନରେନ୍ଦ୍ର ପାଇଟାଳ ପ୍ରମୁଖ ଚେତାବନୀ ଦେଇଛନ୍ତି।



ନିର୍ମାଣ ହୋଇଥିବା ପାନୀୟଜଳ ପ୍ରକଳ୍ପ ।

## ନିମାପଡ଼ା ପ୍ରେସ୍ କ୍ଲବର ନୂତନ କର୍ମକର୍ତ୍ତା ଚୟନ



ନିର୍ବାଚନ ଅଧିକାରୀଙ୍କ ଗହଣରେ ନବନିର୍ବାଚିତ କର୍ମକର୍ତ୍ତାଗଣ ।

**ନିମାପଡ଼ା,୨।୩(ବିଚିତ୍ରାନନ୍ଦ ସାହୁ/ ରଞ୍ଜନ ପଟ୍ଟନାୟକ)**

ନିମାପଡ଼ା ପ୍ରେସ୍ କ୍ଲବର ସାଧାରଣ ବୈଠକ ଓ ନୂତନ କର୍ମକର୍ତ୍ତା ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ରବିବାର ଶେଷ ହୋଇଛି। ସ୍ଥାନୀୟ ଟାଉନହଲ୍‌ଠାରେ ଆୟୋଜିତ ନିର୍ବାଚନ ପର୍ବରେ ନୂତନ ସଭାପତି ଭାବେ ଖବରଦାତା ଅକ୍ଷୟ କୁମାର ବେହେରା, ଉପସଭାପତି ଭାବେ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସାଧାରଣ ସମ୍ପାଦକ ଭାବେ ରମାକାନ୍ତ ବେହେରା, ସହ ସମ୍ପାଦକ ଭାବେ ଅଶୋକ କୁମାର ବେହେରା, କୋଷାଧ୍ୟକ୍ଷ ଭାବେ ପ୍ରଦ୍ୟୁମ୍ନ ବେହେରା, ସଙ୍ଗଠନ ସମ୍ପାଦକ ସୁଦର୍ଶନ ବେହେରା ପ୍ରମୁଖ ସର୍ବସମ୍ମତିକ୍ରମେ ନିର୍ଦ୍ୱନ୍ଦ୍ୱରେ ମନୋନୀତ ହୋଇଛନ୍ତି। ବରିଷ୍ଠ ଆଇନଜୀବୀ ମହେନ୍ଦ୍ର ସାହୁ ନିର୍ବାଚନ ଅଧିକାରୀ ଭାବେ ଏହି ନିର୍ବାଚନ କାର୍ଯ୍ୟ ପରିଚାଳନା କରିଥିଲେ। ଖବରଦାତା ଶରତ ସେନାପତି ସହାୟତା ଓ ସହଯୋଗ କରିଥିଲେ। କର୍ମକର୍ତ୍ତା ଚୟନ ପରେ ନୂତନ କର୍ମକର୍ତ୍ତାଙ୍କୁ ପ୍ରେସକ୍ଲବର ସଦସ୍ୟମାନେ ସମ୍ବର୍ଦ୍ଧନା ପ୍ରଦାନ କରି ଅଭିନନ୍ଦନ ଜଣାଇଥିଲେ। କାର୍ଯ୍ୟକ୍ରମରେ କ୍ଲବର ବହୁ ଖବରଦାତା ଯୋଗ ଦେଇଥିଲେ। ପ୍ରେସ କ୍ଲବର ସାମଗ୍ରିକ ବିକାଶ ପାଇଁ ଆମେ ନିଷ୍ଠାର ସହ କାର୍ଯ୍ୟ କରିବୁ ବୋଲି ନିର୍ବାଚିତ ସଭାପତି ବେହେରା ଓ ସାଧାରଣ ସମ୍ପାଦକ ବେହେରା ମତପ୍ରକାଶ କରିଛନ୍ତି। ନିର୍ବାଚିତ କର୍ମକର୍ତ୍ତାମାନେ ନିର୍ବାଚନ ଅଧିକାରୀ, ପ୍ରେସ କ୍ଲବର ସଦସ୍ୟଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ସଂକ୍ଷେପରେ

### ୩ ମାସ ପର୍ଯ୍ୟନ୍ତ ୩୦ ଧାରା ଲାଗୁ

**ନିମାପଡ଼ା,୨।୩(ବିଚିତ୍ରାନନ୍ଦ ସାହୁ)**

ନିମାପଡ଼ା ଥାନା ଓ ଏନ୍‌ଏସି ଅଞ୍ଚଳରେ ପୋଲିସ ପକ୍ଷରୁ ୩ ମାସ ପର୍ଯ୍ୟନ୍ତ ୩୦ ଧାରା ଲାଗୁ କରାଯାଇଛି। ଏହି ସମୟ ମଧ୍ୟରେ ୩୦ ଧାରା ଲାଗୁ ହୋଇଥିବା ଅଞ୍ଚଳରେ ପୋଲିସ ବିନା ଅନୁମତିରେ କୌଣସି ସଭା, ଶୋଭାଯାତ୍ରା, ସମାବେଶ, ଡାକବାଜି ଯନ୍ତ୍ର ବ୍ୟବହାର କରାଯାଇପାରିବ ନାହିଁ। ଏ ସମ୍ପର୍କରେ ଜିଲା ଏସ୍‌ପି ବିନୀତ ଅଗ୍ରୱାଲ ସୂଚନା ପ୍ରଦାନ କରିଛନ୍ତି। ଯଦି ନିମାପଡ଼ା ଥାନା ଅଞ୍ଚଳରେ କୌଣସି ବ୍ୟକ୍ତି କି ଅନୁଷ୍ଠାନ ଏହି କଟକଣାକୁ ଉଲ୍ଲଂଘନ କରନ୍ତି, ତେବେ ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ବାମଦେବ ସ୍ୱାଇଁ କହିଛନ୍ତି। ପୋଲିସ ପକ୍ଷରୁ ଜାରି ହୋଇଥିବା ଏଭଳି ପଦକ୍ଷେପକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି। ନିମାପଡ଼ା ଅଞ୍ଚଳରେ ଓ ମୁଖ୍ୟ ବଜାରରେ ବିଭିନ୍ନ ଶୋଭାଯାତ୍ରାରେ ପ୍ରଚଣ୍ଡ ଶବ୍ଦରେ ବେଧଡ଼କ ଭାବେ ଡିଜେ ବାଜୁଥିବାରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଓ ପ୍ରତିକ୍ରିୟା ଦେଖାଦେଇଛି। ଡିଜେ ବାଜିବା ଦିଗରେ ପୋଲିସ ପକ୍ଷରୁ କଡ଼ା କଟକଣା ଲାଗୁ କରାଯିବାକୁ ସାଧାରଣରେ ଦାବି କରାଯାଉଛି।

### ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା

**କଣାସ,୨।୩(ବିଭୂତି ଭୂଷଣ ତ୍ରିପାଠୀ)**

ଗୋପୀନାଥପୁର ପଞ୍ଚାୟତ ଅନ୍ତର୍ଗତ ପାଇକମରା ଗ୍ରାମରେ ଗତ ୨୨ ତାରିଖଠାରୁ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇ ୨୪ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହେବା ସହିତ ରବିବାର ଶେଷ ହୋଇଛି। ଗ୍ରାମେଶ୍ୱରଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ନିମନ୍ତେ ଅଗ୍ନିସ୍ଥାପନ, ଗର୍ଭଧାନ, ଶାଳା ପ୍ରବେଶ, ଚଣ୍ଡୀପାଠ, ମନ୍ଦିର ନ୍ୟାସାଦୀପରେ ଠାକୁରମାନେ ମନ୍ଦିର ପ୍ରବେଶ କରିଥିଲେ। ଆଖାପାଖର ବିଭିନ୍ନ ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ୨୪ ପ୍ରହର ନାମ ସଂକୀର୍ତ୍ତନ ପରିବେଷଣ କରିଥିବା ବେଳେ ଶିବ ଜେନା କର୍ତ୍ତାଭାବେ କାର୍ଯ୍ୟ ତୁଲାଇଥିଲେ।

## ବଡ଼ଦାଣ୍ଡ, ବେଳାଭୂମି ସଫେଇ କଲେ ଜାପାନୀ ପର୍ଯ୍ୟଟକ

**ପୁରୀ,୨।୩(ଅଜିତ୍ କୁମାର ମହାନ୍ତି)**

ଶ୍ରୀକ୍ଷେତ୍ର ଏକ ଧାର୍ମିକ ସ୍ଥଳ । ଏଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଅବସ୍ଥାନ କରିଛନ୍ତି। ଏଠାକାର ମାଟି, ପବନ ଓ ପାଣି ପବିତ୍ର। ଏହି ମାଟିକୁ ଅଳିଆ ସ୍ପର୍ଶ କରିବାକୁ ଦେବା ନାହିଁ। ଏଭଳି ମହତ ଉଦ୍ଦେଶ୍ୟ ରଖି ପୁରୀର ସ୍ୱର୍ଣ୍ଣାଭ ବେଳାଭୂମି, ବଡ଼ଦାଣ୍ଡ ଓ ରାସ୍ତାରୁ ଅଳିଆ ସଫା କରୁଛନ୍ତି ଜାପାନୀ ପର୍ଯ୍ୟଟକ ଆକିଏ ଦୋଇ। ବେଳାଭୂମି ସହିତ ସହର ସାରା ବୁଲି ଯେଉଁଠି ଆବର୍ଜନା ଦେଖୁଛନ୍ତି, ତାକୁ ଏକ ବ୍ୟାଗରେ ଆଣି ଡଷ୍ଟବିନ୍‌ରେ ପକାଉଛନ୍ତି। ପୁରୀରେ ଦୀର୍ଘ ୬ମାସ ହେଲା ରହି ଏହିଭଳି ମହତ କାର୍ଯ୍ୟରେ ଲାଗିପଡ଼ିଛନ୍ତି ଆକିଏ। ଏଥିସହ ଅଳିଆ ପଡ଼ିଥିବା ଜାଗାରେ ଏକ କପଡ଼ାରେ ମହାପ୍ରଭୁଙ୍କ ଚିତ୍ର ଅଙ୍କନ କରି 'ଜଗନ୍ନାଥ ସବୁ ଦେଖୁଛନ୍ତି ତେଣୁ ଏଣେ ତେଣେ ଅଳିଆ ପକାନ୍ତୁ ନାହିଁ' ବୋଲି ବାର୍ତ୍ତା ଦେଉଛନ୍ତି। ନିକଟରେ ଥିବା ଡଷ୍ଟବିନ ବ୍ୟବହାର କରିବାକୁ ମଧ୍ୟ ଅନୁରୋଧ କରୁଛନ୍ତି। ତାଙ୍କର ଏଭଳି ପ୍ରୟାସକୁ ପୁରୀବାସୀ, ପର୍ଯ୍ୟଟକ ଓ ବ୍ୟବସାୟୀଙ୍କ ମହଲରେ ପ୍ରଶଂସା କରାଯାଉଛି। ଏ ସମ୍ପର୍କରେ ଇଣ୍ଡିଆ-ଜାପାନ ଫ୍ରେଣ୍ଡଶିପ୍ ସେଣ୍ଟରର ସଭାପତି ଶ୍ରୀମନ୍ତ କୁମାର ଦାଶ କହିଛନ୍ତି, ଆକିଏ ଦୋଇ ୬ ମାସ ହେଲା ପ୍ରତ୍ୟେକ ଦିନ ସକାଳେ କାନ୍ଧରେ ଏକ ବ୍ୟାଗ୍ ପକାଇ ବାହାରକୁ ବାହାରି ପଡ଼ିଥାନ୍ତି। ବେଳାଭୂମିଠୁ ଆରମ୍ଭ କରି ରାସ୍ତାଘାଟ ପ୍ରଭୃତି ଭ୍ରମଣ କରୁଥିବାବେଳେ ଯେଉଁଠି ଆବର୍ଜନା ଦେଖନ୍ତି, ତାକୁ ଉଠାଇ ଡଷ୍ଟବିନ୍‌ରେ ପକାଇଥାନ୍ତି। ସେହିପରି ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ମହାପ୍ରଭୁଙ୍କ ଚିତ୍ର ଦେଖାଇ ସମସ୍ତଙ୍କୁ ସଚେତନ କରୁଛନ୍ତି।



ଜାପାନୀ ପର୍ଯ୍ୟଟକ ବେଳାଭୂମି ସଫେଇ କରୁଛନ୍ତି ।

## କଣାସ କୋର୍ଟରେ ନୋଟାରି ଭାବେ ନିଯୁକ୍ତି ପାଇଲେ ସୁଶାନ୍ତ

**କଣାସ,୨।୩(ବିଭୂତି ଭୂଷଣ ତ୍ରିପାଠୀ)**

କଣାସ ବ୍ଲକରେ ପ୍ରତିଷ୍ଠିତ ସିଭିଲ୍ କୋର୍ଟରେ ଆଇନଜୀବୀ ସୁଶାନ୍ତ କୁମାର ମହାନ୍ତି ଗତ ୧୯ତାରିଖ ଦିନ ଭାରତ ସରକାରଙ୍କ ଦ୍ୱାରା ନୋଟାରି ଭାବେ ନିଯୁକ୍ତି ପାଇଛନ୍ତି। କଣାସ ନୋଟାରି ନ ଥିବାରୁ ଆଇନଜୀବୀ ଓ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। କଣାସ କୋର୍ଟରେ ପ୍ରଥମ ନୋଟାରି ନିଯୁକ୍ତି ହୋଇଥିବାରୁ କଣାସ କୋର୍ଟର ଆଇନଜୀବୀ ଓ ଜନସାଧାରଣ ଭାରତ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି। ଜନସାଧାରଣଙ୍କ ଦ୍ୱାରା ଆସିବାକୁ ଥିବା କାଗଜାତର ଠିକ୍ ଆଟେଷ୍ଟେଡ୍ କରିବା ପାଇଁ ନୋଟାରି ସୁଶାନ୍ତ କୁମାର ମହାନ୍ତି ପ୍ରତିଶ୍ରୁତି ଦେଇଛନ୍ତି। ନୋଟାରି ଭାବେ କାର୍ଯ୍ୟ କରିବା ପାଇଁ ସାର୍ଟିଫିକେଟ୍ ପାଇଥିବାରୁ ସେ ଭାରତ ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି।

## ପ୍ରଧାନଶିକ୍ଷକ, ଶିକ୍ଷାଧିକାରୀଙ୍କୁ ଅବସର ସମ୍ବର୍ଦ୍ଧନା





ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଅତିଥିମାନେ ।

**କୋଣାର୍କ,୨।୩(ଜ୍ୟୋତିରାଜ ମହାନ୍ତି)**

ଶିକ୍ଷକତା ଖାଲି ବୃତ୍ତି ନୁହେଁ, ଏହା ଏକ ପ୍ରବୃତ୍ତି। ଶିକ୍ଷକତାରେ ଅବସର ନ ଥାଏ ବୋଲି ଅତିଥିମାନେ ମତପୋଷଣ କରିଛନ୍ତି। କୋଣାର୍କ ନିକଟ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ ପରିସରରେ ଗୋପ ଶିକ୍ଷା କାର୍ଯ୍ୟାଳୟର ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ବେଣୁଧର ମଲ୍ଲିକ ଓ ସିମିଳି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବାବୁରାମ ସ୍ୱାଇଁଙ୍କୁ ଭୈରବ ନୋଡାଲ୍ ୟୁପିଏସ୍ କ୍ଲଷ୍ଟର ପକ୍ଷରୁ ଅବସର ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସିଆର୍‌ସିସି ରବୀନ୍ଦ୍ରନାଥ ବାହିନୀପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଭାରେ ପୁରୀ ଜିଲା ପ୍ରାଥମିକ ଶିକ୍ଷକ ୟୁନିଅନ୍‌ର ସାଧାରଣ ସମ୍ପାଦକ ଶିବଦତ୍ତ ନାୟକ ସଭାପତିତ୍ୱ କରିଥିଲେ। ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ବିନୋଦିନୀ ମହାପାତ୍ର, ବିଆର୍‌ସିସି ପୁଷ୍ପମିତ୍ରା ମିଶ୍ର, ଏବିଇଓ ଅଶୋକ କୁମାର ବେହେରା, ଗୋପ ବ୍ଲକ ଏନ୍‌ପିଏସ୍ ଶିକ୍ଷକ ସଂଘ ସଭାପତି ଜଳନ୍ଧର ବେହେରା, ଦେସ୍ଥଳୀ ସିଆର୍‌ସିସି ଲିଙ୍ଗରାଜ ସ୍ୱାଇଁ ଓ ଏ.କେ. ବିଦ୍ୟାପୀଠ ପ୍ରଧାନଶିକ୍ଷକ ରାମକୃଷ୍ଣ ମହାନ୍ତି ଅତିଥିରୂପେ ଯୋଗଦେଇ ଅବସରପ୍ରାପ୍ତ ଶିକ୍ଷାଧିକାରୀ ମଲ୍ଲିକ ଓ ପ୍ରଧାନଶିକ୍ଷକ ସ୍ୱାଇଁଙ୍କ ଗୁଣଗାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନଶିକ୍ଷକ ସମ୍ରାଟ ଭଞ୍ଜ ଭୋଇ, ଚିତ୍ତରଞ୍ଜନ ଦାଶ, ସ୍ୱରଜିତ୍ ସେନ, ରାଜଲକ୍ଷ୍ମୀ ମହାନ୍ତି, କାଳନ୍ଦୀ ଚରଣ ଜେନା, ପ୍ରୀତି ଶତପଥୀ, ଜଗଜ୍ଜୀବନ ଲେଙ୍କା, ନିରଞ୍ଜନ ସାସମଲ ପ୍ରମୁଖ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବାବୁରାମ ସ୍ୱାଇଁ ଓ ଶିକ୍ଷାଧିକାରୀ ବେଣୁଧର ମଲ୍ଲିକଙ୍କ ବହୁବିଧ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଭୈରବ ନୋଡାଲ ୟୁପିଏସ କ୍ଲଷ୍ଟର ଓ ଗୋପ ବ୍ଲକ ଶିକ୍ଷକ ସମନ୍ୱୟ ସମିତି ପକ୍ଷରୁ ଉଭୟ ପ୍ରତିଭାଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

## ପାନୀୟ ଜଳ ପାଇଁ ଡହଳ ବିକଳ ବଡ଼ଓରା ଗ୍ରାମବାସୀ



ପାଣି ପାଇଁ ମହିଳାମାନେ ନଳକୂପ ପାଖରେ ଭିଡ ଜମାଇଛନ୍ତି ।

**କଣାସ,୨।୩(ବିଭୂତି ଭୂଷଣ ତ୍ରିପାଠୀ)**

କଣାସ ବ୍ଲକରେ ବର୍ଷସାରା ପାନୀୟ ଜଳ ସମସ୍ୟା ଲାଗି ରହିଥିବାରୁ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ କେତୋଟି ନଦୀରେ ପାଇପ ଜଳଯୋଗାଣ ପ୍ରକଳ୍ପ ବସାଯାଇ କିଛି ହାତଗଣତି ଗ୍ରାମକୁ ପାଇପ ଜଳଯୋଗାଣ ଚାଲିଛି। ସାହାସପୁର ଗ୍ରାମଠାରେ ମକରା ନଦୀରେ ପାଇପଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରାଯାଇ ସାହସପୁର, କଉଡ଼ିଖିଣି, ସାନଓରା ଓ ବଡ଼ଓରା ଗ୍ରାମକୁ ପାଇପ ମାଧ୍ୟମରେ ଜଳଯୋଗାଣ ଚାଲିଥିବାବେଳେ ଅନେକ ବ୍ୟକ୍ତି ନିଜ ନିଜର ବଗିଚାକୁ ପାନୀୟ ଜଳ ପ୍ରକଳ୍ପ ପାଇପ ମଧ୍ୟରୁ କନେକ୍ସନ କରି ପାଣି ମଡ଼ାଉଥିବାରୁ ବଡ଼ଓରା, କଉଡ଼ିଖିଣି ଓ ସାନଓରା ଗ୍ରାମକୁ ପ୍ରେସର ପାଉ ନ ଥିବାରୁ ପାଇପ୍ ଜଳ ପହଞ୍ଚି ପାରୁନାହିଁ। ଫଳରେ ଗ୍ରାମବାସୀମାନେ ବଡ଼ଓରା, କଉଡ଼ିଖିଣି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ବେଆଇନ ଭାବେ ପାଇପଜଳ ବ୍ୟବହାର କରୁଥିବା ବ୍ୟକ୍ତିମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ୨ ଗ୍ରାମବାସୀ ଦାବି କରିଛନ୍ତି।

## ଗୋମୟାଚଣ୍ଡୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

**କଣାସ,୨।୩(ବିଭୂତି ଭୂଷଣ ତ୍ରିପାଠୀ)**

କଣାସ ପଞ୍ଚାୟତର ଗାଣ୍ଡପଡ଼ା ଗ୍ରାମରେ ପ୍ରତିଷ୍ଠିତ ମା' ଗୋମୟାଚଣ୍ଡୀ ପୀଠରେ ୨୮ ତାରିଖଠାରୁ ଆରମ୍ଭ ହୋଇଥିବା ଅଷ୍ଟବିଂଶ ବାର୍ଷିକ ବିଶ୍ୱଶାନ୍ତିମହାଯଜ୍ଞ ୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ରବିବାର ୨ ହଜାରରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଯଜ୍ଞସ୍ଥଳୀରୁ ଓଡ଼ିଶୀ, ନାମସଂକୀର୍ତ୍ତନ, ଘୋଡ଼ାନାଚ ମାଧ୍ୟମରେ ଯଜ୍ଞସ୍ଥଳୀରୁ ବାହାରି ଜଳିଆପଡ଼ା, କଣାସ, କୁଞ୍ଜେଶ୍ୱରୀ ଛକ, ବସ୍‌ଷ୍ଟାଣ୍ଡ, ଗୋଲାବଜାର ଦେଇ ଦୟାନଦୀର ଦୋକନ୍ଦା ଘାଟଠାରେ ପହଞ୍ଚିବା ପରେ ପୂଜାର୍ଚ୍ଚନା କରାଯାଇ କଳସ ନେଇ ଯଜ୍ଞ ମଣ୍ଡପକୁ ଆସିଥିଲେ। ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ରାମଲୀଳା ପରିବେଷଣ କରାଯାଉଛି।

## ବରିଷ୍ଠ ନାଗରିକଙ୍କୁ ସମ୍ମାନ ଆମର ଦାୟିତ୍ୱ

**କୋଣାର୍କ,୨।୩(ଜ୍ୟୋତିରାଜ ମହାନ୍ତି)**

ଓଡ଼ିଶାର ପ୍ରଥମ ଗୋଷ୍ଠୀ ବେତାର କେନ୍ଦ୍ର ରେଡିଓ ନମସ୍କାର ପକ୍ଷରୁ କାନାରା ବ୍ୟାଙ୍କ, କୋଣାର୍କଠାରେ ଅଟଳ ଭାୟୋ ଅଭ୍ୟୋଦୟ ଯୋଜନା ଉପରେ ଆଧାରିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକଙ୍କୁ ବିଭିନ୍ନ ସରକାରୀ ଯୋଜନା ବିଷୟରେ ଅବଗତ କରାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। କାର୍ଯ୍ୟକ୍ରମରେ ଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ, କୋଣାର୍କ ବରିଷ୍ଠ ନାଗରିକ ମଞ୍ଚର ସଭାପତି ନରେନ୍ଦ୍ର ପାତ୍ର, ଉପ-ସଭାପତି ହରିଶ୍ ଚନ୍ଦ୍ର ଦାଶ, କାନାରା ବ୍ୟାଙ୍କ ଶାଖା ପରିଚାଳକ ମନୋଜ ପ୍ରଭାକର, ଏକ୍‌ଜିକ୍ୟୁଟିଭ ଦୁର୍ଗା ଚରଣ ଚାଟାର୍ଜୀ, ଫିଲ୍ଡ ଅଫିସର୍ ରାକେଶ କୁମାର ଦାସ ଓ ରେଡିଓ ନମସ୍କାର କାର୍ଯ୍ୟନିର୍ବାହୀ ଅଧିକାରୀ ରୋଜାଲିନ ପ୍ରଧାନ ପ୍ରମୁଖ ଯୋଗ ଦେଇ ସମସ୍ତ ଯୋଜନା ସମ୍ବନ୍ଧୀୟ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ରେଡିଓ ନମସ୍କାରରେ ବିଭିନ୍ନ ଯୋଜନା ଏବଂ ବରିଷ୍ଠ ନାଗରିକଙ୍କ ନିମନ୍ତେ ସରକାରୀ ଯୋଜନା, ସାମାଜିକ ନ୍ୟାୟ, ଆତ୍ମ ସ୍ୱାଭିମାନ, ସମ୍ମାନ ରକ୍ଷା, ସୁରକ୍ଷା, ସ୍ୱତନ୍ତ୍ର ସ୍ୱାସ୍ଥ୍ୟସେବା ସମ୍ପର୍କରେ ବିଭିନ୍ନ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ଗୋପ, କାକଟପୁର, ଅସ୍ତରଙ୍ଗ ବ୍ଲକରେ ଥିବା ବରିଷ୍ଠ ନାଗରିକମାନଙ୍କ ସଂଘ, ବିଭିନ୍ନ ସଙ୍ଗଠନ ଏବଂ ସେମାନଙ୍କ ପରିବାର ଲୋକମାନଙ୍କୁ 'ଅଭୟ' ଯୋଜନା ସମ୍ପର୍କରେ ସଚେତନତା କରାଯିବା ସହ ସେମାନଙ୍କ ବିଭିନ୍ନ ସମସ୍ୟାକୁ ସରକାରଙ୍କ ପାଖରେ ପହଞ୍ଚାଇବା ପାଇଁ କରାଯାଇଥିବା ରେଡିଓ ନମସ୍କାରର ଅଭିନବ ପ୍ରୟାସକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଥିଲା। କାର୍ଯ୍ୟକ୍ରମକୁ ରେଡିଓ ନମସ୍କାରର ସଂଯୋଜିକା ଏସ୍. କାଜଲ, ଅନୁପ ସାହୁ, ବିଶ୍ୱରଞ୍ଜନ ବିଶ୍ୱଶ୍ରୀ, ରାନୁ ସେଠୀ, ବୈଶାଖୀ ଗୁରୁ ଓ ଋତୁରାଜ ସ୍ୱାଇଁ ପରିଚାଳନା କରିଥିଲେ।



ରେଡିଓ ନମସ୍କାର କାର୍ଯ୍ୟକ୍ରମରେ ଉପସ୍ଥିତ ବରିଷ୍ଠ ନାଗରିକ ଓ ଅନ୍ୟମାନେ ।

# ଏକତାକୁ ଧ୍ୱଂସ କରିପାରେ 'ଏକ ରାଷ୍ଟ୍ର ଏକ ନିର୍ବାଚନ'

**ପୁରୀ,୨।୩(ଅଜିତ୍ କୁମାର ମହାନ୍ତି)**

**ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ସମ୍ବାଦପତ୍ରର ତୃତୀୟ ସ୍ୱନକ୍ଷତ୍ର ଉତ୍ସବ**

ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ସମ୍ବାଦପତ୍ରର ତୃତୀୟ ସ୍ୱନକ୍ଷତ୍ର ଉତ୍ସବ ପରିପ୍ରେକ୍ଷୀରେ ରବିବାର ଜାତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପରିସର ଜୟଦେବ ଭବନରେ 'ଏକ ରାଷ୍ଟ୍ର, ଏକ ନିର୍ବାଚନ ଓ ଗଣମାଧ୍ୟମର ପୃଷ୍ଠଭୂମି' ଶୀର୍ଷକ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ କହିଥିଲେ, ବିଶ୍ୱର ବୃହତ୍ତମ ଗଣତନ୍ତ୍ର, ଜାତି-ଧର୍ମ- ବର୍ଣ୍ଣ ଓ ଭାଷାକୁ ନେଇ ବିବିଧତା ମଧ୍ୟରେ ଏକତା ପ୍ରତିଷ୍ଠା କରି ପୃଥିବୀରେ ଚର୍ଚ୍ଚିତ ଭାରତ ବର୍ଷ। ନିର୍ବାଚନଜନିତ ଖର୍ଚ୍ଚ କମାଇବା ପାଇଁ ୧୪୪ କୋଟି ଦେଶବାସୀଙ୍କ ଉପରେ ଏକ ରାଷ୍ଟ୍ର: ଏକ ନିର୍ବାଚନ ଭଳି ଏକ ଅବାସ୍ତବ ଓ ଉଦ୍ଭଟ ଚାପ ଲଦି ଦିଅନ୍ତୁ ନାହିଁ। ବିବାଦୀୟ ପ୍ରସ୍ତାବ ଉପରେ ଗଠନ ହୋଇଥିବା କମିଟିରେ ଜଣେ ପ୍ରାକ୍ତନ ରାଷ୍ଟ୍ରପତିଙ୍କୁ ଦାୟିତ୍ୱ ଦେବା ଉଚିତ୍ ନ ଥିଲା। ସେ କହିଥିଲେ, କେନ୍ଦ୍ର ସରକାରଙ୍କ ପ୍ରସ୍ତାବିତ ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ସମ୍ବିଧାନରେ ୧୮ଟି ସଂଶୋଧନ ହେବ, ଯାହା ହୁଏତ ଆମ ପବିତ୍ର ସମ୍ବିଧାନକୁ ବିକୃତ କରିବ। ପ୍ରଧାନମନ୍ତ୍ରୀ ଦେଶର ହେବା ଆଜି ପ୍ରଥମ ଆବଶ୍ୟକତା ଓ ଆହ୍ୱାନ। ପ୍ରଫେସର ହରେକୃଷ୍ଣ ଶତପଥୀଙ୍କ ଅଧ୍ୟକ୍ଷତା ଓ ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ସମ୍ବାଦପତ୍ର ସମ୍ପାଦକ ରାଜେଶ କୁମାର ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ବିତର୍କରେ ଯୋଗଦାନ କରି ବରିଷ୍ଠ ସାମ୍ବାଦିକ ରାଜାରାମ ଶତପଥୀ କହିଥିଲେ, ଯେଉଁ ପ୍ରସ୍ତାବକୁ ୧୫ଟି ରାଜନୈତିକ ଦଳ ଓ ପାଖାପାଖି ୨୦ଭାଗ ବୁଦ୍ଧିଜୀବୀ ବିରୋଧ କରୁଛନ୍ତି, ତାହା ଉପରେ ସରକାର ବାରମ୍ବାର ବିଚାର କରିବା ଉଚିତ୍। ସ୍ତମ୍ଭକାର ମୃଣାଳ ଚାଟାର୍ଜୀ କହିଥିଲେ, ନିର୍ବାଚନଜନିତ ଖର୍ଚ୍ଚ ହ୍ରାସ ପାଇଁ ଯଦି ଏହି ପ୍ରସ୍ତାବ ଆସିଥାଏ, ତେବେ କ'ଣ ପାଇଁ ୨୦୧୪ର ୩୮୦୦ କୋଟି ଖର୍ଚ୍ଚ, ୧୦ବର୍ଷ ପରେ ହଠାତ୍ ୧ଲକ୍ଷ ୩୦ହଜାର କୋଟିକୁ ବୃଦ୍ଧି ପାଇଲା ତାହାର ଅନୁସନ୍ଧାନ ହେବା ଉଚିତ। କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର କହିଥିଲେ, ବୋଧହୁଏ କେନ୍ଦ୍ର ସରକାର ବର୍ତ୍ତମାନ ସମୟରେ ଆବଶ୍ୟକ ନ ଥିବା ଏହି ପ୍ରସ୍ତାବ ଆଗତ କରି ଆଗକୁ ଏକ ଦେଶ:ଏକ ଧର୍ମ ଓ ଏକ ଦେଶ: ଏକ ଭାଷା ପ୍ରସ୍ତାବ ଆଣିବାର ଗୁପ୍ତ ଯୋଜନାରେ ଅଛନ୍ତି। ଦେଶର ବିକାଶ ଓ ସୁରକ୍ଷା ପାଇଁ ଗଣମାଧ୍ୟମଗଡ଼ିକ ଯଦି ନିର୍ଭୀକ ନ ହେବେ, ତେବେ ଆଗକୁ ସରକାର ଏକଚ୍ଛତ୍ରବାଦ ପାଲଟିଯିବା ଅସମ୍ଭବ ନୁହେଁ। ବିଜୁ ଜନତାଦଳର ମୁଖପାତ୍ର ଲେନିନ ମହାନ୍ତି କହିଥିଲେ, ଅଧିକ ଖର୍ଚ୍ଚ ରୋକିବାକୁ ଯେ ଏଭଳି ପ୍ରସ୍ତାବ ଆସିଛି, ତାହା ଆଦୌ ସତ୍ୟ ନୁହେଁ। ଦଳର ମୁଖ୍ୟ ନବୀନ ପଟ୍ଟନାୟକଙ୍କ ପାଇଁ ବିଗତ ୨୪ବର୍ଷରେ କେନ୍ଦ୍ର ସହ ରାଜ୍ୟର ଏକ ସହ ନିର୍ବାଚନ ହୋଇଥିଲା। ଏସମ୍ପର୍କରେ ବିଜେଡି ଯୁଗ୍ମ ସଂସଦୀୟ କମିଟିକୁ ଅନେକ ଗଠନମୂଳକ ପ୍ରସ୍ତାବ ଦେଇଛି, ହେଲେ ଏକ ରାଷ୍ଟ୍ର: ଏକ ନିର୍ବାଚନ ଲାଗୁ ହେଲେ ଦେଶର ଅନେକ ଆଞ୍ଚଳିକ ସମସ୍ୟା ଏବଂ ସ୍ଥାନୀୟ ବିକାଶ ହଜିଯିବ, ଏହା ଅମୂଳକ ନୁହେଁ। ଭାଜପାର ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ କହିଛନ୍ତି, ଏକ ରାଷ୍ଟ୍ର ଏକ ନିର୍ବାଚନ ଲାଗୁ ହେଲେ ବିବିଧତା ମଧ୍ୟରେ ଏକତା ଅଧିକରୁ ଅଧିକ ବଢ଼ିବ ଓ ବିଭିନ୍ନ ରାଜନୈତିକ ଦଳ ର ଅନ୍ ଅଡିଟେଡ୍ ଖର୍ଚ୍ଚର ଯଥେଷ୍ଟ ହ୍ରାସ ଘଟିବ। ଭାଜପା ନେତା ସଜ୍ଜନ ଶର୍ମା କହିଥିଲେ, କେନ୍ଦ୍ର ସରକାର ଓ ବିରୋଧୀମାନଙ୍କ ଚ୍ୟାଲେଞ୍ଜ ଗ୍ରହଣକରି, ଏହି ପ୍ରସ୍ତାବର ସକାରାତ୍ମକ ଓ ଲାଭଦାୟକ ଦିଗ ସମ୍ପର୍କରେ ଜନଗଣଙ୍କୁ ଅଧିକ ତଥ୍ୟଭିତ୍ତିକ ସୂଚନା ଦେବା ଆବଶ୍ୟକ। ଆଲୋଚନାଚକ୍ରର ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଓଡ଼ିଆ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ପ୍ରଧାନ ଯୋଗଦେଇ କହିଥିଲେ ଯେ ଭାରତବର୍ଷର ସାମଗ୍ରିକ ବିକାଶ, ପବିତ୍ର ସମ୍ବିଧାନର ସୁରକ୍ଷା ବିଶେଷକରି ସାର୍ବଭୌମତ୍ୱ ଓ ବିଶ୍ୱ ଭ୍ରାତୃତ୍ୱକୁ ଅକ୍ଷୁଣ୍ଣ ରଖିବାକୁ ପ୍ରତିଟି ଗଣମାଧ୍ୟମ ସକାରାତ୍ମକ ସମ୍ବାଦ ପରିବେଷଣ କରନ୍ତୁ, ଯାହା ଏକ ଦେଶ ଓ ରାଜ୍ୟ ପାଇଁ ଶୁଭଙ୍କର ହେବ। ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରାକ୍ତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ କହିଥିଲେ, ଏକ ରାଷ୍ଟ୍ର ଏକ ନିର୍ବାଚନ ପ୍ରସ୍ତାବ ଏକ ଯୁଗାନ୍ତକାରୀ ପଦକ୍ଷେପ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜାତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପରିସର ନିର୍ଦ୍ଦେଶକ ପ୍ରଫେସର ବନମାଳୀ ବିଶ୍ୱାଳ କହିଥିଲେ, ସରକାର ଓ ଜନଗଣଙ୍କ ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା କରିବା ଏବଂ ବିକଶିତ ଭାରତବର୍ଷ ପାଇଁ ସଂକଳ୍ପବଦ୍ଧ ହେବା ଆଜିର ଆହ୍ୱାନ ହେଉ। ଗଣମାଧ୍ୟମ ସଠିକ୍ ସମ୍ବାଦ ପରିବେଷଣ କରନ୍ତୁ। ଏହି ଅବସରରେ ରାଜେଶ ମହାନ୍ତିଙ୍କ ସମ୍ପାଦିତ ଶ୍ରୀଶ୍ରୀକ୍ଷେତ୍ର ସୂଚନାର ସ୍ୱତନ୍ତ୍ର ସଂଖ୍ୟାକୁ ସମସ୍ତ ଅତିଥି ଓ ଆଲୋଚକ ମିଳିତ ଭାବେ ଉନ୍ମୋଚନ କରିଥିଲେ। ସ୍ତମ୍ଭକାର ମୃଣାଳ ଚାଟାର୍ଜୀଙ୍କ ପୁସ୍ତକକୁ ଅତିଥିମାନେ ଲୋକାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବଦ୍ରି ମିଶ୍ର ଓ ଶ୍ୟାମପ୍ରକାଶ ସେନାପତି ସଞ୍ଚାଳନ କରିଥିଲେ। ମଧୁସୂଦନ ମିଶ୍ର ଓ ବିଶ୍ୱନାଥ ମିଶ୍ର ବିତର୍କ ସଂଯୋଜନା କରିଥିଲେ। ଏହି ପରିପ୍ରେକ୍ଷୀରେ ପୁରୀର ବିଭିନ୍ନ ଛାପା, ବୈଦ୍ୟୁତିକ ଓ ୱେବ ମିଡିଆକୁ ସମ୍ମାନିତ କରାଯାଇଥିଲା ବେଳେ ଗଣମାଧ୍ୟମ ବିକାଶରେ ଜୀବନବ୍ୟାପୀ ସାଧନା ପାଇଁ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କୁ ସ୍ୱତନ୍ତ୍ର ସମ୍ମାନ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଭରତ ନାୟକ, ନାରାୟଣ ପାତ୍ର, ସତ୍ୟବ୍ରତ ଦାସ, ରିତେଶ ମହାନ୍ତି, ସୌମ୍ୟଜିତ ମିଶ୍ର, ସୁନିଲ ରଥ, ଭବାନୀ ଶଙ୍କର, ପୁଷ୍କର ସାହୁ, ପ୍ରଶାନ୍ତ କୁମାର ସାହୁ ଓ ପୂର୍ଣ୍ଣଚନ୍ଦ୍ର ଓଝା ପ୍ରମୁଖ ପରିଚାଳନା କରିଥିଲେ।





ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ସମ୍ବାଦପତ୍ରର ତୃତୀୟ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଆୟୋଜିତ ଆଲୋଚନାଚକ୍ରରେ ଯୋଗ ଦେଇଥିବା ଅତିଥିବୃନ୍ଦ ।

# 'ଯୁବପିଢ଼ି ଦେଶର ଆର୍ଥିକ ଅଭିବୃଦ୍ଧିରେ ଭାଗୀଦାର ହୁଅନ୍ତୁ'

## ଫ୍ଲେକ୍ସିବଲ ପ୍ୟାକେଜିଂ ୟୁନିଟ୍ ଉଦ୍‌ଘାଟନ କଲେ ରାଜ୍ୟପାଳ

ବାରଙ୍ଗ, ୨।୩(ଲିଙ୍ଗରାଜ ରାଉତ)



ନବନିର୍ମିତ ଫ୍ଲେକ୍ସିବଲ ପ୍ୟାକେଜିଂ ୟୁନିଟ୍‌କୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଉଦ୍‌ଘାଟନ କରୁଛନ୍ତି।

ବହୁ କ୍ଷେତ୍ରରେ ଯୁବପିଢ଼ି ସ୍ଥିର ନିଯୁକ୍ତି ପ୍ରତି ମନ ବଳାଇଥାନ୍ତି। କିନ୍ତୁ ଯେଉଁମାନେ ଚାକିରି ଊର୍ଦ୍ଧ୍ୱରେ ସ୍ୱପ୍ନ ଦେଖିବାକୁ ସାହସ କରନ୍ତି ସେମାନଙ୍କଠାରେ ବର୍ଦ୍ଧିତ ଅର୍ଥନୀତିର ପ୍ରକୃତ ଶକ୍ତି ରହିଥାଏ। ଏଣୁ ଯୁବପିଢ଼ି ଚାକିରି ପଛରେ ନ ଗୋଡ଼ାଇ ଉଦ୍ୟୋଗୀ ହେବା ସହ ରାଜ୍ୟ ତଥା ଦେଶର ଆର୍ଥିକ ଅଭିବୃଦ୍ଧିରେ ଭାଗୀଦାର ହେବାକୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଆହ୍ୱାନ ଦେଇଛନ୍ତି। ରାଜ୍ୟପାଳ ରବିବାର କଟକ ଜିଲା ରାମଦାସପୁର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍‌ଠାରେ ନବନିର୍ମିତ ଫ୍ଲେକ୍ସିବଲ ପ୍ୟାକେଜିଂ ୟୁନିଟ୍‌ର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ ଉଦ୍‌ବୋଧନ ଦେଇ କହିଛନ୍ତି, ଏହି ନବନିର୍ମିତ ପ୍ୟାକେଜିଂ ୟୁନିଟ୍ ଓଡ଼ିଶାର ଶିଳ୍ପ ଆତ୍ମନିର୍ଭରଶୀଳ ଯାତ୍ରାରେ ଏକ ମାଇଲଖୁଣ୍ଟ ସଦୃଶ। ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ପାଇଁ ଉଚ୍ଚମାନର ପ୍ୟାକେଜିଂ ସାମଗ୍ରୀ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶାର ନିର୍ଭରଶୀଳତା ହ୍ରାସ କରିବାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ପ୍ରକଳ୍ପ କେବଳ ଶିଳ୍ପ ଇକୋସିଷ୍ଟମକୁ ମଜଭୁତ କରିବ ନାହିଁ ବରଂ ନିଯୁକ୍ତି ଓ ନବସୃଜନ ପାଇଁ ସୁଯୋଗ ସୃଷ୍ଟି କରିବ ବୋଲି ରାଜ୍ୟପାଳ କହିଥିଲେ। ଫ୍ଲେକ୍ସିବଲ ପ୍ୟାକେଜିଂ ୟୁନିଟ୍ ପ୍ରତିଷ୍ଠା କ୍ଷେତ୍ରରେ ରାଜ୍ୟର ୨ ଜଣ ଉଦ୍ୟୋଗୀ ତଥା ଓଡିପାକ ସଲ୍ୟୁଶନର ମ୍ୟାନେଜିଂ ପାର୍ଟନର ଶ୍ରୀକାନ୍ତ ଖଟୁଆ ଓ ପାର୍ଟନର ପ୍ରୀତିଶ ସାହୁଙ୍କ ଉଲ୍ଲେଖନୀୟ ପଦକ୍ଷେପ, ଦୂରଦୃଷ୍ଟି ସମ୍ପନ୍ନ ଚିନ୍ତାଧାରା, ଅନୁକରଣୀୟ ନେତୃତ୍ୱ ଓ ପ୍ରତିବଦ୍ଧତା ପାଇଁ ରାଜ୍ୟପାଳ ଖୁସି ପ୍ରକଟ କରିବା ସହ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଯୁବପିଢ଼ି ଠିକ୍ ଦୃଷ୍ଟିକୋଣ, ଉତ୍ସର୍ଗୀକୃତ ମନୋଭାବ ଏବଂ ଆହ୍ୱାନକୁ ମୁକାବିଲା କରିବାର ସାହସ ନେଇ ଉଦ୍ୟୋଗୀ ହେବା ସହ 'ବିକଶିତ ଓଡ଼ିଶା-ବିକଶିତ ଭାରତ' ଗଠନ କରିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିଭାଇବାକୁ ରାଜ୍ୟପାଳ ଡ. କମ୍ଭମପାଟି କହିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶାର ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦଚନ୍ଦ୍ର ସ୍ୱାଇଁ ଏବଂ ଏମ୍‌ଏସ୍‌ଏମ୍‌ଇ ଓ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଯୋଗଦେଇ ଯୁବପିଢିଙ୍କୁ ଉଦ୍ୟୋଗୀ ହେବାକୁ ସରକାରଙ୍କ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ଓଡ଼ିଶା ଇଣ୍ଡଷ୍ଟ୍ରିଜ୍ ଫେଡେରେଶନ ଚେୟାରମ୍ୟାନ ଡ. ଶରତ ସାହୁ ଏଥିରେ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଶ୍ରୀକାନ୍ତ ଖଟୁଆ ସ୍ୱାଗତ ଭାଷଣ ଓ ପ୍ରୀତିଶ ସାହୁ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଉପସ୍ଥିତ ଥିଲେ।




ବିଶ୍ୱ ବନ୍ୟପ୍ରାଣୀ ଦିବସ ଅବ୍ୟବହିତ ପୂର୍ବରୁ ରବିବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

# ସ୍ଥିତି ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା

## ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥା

ପୁରୀ, ୨।୩(ଅଜିତ କୁମାର ମହାନ୍ତି)

ଶ୍ରୀମନ୍ଦିରରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ହେବାକୁ ଥିବା ଧାଡ଼ି ଦର୍ଶନ ବ୍ୟବସ୍ଥା ସମ୍ପର୍କରେ ରବିବାର ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ପ୍ରକାଶ ମିଶ୍ର ସମୀକ୍ଷା କରିଛନ୍ତି। ମିଶ୍ର ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବା ପରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ମୁଖ୍ୟ ପ୍ରଶାସକ, ଜିଲାପାଳ, ଏସ୍‌ପି ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଏ ନେଇ ଆଲୋଚନା କରିଛନ୍ତି। ନାଟମଣ୍ଡପରେ ଧାଡ଼ି ଦର୍ଶନ ବ୍ୟବସ୍ଥା ସୁଚାରୁରୂପେ କରାଯିବା ନେଇ ଓଡ଼ିଶା ବ୍ରିଜ୍ ଆଣ୍ଡ କନଷ୍ଟ୍ରକ୍‌ଶନ କର୍ପୋରେଶନ (ଓବିସିସି) ଏବଂ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ପକ୍ଷରୁ ନିଆଯାଇଥିବା ସ୍ୱତନ୍ତ୍ର ପ୍ଲାନ୍ ଓ ଏହାର କାର୍ଯ୍ୟକାରିତା ସମ୍ପର୍କରେ ପଚାରି ବୁଝିଛନ୍ତି। ଶ୍ରଦ୍ଧାଳୁମାନେ ଯେପରି ନାଟମଣ୍ଡପ ଦେଇ ପ୍ରବେଶ କରି ଶ୍ରୀବିଗ୍ରହମାନଙ୍କୁ ଦର୍ଶନ କରି ସୁବିଧାରେ ପ୍ରସ୍ଥାନ କରିପାରିବେ ସେନେଇ କରାଯାଇଥିବା ବ୍ୟବସ୍ଥାର ସେ ଅନୁଧ୍ୟାନ କରିଛନ୍ତି। ଏହି ବ୍ୟବସ୍ଥା ଆଗାମୀ ଦିନରେ ଲାଗୁ କରାଯିବା ନେଇ ଯୋଜନା ରହିଥିବା ବେଳେ ପରିଚାଳନା କମିଟି ଅନୁମୋଦନ ପରେ ଏହା କାର୍ଯ୍ୟକାରୀ କରାଯିବ ବୋଲି ମିଶ୍ର କହିଛନ୍ତି। ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ପରେ ଭକ୍ତଙ୍କ ସଂଖ୍ୟା ବୃଦ୍ଧି ପାଇଛି। ତେବେ ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ ବ୍ୟବସ୍ଥା କରାଯାଉଛି। ଏ ନେଇ ପ୍ରଶାସନ ସହ ଆଲୋଚନା ହେଉଛି। ଯେପରି ଭକ୍ତମାନେ ଭଲରେ ଦର୍ଶନ କରିପାରିବେ ସେଥିଲାଗି କ'ଣ ବ୍ୟବସ୍ଥା ଗ୍ରହଣ କରାଯାଇପାରିବ ସେ ନେଇ ଆଲୋଚନା ହୋଇଛି। ଅଳ୍ପ ସମୟ ମଧ୍ୟରେ ଯେପରି ଅଧିକ ଭକ୍ତ ଦର୍ଶନ କରିପାରିବେ ସେ ନେଇ ବ୍ୟବସ୍ଥା କରାଯିବ। ବ୍ୟବସ୍ଥା ଯେପରି କାର୍ଯ୍ୟକାରୀ ହେବ ସେ ନେଇ ଖୁବଶୀଘ୍ର ନିଷ୍ପତ୍ତି ନିଆଯିବ। ସାତପାହାଚଠାରୁ ବାହାର କାଠ ପର୍ଯ୍ୟନ୍ତ ଦର୍ଶନ ବ୍ୟବସ୍ଥା କରାଯିବ। ହୁଣ୍ଡି ସ୍ଥାନାନ୍ତର ପ୍ରକ୍ରିୟା ଏକ ନୀତିଗତ ନିଷ୍ପତ୍ତି ହୋଇଥିବାବେଳେ ଧାଡ଼ି ଦର୍ଶନ ବ୍ୟବସ୍ଥାରେ ବୟସ୍କ, ଶିଶୁ, ମହିଳା ଓ ଭିନ୍ନକ୍ଷମଙ୍କୁ ବିଶେଷ ଗୁରୁତ୍ୱ ଦିଆଯିବ ବୋଲି ମିଶ୍ର ସୂଚନା ଦେଇଛନ୍ତି।



ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ପ୍ରକାଶ ମିଶ୍ର ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି।

# 'କାନ୍ତକବିଙ୍କ କାବ୍ୟ ମାନସରେ ରହସ୍ୟବାଦ'

## ୭୩ତମ ମହାପୁଣ୍ୟ ତିଥିରେ ଆଲୋଚନାଚକ୍ର

ଭୁବନେଶ୍ୱର, ୨।୩ (ସୌମ୍ୟରଞ୍ଜନ ରାଉତ)

ସୃଜନୀ ପରିବାର (ଚେନ୍ନାଇ) ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ତଥା ସାହିତ୍ୟ ସାଧକ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ୭୩ତମ ମହାପୁଣ୍ୟ ତିଥି ପାଳିତ ହୋଇଯାଇଛି। ଏହି ଅବସରରେ କାନ୍ତକବିଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସହ ଏକ ଆଲୋଚନାଚକ୍ର ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପ୍ରଫେସର ଡ. ନିଶାମଣି କର 'କାନ୍ତକବିଙ୍କ କାବ୍ୟ ମାନସରେ ରହସ୍ୟବାଦ' ପ୍ରସଙ୍ଗରେ ଆଲୋକପାତ କରିଥିଲେ। ସାରସ୍ୱତ ସାଧିକା ତଥା ଶିକ୍ଷାବିତ୍ ଡ. ବାସନ୍ତୀ ମହାନ୍ତି କାନ୍ତକବିଙ୍କ କଥା ସାମ୍ରାଜ୍ୟର ଅନୁଶୀଳନରେ ଉପନ୍ୟାସ 'କଣାମାମୁଁ' ଉପରେ ଆଲୋଚନା କରିଥିଲେ। ବରିଷ୍ଠ ସାମ୍ବାଦିକ, ସାହିତ୍ୟିକ ତଥା କାନ୍ତକବିଙ୍କ ନାତି ଗୁରୁକଲ୍ୟାଣ ମହାପାତ୍ର ସଭାମୁଖ୍ୟ ଭାବରେ ଉପସ୍ଥିତ ରହି ଲକ୍ଷ୍ମୀକାନ୍ତଙ୍କ ରଚିତ 'ବନ୍ଦେ ଉତ୍କଳ ଜନନୀ' ସମ୍ପର୍କରେ ଅବତାରଣା କରିଥିଲେ। କଣ୍ଠଶିଳ୍ପୀ ମହାଶ୍ୱେତା ପଟ୍ଟନାୟକ ଏହାକୁ ଗାନ କରିଥିଲେ। ଆଭାସୀ ସଭାରେ ସୃଜନୀ ପରିବାରର ମୁଖ୍ୟ ଉପଦେଷ୍ଟା ଅବସରପ୍ରାପ୍ତ ଆଇଏଫ୍‌ଏସ୍ ଅଧିକାରୀ ଆଶୁତୋଷ ସାମନ୍ତସିଂହାର, ନାଳନ୍ଦା ବିଶ୍ୱବିଦ୍ୟାଳୟର ଡିନ୍ ପ୍ରଫେସର୍ ଡ. ଗୋଦାବରୀଶ ମିଶ୍ର, ସମ୍ପାଦକ ଅଶୋକ ସାମନ୍ତ, କାର୍ଯ୍ୟକ୍ରମ ନିର୍ଦ୍ଦେଶକ ବିଘ୍ନେଶର ସାହୁ କାର୍ଯ୍ୟକ୍ରମରେ ସହାୟତା କରିଥିଲେ। ପ୍ରସାର ଭାରତୀର କଣ୍ଠଶିଳ୍ପୀ ବିଦ୍ୟୁତ୍‌ପ୍ରଭା ପଟ୍ଟନାୟକ ଓ ଆକାଶବାଣୀର ଉଦ୍‌ଘୋଷିକା ସୁମତି ମୁଣ୍ଡ ସଭା ପରିଚାଳନା କରିଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଦିଲ୍ଲୀପ



@ ସିଦ୍ଧାନ୍ତ



@ ପ୍ରିୟବ୍ରତ



@ ପୂର୍ଣ୍ଣମାସୀ



@ ଚିତ୍ରା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# 'ରାଜ୍ୟ ସରକାରଙ୍କ ମହିଳାକୈନ୍ଦ୍ରିକ ଅର୍ଥନୀତି ଗାଁ ଗାଁରେ ପହଞ୍ଚିଛି'

## ସୁଭଦ୍ରା ଶକ୍ତିମେଳା ଉଦ୍‌ଯାପିତ: ୯ ଦିନରେ ୫ କୋଟିର ବ୍ୟବସାୟ




'ସୁଭଦ୍ରା ଶକ୍ତି ମେଳା'ର ଉଦ୍‌ଯାପନୀ ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏସ୍‌ଏଚ୍‌ଜି ମହିଳା ଉଦ୍ୟୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

ଭୁବନେଶ୍ୱର, ୨।୩ (ବନ୍ଦନା ସେଠୀ)

ରାଜ୍ୟ ମିଶନ ଶକ୍ତି ବିଭାଗ ପକ୍ଷରୁ ଭୁବନେଶ୍ୱର ଜନତା ମଇଦାନଠାରେ ୯ ଦିନ ଧରି ଚାଲିଥିବା ମହିଳା ସଶକ୍ତୀକରଣ ଏବଂ ଉଦ୍ୟୋଗିତା ମହୋତ୍ସବ 'ସୁଭଦ୍ରା ଶକ୍ତିମେଳା' ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ମେଳା ୩୦ଟି ଜିଲାରୁ ଆସିଥିବା ୩୦୦ରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ଓ ଉତ୍ପାଦକ ଗୋଷ୍ଠୀ (ପିଜି) ପାଇଁ ସେମାନଙ୍କର ବିଭିନ୍ନ ଉତ୍ପାଦକୁ ପ୍ରଦର୍ଶନ କରିବା ନିମନ୍ତେ ଏକ ଭିନ୍ନ ମଞ୍ଚ ପ୍ରଦାନ କରିଥିଲା। ହସ୍ତତନ୍ତ, ହସ୍ତଶିଳ୍ପଠାରୁ ଆରମ୍ଭକରି ଜୈବିକ ଖାଦ୍ୟ, ମସଲା ଏବଂ ପରିବେଶ ଅନୁକୂଳ ଉତ୍ପାଦ ପର୍ଯ୍ୟନ୍ତ, ମେଳା ଏକ ଜୀବନ୍ତ ବଜାର ଭାବରେ ଏସ୍‌ଏଚ୍‌ଜିଗୁଡ଼ିକର ପ୍ରତିଭା ଏବଂ ଉଦ୍ୟୋଗିତାର ପ୍ରଦର୍ଶନ କରିଥିଲା। ମେଳାରେ ୯ ଲକ୍ଷରୁ ଅଧିକ ଦର୍ଶକଙ୍କ ସମାଗମ ଦେଖିବାକୁ ମିଳିଥିବାବେଳେ ୫କୋଟି ଟଙ୍କାର ରେକର୍ଡ ବ୍ୟବସାୟ ସୃଷ୍ଟି କରିଛି। ମହିଳାମାନଙ୍କ ଦ୍ୱାରା ପରିଚାଳିତ ଫୁଡ୍‌କୋର୍ଟ ଏକ ପ୍ରମୁଖ ଜନସମାଗମର ଆକର୍ଷଣ ହୋଇ ରହିଥିଲା। ଏଠାରେ ଦର୍ଶକମାନେ ମାଣ୍ଡିଆଆଧାରିତ ବ୍ୟଞ୍ଜନ ଏବଂ ଖାଣ୍ଟି ଓଡ଼ିଆ ବ୍ୟଞ୍ଜନର ଆନନ୍ଦ ନେଇଥିଲେ। ଉଦ୍‌ଯାପନୀ ସମାରୋହରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ, କିଭଳି ରାଜ୍ୟ ସରକାରଙ୍କ ମହିଳାକୈନ୍ଦ୍ରିକ ଅର୍ଥନୀତି ଗାଁ ଗାଁରେ ପହଞ୍ଚିଛି ତାହା ଉଲ୍ଲେଖ କରିଥିଲେ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ମହିଳାଙ୍କ ଆର୍ଥିକ ସଶକ୍ତୀକରଣ ଏବଂ ଆତ୍ମନିର୍ଭରଶୀଳତା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରକାଶ କରିଥିଲେ। ଅଭିନେତ୍ରୀ ପିଙ୍କି ପ୍ରଧାନ ଓ ଅନୁ ଚୌଧୁରୀ ଯୋଗଦେଇ, ଏସ୍‌ଏଚ୍‌ଜି ମହିଳାଙ୍କ ଉଦ୍ୟୋଗିତା ଏବଂ ପ୍ରତିଭାକୁ ପ୍ରଶଂସା କରିଥିଲେ। ମିଶନ ଶକ୍ତି ବିଭାଗ ଶାସନ ସଚିବ ଶାଲିନୀ ପଣ୍ଡିତ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ହସ୍ତତନ୍ତ ଉତ୍ପାଦ ପ୍ରଦର୍ଶନ କରି ୬ ଲକ୍ଷ ଟଙ୍କାରୁ ଅଧିକ ବିକ୍ରି ରେକର୍ଡ କରିଥିବା କଳାହାଣ୍ଡି ଏମ୍.ରାମପୁରର ମା' ବୈଷ୍ଣୋଦେବୀ ପିଜିଙ୍କୁ ଉପମୁଖ୍ୟମନ୍ତ୍ରୀ ୫୦ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଥିଲେ। ସେହିପରି ମେଳାରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଏସ୍‌ଏଚ୍‌ଜି/ପିଜି ଏବଂ ଅଂଶଗ୍ରହଣକାରୀ ସଂସ୍ଥାଗୁଡ଼ିକୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ମୋଟ ୯ଟି ବର୍ଗରେ ୨୫ ଏସ୍‌ଏଚ୍‌ଜି ଏବଂ ପିଜିଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିବାବେଳେ ପ୍ରଥମ ସ୍ଥାନ ପାଇଁ ୩୦ହଜାର, ଦ୍ୱିତୀୟ ପାଇଁ ୨୫ହଜାର ଏବଂ ତୃତୀୟ ସ୍ଥାନ ଲାଗି ୨୦ହଜାର ଟଙ୍କାର ପୁରସ୍କାର ରାଶି ସହ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ୮୮ଟି ଏସ୍‌ଏଚ୍‌ଜି ପ୍ରଥମଥର ପାଇଁ ଏକ ରାଜ୍ୟସ୍ତରୀୟ ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିଲେ। ମେଳା ମାଧ୍ୟମରେ ୩୫୦ରୁ ଅଧିକ ଏସ୍‌ଏଚ୍‌ଜି ସଦସ୍ୟା ଲକ୍ଷପତି ଦିଦି ହେବା ଓଡ଼ିଶାରେ ମହିଳା-ନେତୃତ୍ୱାଧୀନ ଉଦ୍ୟୋଗଗୁଡ଼ିକ ପାଇଁ ନୂତନ ମାନଦଣ୍ଡ ସ୍ଥାପନ କରିଥିଲା।

# ଭାରତୀୟ ଭୂ-ବୈଜ୍ଞାନିକ ସର୍ବେକ୍ଷଣ ପକ୍ଷରୁ ୱାକାଥନ୍

ଭୁବନେଶ୍ୱର, ୨।୩ (ବନ୍ଦନା ସେଠୀ)

ଭାରତୀୟ ଭୂ-ବୈଜ୍ଞାନିକ ସର୍ବେକ୍ଷଣ (ଜିଏସ୍‌ଆଇ) ପକ୍ଷରୁ ରବିବାର ଦେଶବ୍ୟାପୀ ୱାକାଥନ୍ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ଜିଏସ୍‌ଆଇ ରାଜ୍ୟ ୟୁନିଟ୍ ପକ୍ଷରୁ ଭୁବନେଶ୍ୱରରେ ୩.୫ କି.ମି.ର ୱାକାଥନ୍ ଆୟୋଜିତ ହୋଇଥିଲା। ଜିଏସ୍‌ଆଇ କାର୍ଯ୍ୟାଳୟରୁ ୱାକାଥନ୍ ଆରମ୍ଭ ହୋଇ ଷ୍ଟୁଆର୍ଟ ସ୍କୁଲ ଛକ, ଜଳେଶ୍ୱର ମନ୍ଦିର, ଓୟୁଏଟି ଅତିଥି ଭବନ, ୟୁନିଟ୍-୮ ଡିଏଭି ସ୍କୁଲ ରାସ୍ତାଦେଇ ପୁନର୍ବାର ଜିଏସ୍‌ଆଇ କାର୍ଯ୍ୟାଳୟକୁ ଫେରିଥିଲା। ଏଥିରେ ଅଲିମ୍ପିଆନ ଅନୁରାଧା ବିଶ୍ୱାଳ, ଅନ୍ତର୍ଜାତୀୟ କରାଟେ ଖେଳାଳି ଭାଲେନା ଭାଲେଣ୍ଟିନା, ଜିଏସ୍‌ଆଇରେ କାର୍ଯ୍ୟରତ କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟ, ସହଯୋଗୀ ସଂଗଠନର ସଦସ୍ୟ, ଆଇଏମ୍‌ଏମ୍‌ଟି ଭଳି ବିଭିନ୍ନ ସରକାରୀ ସଂଗଠନ, ଓଡ଼ିଶା ସରକାରଙ୍କ ଭୂତତ୍ତ୍ୱ ଏବଂ ଖଣି ବିଭାଗ, ରାଜଧାନୀ କଲେଜ ଓ ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ଜନସାଧାରଣଙ୍କୁ ମିଶାଇ ପ୍ରାୟ ୪୦୦ଜଣ ଅଂଶଗ୍ରହଣ କରିଥିଲେ। ଅତିଥିମାନେ ସମାଜ ପାଇଁ ବିଶେଷକରି ଖଣିଜ ସମୃଦ୍ଧ ରାଜ୍ୟ ଓଡ଼ିଶା ଲାଗି ଜିଏସ୍‌ଆଇର ଭୂମିକାକୁ ପ୍ରଶଂସା କରିବା ସହ ଦେଶସେବା ପାଇଁ ସର୍ବଦା ଫିଟ୍ ରହିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଏସ୍‌ଆଇ ରାଜ୍ୟ ଉପମହାନିର୍ଦ୍ଦେଶକ ପଙ୍କଜ କୁମାର ଯୋଗଦେଇ ରାଷ୍ଟ୍ର ନିର୍ମାଣରେ ଜିଏସ୍‌ଆଇର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟାଳୟ ମୁଖ୍ୟ ଅସିତ୍ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଜିଏସ୍‌ଆଇ କାର୍ଯ୍ୟାଳୟରୁ ବାହାରିଥିବା ୱାକାଥନ୍ ।



ସିପିଆଇ(ଏମ୍ଏଲ୍) ଜାତୀୟ ସମ୍ପାଦକ ଦୀପଙ୍କର ଭଟ୍ଟାଚାର୍ଯ୍ୟ ପାଟନାର ଗାନ୍ଧୀ ମଇଦାନରେ ରବିବାର 'ବଦ୍‌ଲୋ ବିହାର ମହାଜୁଟାନ୍' ରାଲିରେ ଉଦ୍‌ବୋଧନ ଦେଉଛନ୍ତି।

# ନବଙ୍କ ପରିବାର ଜଣାଇଲେ ବିଜେଡିର ଦୁଇଟି ବଡ଼ ମୁଣ୍ଡ ଫସିଯିବେ: ପ୍ରଦୀପ ପୁରୋହିତ

ଭୁବନେଶ୍ୱର,୨।୩ (ଅନୁରାଧା ମହାରଣା)

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ହତ୍ୟା ମାମଲାର ତଦନ୍ତକୁ ନେଇ ସୋମବାର କ୍ରାଇମବ୍ରାଞ୍ଚ ଆଗରେ ତାଙ୍କ ଝିଅ ତଥା ପୂର୍ବତନ ବିଧାୟିକା ଦୀପାଳି ଦାସ ଓ ପୁଅ ବିଶାଲ ଦାସ ନିଜ ଆଭିମୁଖ୍ୟ ସ୍ପଷ୍ଟ କରିବେ। ମାତ୍ର କ୍ରାଇମବ୍ରାଞ୍ଚ ନୋଟିସ ପରେ ରାଜନୈତିକ ବୟାନବାଜି ସାମନାକୁ ଆସିଛି। ବରଗଡ଼ର ଭାଜପା ଏମ୍‌ପି ପ୍ରଦୀପ ପୁରୋହିତ ଗଣମାଧ୍ୟମ ଆଗରେ ବିସ୍ଫୋରକ ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି, ସିବିଆଇ ତଦନ୍ତ ପାଇଁ ନବଙ୍କ ପରିବାର ଲିଖିତ ଭାବେ ଜଣାଇଲେ ବିଜେଡିର ଦୁଇଟି ବଡ଼ ମୁଣ୍ଡ ଫସିଯିବେ। ସେ ଆହୁରି କହିଛନ୍ତି, ନବ ଦାସ ମୁଖ୍ୟମନ୍ତ୍ରୀ ହୋଇଯିବେ ଭାବି ତାଙ୍କୁ ରାସ୍ତାରୁ ହଟେଇ ଦିଆଗଲା। ବର୍ତ୍ତମାନ ନବ ଦାସଙ୍କ ପରିବାର ଉପରେ ବିଜେଡି ଚାପ ସୃଷ୍ଟି କରୁଥିବା ପୁରୋହିତ କହିଛନ୍ତି। ସିବିଆଇ ତଦନ୍ତ ପାଇଁ ଲିଖିତ ଭାବେ ଦେବା ଲାଗି ବିଜେଡି ହିଁ ମନା କରିଛି ବୋଲି ସେ କହିଛନ୍ତି। ଶନି ମନ୍ଦିରରୁ ପୂଜା ସାରି ଆସିବା ପରେ ନବ ଦାସ କାଳେ ମୁଖ୍ୟମନ୍ତ୍ରୀ ହୋଇଯିବେ ସେଥିପାଇଁ ନବ ଦାସଙ୍କୁ ରାସ୍ତାରୁ ହଟେଇ ଦିଆଗଲା। ଯଦି ସିବିଆଇ ତଦନ୍ତ ହେବ ତା'ହେଲେ ଏହାର ପର୍ଦ୍ଦାଫାଶ ହେବ। ଭାଜପା ସରକାର ଚାହୁଁଛି ନବ ଦାସଙ୍କ ହତ୍ୟାକାଣ୍ଡର ପୁଙ୍ଖାନୁପୁଙ୍ଖ ତଦନ୍ତ ହେଉ। ସେଥିପାଇଁ କ୍ରାଇମବ୍ରାଞ୍ଚ ଦୀପାଳି ଓ ବିଶାଳଙ୍କୁ ନୋଟିସ କରିଛି ବୋଲି ପୁରୋହିତ କହିଛନ୍ତି।

## ଆଭାସ ପାଇଥିଲେ ଭାଜପା ନେତା ସତ ସାମ୍ନାକୁ ଆଣନ୍ତୁ: ପ୍ରଦୀପ ଦିଶାରୀ

ନବ ଦାସ ହତ୍ୟା ମାମଲାରେ ପ୍ରଦୀପ ପୁରୋହିତଙ୍କ ବୟାନକୁ ବିଜେଡି ବିଧାୟକ ପ୍ରଦୀପ ଦିଶାରୀ କାଉଣ୍ଟର କରିଛନ୍ତି। ଦିଶାରୀ କହିଛନ୍ତି, ଦୀପାଳି ସିବିଆଇ ତଦନ୍ତ ପାଇଁ କହିଛନ୍ତି ଓ ଭାଜପା ନେତା ମଧ୍ୟ ସିବିଆଇ ତଦନ୍ତ ସପକ୍ଷରେ ଅଛନ୍ତି। ମାତ୍ର ସିବିଆଇ ତଦନ୍ତ ପାଇଁ ସରକାର କାହିଁକି ପଛଘୁଞ୍ଚା ଦେଉଛନ୍ତି ବୋଲି ଦିଶାରୀ ପ୍ରଶ୍ନ କରିଛନ୍ତି। ମୁଖ୍ୟମନ୍ତ୍ରୀ ହେବା ପାଇଁ ନବ ଦାସଙ୍କୁ ହତ୍ୟା କରାଯାଇଥିବା ସେମାନେ କହୁଛନ୍ତି। ଭାଜପା ନେତା ଯଦି ଏନେଇ କିଛି ଆଭାସ ପାଇଛନ୍ତି ତେବେ ସତ ସାମ୍ନାକୁ ଆଣନ୍ତୁ ବୋଲି ଦିଶାରୀ କହିଛନ୍ତି ।

# କେନ୍ଦ୍ରୀୟ ବଜେଟରୁ ବିକଶିତ ଓଡ଼ିଶାର ବାଟ ଖୋଲିବ



ଖବରଦାତା ସମ୍ମିଳନୀରେ ଏମ୍‌ପି ବୈଜୟନ୍ତ ପଣ୍ଡା, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟମାନେ ।

କେନ୍ଦ୍ରାପଡ଼ା,୨।୩(ଜଗନ୍ନାଥ ଧଳ)

ଚଳିତ ବର୍ଷର କେନ୍ଦ୍ରୀୟ ବଜେଟ ତୃଣମୂଳସ୍ତରରେ ଥିବା ସାଧାରଣ ଲୋକଙ୍କ ପାଇଁ ଉପାଦେୟ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ଉପସ୍ଥାପିତ ଏହି ବଜେଟରେ ଓଡ଼ିଶାକୁ ଗୁରୁତ୍ୱ ଦିଆଯାଇଥିବାରୁ ରାଜ୍ୟବାସୀ ଉପକୃତ ହେବେ । ଏପରି ଆଭିମୁଖ୍ୟ ରଖି କେନ୍ଦ୍ରାପଡ଼ା ଜିଲା ଭାଜପା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଡେରାବିଶ ବ୍ଲକ ଉଦୟନଗରସ୍ଥିତ ଜିଲା ସଂସ୍କୃତି ଭବନଠାରେ ରବିବାର ଆୟୋଜନ କରାଯାଇ ସୂଚନା ଦିଆଯାଇଛି। ଜିଲା ସଭାପତି ଶଶାଙ୍କ ଶେଖର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡା, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ ପ୍ରମୁଖ ସାମିଲ ହୋଇଥିଲେ । ସେମାନେ କହିଥିଲେ, ୨୦୩୬ରେ ଓଡ଼ିଶା ରାଜ୍ୟ ଗଠନ ଓ ୨୦୪୭ରେ ଭାରତ ସ୍ୱାଧୀନତାର ୧୦୦ ବର୍ଷ ପୂରଣ କରିବ। ବିକଶିତ ରାଜ୍ୟ ଓ ଦେଶକୁ ଦୃଷ୍ଟିରେ ରଖାଯାଇ ଏହି ବଜେଟ୍ ପ୍ରସ୍ତୁତ କରାଯାଇଛି। ଆର୍ଥିକସ୍ତରରେ ନିମ୍ନରେ ଥିବା ସାଧାରଣ ଲୋକଙ୍କ ସହିତ ମଧ୍ୟବିତ୍ତ ଓ ଧନୀ ବ୍ୟକ୍ତିଙ୍କ ପାଇଁ ବଜେଟ୍‌ରେ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇଛି। ଓଡ଼ିଶାରେ କୃଷି, ମହିଳା ଉଦ୍ୟୋଗ, ଆତ୍ମନିର୍ଭରଶୀଳତା ଯୁବବର୍ଗଙ୍କ ଉତ୍ସାହ ବଢ଼ାଇବ। ସ୍ୱାସ୍ଥ୍ୟସେବା, ଦକ୍ଷତା ବିକାଶଠାରୁ ଆରମ୍ଭ କରି ପର୍ଯ୍ୟଟନ ଶିଳ୍ପରେ ବିଭିନ୍ନ ଯୋଜନା ଲାଗୁ କରାଯାଇଛି। କୃଷିକ୍ଷେତ୍ର ପାଇଁ ଜଳ ପରିଚାଳନା, ପାନୀୟ ଜଳ ବ୍ୟବସ୍ଥା, ମିଶନ ମୋଡରେ କୃଷି ଉତ୍ପାଦ ଆଧାରରେ ଏହି ଅନୁଦାନ ବ୍ୟୟ ହେବ। ଷ୍ଟାର୍ଟଅପ୍ ପାଇଁ ଋଣ ଗ୍ୟାରେଣ୍ଟିକୁ ୧୦ କୋଟିରୁ ୨୦ କୋଟି କରାଯାଇଥିବା ସେମାନେ ମତ ରଖିଥିଲେ।



ବିଜୁ ଜନତା ଦଳ (ବିଜେଡି) ସଭାପତି ନବୀନ ପଟ୍ଟନାୟକଙ୍କୁ ବ୍ୟାସନଗର ମ୍ୟୁନିସିପାଲିଟିର ବିଜେଡି କାଉନସିଲରମାନେ ରବିବାର ନବୀନ ନିବାସରେ ଭେଟିଛନ୍ତି। ନିଜ ଅଞ୍ଚଳରେ ହେଉଥବା ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଛି।

## ଅନ୍ୟାନ୍ୟ ଖବର

### କାର୍ଯ୍ୟରେ ଯୋଗଦେଲେ ଏସ୍‌ସିବି ଦନ୍ତ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ଅଧକ୍ଷା ଡା. ରତ୍ନାରେଣୁ ବଳିଆରସିଂ

କଟକ,୨।୩(ଶିଳ୍ପା ପ୍ରିୟଦର୍ଶିନୀ)



ଏସ୍‌ସିବି ଦନ୍ତ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ନୂତନ ଅଧକ୍ଷା ଭାବେ ପ୍ରଫେସର ଡା. ରତ୍ନାରେଣୁ ବଳିଆରସିଂ ଶନିବାର କାର୍ଯ୍ୟରେ ଯୋଗଦେଇଛନ୍ତି। ଦନ୍ତ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ପୂର୍ବରୁ ସେ ଏସ୍‌ସିବି ଶିଶୁ ଦନ୍ତ ବିଭାଗର ବିଭାଗୀୟ ମୁଖ୍ୟ ଭାବେ କାର୍ଯ୍ୟରତ ଥିଲେ। ସୂଚନାଥାଉ କି, ଏସ୍‌ସିବି ଦନ୍ତ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ଅଧକ୍ଷ ପ୍ରଫେସର ଡା. ଜୟନ୍ତ କୁମାର ଦାଶ ଗତ ଫେବୃଆରୀ ୨୮ ତାରିଖରେ ଅବସର ଗ୍ରହଣ କରିଥିଲେ।

### ଅନ୍ଧାରରେ ଏସ୍‌ସିବି ରଞ୍ଜନରଶ୍ମି ବିଭାଗ

■ ହୋଇପାରିଲାନି ଅଲ୍‌ଟ୍ରାସାଉଣ୍ଡ ■ ଟର୍ଚ୍ଚ ମାରି ବସିରହିଲେ ରୋଗୀ, ସମ୍ପର୍କୀୟ

କଟକ,୨।୩(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲର ରଞ୍ଜନରଶ୍ମି ବିଭାଗ ରବିବାର ଦିନବେଳା ପ୍ରାୟ ୪୫ ମିନିଟ୍ ଧରି ଅନ୍ଧାରରେ ରହିଥିଲା। ଫଳରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଟର୍ଚ୍ଚ ଲାଇଟ୍ ମାରି ବସି ରହିଥିଲେ। ଅନ୍ଧାର ଯୋଗୁ ଅଲଟ୍ରାସାଉଣ୍ଡ ବନ୍ଦ ରହିଥିଲା। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ମେଡିକାଲରେ ଦିନବେଳା ବିଦ୍ୟୁତ୍ କାଟ୍ ହୋଇଥିଲା। ଏଥିସହ ଉକ୍ତ ବିଭାଗକୁ ସଂଯୋଗ କରୁଥିବା ଜେନେରେଟର ଷ୍ଟାର୍ଟ ହୋଇ ନ ଥିଲା। ଫଳରେ ଉକ୍ତ ବିଭାଗ ସମ୍ପୂର୍ଣ୍ଣ ଅନ୍ଧାରରେ ରହିଥିଲା। କିଛିଦିନ ତଳେ ମେଡିକାଲରେ ସାଇକେଲରେ ଓ ଷ୍ଟ୍ରେଚରରେ ରୋଗୀ ବୁହା ହେବା ପରେ ଏବେ ରୋଗୀ ଅନ୍ଧାରରେ ରହିବା ଘଟଣାକୁ ନେଇ ସ୍ୱାସ୍ଥ୍ୟସେବା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ମେଡିକାଲର କୁଳସଚିବ ସୁବାସ ରାଏ କହିଛନ୍ତି, ଟିପିସିଓଡିଏଲ ପକ୍ଷରୁ ବିଦ୍ୟୁତ କାଟ୍ କରାଯାଇଥିଲା। ହେଲେ ସେହି ସମୟରେ ଜେନେରେଟରରେ ବୈଷୟିକ ତ୍ରୁଟି ଦେଖାଯିବାରୁ ତାହା ଷ୍ଟାର୍ଟ ହୋଇ ନ ଥିଲା। ଏନେଇ ରିପୋର୍ଟ ମଗାଯାଇଛି। କେଉଁଠି ତ୍ରୁଟି ରହିଲା ତାହାର ତଦନ୍ତ କରାଯିବ। ଆଗାମୀ ଦିନରେ ଏଭଳି ଘଟଣାର ପୁନରାବୃତ୍ତି ନ ହେବା ଉପରେ ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି।

### ମହାମେଣ୍ଟରେ ଫାଟ ଅଭିଯୋଗକୁ ଶିନ୍ଦେଙ୍କ ଖଣ୍ଡନ

ମୁମ୍ବାଇ,୨।୩

ମହାରାଷ୍ଟ୍ରର ଶାସକ ମହାମେଣ୍ଟରେ ଫାଟ ଗୁଜବକୁ ଉପମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ରବିବାର ଖଣ୍ଡନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍ ଏବଂ ଅନ୍ୟତମ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ସହ ତାଙ୍କର ସବୁକିଛି 'ଥଣ୍ଡା ଥଣ୍ଡା ଏବଂ କୁଲ୍ କୁଲ୍' ଚାଲିଛି ବୋଲି ଶିନ୍ଦେ ମିଳିତ ଖବରଦାତା ସମ୍ମିଳନୀରେ କହିଛନ୍ତି। ସମ୍ମିଳନୀରେ ଶିନ୍ଦେଙ୍କ ସହ ଫଡ୍‌ନବିସ୍ ଏବଂ ଅଜିତ ପାୱାର ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, କିଛିଦିନ ପୂର୍ବରୁ ଶିନ୍ଦେ କହିଥିଲେ, ମୋତେ ହାଲୁକା ଭାବେ ନିଅନାହିଁ। ତାଙ୍କର ଏହି ମନ୍ତବ୍ୟରୁ ମହାମେଣ୍ଟରେ ଫାଟ ସୃଷ୍ଟି ହୋଇଥିବା ନେଇ ଚର୍ଚ୍ଚା ଜୋର୍ ଧରିଥିଲା। ମେଣ୍ଟରେ ଶୀତଳ ଯୁଦ୍ଧ ଚାଲିଛି କି ବୋଲି ପ୍ରଶ୍ନ ହେବାରୁ ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ମଧ୍ୟରେ ଶୀତଳ ଯୁଦ୍ଧ କିପରି ହେବ କହି ଶିନ୍ଦେ ପରିହାସ କରିଛନ୍ତି। ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିବା ନେଇ ଆପଣମାନେ ଯେତେ ଚାଞ୍ଚଲ୍ୟକର ଖବର କରିବାକୁ ଉଦ୍ୟମ କଲେ ବି କିଛି ଯାଏଆସେ ନାହିଁ। ଆମ ମେଣ୍ଟ ଭାଙ୍ଗିବାର ନାହିଁ ବୋଲି ଶିନ୍ଦେ ସ୍ପଷ୍ଟ କରିଦେଇଛନ୍ତି।

### 'ଗଙ୍ଗାଜଳ ଗାଧୋଇବାଯୋଗ୍ୟ ନୁହେଁ'

ବିହାର ଅର୍ଥନୈତିକ ସର୍ଭେ ରିପୋର୍ଟ

ପାଟନା,୨।୩ (ପି.ଟି.)

ବିହାରର ଅଧିକାଂଶ ସ୍ଥାନରେ ଗଙ୍ଗାନଦୀର ଜଳ ଗାଧୋଇବା ଉପଯୁକ୍ତ ନୁହେଁ। ନିକଟରେ ବିହାର ବିଧାନସଭାରେ ଉପସ୍ଥାପିତ ହୋଇଥିବା ଅର୍ଥନୈତିକ ସର୍ଭେ ରିପୋର୍ଟ ୨୦୨୪-୨୫ ଅନୁଯାୟୀ, ରାଜ୍ୟର ଅଧିକାଂଶ ସ୍ଥାନରେ ଗଙ୍ଗାନଦୀର ଜଳରେ ଅଧିକ ମାତ୍ରାରେ ବ୍ୟାକ୍ଟେରିଆର ଉପସ୍ଥିତି ଯୋଗୁ ଏହା ଗାଧୋଇବା ପାଇଁ ଅନୁପଯୁକ୍ତ। ମୁଖ୍ୟତଃ ଗଙ୍ଗା ଓ ଏହାର ଉପ ନଦୀଗୁଡ଼ିକର କୂଳରେ ଥିବା ସହରରୁ ଘରୋଇ ବର୍ଜ୍ୟବସ୍ତୁ ନିର୍ଗତ ଯୋଗୁ ଗଙ୍ଗାନଦୀର ଜଳରେ ବ୍ୟାକ୍ଟେରିଆର ମାତ୍ରା ଅଧିକ ରହିଥିବା ନେଇ ଏହି ରିପୋର୍ଟରେ ଉଲ୍ଲେଖ ରହିଛି। ବିହାର ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ବିଏସ୍‌ପିସିବି)ର ଅଧ୍ୟକ୍ଷ ଡି.କେ. ଶୁକ୍ଲା କହିଛନ୍ତି, ରାଜ୍ୟର ଅଧିକାଂଶ ସ୍ଥାନରେ ଥିବା ଗଙ୍ଗାନଦୀର ଜଳରେ ବ୍ୟାକ୍ଟେରିଆର ମାତ୍ରା ଅଧିକ ରହିବା ନିଶ୍ଚିତ ଭାବେ ଚିନ୍ତାର ବିଷୟ। ସହରର ଘରୋଇ ବର୍ଜ୍ୟବସ୍ତୁ ଗଙ୍ଗାନଦୀକୁ ପ୍ରବାହିତ ହେଉଥିବାରୁ ନଦୀଜଳରେ ଫିକାଲ କୋଲିଫର୍ମ ନାମକ ବ୍ୟାକ୍ଟେରିଆ ଦେଖିବାକୁ ମିଳୁଛି। ଏହାର ସ୍ତର ଯେତେ ଅଧିକ ହେବ ପାଣିରେ ରୋଗ ସୃଷ୍ଟିକାରୀ 'ମାଇକ୍ରୋବ୍'ର ଉପସ୍ଥିତି ମଧ୍ୟ ସେତେ ଅଧିକ ହେବ।

### ଡେଙ୍ଗ ଥାଇ ଅଧା ଫୁଟିଥିବା ପଦ୍ମଫୁଲ ଆକୃତିର କଳସ ସ୍ଥାପନ ହୋଇଥିଲା

ଡ. ସୁରେନ୍ଦ୍ର କୁମାର ମିଶ୍ର

ଐତିହ୍ୟର ଓଡ଼ିଶା

■ ମୁଖ୍ୟ ମନ୍ଦିରର କଳସ ନୀଳମୁଗୁନି ପଥରରେ ନିର୍ମିତ ହୋଇଥିଲା
■ ମୁଖଶାଳାର କଳସ କଳାମୁଗୁନି ପଥରରେ ହୋଇଥିଲା ନିର୍ମିତ

ଆମେ ପୂର୍ବରୁ ଦୁଇଟି ବିଷୟ ସମ୍ପର୍କରେ ସୂଚନା ଦେଇଥିଲୁ। ଗୋଟିଏ ଶ୍ରୀପଦ୍ମକେଶର ମନ୍ଦିର 'କଳସ' ସମ୍ବନ୍ଧରେ, ଅନ୍ୟଟି 'ଧ୍ୱଜପଦ୍ମ' ସମ୍ବନ୍ଧରେ। କଳସଟି ତିନି ହାତ ଉଚ୍ଚତା ବିଶିଷ୍ଟ ଥିଲା, ଡେଙ୍ଗ ସହିତ ଅଧା ଫୁଟିଥିବା ପଦ୍ମଫୁଲ ଆକୃତିର। ନୀଳମୁଗୁନି ପଥରରେ ଏହା ନିର୍ମିତ ହୋଇଥିଲା। ପୂର୍ବରୁ ପୋଥି ଆଧାରରେ ଆମେ ଆଲୋଚନା କରିଥିଲେ ସମସ୍ତ ନୀଳମୁଗୁନି ପଥର ବାଲେଶ୍ୱରର ନୀଳଗିରି ପାହାଡ଼ରୁ କୋଣାର୍କକୁ ଆସିଥିଲା।

ଅର୍ଦ୍ଧ ପ୍ରସ୍ଫୁଟିତ ପଦ୍ମଫୁଲର 'ବଇଠି' ଥିଲା, ଯାହା ଫୁଲର ମୂଳରେ ରହିଥିଲା। ବାଙ୍ଗରଗଡ଼ର ରାମ ମହାପାତ୍ର ସାତଜଣ ପଥୁରିଆଙ୍କ ସହଯୋଗରେ ଏହାକୁ ନିର୍ମାଣ କରିଥିଲେ। ମୁଖ୍ୟ ମନ୍ଦିରରେ କଳସ ବସିବା ପୂର୍ବରୁ ମୁଖଶାଳାରେ କଳସ ଖଞ୍ଜା ସରିଥିଲା। ଆଶ୍ୱିନ ଶୁକ୍ଳ ଦଶମୀ ଅର୍ଥାତ୍ ଦଶହରାଦିନ ବେଦପୁରର ବ୍ରାହ୍ମଣମାନେ ପୂଜା କରିବା ପରେ ବାରଜଣ ପାଇଟିଆଳ ତାହାକୁ ଆଣିଥିଲେ। ତାହା ଦୁଇ ଭାଗରେ ନିର୍ମିତ ହୋଇଥିଲା। ପୂଜା ସମୟରେ ରାଜଗୁରୁ ଓ ଶିବେଇ ସାମନ୍ତରା ଉପସ୍ଥିତ ଥିଲେ। ମୁଖଶାଳାର କଳସ ନିର୍ମାଣ ହୋଇଥିଲା କଳାମୁଗୁନି ପଥରରେ। କଳସର ଦୁଇଭାଗ ମଝିରେ ଥିବା ରନ୍ଧ୍ରକୁ ସୂତ୍ରଧର ସଂଯୋଗ କରିଥିଲେ। ସେଥିପାଇଁ ଏକ ପାରିଭାଷିକ ଶବ୍ଦ ବ୍ୟବହାର ହୋଇଛି 'ଯନ୍ତ୍ର'। ସେହି ଯନ୍ତ୍ରରେ ରଖାଯାଇଥିଲା ଏକ ଗୌଣି ଧାନ, ଗୌଣିଏ ବିରି, କିଛି ଦହି, ନବରତ୍ନ ପଥର (ନବଗ୍ରହଙ୍କ ପାଇଁ ନଅ ପ୍ରକାରର ପଥର)। ଏଗାରଟି ସୁନାରେ ନିର୍ମିତ ଗ୍ରହାଦି ମଣ୍ଡଳୀ ଫଳକ। ଏହି ଫଳକରେ 'ଆଦିତ୍ୟ'ଙ୍କୁ ବାଦ ଦିଆଯାଇଥିଲା। ସୂର୍ଯ୍ୟତନ୍ତ୍ର ଗ୍ରନ୍ଥ ଅନୁଯାୟୀ ଏହି ନିଷ୍ପତ୍ତି ନିଆଯାଇଥିଲା। ଯଦି ସୂର୍ଯ୍ୟଙ୍କ ପାଇଁ ମନ୍ଦିର ହୋଇଥିବ, ପୀଠରେ ଯଦି ଭାସ୍କର ରହିବେ, ତେବେ 'ରବି' ମୁଖଶାଳାରେ ପୂଜିତ ହେବେ। ଭାସ୍କର କେବେ ବି ମୁଖଶାଳାରେ ରହିବେ ନାହିଁ। ତେଣୁ ୧୧ଟି ଗ୍ରହାଦିମଣ୍ଡଳ ଫଳକ ରହିବ।

କଳିଙ୍ଗ ଶୈଳୀର ମନ୍ଦିରରେ ଏବେ ବି ଏହି ପ୍ରଥା ଅନୁସୃତ ହୋଇ ଆସୁଛି। ପୀଠର ପୀଠାଧୀଶ୍ୱର ବା ମନ୍ଦିରର ମୁଖ୍ୟ ଦେବୀ/ଦେବତା ମୁଖଶାଳାରେ ରହିବେ ନାହିଁ। ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ କୋଣାର୍କଠାରେ ମନ୍ଦିର ନିର୍ମାଣ ପୂର୍ବରୁ ତାହା ଅନୁସୃତ ହୋଇଥିଲା। ପରେ ପ୍ରକୃତ ସିଂହଦ୍ୱାର ପରିବର୍ତ୍ତେ ମେଘନାଦ ପ୍ରାଚୀର ହେବାରୁ ପ୍ରବେଶପଥ ଗୁମୁଟକୁ ସିଂହଦ୍ୱାର ଲୋକ ଚଳଣିରେ କୁହାଯାଉଛି। ପ୍ରକୃତ ସିଂହଦ୍ୱାର ଦେଇ ଏବେ ବି ମହାପ୍ରଭୁ ମନ୍ଦିରରୁ ବାହାର ପାହାଚ ଏବଂ ଗୁମୁଟ ଦେଇ ବଡ଼ଦାଣ୍ଡକୁ ଆସୁଛନ୍ତି।



କୋଣାର୍କର ଶ୍ରୀ ସୂର୍ଯ୍ୟ ଭାସ୍କରଙ୍କ ପୂର୍ଣ୍ଣାବୟବ ବିଗ୍ରହ। ଜାତୀୟ ସଂଗ୍ରହାଳୟ, ନୂଆଦିଲ୍ଲୀ (ଫଟୋ ସୌଜନ୍ୟ: ଡ. କୁମାର ଅରଜ୍ୟୋତି)

ଆନନ୍ଦବଜାରରୁ ବାହାର ପାହାଚକୁ ଆସିବା ପାଇଁ ଯେଉଁ ଦ୍ୱାର ତାହା ପ୍ରକୃତ ସିଂହଦ୍ୱାର। ସେଠାରେ ମନ୍ଦିରର ମୁଖ୍ୟ ଅଧୀଶ୍ୱରଙ୍କ ବିଗ୍ରହ ନାହିଁ। ବାହାର ପାହାଚ ସଂସ୍କୃତ ପୁସ୍ତକରେ 'ବହିସ୍ଥ ପାହାଚ' ଭାବରେ ବର୍ଣ୍ଣିତ। ବହିସ୍ଥ ପାବଚ୍ଛ ଶବ୍ଦ ଓଡ଼ିଆରେ 'ବାହାର ପାହାଚ' ହୋଇ ଶେଷରେ 'ବାଇସି ପାହାଚ' ରୂପେ ପ୍ରସିଦ୍ଧ ହୋଇଛି।

ମେଘନାଦ ପ୍ରାଚୀରର ଗୁମୁଟ ଉପରେ 'ଦଶାବତାର' ବିଗ୍ରହ ଥିଲେ। କେଉଁ ଏକ ଅନ୍ଧାର ରାତିରେ ନବମ ଅବତାର ସ୍ଥାନରେ 'ଶ୍ରୀଜଗନ୍ନାଥ'ଙ୍କ ମୁହଁ ଲାଗିଲା। ତାହା ବାସ୍ତୁଶାସ୍ତ୍ର ବିରୋଧୀ କାର୍ଯ୍ୟ। ମୁଖଶାଳାରେ ମୁଖ୍ୟ ବିଗ୍ରହ ଯେଉଁଠି ରହିବାର ବିଧି ନାହିଁ, ପରବର୍ତ୍ତୀ କାଳରେ ନିର୍ମିତ ଗୁମୁଟ ଉପରେ କିପରି ମୁଖ୍ୟ ବିଗ୍ରହ ରହିବେ? ତେବେ ତ ଆଦିଶଙ୍କରାଚାର୍ଯ୍ୟ ଲେଖିଥିବା 'ହରତ୍ୱଂ ସଂସାରଂ ଦ୍ରୁତତରମସାରଂ ସୁରପତେ' ସ୍ତୋତ୍ରର 'ସୁରପତେ' ଶବ୍ଦର ବିରୋଧାଭାଷ ହୋଇଯିବ। ସୁର ଅର୍ଥାତ୍ ଦେବତାମାନଙ୍କର ଯିଏ ପତି, ସେ କିପରି ଅବତାର ନେଇଥିବା ଦେବତାଙ୍କ ମେଳରେ ବସିବେ?

କୋଣାର୍କଠାରେ ଶ୍ରୀପଦ୍ମକେଶର ମନ୍ଦିରରେ ଶାସ୍ତ୍ର ବିଧିସମ୍ମତ ନିର୍ମାଣକୁ ଗୁରୁତ୍ୱ ଦିଆଯାଇଥିଲା। ମୁଖଶାଳା କଳସର ନିର୍ମାତା ଥିଲେ ଶିଳ୍ପୀ ରାମ ମହାପାତ୍ର। ସେ ହିଁ ଦୁଇ ଭାଗକୁ ସଂଯୋଗ କରିଥିଲେ। ସଂଯୋଗ ହେବାପରେ ନାଲି ସିଲ୍କ କନାରେ ଗୁଡ଼ାଇ ଦିଆଯାଇଥିଲା। ଏହି କାର୍ଯ୍ୟ ପାଇଁ ଶିଳ୍ପୀ ନେଇଥିଲେ- ଚାରୋଟି ପଦ୍ମମାଢ଼ ସୁନା। ଗୋଟିଏ ପଦ୍ମମାଢ଼ ଏକ ତୋଳା (ଭରି) ସୁନାର ଚାରିଭାଗରୁ ଭାଗେ। ମନ୍ଦିରରେ 'କଳସ' ସ୍ଥାପନ ପୂର୍ବରୁ ମସୃଣ ପଥର ଚାରୋଟି ପ୍ରଥମେ ଅଁଳାଶ୍ରୀରେ ରଖାଯାଇଥିଲା। ପଥରଗୁଡ଼ିକ ଏକ ହାତ ଉଚ୍ଚତା ବିଶିଷ୍ଟ ଥିଲା। ଦଶଜଣ ପଥୁରିଆଙ୍କୁ ଦୁଇଦିନ ଲାଗିଥିଲା। ପଲିସି ପଥରକୁ ତିନିଜଣ ଶିଳ୍ପୀ ଖଞ୍ଜିଥିଲେ। ଖଞ୍ଜିବା ପରେ ତିନିଜଣ ପଥୁରିଆ, ଦୁଇଜଣ କାମିକା ନାରୀ ପାଣିମାଠିଆ ନେଇ ଯୋଡ଼େଇରେ 'କରାଳ' ପୂର୍ଣ୍ଣ କଲେ। ପଥର ଗୁଣ୍ଡରେ ତାହାକୁ ଏପରି ଘଷିଲେ, ଯେପରି ଗୋଟିଏ ପଥର ପରି ଦିଶିବ। ମାର୍ଗଶୀର ଶେଷ ଗୁରୁବାରଦିନ ଏକ ପଦ୍ମଦଣ୍ଡ ରଖାଯାଇଥିଲା।

ଏହି ପଦ୍ମଦଣ୍ଡ ରତ୍ନ-ମୁଦ- କଳସର ମଝିରେ ଖଞ୍ଜାଯାଇଥିଲା। ପଦ୍ମଦଣ୍ଡ ନିଜେ ରାଜଗୁରୁ ନେତୃତ୍ୱ ନେଇ ପହଞ୍ଚେଇଥିଲେ। ସେହିଦିନ ବଡ଼ ଦେଉଳର ପତି ମହାପାତ୍ର, ସେବକ ରାଜାଙ୍କ ନିଷ୍ପତ୍ତି ଅନୁଯାୟୀ 'ମହାପ୍ରସାଦ' ନେଇ ପହଞ୍ଚିଥିଲେ। ପୂଜା ହେବା ପରେ ରାଜଗୁରୁ, ଶିଳ୍ପୀ ନାରାୟଣ ମହାପାତ୍ର, ଶିବେଇ ସାମନ୍ତରା, ଶିଳ୍ପୀ ଗଙ୍ଗା ମହାପାତ୍ର, ଗଦାଧର ମହାପାତ୍ର ଓ ବେଦପୁର ବ୍ରାହ୍ମଣଙ୍କୁ ଏକ ହଳ ଲେଖାଏଁ ଧୋତି ଦିଆଯାଇଥିଲା। ବ୍ରାହ୍ମଣମାନଙ୍କୁ ଦୁଇମାଢ଼ ସୁନା ଦକ୍ଷିଣା ବାବଦକୁ ଦିଆଯାଇଥିଲା।

ଏହାପରେ ଆରମ୍ଭ ହୋଇଥିଲା 'ପରିକ୍ରମା' ବିଧି। ଅର୍ଦ୍ଧଉନ୍ମୀଳିତ ଡେଙ୍ଗ ସହିତ ପଦ୍ମଫୁଲ ଆକୃତିର କଳସକୁ ଚାରିଜଣ ପଥୁରିଆ ମୁଖ୍ୟ ମନ୍ଦିର ପରିକ୍ରମା କରାଇବା ପରେ, ତାହା ଉପରକୁ ନେଇଥିଲେ। ଏହାପରେ ପୁଣି ଆରମ୍ଭ ହୋଇଥିଲା ସ୍ଥାପନ ବିଧିର ଦ୍ୱିତୀୟ ପର୍ବ।

### ପୋଷା ବିଲେଇ ମୃତ୍ୟୁରେ ମ୍ରିୟମାଣ ହୋଇ ମହିଳାଙ୍କ ଆତ୍ମହତ୍ୟା

ଅମରୋହା,୨।୩



ଉତ୍ତରପ୍ରଦେଶର ଅମରୋହା ଜିଲା ହାସନପୁର ନିବାସୀ ପୂଜା (୩୨) ନିଜ ପୋଷା ବିଲେଇର ମୃତ୍ୟୁରେ ମ୍ରିୟମାଣ ହୋଇ ରବିବାର ଆତ୍ମହତ୍ୟା କରିଛନ୍ତି। ବିଲେଇଟି ବଞ୍ଚିବା ଆଶାରେ ସେ ତା'ର ମୃତଦେହକୁ ୨ ଦିନ ପାଖରେ ରଖିଥିଲେ। ତେବେ ସେ ଆଉ ବଞ୍ଚିବ ନାହିଁ ବୋଲି ହୃଦ୍‌ବୋଧ କରି ପୂଜା ଆତ୍ମହତ୍ୟା କରିଛନ୍ତି। ୮ ବର୍ଷ ତଳେ ଦିଲ୍ଲୀର ଜଣେ ଯୁବକଙ୍କ ସହ ପୂଜାଙ୍କର ବିବାହ ହୋଇଥିଲା ଓ ୨ ବର୍ଷ ପରେ ଉଭୟଙ୍କର ଛାଡ଼ପତ୍ର ହୋଇଥିଲା। ଏହାପରଠାରୁ ପୂଜା ହାସନପୁରସ୍ଥିତ ନିଜ ବାପଘରେ ମା' ଗଜରା ଦେବୀଙ୍କ ସହ ରହୁଥିଲେ। ବାପଘରେ ପୂଜା ନିଜ ଏକାପଣକୁ ଦୂର କରିବା ପାଇଁ ଏକ ବିଲେଇ ପାଳିଥିଲେ। ତେବେ ଶୁକ୍ରବାର ଏହି ବିଲେଇର ମୃତ୍ୟୁ ହୋଇଯାଇଥିଲା। ପୂଜାଙ୍କ ମା' ବିଲେଇଟିକୁ ପୋତିଦେବା ପାଇଁ ତାଙ୍କୁ ପରାମର୍ଶ ଦେଇଥିଲେ। ତେବେ ପୂଜା ଏପରି କରି ନ ଥିଲେ। ତାଙ୍କ ବିଲେଇ ପୁଣି ବଞ୍ଚିବ ବୋଲି ସେ ମା'ଙ୍କୁ କହିଥିଲେ। ପୂଜା ୨ ଦିନ ଧରି ବିଲେଇର ମୃତଦେହକୁ ନିଜ ପାଖରେ ରଖିଥିଲେ। ରବିବାର ଦ୍ୱିପ୍ରହରରେ ପୂଜା ନିଜ ରୁମ୍‌କୁ ଭିତରୁ ବନ୍ଦ କରି ଦଉଡ଼ି ଲଗାଇ ଆତ୍ମହତ୍ୟା କରିଛନ୍ତି।

# ଟ୍ରକ୍-କାର ମୁହାଁମୁହିଁ ଧକ୍କା: ଚାଳକ ମୃତ


ଦୁର୍ଘଟଣାଗ୍ରସ୍ତ କାର।

**କୋରାପୁଟ,୨।୩(ଅମିତାଭ ବେହେରା)**

କୋରାପୁଟ-ବିଶାଖାପାଟଣା ୨୬ ନଂ. ଜାତୀୟ ରାଜପଥର ସରକାରୀ ମହାବିଦ୍ୟାଳୟ ନିକଟରେ ଟ୍ରକ୍ ସହ କାର ମୁହାଁମୁହିଁ ଧକ୍କା ହୋଇ ୨ ଜଣ ଗୁରୁତର ହୋଇଥିବା ବେଳେ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ନନ୍ଦପୁର ବ୍ଲକ ଅନ୍ତର୍ଗତ ଥିବା ଗ୍ରାମର ସାୟଦ ହନିଫ(୨୯)। ଗୁରୁତର ହେଲେ ସାବେରା ବିବି(୪୫) ଓ ହାଜରା ବିବି(୪୩)। କୋରାପୁଟ ଟାଉନ ପୋଲିସ ସମସ୍ତଙ୍କୁ ଉଦ୍ଧାର କରି ସ୍ଥାନୀୟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲକୁ ସ୍ଥାନାନ୍ତର କରିଛି। ଟ୍ରକ୍ ଡ୍ରାଇଭର ସାହଦୋଲର ଜୟଭାନ ସିଂହ(୩୨)ଙ୍କୁ ପୋଲିସ ଅଟକ ରଖିଛି।

ସୂଚନା ଅନୁଯାୟୀ, ସାୟଦଙ୍କ ସ୍ତ୍ରୀ ନନ୍ଦପୁର ମେଡିକାଲରେ ଏକ ଶିଶୁପୁତ୍ର ଜନ୍ମ ଦେଇଥିଲେ। ସେଠାରେ ସ୍ତ୍ରୀଙ୍କ ରକ୍ତସ୍ରାବ ବନ୍ଦ ନ ହେବାରୁ ଡାକ୍ତର ତାଙ୍କୁ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲକୁ ଆମ୍ବୁଲାନ୍ସ ଯୋଗେ ସ୍ଥାନାନ୍ତର କରିଥିଲେ। ସାୟଦ ପରିବାର ଲୋକଙ୍କୁ ଧରି କାରରେ କୋରାପୁଟ ଆସୁଥିଲେ। ସାମ୍ନା ପଟରୁ ଆସୁଥିବା ଏକ ଟ୍ରକ୍ ତାଙ୍କ କାର ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ସାୟଦଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ତାଙ୍କ ସହ କାରରେ ଥିବା ସାବେରା ଓ ହାଜରା ଗୁରୁତର ହୋଇଥିଲେ।

## ଗାଡ଼ି ଧକ୍କାରେ ୩ ବାଇକ୍ ଆରୋହୀ ମୃତ

**କୁଆଁରମୁଣ୍ଡା,୨।୩(ମହେନ୍ଦ୍ର କୁମାର ସାହୁ)**

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅନ୍ତର୍ଗତ ଚୁଙ୍ଗିଗେଟ ନିକଟସ୍ଥ ୧୪୩ ନମ୍ବର ଜାତୀୟ ରାଜପଥରେ ଶନିବାର ରାତି ପ୍ରାୟ ସାଢ଼େ ୧୧ଟା ସମୟରେ ଅଜଣା ଗାଡ଼ି ଧକ୍କାରେ ୩ ଜଣ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଜଲଙ୍ଗବିରା ଗ୍ରାମ ଘାସିଟୋଲାର ଦିଲୀପ ସନମତି(୨୪), ସହରାଇ ଲାକ୍ରା(୨୦) ଓ ଟୁଙ୍ଗୁରିଟୋଲିର ଅଞ୍ଜଳି କୁସୁମା(୧୪)। ରବିବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଏକ ମାମଲା(ନଂ.୭୨/୨୫) ରୁଜୁ ହୋଇ ତଦନ୍ତ ଜାରି ରହିଛି।

ମିଳିଥିବା ସୂଚନା ଅନୁସାରେ, ଶନିବାର ରାତି ପ୍ରାୟ ସାଢ଼େ ୧୧ଟା ବେଳେ ବାଇକରେ ୩ ଜଣ ବେଦବ୍ୟାସ ମେଳା ଦେଖି ଜଲଙ୍ଗବିରାସ୍ଥିତ ନିଜ ଘରକୁ ଫେରୁଥିଲେ। ହେଲେ ଘର ପାଖରୁ ଅଳ୍ପ ଦୂର ଚୁଙ୍ଗିଗେଟ ନିକଟସ୍ଥ ୧୪୩ ନମ୍ବର ଜାତୀୟ ରାଜପଥରେ ଏକ ଅଜଣା ଗାଡ଼ି ସମ୍ମୁଖରୁ ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ସେହି ସମୟରେ କୁଆଁରମୁଣ୍ଡାରୁ ବୀରମିତ୍ରପୁରକୁ ଫେରୁଥିବା ଆଇଆଇସି ରାମପ୍ରସାଦ ନାଗ ଗୁରୁତର ୩ ଜଣଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ନିଜ ଗାଡିରେ ନେଇଥିଲେ। ହେଲେ ସେଠାରେ ଦିଲୀପ ଓ ସହରାଇଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପରେ ଚିକିତ୍ସାଧୀନ ଅବସ୍ଥାରେ ଅଞ୍ଜଳିଙ୍କର ମୃତ୍ୟୁ ଘଟିଥିଲା।

# ଆନ୍ଦୋଳନକାରୀଙ୍କୁ ଉଠାଇ ନେଲା ପୋଲିସ

## ବିର୍ଲା ଟାୟାର୍ସରେ ଜାରି ହେଲା ୧୬୩ ଧାରା

**ବାଲେଶ୍ୱର(ବାଞ୍ଛାନିଧି ଦେ)/ ରେମୁଣା(ରବୀନ୍ଦ୍ର ମହାକୁଡ଼),୨।୩**



ଫାଟକ ସମ୍ମୁଖରେ ମୁତୟନ ହୋଇଥିବା ପୋଲିସ।

ବାଲେଶ୍ୱର ବାମପଦାସ୍ଥିତ ବିର୍ଲା ଟାୟାର୍ସ (ଡାଲମିଆ ଭାରତ ଏବଂ ହିମାଦ୍ରି କେମିକାଲ୍ସ) ଫାଟକ ସମ୍ମୁଖରେ ରବିବାର ଉତ୍ତେଜନା ଦେଖାଦେଇଛି। ଦୀର୍ଘଦିନ ଧରି ଫାଟକ ସମ୍ମୁଖରେ ବସିଥିବା ଆନ୍ଦୋଳନକାରୀଙ୍କୁ ପୋଲିସ ଉଠାଇ ନେଇଛି। ଏଥିସହିତ ଜିଲା ପ୍ରଶାସନ ପକ୍ଷରୁ କାରଖାନାଠାରୁ ୨୦୦ ମିଟର ପରିଧି ମଧ୍ୟରେ ୧୬୩ ଧାରା ଜାରି କରାଯାଇଛି। ଏହି ଆଇନ ବଳରେ ୫ଜଣରୁ ଅଧିକ ବ୍ୟକ୍ତି ଏକତ୍ରିତ ହୋଇପାରିବେ ନାହିଁ। କୌଣସି ସଭା, ଶୋଭାଯାତ୍ରା ହୋଇପାରିବ ନାହିଁ। ଏହି ଆଇନର ଉଲ୍ଲଂଘନ କଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମାଇକ୍ ଯୋଗେ ଘୋଷଣା କରାଯାଇଛି।

ସୂଚନାଯୋଗ୍ୟ, ବିର୍ଲା ଟାୟାର୍ସ ଦୀର୍ଘଦିନ ଧରି ବନ୍ଦ ରହିବା ଫଳରେ କମ୍ପାନୀର ହଜାର ହଜାର କର୍ମଚାରୀ ଏବଂ ଶ୍ରମିକଙ୍କୁ ଚାକିରି ହରାଇବାକୁ ପଡ଼ିଥିଲା। ଏବେ ଏହି କମ୍ପାନୀର ମାଲିକାନା ଡାଲମିଆ ଭାରତ ଏବଂ ହିମାଦ୍ରି କେମିକାଲ୍ସ ହାତକୁ ଯିବା ପରେ ନୂତନ ଭାବେ ଏହି କମ୍ପାନୀ ଚାଲୁ ହେବାକୁ ଯାଉଛି। ତେବେ ବିର୍ଲା ଟାୟାର୍ସ ବନ୍ଦ ହେବା ବେଳେ ଯେଉଁମାନେ ଚାକିରି ହରାଇଥିଲେ, ସେମାନେ ନୂତନ କମ୍ପାନୀରେ ପୁନଃ ନିଯୁକ୍ତି ଏବଂ କ୍ଷତିପୂରଣ ଦାବି କରିଥିଲେ। ଏନେଇ ବାରମ୍ବାର ଧାରଣା, ଆନ୍ଦୋଳନ ଏବଂ ବିକ୍ଷୋଭ ଜାରି ରହିଥିବା ବେଳେ କମ୍ପାନୀ କର୍ତ୍ତୃପକ୍ଷ, ପ୍ରଶାସନ ଓ ଜନପ୍ରତିନିଧି ସେମାନଙ୍କୁ ବୁଝାଇବାରେ ବିଫଳ ହୋଇଥିଲେ। ଦୀର୍ଘ ୪ମାସ ଧରି ଡାଲମିଆ ଭାରତ ଫାଟକ ସମ୍ମୁଖରେ ଉକ୍ତ ଶ୍ରମିକମାନେ ଦାବି ପୂରଣ ନିମନ୍ତେ ଧାରଣାରେ ବସିରହିଥିଲେ। ଆନ୍ଦୋଳନ ପ୍ରତ୍ୟାହାର ପାଇଁ ପ୍ରଶାସନ ପକ୍ଷରୁ ସେମାନଙ୍କୁ କୁହାଯାଇଥିଲା। ମାତ୍ର ଆନ୍ଦୋଳନକାରୀମାନେ ସେଥିପ୍ରତି ଗୁରୁତ୍ୱ ନ ଦେବାରୁ ବାଧହୋଇ ପୋଲିସ ସେମାନଙ୍କୁ ଉଠାଇ ନେଇ ନିଜ ହେପାଜତରେ ରଖିଛି। ଅପରପକ୍ଷରେ କାରଖାନା ନିକଟରେ ପୋଲିସ ଫୋର୍ସ ମୁତୟନ କରାଯାଇଛି।

# ସମୁଦ୍ର କୂଳରେ ଜଗନ୍ନାଥଙ୍କ ଭଗ୍ନ ମୂର୍ତ୍ତି

## ଅସନ୍ତୋଷ ବ୍ୟକ୍ତ କଲେ ଜଗନ୍ନାଥପ୍ରେମୀ

**ବାଲିଆପାଳ,୨।୩(ଗୋପାଳ ଚନ୍ଦ୍ର ସାହୁ)**


ସମୁଦ୍ର କୂଳରେ ପଡ଼ିଥିବା ଜଗନ୍ନାଥଙ୍କ ଭଗ୍ନ ପ୍ରତିମୂର୍ତ୍ତି।

ଦୀର୍ଘ ଦିନ ଧରି ଉଗରା ସମୁଦ୍ର ବେଳାଭୂମିରେ ଗଢୁଛି କୁଟା, ମାଟିରେ ତିଆରି ଜଗନ୍ନାଥଙ୍କ ଭଗ୍ନ ପ୍ରତିମୂର୍ତ୍ତି। ପଶୁ ପକ୍ଷୀଙ୍କ ପାଦରେ ଦଳିଚକଟି ହେଉଛି ଭାବଗ୍ରାହୀଙ୍କ ମୁଖମଣ୍ଡଳ। ସାଢ଼େ ଚାରି କୋଟି ଓଡ଼ିଆଙ୍କ ଆରାଧ୍ୟ ଦେବତା ଜଗତରନାଥ ଜଗନ୍ନାଥଙ୍କ ୩୨ ବେଶ କୁଟା ମାଟିରେ ତିଆରି କରାଯାଇ ଗାଁଗାଁରେ ମେଳା ମହୋତ୍ସବ ମାଧ୍ୟମରେ ପୂଜା କରାଯାଉଛି। ମାତ୍ର ପୂଜା ସରିବା ପରେ ସେହି ମୂର୍ତ୍ତିଗୁଡ଼ିକୁ ସମୁଦ୍ରରେ ବିସର୍ଜନ କରାଯାଉଛି। ସମୁଦ୍ର ଜଳରେ ମୂର୍ତ୍ତିଗୁଡ଼ିକ ଲୀନ ହେବା ପୂର୍ବରୁ ଜୁଆର ସେହି ମୂର୍ତ୍ତିଗୁଡ଼ିକୁ କୂଳକୁ ଫୋପାଡ଼ି ଦେଉଛି। ସେଥିପାଇଁ ଜଗନ୍ନାଥଙ୍କ ବିଭିନ୍ନ ବେଶରେ ପୂଜା ଓ ଦର୍ଶନ ପରେ କମିଟି ପକ୍ଷରୁ ମୂର୍ତ୍ତିଗୁଡ଼ିକୁ ସମୁଦ୍ର କୂଳରେ ପାତାଳି କରିବା ପାଇଁ ପ୍ରଶାସନ ଦୃଷ୍ଟି ଦେବାକୁ ଜଗନ୍ନାଥପ୍ରେମୀ ନିବେଦନ କରିଛନ୍ତି।

ପ୍ରକାଶଥାଉକି, ବାଲିଆପାଳ ବ୍ଲକ ଅଞ୍ଚଳର ଦୁଇଟି ସ୍ଥାନରେ ଗତ ଫେବୃଆରୀ ମାସରେ ଜଗନ୍ନାଥଙ୍କ ୩୨ ବେଶ କରାଯାଇ ୧୦ ଦିନିଆ ଉତ୍ସବ କରାଯାଇଥିଲା। ପ୍ରତିଦିନ ପୂଜାପାଠ ସହିତ ହଜାର ହଜାର ଭକ୍ତଙ୍କ ସମାଗମରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ମାତ୍ର ଉତ୍ସବ ପରେ ଉଗରା ସମୁଦ୍ର ବେଳାଭୂମିରେ ଜଗନ୍ନାଥଙ୍କ ୩୨ ବେଶର ମୂର୍ତ୍ତିଗୁଡ଼ିକୁ ସମୁଦ୍ରରେ ବିସର୍ଜନ କରାଗଲା। କୁଟା, ମାଟିରେ ନିର୍ମିତ ମୂର୍ତ୍ତିଗୁଡ଼ିକ ସମୁଦ୍ରକୁ ଫିଙ୍ଗାଯିବା ପରେ ତାହା କୂଳକୁ ଫେରି ଆସିଛି। ସବୁ ଜଗନ୍ନାଥ ମୂର୍ତ୍ତିଗୁଡ଼ିକ ଅଧା ଭଙ୍ଗା ହୋଇ ସମୁଦ୍ର କୂଳରେ ଏଣେତେଣେ ବିକ୍ଷିପ୍ତ ହୋଇପଡ଼ିଛି। ଯାହାକି ଜଗନ୍ନାଥପ୍ରେମୀଙ୍କ ହୃଦୟକୁ ଆଘାତ ଦେଉଥିବା ଅଭିଯୋଗ ହେଉଛି। ଅତୀତରେ ଜଗନ୍ନାଥଙ୍କୁ ନେଇ ଯେତେବେଳେ ଯେଉଁ ଭୁଲ୍ ଘଟଣା ଘଟିଛି ତାହାର ଦଣ୍ଡ ମିଳିଛି। ଏ କ୍ଷେତ୍ରରେ କାହିଁକି ପଦକ୍ଷେପ ନିଆ ନ ଯିବ ବୋଲି ଜଗନ୍ନାଥ ପ୍ରେମୀମାନେ ପ୍ରଶ୍ନ କରିଛନ୍ତି।

# ପରିତ୍ୟକ୍ତ କୂଅରୁ ହାତୀର ଗଳିତ ମୃତଦେହ ଠାବ

**ଆଠଗଡ଼,୨।୩(ସତ୍ୟ ପ୍ରସାଦ ରଥ)**

କଟକ ଜିଲା ଆଠଗଡ଼ ବନଖଣ୍ଡରେ ହାତୀ ମୃତ୍ୟୁ କମିବାର ନାଁ ନେଉନାହିଁ। ରବିବାର ଆଠଗଡ଼-ମୁଣ୍ଡଳି ରାସ୍ତାର କେନ୍ଦୁ ଟୋକଳି ଗ୍ରାମ ନିକଟସ୍ଥ ଏକ ପରିତ୍ୟକ୍ତ କୂଅରୁ ଏକ ହାତୀର ଗଳିତ ମୃତଦେହ ଠାବ କରାଯାଇଛି। ଗ୍ରାମ ନିକଟ ରାସ୍ତା କଡଠାରୁ ୨୦୦ ମିଟର ଦୂରରେ ଏହି କୂଅଟି ରହିଛି। ହାତୀର ମୃତଦେହଟି ୩ ମାସରୁ ଊର୍ଦ୍ଧ୍ୱ ସମୟ ଏଠାରେ ପଡ଼ିରହିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ସୂଚନାପାଇ ଆଠଗଡ଼ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ରନାଥ ନାୟକ, ବନଖଣ୍ଡ ଅଧିକାରୀ ଡ. ଯଜ୍ଞଦତ୍ତ ପତି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ହାତୀର ମୃତଦେହ ଶତକଡା ୮୦ ପ୍ରତିଶତ ନଷ୍ଟ ହୋଇଯାଇଥିବାରୁ ତା'ର ବୟସ ଓ ଲିଙ୍ଗ ନିରୂପଣ ସମ୍ଭବ ହୋଇପାରିନାହିଁ। ଏଥିପାଇଁ ଅଧିକ ବୈଜ୍ଞାନିକ ପଦ୍ଧତି ଆବଶ୍ୟକ ବୋଲି ମୃତଦେହ ବ୍ୟବଚ୍ଛେଦ କରିଥିବା ଆଠଗଡ଼ ପ୍ରାଣୀଧନ ବିଶେଷଜ୍ଞ ଅନ୍ତର୍ଯାମୀ ବାରିକ ସୂଚନା ଦେଇଛନ୍ତି। ବ୍ୟବଚ୍ଛେଦ ପରେ ଉକ୍ତ ପରିତ୍ୟକ୍ତ କୂଅ ନିକଟରେ ମିଳିତ ଟାସ୍କ ଫୋର୍ସର କାର୍ଯ୍ୟକର୍ତ୍ତା ଅରବିନ୍ଦ ମିଶ୍ରଙ୍କ ଉପସ୍ଥିତିରେ ମୃତ ହାତୀକୁ ପୋତି ଦିଆଯାଇଛି।


କୂଅ ଭିତରେ ପଡ଼ିଥିବା ହାତୀର ଗଳିତ ମୃତଦେହ।

ରାସ୍ତାର ଅପରପାର୍ଶ୍ୱରେ ଥିବା ସୁକାସନ-କ ସଂରକ୍ଷିତ ଜଙ୍ଗଲରୁ ହାତୀଟି ଫସଲ ଖାଇବା ଉଦ୍ଦେଶ୍ୟରେ ଆସିଥିବାବେଳେ କୂଅରେ ପଡିଯିବାରୁ ତା'ର ମୃତ୍ୟୁ ଘଟିଥାଇପାରେ ବୋଲି ବନାଞ୍ଚଳ ଅଧିକାରୀ ନାୟକ ଆଶଙ୍କା ବ୍ୟକ୍ତ କରିଛନ୍ତି। ଲୋକେ ସବୁବେଳେ ଏହି ରାସ୍ତା ଦେଇ ଯାତାୟାତ କରୁଥିବାବେଳେ ଏ ବିଷୟରେ ବନ ବିଭାଗ କିପରି ଜାଣିପାରିଲା ନାହିଁ ସେନେଇ ସନ୍ଦେହଜାତ ହୋଇଛି।

ସୂଚନାଯୋଗ୍ୟ, ଫେବୃଆରୀ ୨୭ରେ ଆଠଗଡ ବନାଞ୍ଚଳ ଅନ୍ତର୍ଗତ କୁଲାଇଲୋସ୍ଥିତ ବିରିବୋଲୁଅ କ୍ରଶର ପଡ଼ିଆରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଏକ ୩୫ ବର୍ଷିୟା ଦନ୍ତାର ମୃତ୍ୟୁ ଘଟିଥିଲା। ଏହାର ୩ ଦିନ ପରେ ପୁଣି ଏକ ହାତୀର ଗଳିତ ମୃତଦେହ ଠାବ ହେବା ସେମାନଙ୍କ ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଖେଳ ଖବର

# ଓଡ଼ିଶା ପ୍ରଥମେ ମେଘାଳୟକୁ ଭେଟିବ


୨୩ ବର୍ଷରୁ କମ୍ ଓଡ଼ିଶା ମହିଳା କ୍ରିକେଟ ଦଳ।

**ଭୁବନେଶ୍ୱର,୨।୩ (ଅନାଦି କର)**

ଆସନ୍ତା ୫ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ୨୩ ବର୍ଷରୁ କମ୍ ମହିଳା ଦିନିକିଆ ଟ୍ରଫିରେ ଖେଳିବା ପାଇଁ ୨୩ ବର୍ଷରୁ କମ୍ ଓଡ଼ିଶା ମହିଳା ଦଳ ରବିବାର ପୁଡୁଚେରୀ ଅଭିମୁଖେ ଯାତ୍ରା କରିଛି। ୫ ତାରିଖରେ ଓଡ଼ିଶା ଦଳ ତା'ର ପ୍ରଥମ ମ୍ୟାଚରେ ମେଘାଳୟକୁ ଭେଟିବ। ଏହାପରେ ଓଡ଼ିଶା ୭ରେ ସୌରାଷ୍ଟ୍ର, ୯ରେ ହରିୟାଣା, ୧୧ରେ କେରଳ ଓ ୧୩ରେ ପଞ୍ଜାବକୁ ଭେଟିବ।

ଓଡ଼ିଶା ଦଳ: ଅଲିପ୍ସା ବିଶ୍ୱାଳ (ଅଧିନାୟିକା), ତନ୍ମୟୀ ବେହେରା (ଉପ ଅଧିନାୟକ), ସୁଭ୍ରା ଏନ ସ୍ୱାଇଁ, ଜୟସି ନାୟକ, ତାନବି ରଞ୍ଜନା (ଉଇକେଟକିପର), ଅଙ୍କିତା ଗିରି, ଜି.ଏମ୍. ଅଳକାନନ୍ଦା, କୁସୁମ ତିରିୟା, ଜ୍ୟୋତି କେ ପ୍ରସାଦ, ସ୍ୱର୍ଣ୍ଣଲତା ନାୟକ, ଭବାନୀ ଧାଡା, ସୋନାଲି ହେମ୍ବ୍ରମ, ନମ୍ରତା ସ୍ୱାଇଁ, ପ୍ରିୟଙ୍କା ବର୍ମା, କାଳାଂଶୀ ଧରିତିୟା ଓ ସୂର୍ଯ୍ୟାସାନ୍ତା ସ୍ୱାଇଁ। ଓଡ଼ିଶା ଦଳ ସହିତ ମୁଖ୍ୟ କୋଚ ଭାବେ କାଦମ୍ବିନୀ ମହାକୁଡ, ଆସିଷ୍ଟାଣ୍ଟ କୋଚ କମ ମ୍ୟାନେଜର ଚିଲ୍କିଲତା ପ୍ରଧାନ, ଫିଜିଓ ଭାବେ ନେହା ନଫିସା ସବନମ, ଟ୍ରେନର ତିଳତମା ଶାହ ଓ ଭିଡିଓ ଆନାଲିଷ୍ଟ ଗାୟତ୍ରୀ ବେହେରା ଯାତ୍ରା କରିଛନ୍ତି।

# ୨୦୩୬ ଅଲିମ୍ପିକ୍ସ ଲାଗି ଭାରତ ଦୃଢ଼ ଦାବିଦାର

**ନୂଆଦିଲ୍ଲୀ,୨।୩(ପି.ଟି.)**

ଇଣ୍ଟରନ୍ୟାଶନାଲ ଅଲିମ୍ପିକ କମିଟି (ଆଇଓସି) ସଭାପତି ପଦ ଲାଗି ମୁଖ୍ୟ ଦାବିଦାର ସେବାଷ୍ଟିଆନ କୋ'ଙ୍କ ମତରେ ୨୦୩୬ ଅଲିମ୍ପିକ ଗେମ୍ସ ଆୟୋଜନ କରିବା ଲାଗି ଭାରତ ପ୍ରବଳ ଦାବିଦାର। କିନ୍ତୁ ଏହି ଆୟୋଜନ ଅଧିକାର ଲାଗି ଅନ୍ୟ ଦେଶ ମଧ୍ୟ ଇଚ୍ଛୁକ ଥିବାରୁ ପ୍ରତିଯୋଗିତା କଷ୍ଟକର ହେବ। ଭାରତ ପକ୍ଷରୁ ଆଇଓସିର ଫ୍ୟୁଚର ହୋଷ୍ଟ କମିଟି ନିକଟରେ ୨୦୩୬ ଅଲିମ୍ପିକ୍ସ ଓ ପାରାଲିମ୍ପିକ୍ସ ଆୟୋଜନ କରିବା ଲାଗି 'ଲେଟର ଅଫ ଇଣ୍ଟେଣ୍ଟ' ଦାଖଲ କରାଯାଇସାରିଛି।

ମୋ ପୃଷ୍ଠଭୂମିକୁ ଦୃଷ୍ଟିରେ ରଖି ମୁଁ ଯାହା କହୁଛି, ତାହାକୁ ନେଇ ଚକିତ ହୁଅନ୍ତୁ ନାହିଁ। ନିର୍ଦ୍ଦିଷ୍ଟ ଭାବେ ଅଲିମ୍ପିକ ଭଳି ବିଶ୍ୱସ୍ତରୀୟ କ୍ରୀଡ଼ା ଲାଗି ଭାରତର ପ୍ରତିବଦ୍ଧତା ଦେଖି ମୁଁ ବହୁତ ଖୁସି। କିନ୍ତୁ ଆୟୋଜନ ଲାଗି ବିଡ୍ ପ୍ରତିଯୋଗିତା ଖୁବ୍ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ହେବ। ଏଥିରେ କେବଳ ଗୋଟିଏ ଦେଶ ଭାଗନେବ ନାହିଁ। କିନ୍ତୁ ଭାରତ ମୁଖ୍ୟ ଦାବିଦାର ବୋଲି ସେବାଷ୍ଟିଆନ ଏକ ସାକ୍ଷାତକାରରେ କହିଛନ୍ତି। ଭାରତ ବ୍ୟତୀତ ପୋଲାଣ୍ଡ, ଇଣ୍ଡୋନେସିଆ, ଦକ୍ଷିଣ ଆଫ୍ରିକା, କାତାର, ହଙ୍ଗେରୀ, ତୁର୍କୀ, ମେକ୍ସିକୋ ଓ ଇଜିପ୍ଟ ୨୦୩୬ ଅଲିମ୍ପିକ୍ସ ଆୟୋଜନ କରିବା ଲାଗି ଇଚ୍ଛାପ୍ରକଟ କରିଛନ୍ତି।


ସେବାଷ୍ଟିଆନ କୋ'

ତେବେ ୨୦୨୬ ପୂର୍ବରୁ ୨୦୩୬ ଅଲିମ୍ପିକ୍ସ ଆୟୋଜକ ଦେଶର ନାମ ଜଣାପଡ଼ିବ ନାହିଁ। କିନ୍ତୁ ଆସନ୍ତା ୨୦ ତାରିଖରେ ଆଇଓସି ମୁଖ୍ୟ ପଦ ଲାଗି ହେବାକୁ ଥିବା ନିର୍ବାଚନରେ ବିଜୟୀ ସଭାପତିଙ୍କ କାର୍ଯ୍ୟକାଳରେ ଆୟୋଜକ ଦେଶର ନାମ ପ୍ରକାଶ କରାଯିବା ନିଶ୍ଚିତ। ଆଇଓସି ସଭାପତି ପଦ ଲାଗି ୭ ଜଣ ଦାବିଦାର ଥିବା ବେଳେ ମୁଖ୍ୟ ଦାବିଦାର ହେଉଛନ୍ତି ସେବାଷ୍ଟିଆନ। ତାଙ୍କର ଅଜା ହେଉଛନ୍ତି ଭାରତୀୟ ପଞ୍ଜାବୀ। ଆସନ୍ତା ୧୮ରୁ ୨୧ ପର୍ଯ୍ୟନ୍ତ କୋଷ୍ଟା ନାଭାରିନୋରେ ହେବାକୁ ଥିବା ନିର୍ବାଚନରେ ଆଇଓସିର ୧୦୦ରୁ ଅଧିକ ସଦସ୍ୟ ଭାଗ ନେବେ। ଡବଲ ଅଲିମ୍ପିକ୍ସ ୧୫୦୦ମିଟର ସ୍ୱର୍ଣ୍ଣ ବିଜେତା ୬୮ ବର୍ଷୀୟ ସେବାଷ୍ଟିଆନ ଆହୁରି କହିଛନ୍ତି ଯେ ଅନେକ ସହର ବିଡ୍ ପ୍ରତିଯୋଗିତାରେ ବିଫଳ ହୋଇଛନ୍ତି ଏବଂ ପରେ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଲଣ୍ଡନ ୨୦୦୫ରେ ପ୍ୟାରିସକୁ ହରାଇ ୨୦୧୨ ଅଲିମ୍ପିକ ଆୟୋଜନ କରିଥିଲା। ଆମେ ଗତ ବର୍ଷ ପ୍ୟାରିସରେ ଅଲିମ୍ପିକ୍ସ ଦେଖିଲେ। ରିଓ ମଧ୍ୟ ୨୦୧୨ ଅଲିମ୍ପିକ ଲାଗି ପ୍ରାରମ୍ଭିକ ରାଉଣ୍ଡରେ ବିଫଳ ହୋଇଥିଲା। ମାତ୍ର ପରବର୍ତ୍ତୀ ସଂସ୍କରଣ ରିଓରେ ଅନୁଷ୍ଠିତ ହୋଇଥିଲା। ଏହାର ଅର୍ଥ ଯେ, ଯଦି ଭାରତ ୨୦୩୬ ଅଲିମ୍ପିକ୍ସ ଆୟୋଜନ ଅଧିକାର ପାଇବାରେ ବିଫଳ ହେଉଛି, ତେବେ ତାହା କାହାଣୀର ଅନ୍ତ ନୁହେଁ।

# ଅକ୍ଷୟ ୱାଖରେଙ୍କ ଅବସର ଘୋଷଣା

**ବିଦର୍ଭ,୨।୩:** ବିଦର୍ଭ ଅଫ-ସ୍ପିନର ଅକ୍ଷୟ ୱାଖରେ ରଣଜୀ ଟ୍ରଫି କ୍ରିକେଟରୁ ରବିବାର ଅବସର ଘୋଷଣା କରିଛନ୍ତି। ବିଦର୍ଭ ତୃତୀୟ ଥର ପାଇଁ ରଣଜୀ ଚାମ୍ପିୟନ ହେବା ପରେ ୩୯ ବର୍ଷୀୟ ବାମହାତୀ ସ୍ପିନର ଏହି ନିଷ୍ପତ୍ତି ନେଇଛନ୍ତି। ସେ ୧୦୫ ଫାଷ୍ଟ-କ୍ଲାସ ମ୍ୟାଚ ଖେଳି ୩୪୪ ଉଇକେଟ ନେଇଛନ୍ତି। ଏହି ଅବସରରେ ବିଦର୍ଭ କ୍ରିକେଟ ଆସୋସିଏଶନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମୁଁ ଚାମ୍ପିୟନ ଦଳର ସଦସ୍ୟ ହୋଇଥିବାରୁ ଏବଂ ଚାମ୍ପିୟନ ଭାବେ ସନ୍ନ୍ୟାସ ନେଉଥିବାରୁ ବହୁତ ଖୁସି। ମୁଁ ୧୦୦ତମ ମ୍ୟାଚ ପରେ ସନ୍ନ୍ୟାସ ନେବାକୁ ଚିନ୍ତା କରିଥିଲି। କିନ୍ତୁ ଦଳର ଆବଶ୍ୟକତା ଯୋଗୁ ମୋର ଖେଳିବା ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ୱାଖରେ କହିଛନ୍ତି। ସେ ତାମିଲନାଡୁ ବିପକ୍ଷ କ୍ୱାର୍ଟର ଫାଇନାଲରେ କ୍ୟାରିୟରର ଅନ୍ତିମ ରଣଜୀ ମ୍ୟାଚ ଖେଳିଥିଲେ।

# ଭାରତର ବୋଲିପାଲି ଚିଲି ଓପନ ଡବଲ୍ସ ଟାଇଟଲ ଜିତିଲେ

**ନୂଆଦିଲ୍ଲୀ,୨।୩(ପି.ଟି.)**

ଭାରତର ରିତ୍ୱିକ ଚୌଧାରୀ ବୋଲିପାଲି ଓ ତାଙ୍କ କଲମ୍ବିଆନ ପାର୍ଟନର ନିକୋଲାସ ବାରିଏଣ୍ଟୋସ ସାଣ୍ଟିଆଗୋରେ ଚିଲି ଓପନ ଟେନିସ ଟୁର୍ନାମେଣ୍ଟ ଜିତିଛନ୍ତି। ଅଣସିଡ୍ ଇଣ୍ଡୋ-କଲମ୍ବିଆନ ଯୋଡ଼ି ୬-୩, ୬-୨ ସେଟ୍‌ରେ ଟପ ସିଡ୍ ଆର୍ଜେଣ୍ଟିନାର ମାକ୍ସିମୋ ଗୋଞ୍ଜାଲେଜ ଓ ଆଣ୍ଡ୍ରେସ ମଲଟେନିଙ୍କୁ ସିଧାସଳଖ ସେଟ୍‌ରେ ପରାସ୍ତ କରିଥିଲେ। ଏହି ମୁକାବିଲା ଏକ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଚାଲିଥିଲା।


ରିତ୍ୱିକ ଚୌଧାରୀ ବୋଲିପାଲି (ବାମ)।

# ନୂଆ ଜାତୀୟ ରେକର୍ଡ ସୃଷ୍ଟି କଲେ କ୍ରିଷ୍ଣା ଜୟଶଙ୍କର

**ନୂଆଦିଲ୍ଲୀ, ୨।୩ (ପି.ଟି.):** ବର୍ତ୍ତମାନ ଆମେରିକାରେ ଅଧ୍ୟୟନ କରୁଥିବା ଭାରତର କ୍ରିଷ୍ଣା ଜୟଶଙ୍କର ରବିବାର ଜାତୀୟ ମହିଳା ଶଟପୁଟ ଇନ୍‌ଡୋର ରେକର୍ଡ ଭଙ୍ଗ କରିଛନ୍ତି। ଆଲବୁକର୍କରେ ଅନୁଷ୍ଠିତ ମାଉଣ୍ଟେନ ୱେଷ୍ଟ ଇନଡୋର ଟ୍ରାକ ଓ ଫିଲ୍ଡ ଚାମ୍ପିୟନଶିପରେ ସେ ୧୬.୦୩ ମିଟର ଦୂରତା ହାସଲ କରି ବ୍ରୋଞ୍ଜ ପଦକ ଜିତିବା ସହ ଏହି ସଫଳତା ପାଇଛନ୍ତି। ଏହି ପ୍ରତିଯୋଗିତାରେ ୨୨ ବର୍ଷୀୟା କ୍ରିଷ୍ଣା ୟୁନିଭରସିଟି ଅଫ ନେଭାଡା ପକ୍ଷରୁ ପ୍ରତିନିଧିତ୍ୱ କରୁଥିଲେ। ତାଙ୍କ ପୂର୍ବରୁ ଜାତୀୟ ମହିଳା ଶଟ ପୁଟ ଇନ୍‌ଡୋର ରେକର୍ଡ ମହାରାଷ୍ଟ୍ରର ପୂର୍ଣ୍ଣରାଓ ରାଣେଙ୍କ ନାମରେ ଥିଲା। ସେ ୨୦୨୩ରେ ୧୫.୫୪ ମି. ଦୂରତା ହାସଲ କରିଥିଲେ। କ୍ରିଷ୍ଣା ପୂର୍ବତନ ଅନ୍ତର୍ଜାତୀୟ ବାସ୍କେଟବଲ ଖେଳାଳି ଜୟଶଙ୍କର ମେନନ ଓ ପ୍ରସନ୍ନାଙ୍କ ଝିଅ।

# ଓଡ଼ିଶା ଚେସ୍ ସଂଘର କାର୍ଯ୍ୟନିର୍ବାହୀ କମିଟି ବୈଠକ

**ଭୁବନେଶ୍ୱର, ୨।୩ (ବିଜୟ ରଣା)**

ନିଖିଳ ଓଡ଼ିଶା ଚେସ୍ ସଂଘର ପ୍ରଥମ କାର୍ଯ୍ୟନିର୍ବାହୀ କମିଟି ବୈଠକ କଟକ ବାରବାଟୀ ଷ୍ଟାଡିୟମ ପରିସରରେ ଥିବା ନିଖିଳ ଓଡ଼ିଶା ଚେସ୍ ସଂଘର ସଭା ଗୃହରେ ପ୍ରଥମ କାର୍ଯ୍ୟନିର୍ବାହୀ ବୈଠକ ନୂତନ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି।



ପ୍ରାରମ୍ଭରେ ଶନିବାର ଦେହତ୍ୟାଗ କରିଥିବା ଦଶମ ବିଶ୍ୱ ଚେସ୍ ଚମ୍ପିୟନ ୮୮ବର୍ଷୀୟ ରୁଷ ଗ୍ରାଣ୍ଡମାଷ୍ଟର ବୋରିସ ସ୍ପାସ୍କିଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ବୈଠକରେ ରାଜ୍ୟରେ ତୃଣମୂଳ ସ୍ତରରେ ଚେସ୍‌କୁ ପ୍ରାଧାନ୍ୟ ଦିଆଯିବା ସହ ଚେସ୍ ଅନୁବନ୍ଧିତ ପ୍ରତ୍ୟେକ ଜିଲାରେ ସର୍ବନିମ୍ନ ଏକ ପ୍ରଶିକ୍ଷଣ ଶିବିର, ସ୍କୁଲ ଚେସ୍ ପ୍ରତିଯୋଗିତା ଓ ଜିଲାସ୍ତରୀୟ ପ୍ରତିଯୋଗିତାକୁ ଆଗ୍ରାଧିକାର ଭିତ୍ତିରେ କରାଯିବାକୁ ସ୍ଥିର ହୋଇଛି। ଏଥିପାଇଁ ଅଲ୍ ଓଡ଼ିଶା ଚେସ୍ ସଂଘ ତରଫରୁ ଆର୍ଥିକ ଅନୁଦାନ ଦିଆଯିବା ସହ ଚଳିତ ବର୍ଷରୁ ରାଜ୍ୟରେ ପ୍ରଥମ କରି ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ ବୟସ ବର୍ଗର ମନୋନୟନ ପ୍ରତିଯୋଗିତା ଗୁଡିକୁ (୧୧,୧୩,୧୫,୧୭ ଓ ୧୯) ବର୍ଷରୁ କମ୍ ଓପନ ଓ ବାଳିକା ତଥା ରାଜ୍ୟ ମହିଳା ଚେସ୍ ପ୍ରତିଯୋଗିତାକୁ ରେଟିଂ ମାନ୍ୟତା ସହ ଆୟୋଜନ କରାଯିବ। ବିଭିନ୍ନ ଜିଲାରେ ପ୍ରାୟ ୧୦ଟିରୁ ଊର୍ଦ୍ଧ୍ୱ ଅନ୍ତର୍ଜାତୀୟ ରେଟିଂ ଚେସ୍ ପ୍ରତିଯୋଗିତାକୁ ଉତ୍ସାହିତ କରାଯିବ। ଆଗାମୀ ଦିନରେ ଆସୋସିଏଶନର ବାଇ ଲ' ସଂଶୋଧନ କରାଯିବାର ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ସମ୍ପାଦକ ଦେବବ୍ରତ ଭଞ୍ଜ (ଢେଙ୍କାନାଳ), ଉପସଭାପତି ଶଙ୍କର ପ୍ରସାଦ ମିଶ୍ର (ବୌଦ୍ଧ), ଯୁଗ୍ମ ସମ୍ପାଦକ ଭବେଶ ମର୍ହି (କେନ୍ଦ୍ରାପଡା), କାର୍ଯ୍ୟକାରୀ ସଦସ୍ୟ ପ୍ରଦୀପ କୁମାର ମହାନ୍ତି (କୋରାପୁଟ), ଏକ ମାତ୍ର ଓ ପ୍ରଥମ ମହିଳା ପ୍ରତିନିଧି ପଦ୍ମିନୀ ସିଂ (ଝାରସୁଗୁଡା), ରିତେଷ ରଥ (ନୟାଗଡ଼) ଓ ଅଭିଷେକ ଆଚାର୍ଯ୍ୟ ବାରିପଦା ଉପସ୍ଥିତ ଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୨୦୩୪ ସୁଦ୍ଧା ଖୁଚୁରା ବଜାର ଆକାର ୧୯୦ ଲକ୍ଷ କୋଟି ଆକଳନ

**ଭୁବନେଶ୍ୱର,୨।୩ (ଅନୁରାଧା ମହାରଣା)**

ଦେଶର ଖୁଚୁରା ବଜାରରେ ଅଭିବୃଦ୍ଧି ପରିଲକ୍ଷିତ ହେଉଥିବାବେଳେ ୨୦୩୪ ସୁଦ୍ଧା ଏହାର ଆକାର ୧୯୦ ଲକ୍ଷ କୋଟି ଟଙ୍କାରୁ ଅଧିକ ହେବ ବୋଲି ଆଶା କରାଯାଉଛି। ଦେଶରେ ବହୁ ସଂଖ୍ୟକ ଖୁଚୁରା ବ୍ୟବସାୟୀ ଏଥିରୁ ଉପକୃତ ହେବେ। ବୋଷ୍ଟନ କନ୍‌ସଲ୍ଟିଂ ଗ୍ରୁପ ଏବଂ ରିଟେଲର୍ସ ଆସୋସିଏଶନ ଅଫ ଇଣ୍ଡିଆ ଦ୍ୱାରା ପ୍ରସ୍ତୁତ ଏକ ରିପୋର୍ଟରେ କୁହାଯାଇଛି ଯେ, ଦେଶର ବିଭିନ୍ନ ବର୍ଗର ଗ୍ରାହକଙ୍କ ଆବଶ୍ୟକତା ମଧ୍ୟ ଭିନ୍ନ ଏବଂ ଖୁଚୁରା ବ୍ୟବସାୟୀମାନେ ସେମାନଙ୍କୁ ଜାଣିବା ଏବଂ ବୁଝିବାର ସୁଯୋଗ ପାଇବେ। ଅନ୍ୟପଟେ 'ୱିନିଂ ଇନ୍ ଭାରତ ଆଣ୍ଡ ଇଣ୍ଡିଆ: ଦ ରିଟେଲ କାଲେଡୋସ୍କୋପ' ଶୀର୍ଷକ ସହିତ ଏହି ରିପୋର୍ଟରେ ଦର୍ଶାଯାଇଛି ଯେ, ୨୦୧୪ ପର୍ଯ୍ୟନ୍ତ ଭାରତରେ ଖୁଚୁରା ବଜାରର ଆକାର ୩୫ ଲକ୍ଷ କୋଟି ଥିଲା, ଯାହା ୨୦୨୪ ସୁଦ୍ଧା ୮୨ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇବ। ଗତ ଦଶନ୍ଧିରେ ୮.୯%ରୁ ଅଧିକ ବୃଦ୍ଧି ଘଟିଛି। ଏହା ପଛରେ ଦେଶର ଅଥର୍ନୈତିକ ଅଭିବୃଦ୍ଧି , ବୁଦ୍ଧିଜୀବୀ ଏବଂ ବିଭିନ୍ନ ବର୍ଗର ଗ୍ରାହକଙ୍କ ସଂଖ୍ୟା ବଢୁଛି। ରିପୋର୍ଟରେ କୁହାଯାଇଛି ଯେ କୋଭିଡ -୧୯ ମହାମାରୀ ବ୍ୟତୀତ ଭାରତର କଞ୍ଜପଶନ୍ ଗ୍ରୋଥ୍ ସମାନ ରହିଥିଲା ଏବଂ ବ୍ୟବହାରରେ ସର୍ବାଧିକ ଅଭିବୃଦ୍ଧି ୨୦୨୪ ରୁ ୨୦୩୪ ମଧ୍ୟରେ ଦେଖାଯିବ। ରିପୋର୍ଟରେ ଆହୁରି ମଧ୍ୟ କୁହାଯାଇଛି ଯେ ଭାରତର ଖୁଚୁରା ବଜାର ବୃହତ ଏବଂ ଦ୍ରୁତ ଗତିରେ ବଢୁଛି, ଯାହା ୨୦୩୪ ସୁଦ୍ଧା ୧୯୦ ଲକ୍ଷ କୋଟ ଟଙ୍କାରୁ ଅଧିକ ହେବ ବୋଲି ଆଶା କରାଯାଉଛି। ରିପୋର୍ଟରେ ଏହା ମଧ୍ୟ ଉଲ୍ଲେଖ କରାଯାଇଛି ଯେ, ଯଦିଓ ଭାରତର ଅର୍ଥନୀତି ଦ୍ରୁତ ଗତିରେ ବଢୁଛି, ତଥାପି ଏହାର ଜନସଂଖ୍ୟାରେ ଅନେକ ବିରୋଧାଭାସ ଦେଖିବାକୁ ମିଳୁଛି। ଦ୍ରୁତ ଗତିରେ ବଢୁଥିବା ମଧ୍ୟବିତ୍ତ, ଧନୀକ ଶ୍ରେଣୀର ମାତ୍ର ମୂଲ୍ୟ ସଚେତନ ଗ୍ରାହକ, ୪୫ ବର୍ଷରୁ ଅଧିକ ବୟସ ବର୍ଗରେ ମଧ୍ୟ ଜନସଂଖ୍ୟା ବୃଦ୍ଧି ପରିଲକ୍ଷିତ ହେଉଛି। ଏହା ସହିତ ମହିଳା ଶ୍ରମିକଙ୍କ ବଢୁଥିବା ସଂଖ୍ୟା କ୍ରୟ ବଜାରକୁ ନୂଆ ରୂପ ଦେଉଛି।



# ପତଞ୍ଜଳି ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବ




**ଭୁବନେଶ୍ୱର,୨।୩ (ଅନୁରାଧା ମହାରଣା)**

ହରିଦ୍ୱାରସ୍ଥିତ ପତଞ୍ଜଳି ବିଶ୍ୱବିଦ୍ୟାଳୟର ବାର୍ଷିକୋତ୍ସବ 'ଅଭ୍ୟୁଦୟ' ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷା ଓ ସ୍ୱାସ୍ଥ୍ୟକ୍ଷେତ୍ରରେ ପତଞ୍ଜଳି ବିଶ୍ୱବିଦ୍ୟାଳୟର ଅବଦାନକୁ ପ୍ରଶଂସା କରିଥିଲେ। ସେ କହିଥିଲେ, ଯୋଗକୁ ଲୋକମାନେ କେବଳ ବରିଷ୍ଠ କିମ୍ବା ସନ୍ଥଙ୍କ କାର୍ଯ୍ୟ ବୋଲି ବିଚାର କରୁଥିବାବେଳେ ପତଞ୍ଜଳି ବିଶ୍ୱବିଦ୍ୟାଳୟ ଏହାକୁ ଏକ ଜନଆନ୍ଦୋଳନର ରୂପ ଦେଇଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟ କୁଳାଧିପତି ସ୍ୱାମୀ ରାମଦେବ ଏବଂ କୁଳପତି ଆଚାର୍ଯ୍ୟ ବାଲକୃଷ୍ଣ ଧର୍ମେନ୍ଦ୍ରଙ୍କୁ 'ଅଭିନନ୍ଦନପତ୍ର' ସମ୍ମାନରେ ସମ୍ମାନିତ କରିଥିଲେ। ଯୋଗଗୁରୁ ରାମଦେବ କହିଛନ୍ତି, ପତଞ୍ଜଳି ବିଶ୍ୱବିଦ୍ୟାଳୟକୁ କେମ୍ବ୍ରିଜ୍ ଓ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟଠାରୁ ମଧ୍ୟ ବଡ଼କରି ଗଢ଼ିତୋଳିବାର ଲକ୍ଷ୍ୟ ରଖାଯାଇଛି। ସେହିପରି ଆଚାର୍ଯ୍ୟ ବାଲକୃଷ୍ଣ ପତଞ୍ଜଳି ବିଶ୍ୱବିଦ୍ୟାଳୟର ସହଯୋଗୀ ସଂସ୍ଥା 'ପତଞ୍ଜଳି ରିସର୍ଚ୍ଚ ଫାଉଣ୍ଡେଶନ'ର କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଉତ୍ତରାଖଣ୍ଡର ଶିକ୍ଷାମନ୍ତ୍ରୀ ଧନ ସିଂହ ରାୱତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅନୁଷ୍ଠାନ ପକ୍ଷରୁ କରାଯାଉଥିବା ଗବେଷଣାତ୍ମକ କାର୍ଯ୍ୟଧାରାକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟକ୍ଷ ଡା. ଏନ୍.ପି. ସିଂହ, ପ୍ରଫେସର ଦେବପ୍ରିୟା, ପ୍ରଫେସର ମୟଙ୍କ କୁମାର ଅଗ୍ରୱାଲ, ଡା. ସତ୍ୟେନ୍ଦ୍ର ମିତ୍ତଲ, କୁଳସଚିବ ଆଲୋକ କୁମାର ସିଂହ, ସ୍ୱାମୀ ଆର୍ଷଦେବ, ପ୍ରଫେସର ଅନିଲ କୁମାରଙ୍କ ସମେତ ବିଶ୍ୱବିଦ୍ୟାଳୟର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ପ୍ରଥମ ବର୍ଷରେ ୧୪.୫ ନିୟୁତ ଉପଭୋକ୍ତା

**ନୂଆଦିଲ୍ଲୀ,୨।୩**

ଦେଶର ପ୍ରମୁଖ ଇ-କମର୍ସ କମ୍ପାନୀ 'ମିଶୋ' ଭାରତର ସବୁଠାରୁ ବଡ଼ କ୍ରିଏଟର ମାର୍କେଟପ୍ଲେସ୍ ଭାବେ ଉଭା ହୋଇଛି। ଏପରିକି ପ୍ଲାଟଫର୍ମର ବିଷୟବସ୍ତୁ ବାଣିଜ୍ୟ ରଣନୀତିର ଏକ ଅଂଶ ଭାବେ କାର୍ଯ୍ୟ କରୁଛି, ପ୍ଲାଟଫର୍ମ ସ୍କେଲରେ ଇମର୍ସିଭ୍ ଏବଂ ଇଣ୍ଟରାକ୍ଟିଭ୍ ସପିଂ ଅଭିଜ୍ଞତା ପ୍ରଦାନ କରିବା ପାଇଁ ତିନୋଟି ପ୍ରମୁଖ ସ୍ତମ୍ଭ ମିଶୋ କ୍ରିଏଟର କ୍ଲବ୍, ଭିଡିଓ ଖୋଜା ଏବଂ ଲାଇଭ୍ ଶପ୍ ଭଳି ସୁବିଧା ପ୍ରଚଳନ କରୁଛି। ସେହିଭଳି ପ୍ଲାଟଫର୍ମ ପ୍ରଥମ ବର୍ଷରେ ୧୪.୫ ନିୟୁତରୁ ଅଧିକ ଉପଭୋକ୍ତାଙ୍କ ନିକଟରେ ପହଞ୍ଚିଛି। ବିଶେଷ କରି ଏହାକୁ ଭାରତୀୟ ବଜାର ପାଇଁ ଡିଜାଇନ୍ କରାଯାଇଛି। ଏହି ରଣନୀତି ମହିଳା ପାଶ୍ଚାତ୍ୟ ପୋଷାକ, ଅଳଙ୍କାର, ଗୃହ ସାଜସଜ୍ଜା, ଫର୍ଣ୍ଣିସିଂ, ଶିଶୁ ପୋଷାକ ଏବଂ ଖେଳଣା ସହିତ ସୌନ୍ଦର୍ଯ୍ୟ ଏବଂ ବ୍ୟକ୍ତିଗତ ଯତ୍ନ ଭଳି ପ୍ରମୁଖ ବର୍ଗଗୁଡ଼ିକରେ ପ୍ରାୟ ୧୦ ଗୁଣ ଅଭିବୃଦ୍ଧି ଆଣିଛି, ଯାହା ସପିଂ ଆଚରଣ ଉପରେ ପ୍ରାମାଣିକ, ସମ୍ପର୍କିତ ବିଷୟବସ୍ତୁର ପ୍ରଭାବକୁ ପ୍ରଦର୍ଶନ କରୁଛି। ମିଶୋର ମନିଟାଇଜେଶନ୍ ଏବଂ କଣ୍ଟେଟ ବାଣିଜ୍ୟର ମହାପ୍ରବନ୍ଧକ ପ୍ରସନ୍ନ ଅରୁଣାଚଳମ୍ କହିଛନ୍ତି, ଭାରତର କ୍ରିଏଟର୍ ଅର୍ଥନୀତି ଦ୍ରୁତ ଗତିରେ ବିକଶିତ ହେଉଛି ଏବଂ ଆମେ ପ୍ରଭାବଶାଳୀମାନଙ୍କ ପାଇଁ ଆର୍ଥିକ ସୁଯୋଗଗୁଡ଼ିକୁ ଉନ୍ମୁକ୍ତ କରିବାର ଆଗରେ ରହିବାକୁ ଉତ୍ସାହିତ, ମେଟ୍ରୋ ଏବଂ ଟାୟାର ୨+ ସହରଗୁଡ଼ିକରେ ବଡ଼ ଏବଂ କ୍ଷୁଦ୍ର କ୍ରିଏଟର୍ ଉଭୟଙ୍କ ପାଇଁ ଏକ ସମାନ ଖେଳ କ୍ଷେତ୍ର ସୃଷ୍ଟି କରିଛି।

# ପ୍ରିନ୍ସ କୁମାର ପୁରୁଷ ବର୍ଗରେ ବିଜେତା

- କୋଲ ଇଣ୍ଡିଆର ୫୦ବର୍ଷ ପୂର୍ତ୍ତି ଉତ୍ସବ
- ଏମ୍‌ସିଏଲ୍ ପକ୍ଷରୁ କୋଲ୍ ଇଣ୍ଡିଆ ଭୁବନେଶ୍ୱର ହାଫ୍ ମାରାଥନ

**ଭୁବନେଶ୍ୱର,୨।୩ (ଅଭୟ ଦାଶ)**

ମାରାଥନ ବିଜେତା ପ୍ରିନ୍ସ କୁମାରଙ୍କୁ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ସାଇନା ନେହ୍ୱାଲ ପୁରସ୍କୃତ କରୁଛନ୍ତି। ଏହି ଅବସରରେ ଅନ୍ୟମାନେ ଉପସ୍ଥିତ ଅଛନ୍ତି ।




କୋଲ୍ ଇଣ୍ଡିଆର ୫୦ବର୍ଷ ପୂର୍ତ୍ତି ଉତ୍ସବ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମହାନଦୀ କୋଲ ଫିଲ୍ଡସ ଲିମିଟେଡ୍ (ଏମ୍‌ସିଏଲ୍) ପକ୍ଷରୁ ଏକ ମେଗା ଦୌଡ଼ ପ୍ରତିଯୋଗିତା 'କୋଲ୍ ଇଣ୍ଡିଆ ଭୁବନେଶ୍ୱର ହାଫ୍ ମାରାଥନ' ରବିବାର ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍‌ଠାରେ ଆୟୋଜନ କରାଯାଇଥିଲା। ଏପରିକି ଦୌଡ଼ ପ୍ରତିଯୋଗିତା ୪ଟି (୨୧କିମି ହାଫ୍ ମାରାଥନ, ୧୦କିମି ରନ୍, ୫ କିମି ଏବଂ ୧.୫ କିମି) ଫନ୍ ରନ୍ ବର୍ଗରେ ଆୟୋଜିତ ହୋଇଥିଲାବେଳେ ବିଭିନ୍ନ ବୟସ ବର୍ଗର ୫ହଜାରରୁ ଅଧିକ ମାରାଥନ ଧାବକ ଏବଂ ଉତ୍ସାହୀ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ଏହି ହାଫ୍ ମାରାଥନ୍‌ରେ ପଶ୍ଚିମବଙ୍ଗରୁ ଲିଲି ଦାଶ ଏବଂ ଉତ୍ତର ପ୍ରଦେଶରୁ ପ୍ରିନ୍ସ କୁମାର ଯଥାକ୍ରମେ ୨୧ କିମି ହାଫ୍ ମାରାଥନ ମହିଳା ଓ ପୁରୁଷ ବର୍ଗରେ ବିଜେତା ହୋଇଥିଲେ।

ଉଲ୍ଲେଖଯୋଗ୍ୟ, ଗତ ୫ଦଶନ୍ଧି ଧରି କୋଲ୍ ଇଣ୍ଡିଆର ସଫଳ ଓ ଅନନ୍ୟ ଯାତ୍ରାକୁ ସ୍ମରଣୀୟ କରିବା ପାଇଁ ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ସହଭାଗିତାରେ ଆୟୋଜିତ ଏହି ମାରାଥନ ଏକ ଅଭିନବ ପ୍ରୟାସ ଥିଲା।

ଏହି ଅବସରରେ ଭାରତୀୟ କ୍ରୀଡାବିତ (ବ୍ୟାଡ୍‌ମିଣ୍ଟନ୍) ସାଇନା ନେହ୍ୱାଲ,ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଏମ୍‌ପି ପ୍ରଦୀପ ପୁରୋହିତ, ବିଧାୟକ ଅଶୋକ ମହାନ୍ତି, ବିଧାୟକ ଅଗସ୍ତି ବେହେରା, ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ,ବିଧାୟକ ବ୍ରଜ କିଶୋର ପ୍ରଧାନଙ୍କ ସମେତ ମୁଖ୍ୟ ସଚିବ ମନୋଜ ଆହୁଜା, କୋଲ ଇଣ୍ଡିଆ ଅଧ୍ୟକ୍ଷ ପି. ଏମ୍ ପ୍ରସାଦ, ଏମ୍‌ସିଏଲ୍ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ ଏବଂ କୋଲ୍ ଇଣ୍ଡିଆର ସଞ୍ଚାଳନା ନର୍ଦ୍ଦେଶକ ତଥା ଓଡ଼ିଶାର ବିଭିନ୍ନ ଜିଲାର ବରିଷ୍ଠ ଏମ୍‌ସିଏଲ୍ ଅଧିକାରୀମାନେ ଯୋଗ ଦେଇଥିଲେ।

ସେହିପରି ସାଇନା ନେହ୍ୱାଲ ଏହି କାର୍ଯ୍ୟକ୍ରମରେ ଆମ୍ବାସାଡର ଭାବେ ଯୋଗ ଦେଇ ନିଜର କ୍ରୀଡ଼ା ଯାତ୍ରା ଅନୁଭୂତି ବର୍ଣ୍ଣନା କରିବା ସହ ଉତ୍ସାହୀ ପ୍ରତିଯୋଗୀମାନଙ୍କ ମନୋବଳ ବଢ଼ାଇଥିଲେ।

ପରିଶେଷରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସାଇନା ନେହ୍ୱାଲ ଓ ଅନ୍ୟ ଅତିଥିମାନେ ୪୫.୩୪ଲକ୍ଷ ଟଙ୍କାର ପୁରସ୍କାର ରାଶି ବିତରଣ କରିଥିଲେ।

କେବଳ କୋଲ୍ ଇଣ୍ଡିଆର ଉତ୍କର୍ଷର ଏହି ୫୦ବର୍ଷକୁ ପାଳନ କରିବା ପାଇଁ ନୁହେଁ ବରଂ ଏକ ସୁସ୍ଥ ଜୀବନଶୈଳୀର ଗୁରୁତ୍ୱକୁ ଲୋକଙ୍କ ନିକଟରେ ପହଞ୍ଚାଇବା ଲକ୍ଷ୍ୟ ନେଇ ଏହି ମାରାଥନ ଆୟୋଜିତ ହୋଇଥିଲା।

# ଶହେ ମେଧାବୀଙ୍କୁ ରିଲାଏନ୍ସ ଫାଉଣ୍ଡେଶନ୍ ପିଜିଏସ୍

**ମୁମ୍ବାଇ, ୨।୩**

ରିଲାଏନ୍ସ ଫାଉଣ୍ଡେଶନ୍‌ର ବହୁ ପ୍ରତୀକ୍ଷିତ ପୋଷ୍ଟଗ୍ରାଜୁଏଟ୍ ସ୍କଲାରଶିପ୍ (ପିଜିଏସ ୨୦୨୪-୨୫)ର ଫଳାଫଳକୁ ନିକଟରେ ଘୋଷଣା କରାଯାଇଛି। ଏପରିକି ଇଞ୍ଜିନିୟରିଂ, ଟେକ୍ନୋଲୋଜି, ଶକ୍ତି ଏବଂ ଲାଇଫ ସାଇନ୍ସ ବିଷୟରେ ଅଧ୍ୟୟନ କରୁଥିବା ୧୦୦ ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ଏହି ମେଧାବୃତ୍ତି ପ୍ରଦାନ କରାଯାଇଛି। ଚଳିତ ବର୍ଷ ଜାତୀୟ ବିଜ୍ଞାନ ଦିବସ ଅବସରରେ ଉକ୍ତ ବୃତ୍ତି ଫଳାଫଳକୁ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି, ଯାହା ବିଜ୍ଞାନ ଏବଂ ନବସୃଜନକୁ ପ୍ରୋତ୍ସାହିତ କରିବା ଦିଗରେ ଫାଉଣ୍ଡେଶନର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଅପରପକ୍ଷରେ ଛାତ୍ରବୃତ୍ତି ଅଧୀନରେ ମନୋନୀତ ଛାତ୍ରୀଛାତ୍ରମାନଙ୍କୁ ୬ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା, ପରାମର୍ଶଦାତା, ଇଣ୍ଡଷ୍ଟ୍ରି ଏକ୍ସପୋଜର ଏବଂ ଗବେଷଣା ସୁଯୋଗ ପ୍ରଦାନ କରାଯିବ। ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି,ଦେଶର ପ୍ରତିଭାବାନ ବୈଜ୍ଞାନିକ, ଇଞ୍ଜିନିୟର୍ ଏବଂ ଅନୁସନ୍ଧାନକାରୀ ବା ଗବେଷକମାନଙ୍କୁ ସଶକ୍ତ କରିବା, ଯାହାଦ୍ୱାରା ସେମାନେ ଭାରତର ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ କରିପାରିବେ। ଚଳିତ ବର୍ଷ ସାରା ଦେଶର ୪୪ ଟି ପ୍ରମୁଖ ଅନୁଷ୍ଠାନରୁ ଛାତ୍ରୀଛାତ୍ରୀ ଚୟନ କରାଯାଇଥିଲା। ଚୟନ ପ୍ରକ୍ରିୟାରେ ଛାତ୍ରୀଛାତ୍ରମାନଙ୍କ ଶିକ୍ଷାଗତ ଉତ୍କର୍ଷ, ନେତୃତ୍ୱ କ୍ଷମତା ଏବଂ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାରେ ଯୋଗଦାନ ଦିଗରେ ପ୍ରତିବଦ୍ଧତାକୁ ପ୍ରାଧାନ୍ୟ ଦିଆଯାଇଥିଲା।




ଏପରିକି ୮ଟି ବିଭାଗର ଛାତ୍ରମାନଙ୍କୁ ଏହି ଛାତ୍ରବୃତ୍ତି ପ୍ରଦାନ କରାଯାଇଛି, ଯାହା ମଧ୍ୟରେ କମ୍ପ୍ୟୁଟର ସାଇନ୍ସ, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, ଲାଇଫ୍ ସାଇନ୍ସେସ୍, ଇଲେକ୍ଟ୍ରିକାଲ୍ ଏବଂ ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟରିଂ, ମେକାନିକାଲ୍ ଇଞ୍ଜିନିୟରିଂ, ଅକ୍ଷୟ ଏବଂ ନୂତନ ଶକ୍ତି, କେମିକାଲ ଇଞ୍ଜିନିୟରିଂ, ଗଣିତ ଏବଂ କମ୍ପ୍ୟୁଟିଂ ଭଳି ବିଷୟ ସାମିଲ ରହିଛି। ଏ ସମ୍ପର୍କରେ ରିଲାଏନ୍ସ ଫାଉଣ୍ଡେଶନର ମୁଖପାତ୍ର କହିଛନ୍ତି, ଜାତୀୟ ବିଜ୍ଞାନ ଦିବସରେ ଆମେ ଜ୍ଞାନ ଏବଂ ନବସୃଜନର ଶକ୍ତିର ଉତ୍ସବ ପାଳନ କରୁଛୁ। ରିଲାଏନ୍ସ ଫାଉଣ୍ଡେଶନ ଯୁବ ପ୍ରତିଭାମାନଙ୍କୁ ସଶକ୍ତ କରିବାକୁ ପ୍ରତିବଦ୍ଧ ରହିଛୁ, ଯେଉଁମାନେ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତର ଭବିଷ୍ୟତ ସ୍ଥିର କରିବେ। ଆମର ଛାତ୍ରବୃତ୍ତିଧାରୀମାନେ ଜିଜ୍ଞାସା ଏବଂ ଉତ୍କର୍ଷର ପ୍ରତୀକ ଏବଂ ସେମାନଙ୍କ ସଫଳତାରେ ଯୋଗଦାନ କରି ଆମେ ଗର୍ବିତ ଅଛୁ।

# ବେଦାନ୍ତ ଡିମର୍ଜରକୁ ସମର୍ଥନ

**ନୂଆଦିଲ୍ଲୀ,୨।୩**

ବେଦାନ୍ତ ଲିମିଟେଡ୍‌କୁ ୫ଟି ସ୍ୱାଧୀନ ଓ କ୍ଷେତ୍ର ଆଧାରିତ କମ୍ପାନୀରେ ଭାଗ କରିବା ସମ୍ପର୍କିତ ପ୍ରସ୍ତାବକୁ ଅଂଶଧନକାରୀ ଓ ଋଣ ପ୍ରଦାନକାରୀଙ୍କ ଅନୁମୋଦନ ମିଳିଛି। ଏ ନେଇ କମ୍ପାନୀ ବିସ୍ତୃତ ଭାବେ ଷ୍ଟକ୍ ଏକ୍ସଚେଞ୍ଜକୁ ଜଣାଇଛି। ବେଦାନ୍ତର ୯୯.୯୯% ଅଂଶଧନକାରୀ ଡିମର୍ଜର ସପକ୍ଷରେ ଭୋଟ ଦେଇଛନ୍ତି।

# ଚେକ୍‌ପଏଣ୍ଟ ଟେଷ୍ଟ ସିରିଜ୍‌ର ବିସ୍ତାର

**ନୂଆଦିଲ୍ଲୀ,୨।୩**

କେମ୍ବ୍ରିଜ୍ ୟୁନିଭର୍ସିଟି ପ୍ରେସ୍ ଆଣ୍ଡ ଆସେସ୍‌ମେଣ୍ଟ(କେମ୍ବ୍ରିଜ) ର ଇଣ୍ଟରନ୍ୟାଶନାଲ ଏଜୁକେଶନ ଗ୍ରୁପ୍ ପକ୍ଷରୁ କେମ୍ବ୍ରିଜ ଚେକ୍‌ପଏଣ୍ଟ ଟେଷ୍ଟ ସିରିଜ୍‌ର ବିସ୍ତାର ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ପ୍ରାଥମିକ ଓ ନିମ୍ନ ମାଧ୍ୟମିକ ଛାତ୍ରୀଛାତ୍ରଙ୍କ ଶିକ୍ଷାର ଆବଶ୍ୟକତାଗୁଡ଼ିକୁ ଚିହ୍ନଟ କରିବାରେ ବିଦ୍ୟାଳୟଗୁଡ଼ିକୁ ସହଯୋଗ କରିବା କ୍ଷେତ୍ରରେ ଏହି ପରୀକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେହିଭଳି ୧୦୧ଟି ଦେଶର ୧୬୦୦ରୁ ଅଧିକ ସ୍କୁଲ ନିଜର ଛାତ୍ରୀଛାତ୍ରଙ୍କ ପ୍ରଦର୍ଶନରେ ଏକ ଅନ୍ତର୍ଜାତୀୟ ବେଞ୍ଚମାର୍କ ହାସଲ କରିବା ପାଇଁ ଗତବର୍ଷ କେମ୍ବ୍ରିଜ ଚେକ୍‌ପଏଣ୍ଟ ଟେଷ୍ଟକୁ ବ୍ୟବହାର କରିଥିଲେ। କେମ୍ବ୍ରିଜ ବିଶ୍ୱବ୍ୟାପୀ ବଢୁଥିବା ଚାହିଦାକୁ ପୂରଣ କରିବା ଲାଗି ୨୦୨୬ ମାର୍ଚ୍ଚରେ ଏକ ୩ୟ ଟେଷ୍ଟ ସିରିଜ୍ ଆରମ୍ଭ କରିବାକୁ ଯାଉଛି। ଏ ସମ୍ପର୍କରେ କେମ୍ବ୍ରିଜରେ ଇଣ୍ଟରନ୍ୟାଶନାଲ ଏଜୁକେଶନ ବିଭାଗର ଗ୍ରୁପ୍ ପରିଚାଳନା ନିର୍ଦ୍ଦେଶକ ରଡ୍ ସ୍ମିଥ୍ କହିଛନ୍ତି, କେମ୍ବ୍ରିଜ ଚେକ୍‌ପଏଣ୍ଟ ପରୀକ୍ଷାଗୁଡ଼ିକ ସ୍କୁଲଗୁଡ଼ିକୁ ଯୁବ ଶିକ୍ଷାର୍ଥୀଙ୍କ ପ୍ରଗତିକୁ ଟ୍ରାକ୍ କରିବା ଏବଂ ପ୍ରଭାବୀ ସହଯୋଗ ପ୍ରଦାନ କରିବା ପାଇଁ ସାହାଯ୍ୟ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି।


# Classified Everyday
**0674-2580101, 9692975378**


REAL ESTATE
**SALE**

BDA & ORERA approved 3BHK Luxurious Apartments, At- Budha Nagar, Kalpana Square, Bhubaneswar. 2BHK Apartments At- Kantilo, Sundarpada, Bhubaneswar nearing completion & ready to possess 2/3BHK flats near Badagada Canal Road, Mouza- Meherpalli for sale. Bank Finance available. Contact: 9861467987, 9861336178. D-2828

**Get most bigest asset for future investment on land/plots in BDA proposed greater Bhubaneswar area for uncomparable return in short period. 7978701424.** D-76242

ଭୁବନେଶ୍ୱର **Sum Hospital-2** ନଖରା ତ୍ରିନାଥବଜାର ନିକଟରେ ସଙ୍ଗେସଙ୍ଗେ ଘର କଲାଭଳି ଘରବାରି ପ୍ଲଟ୍ ରୋଡ୍, ଇଲେକ୍ଟ୍ରିସିଟି ଥାଇ ବିକ୍ରିହେବ। **9090142564, 8018608500.** D-76243


CONSTRUCTION

**Construct your dream home @950/-, 1500/- with branded materials we provide plan approval, Interior work, Borewell & Vastu complaints. Krishna Construction- 9438315332.** D-3127

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




To-let for Office and Banking purposes Chandrasekharpur District Center. 9668089688, 9938014391. D-3097

1 Room with attached kitchen & bathroom, vitrified flooring, asbestos roof near Khandagiri, Bhubaneswar. Contact: 9437051142. D-3117




Positively health benefited spa by expert therapist. 7750040475. D-76199

**AFFIDAVIT**

I Rina Rani Pradhan, W/o- Tapan Pradhan, At- Jhinti Melak, P.O.- Jhinti Sasan, P.S.- Balipatna, Dist.- Khordha, PIN Code- 752100, Odisha declare by the affidavit No.- 49, Dt- 14.02.2025 that now onwards I shall be known as Reena Pradhan for all future purposes. D-3130

I, Sasmita Sethi, W/o- Prashant Sethi, resident of Bansi Bihar, Andilo, P.O./ P.S.- Balianta, Bhubaneswar, Dist.- Khordha, PIN- 752101, Odisha, declare by this affidavit No.- 50, dtd- 25.02.2025 that now onwards I shall be known as SASMITA KUMARI SETHY for all future purposes. D-3132

By virtue of an affidavit before Executive Magistrate, Banki, I declare that Shashikanta Mishra, S/o- Late Birabadal Mishra and Shasahikant Mishra, S/o- Late Birabadal Mishra is same and one person. Henceforth, I will be known as Shashikanta Mishra in all purposes. D-3134

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଂପ୍ରତାପ ଚନ୍ଦ୍ର ବରାଳ (କୁନା)**
ଜଗନ୍ନାଥଲେନ୍, ଦଣ୍ଡତୋଟା, ପୁରୀ
ଆବିର୍ଭାବ: ୨୦/୦୫/୧୯୬୨
ତିରୋଧାନ: ୨୧/୦୨/୨୦୨୫
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ବିନମ୍ର ଶ୍ରଦ୍ଧାଞ୍ଜଳି...
-: ଶ୍ରଦ୍ଧାସୁମନ ସହ :-
ପତ୍ନୀ- କବିତା ବରାଳ,
ପୁତ୍ର- ଅଭିଜୀତ୍ ବରାଳ,
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୭୫୩୬୭

**ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଂଚିନ୍ତାମଣି ମହାପାତ୍ର**
ଆବିର୍ଭାବ: ୧୪।୦୮।୧୯୫୪
ତିରୋଧାନ: ୧୧।୦୩।୨୦୧୯
ତୁମର ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:- ସ୍ତ୍ରୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ସପରିବାର।
ଧ-୩୧୩୫


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ୟଙ୍ଗଙ୍କ ଯୁଗ୍ମ ଦ୍ୱାରକ ପରୀକ୍ଷଣ ଓ କ୍ବାଟମ୍ ତତ୍ତ୍ୱ



ଭୀଷ୍ମ ଦେବ ବାଗ୍

"ଦୁନିଆର ସବୁକିଛି କେବଳ କଣିକା ଓ ପଦାର୍ଥରେ ତିଆରି ହୋଇନାହିଁ, ସେଥିରୁ କିଛି ଶକ୍ତି ଓ ବିକିରଣ ବି ରହିଛି। ଯେମିତି କି ଆଲୋକ ଏକପ୍ରକାର ବିକିରଣ। ଏହି ଶକ୍ତି ଶୂନ୍ୟରେ ବି ଯାତ୍ରା କରିପାରେ। ଆମେ ପୋଖରୀରେ ପଥର ପକାଇଲେ ତରଙ୍ଗ ଉତ୍ପନ୍ନ ହୁଏ। ଏହି ବ୍ରହ୍ମାଣ୍ଡରେ ଅନେକ ପ୍ରକାର ବିଦ୍ୟୁତ୍ ତରଙ୍ଗ ଆଉ ଚୁମ୍ବକୀୟ ତରଙ୍ଗ ରହିଛି। ଆଲୋକ କଣିକା କି ତରଙ୍ଗ ବୋଲି ୧୮୦୧ ମସିହାରେ ବୈଜ୍ଞାନିକ ଥୋମାସ୍ ୟଙ୍ଗ୍ ଜାଣିବା ପାଇଁ ସୁନ୍ଦର ପରୀକ୍ଷାଟିଏ କରିଥିଲେ, ଯାହାକୁ 'ଯୁଗ୍ମ ଦ୍ୱାରକ ପରୀକ୍ଷଣ' ନାମରେ ଆମେ ଜାଣୁ।"





ବେଳେବେଳେ ଆମ ମନରେ ଧାରଣା ହୁଏ ଯେ ଆମେ ଦୁନିଆର ସବୁ ଜାଣି ଗଲେଣି। କିନ୍ତୁ ଛୋଟ ଛୋଟକୁ ଆଧାର କରି ବୈଜ୍ଞାନିକମାନେ ଅନେକ ନୂଆ କଥା ଉଦ୍ଭାବନ କରନ୍ତି। କାରଣ ସବୁବେଳେ ନୂଆ କଥା ଜାଣିବା ଏବଂ ତାହାକୁ ଲୋକଲୋଚନକୁ ଆଣିବାକୁ ସେମାନେ ସର୍ବଦା ଚେଷ୍ଟାରତ। ପୂର୍ବ କିଛି ଶତାବ୍ଦୀରେ ବିଜ୍ଞାନ ଅନ୍ତରୀଣ ଆବିଷ୍କାର ଅଣୁବୀକ୍ଷଣ ସ୍ତର ଯାଏ ଗବେଷଣା ହେଲା। ସେହିପରି ଏକ ଗବେଷଣା ଥିଲା 'ଯୁଗ୍ମ ଦ୍ୱାରକ ପରୀକ୍ଷଣ' (ଡବଲ୍ ସ୍ଲିଟ୍ ଏକ୍ସପେରିମେଣ୍ଟ)। ଏହି ପରୀକ୍ଷଣରେ ଏମିତି କି ଜିନିଷ ଆସିଲା ଯେ ବୈଜ୍ଞାନିକମାନଙ୍କର ଚିନ୍ତାଧାରାକୁ ପରିବର୍ତ୍ତନ କରିଦେଲା।

ପ୍ରାଚୀନ ଦାର୍ଶନିକମାନେ କହିଥିଲେ ଯେ, ବହୁତ ଛୋଟ ଛୋଟ ପରମାଣୁ ମିଶି ଏହି ଜୀବମଣ୍ଡଳ ତିଆରି ହୋଇଛି। ଏମାନେ କହିଥିଲେ ଯେ ଏହି ପରମାଣୁ ଆମକୁ ଖାଲି ଆଖିରେ ଦେଖାଯାଏ ନାହିଁ। ଏହି ପଦାର୍ଥକୁ ବିଭାଜନ କରିହେବ ନାହିଁ। ପ୍ରମାଣ ସକାଶେ ପରମାଣୁ ତତ୍ତ୍ୱର ପରୀକ୍ଷା ଆଜକୁ ୨୦୦ ବର୍ଷ ପୂର୍ବରୁ ଆସିଥିଲା। ଦୁନିଆରେ ଏମିତି କିଛି ଉପାଦାନ ଅଛି ଯେଉଁଥିରେ ଅଣୁ-ପରମାଣୁ ତିଆରି ହୋଇ ଦୁନିଆ ସୃଷ୍ଟି ହୋଇଛି। ଯୁଗ ଯେତିକି ଆଗକୁ ଯାଉଥିଲା ସେହି ଅନୁସାରେ ବୈଜ୍ଞାନିକମାନଙ୍କର ଚିନ୍ତାଧାରା ବି ବଦଳୁଥିଲା। ପରିଣାମସ୍ୱରୂପ ଅଣୁବୀକ୍ଷଣ ଯନ୍ତ୍ର ଉଦ୍ଭାବନ, ରଞ୍ଜନ ରଶ୍ମି (ଏକ୍ସ-ରେ) ଏବଂ ଅନ୍ୟ ବିକିରଣର ଆବିଷ୍କାର କରାଗଲା। ଏଭଳି ଏକାଧିକ ଉଦ୍ଭାବନ ଓ ଆବିଷ୍କାରର ସାହାଯ୍ୟ ନେଇ ଆମକୁ ପଦାର୍ଥ ଶରୀରର ଆଉ ଟିକେ ଭିତରକୁ ପ୍ରବେଶ କରି ଅଧିକ ଜାଣିବା ପାଇଁ ସୁଯୋଗ ମିଳିଲା। ପରମାଣୁ ଆହୁରି ସୂକ୍ଷ୍ମ କଣିକା ତିଆରି କରିଛି, ଯାହାକୁ ଉପ-ପରମାଣୁ କଣିକା କୁହାଯାଉଛି। ପଦାର୍ଥ ପରମାଣୁରୁ ତିଆରି ହୋଇଛି। ଆଉ ସବୁ ପରମାଣୁ ଏହି ତିନିଟା ଉପ-ପରମାଣୁ କଣିକାରୁ ତିଆରି ହୋଇଛି।

ଦୁନିଆର ସବୁକିଛି କେବଳ କଣିକା ଓ ପଦାର୍ଥରେ ତିଆରି ହୋଇ ନାହିଁ, ସେଥିରୁ କିଛି ଶକ୍ତି ଓ ବିକିରଣ ବି ରହିଛି। ଯେମିତି କି ଆଲୋକ ଏକପ୍ରକାର ବିକିରଣ। ଏହି ଶକ୍ତି ଶୂନ୍ୟରେ ବି ଯାତ୍ରା କରିପାରେ। ଆମେ ପୋଖରୀରେ ପଥର ପକାଇଲେ ତରଙ୍ଗ ଉତ୍ପନ୍ନ ହୁଏ। ଏହି ବ୍ରହ୍ମାଣ୍ଡରେ ଅନେକ ପ୍ରକାର ବିଦ୍ୟୁତ୍ ତରଙ୍ଗ ଆଉ ଚୁମ୍ବକୀୟ ତରଙ୍ଗ ରହିଛି। ଆଲୋକ କଣିକା କି ତରଙ୍ଗ ବୋଲି ୧୮୦୧ ମସିହାରେ ବୈଜ୍ଞାନିକ ଥୋମାସ୍ ୟଙ୍ଗ୍ ଜାଣିବା ପାଇଁ ସୁନ୍ଦର ପରୀକ୍ଷାଟିଏ କରିଥିଲେ, ଯାହାକୁ 'ଯୁଗ୍ମ ଦ୍ୱାରକ ପରୀକ୍ଷଣ' ନାମରେ ଆମେ ଜାଣୁ। ଦୁଇଟା ଅତିକ୍ଷୁଦ୍ର ଫାଟ ରହିଥାଏ। କଣିକା ବଦଳରେ ତରଙ୍ଗକୁ ଏହି ଦୁଇଟି ଫାଟରେ ପଠାଇଲେ ସୁନ୍ଦର ପରିପାଟୀ ଦେଖିବାକୁ ମିଳେ, ଯେଉଁଟା ସାଧାରଣ ନୁହେଁ। ଅବଶ୍ୟ ଆମେ ତାକୁ ପାଣିର ତରଙ୍ଗ ବ୍ୟବହାର କରି ଦେଖିପାରିବା। ଦୁଇଟି ଅତି ସରୁ ଫାଟରୁ ବାହାରୁଥିବା ତରଙ୍ଗ ପରସ୍ପର ସହିତ ମିଶିଯାଇ ଗୋଟିଏ ନୂଆ ତରଙ୍ଗ ସୃଷ୍ଟି କରନ୍ତି, ଯାହାକୁ 'ବ୍ୟତୀକରଣ' (Interference) କହନ୍ତି। ମଜା କଥା, ଗୋଟିଏ ଫାଟ ଦେଇ ଆଲୋକ ଗଲେ ଫାଟ ପଛପଟେ ରହିଥିବା ପରଦା ସାଧାରଣ ଭାବରେ ଆଲୋକିତ ହୁଏ। କିନ୍ତୁ ଦୁଇଟା ଫାଟ ଦେଇ ଆଲୋକ ଗଲେ ଫାଟ ପଛପଟେ ରହିଥିବା ପରଦା ଉପରେ କଳା-ଧଳା ପରିପାଟୀ ସୃଷ୍ଟି ହୁଏ, ଯାହାକି ସାଧାରଣ ଭାବରେ ଆଲୋକିତ ହୁଏ ନାହିଁ। ଏହି ସାଧାରଣ ପରୀକ୍ଷାରେ ଥୋମାସ୍ ୟଙ୍ଗ୍ ଜାଣି ପାରିଥିଲେ ଯେ ସେହି ପରୀକ୍ଷାରେ ଆଲୋକ ତରଙ୍ଗ ପ୍ରକୃତି ବ୍ୟବହୃତ ହୁଏ।

କେବଳ ଆଲୋକ ତରଙ୍ଗ ନୁହେଁ, ବରଂ ଇଲେକ୍ଟ୍ରନ୍ କଣିକାରେ ମଧ୍ୟ ଏହା ସମ୍ଭବ ହୋଇଥାଏ। ବୈଜ୍ଞାନିକମାନେ ଚିନ୍ତା କରୁଥିଲେ ଯେ ଇଲେକ୍ଟ୍ରନ୍ ବହୁତ ଛୋଟ ଅଟେ। କିନ୍ତୁ ଏହାର ମୂଳଧାର ହେଉଛି କଣିକାର ଅଂଶ। ଏହାର ବ୍ୟବହାର ବି କଣିକା ଭଳି ହୋଇଥାଏ। କିନ୍ତୁ ଆଶ୍ଚର୍ଯ୍ୟର କଥା, ଯଦି ଇଲେକ୍ଟ୍ରନ୍‌କୁ ଯୁଗ୍ମ ଦ୍ୱାରକରେ ପଠାଇଲେ ଆମକୁ ଚକିତ କରି ହେବା ଭଳି ବ୍ୟତୀକରଣ-ପରିପାଟୀ ଆମ ସାମ୍ନାରେ ଦେଖାଯିବ। କିନ୍ତୁ ଫାଟ ଭିତରେ ତରଙ୍ଗ ଗଲା ପରେ ଏମିତିକା ପରିପାଟୀ ତିଆରି ହୁଏ। ଏମିତି ଦୁଇଟା ପରିସ୍ଥିତିରେ ସମାନ ପରିପାଟୀ ଯେତେବେଳେ ବୈଜ୍ଞାନିକମାନଙ୍କ ପାଖରେ ଆସି ପହଞ୍ଚିଲା, ସେମାନେ ଚିନ୍ତା କଲେ ଯେ ଯନ୍ତ୍ରରେ କିଛି ଭୁଲ୍ ଅଛି। ହୋଇପାରେ, ଇଲେକ୍ଟ୍ରନ୍ ବହୁତ ଛୋଟ ହୋଇଥିବାରୁ ଫାଟ ସହ ବାଜି ବାଜି ଏପଟ ସେପଟ ହୋଇଯାଉଛନ୍ତି। ତେଣୁ ଇଲେକ୍ଟ୍ରନ୍ ମଧ୍ୟ ବ୍ୟତୀକରଣ-ପରିପାଟୀ ସୃଷ୍ଟି କରୁଛି। ଶେଷରେ ସୂକ୍ଷ୍ମ ଇଲେକ୍ଟ୍ରନ୍ କଣିକାର ତରଙ୍ଗ ରୂପ ଅଛି ବୋଲି ପ୍ରମାଣିତ ହେଲା।

ମାକ୍ସ ପ୍ଲାଙ୍କ, ଆଇନ୍‌ଷ୍ଟାଇନ୍ ଆଉ ଅନେକ ବୈଜ୍ଞାନିକ ପରୀକ୍ଷା କରି ଦେଖାଇଲେ ଯେ ଆଲୋକ ତରଙ୍ଗ ହେଲେ ବି କେତେକ କ୍ଷେତ୍ରରେ କଣିକା ପରି ବ୍ୟବହାର ଦେଖାଉଛି। ଆଲୋକ ରଶ୍ମିର ସୂକ୍ଷ୍ମତମ କଣିକାକୁ 'ଫୋଟନ୍' କୁହାଗଲା। ତେଣୁ ଫୋଟନ୍ କଣିକାରେ ଆଲୋକ ତିଆରି। ଆଲୋକର ସୂକ୍ଷ୍ମ କଣିକା 'ଫୋଟନ୍' ସହିତ ସମ୍ବନ୍ଧ ଥିବା ଗବେଷଣା 'ଆଲୋକ-ବିଦ୍ୟୁତ୍ ପ୍ରଭାବ' ସକାଶେ ଆଇନ୍‌ଷ୍ଟାଇନ୍‌ଙ୍କୁ ୧୯୨୧ରେ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପ୍ରଦାନ ପାଇଁ ଘୋଷଣା କରାଗଲା। ଆଜି ସେହି ସତ୍ୟ ସମସ୍ତଙ୍କ ପାଖରେ ପହଞ୍ଚି ସାରିଛି। ଆଜି ଆମେ ଜାଣିପାରିଛୁ ଯେ ବ୍ରହ୍ମାଣ୍ଡର ସବୁ ଜିନିଷ ଉଭୟ କଣିକା ଓ ତରଙ୍ଗ ପରି ବ୍ୟବହାର କରେ। କିଏ କେତେବେଳେ କେଉଁ ରୂପରେ ବ୍ୟବହାର କରିବ ଏହା ଏଥିରେ ନିର୍ଭର କରେ ଯେ ତାକୁ କିଏ ଦେଖୁଛି କି ନାହିଁ। ଆମ ଆଖି ପାଖର ବ୍ରହ୍ମାଣ୍ଡ ରହିଛି କଣିକା-ତରଙ୍ଗ ପରି ଏକ ମିଶ୍ରଣ ଅବସ୍ଥାରେ। ଆଲୋକର ଦୁଇଟା ପ୍ରକୃତି ବିଷୟରେ ଜାଣିବା ପରେ ଅନ୍ୟ ସବୁ କଣିକାରେ ଏହି ସବୁ ଦ୍ୱୈତ ପ୍ରକୃତି ରହିଛି ବୋଲି ଦେଖାଗଲା। ବିଜ୍ଞାନର ଏଭଳି ନୂତନ ଆଧାରକୁ ଆଜି 'କ୍ବାଟମ ତତ୍ତ୍ୱ' ବୋଲି କୁହାଯାଉଛି।

-ପୂର୍ବତନ ଏମ୍‌ଫିଲ୍ ଛାତ୍ର (ପଦାର୍ଥ ବିଜ୍ଞାନ)
ସମ୍ବଲପୁର ବିଶ୍ୱବିଦ୍ୟାଳୟ
ଜ୍ୟୋତି ବିହାର, ବୁର୍ଲା
ମୋ: ୯୪୩୯୫୮୫୫୮୯

# ଉପକାରୀ ଅଙ୍ଗୁର



ଅଙ୍ଗୁରରେ ଆମ ସ୍ୱାସ୍ଥ୍ୟ ପାଇଁ ଅଙ୍ଗୁର ବେଶ୍ ଉପକାରୀ। ଏଥିରେ ଭିଟାମିନ୍ ଏବଂ ଆଣ୍ଟି ଅକ୍ସିଡାଣ୍ଟ ରହିଛି। ଏହାକୁ ଖାଇବା ଦ୍ୱାରା ଡାଇବେଟିସ, କ୍ୟାନ୍‌ସର, ହାର୍ଟ ଆଟାକ୍ ଆଦିର ଆଶଙ୍କା କେତେକାଂଶରେ କମ୍ କରିଥାଏ ବୋଲି ଟୋକିଓ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀମାନେ ପ୍ରକାଶ କରିଛନ୍ତି। ଶରୀରରେ ଯଦି ପୋଟାସିୟମ୍ ଓ ସୋଡ଼ିୟମ୍‌ର ମାତ୍ରା କମିଯାଏ, ତେବେ ଅଙ୍ଗୁର ଖାଇଲେ ତାହା କେତେକାଂଶରେ ପୂରଣ ହୋଇଥାଏ। ଉଚ୍ଚ ରକ୍ତଚାପରେ ଆକ୍ରାନ୍ତ ବ୍ୟକ୍ତି ଏହାକୁ ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରିପାରନ୍ତି। ଏହାର ଆଉ ଏକ ଉପକାରୀ ଗୁଣ ରହିଛି। ଏହାକୁ ନିୟମିତ ଖାଇଲେ ତାହା କୋଲେଷ୍ଟ୍ରଲ୍‌ର ମାତ୍ରାକୁ ସନ୍ତୁଳିତ ରଖିଥାଏ। ଅଙ୍ଗୁର ଦୃଷ୍ଟି ଶକ୍ତକୁ ଆହୁରି ପ୍ରଖର କରେ। ଆପଣ ସ୍ମରଣ ଶକ୍ତିଜନିତ ସମସ୍ୟା ସହ ଜଡିତ କି ? ଯଦି ହଁ, ତେବେ ଏହାର ସରଳ ସମାଧାନ ଉପାୟ ହାତ ପାଆନ୍ତାରେ ରହିଛି। ନିୟମିତ ଅଙ୍ଗୁର ଖାଇଲେ ତାହା ଆମର ସ୍ମରଣ ଶକ୍ତି ବଢ଼ାଇବା ସହ ମସ୍ତିଷ୍କ କାର୍ଯ୍ୟଧାରାକୁ ଆହୁରି ସକ୍ରିୟ କରିଥାଏ। ଏହାକୁ ଖାଇବା ଦ୍ୱାରା ଆମର ଅସ୍ଥି ମଧ୍ୟ ଶକ୍ତ ରହେ। ଏଥିରେ ଭିଟାମିନ୍-ସି ଅଧିକ ଥିବାରୁ ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ଶରୀରରେ ବ୍ୟାକ୍ଟେରିଆ, ଭାଇରସ୍ ସଂକ୍ରମଣରୁ ମଧ୍ୟ ଏହା ଆମକୁ ସୁରକ୍ଷା ପ୍ରଦାନ କରେ। ଅଙ୍ଗୁର ଶରୀରକୁ ମଧ୍ୟ ସତେଜ ରଖିଥାଏ।

# ଧୂମପାନ କରୁଥିଲେ..



ଧୂମପାନ ଏଭଳି ଏକ ନିଶା, ଯାହା କବଳକୁ ଥରେ ଚାଲିଥଲେ ସେଥିରୁ ମୁକୁଳିବା ସହଜ ହୋଇ ନ ଥାଏ। ଏହା ଅଭ୍ୟାସରେ ପରିଣତ ହୋଇଯିବା ପରେ ପରୋକ୍ଷରେ ଅନେକ ରୋଗର କାରଣ ସାଜିଥାଏ। ଏପରିକି ଅକାଳ ମୃତ୍ୟୁକୁ ଏହା ମଧ୍ୟ ଡାକି ଆଣେ। ତେଣୁ ନିଜକୁ ସୁସ୍ଥ ରଖିବାକୁ ନିଶାଦ୍ରବ୍ୟ ସେବନଠାରୁ ନିଜକୁ ଦୂରେଇ ରଖିବା ନିହାତି ଦରକାର। ଆଜିକାଲି ଅନେକ ଧୂମପାନର ବଶବର୍ତ୍ତୀ ହେଉଛନ୍ତି। ତେବେ ୟୁନିଭର୍ସିଟି ଅଫ ସିଓଲ ପକ୍ଷରୁ ଏ ନେଇ ଏକ ସଦ୍ୟତମ ତଥ୍ୟ ପ୍ରକାଶ ପାଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ଏହାଦ୍ୱାରା ସଂପୃକ୍ତ ବ୍ୟକ୍ତିଙ୍କର ଏକାଗ୍ରତା ପ୍ରଭାବିତ ହେବାର ଯଥେଷ୍ଟ ଆଶଙ୍କା ରହିଛି। ବିଶେଷଭାବରେ ଟେନସନ୍‌ରୁ ମୁକୁଳିବା ପାଇଁ କିମ୍ବା ସଉକରେ ହେଉ ଅନେକ ଧୂମପାନ କରନ୍ତି। ତେବେ ଏହାର ପ୍ରଭାବ କିପରି ଏକାଗ୍ରତା ଉପରେ ପଡିଥାଏ ସେ ନେଇ ଉକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ସର୍ଭେ କରାଯାଇଥିଲା। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କର ଏକାଗ୍ରତା ଧୂମପାନ ଦ୍ୱାରା କିପରି ପ୍ରଭାବିତ ହେଉଛି ତାହାକୁ ବିଶେଷଜ୍ଞମାନେ ତନ୍ନ ତନ୍ନ କରି ତର୍ଜମା କରିଥିଲେ। ପ୍ରାୟ ଛଅ ମାସ ଧରି ଏହି ତର୍ଜମା ଚାଲୁ ରହିଥିଲା। ପରିଶେଷରେ ଜଣାପଡିଲା ଯେ, ନିୟମିତ ଧୂମପାନ କରିବା ଦ୍ୱାରା ସେମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତିଙ୍କର ଏକାଗ୍ରତା ପ୍ରଭାବିତ ହେଉଥିଲା। କେବଳ ସେତିକି ନୁହେଁ, ଏହାଦ୍ୱାରା ସେମାନଙ୍କର ଦୈନନ୍ଦିନ ଜୀବଶୈଳୀ ଏପରିକି ନିଦ୍ରା ପ୍ରଭାବିତ ହେଉଥିବାର ବିଶେଷଜ୍ଞମାନେ ଜାଣିବାକୁ ପାଇଥିଲେ। ଏଭଳି ଅଭ୍ୟାସ ସହ ଜଡିତ ବ୍ୟକ୍ତିମାନେ ଏହାକୁ ବର୍ଜନ କରିବାକୁ ସେମାନେ ପରାମର୍ଶ ଦେଇଛନ୍ତି। ଯଦି ଆପଣ ଜଣେ ନିୟମିତ ଧୂମପାନକାରୀ ଏବଂ ଏଥିରୁ ନିଜକୁ ନିବୃତ୍ତ ରଖିବାକୁ ଚାହୁଁଛନ୍ତି, ତେବେ ଧୂମପାନ ଠାରୁ ପ୍ରଥମେ ନିଜ ମନକୁ ଦୂରେଇ ନେବାକୁ ଚେଷ୍ଟା କରନ୍ତୁ। ଏ ନେଇ ମନସ୍ତତ୍ତ୍ୱବିତ୍‌ଙ୍କ ସହ ପରାମର୍ଶ କରିପାରନ୍ତି।

# ରକ୍ତଦାନ କରୁଥିଲେ...

ରକ୍ତଦାନ ଦ୍ୱାରା ଆମେ ଜଣେ ବ୍ୟକ୍ତିଙ୍କର ଜୀବନ ବଞ୍ଚାଇବାରେ ଅନେକାଂଶରେ ସହାୟତା କରିପାରିବା-ଏକଥା ସମସ୍ତେ ହୃଦୟଙ୍ଗମ କରିବା ଦରକାର। ବିଶ୍ୱରେ କୋଟି କୋଟି ରକ୍ତଦାତା ଅଛନ୍ତି। ସେମାନେ ନିଜ ପଟରୁ ଏଭଳି ମହତ କାମ ପାଇଁ ହାତ ବଢ଼ାଇ ଥାଆନ୍ତି। ସେମାନଙ୍କ ଏଭଳି ମହତ କାମକୁ ଆମେ ଅନୁସରଣ କରିବା ଦରକାର। ରକ୍ତଦାନ କରିବା ପୂର୍ବରୁ ସମ୍ପୃକ୍ତ ବ୍ୟକ୍ତିଙ୍କର ଶରୀରରେ ଜଳୀୟଅଂଶ ସନ୍ତୁଳିତ ରହିବା ନିହାତି ଦରକାର। ତେଣୁ ପୂର୍ବଦିନ ପ୍ରଚୁର ପାଣି ପିଅନ୍ତୁ। ରକ୍ତଦାନକୁ ନେଇ ମନରେ କୌଣସି ଆଶଙ୍କା ଥିଲେ ଅଭିଜ୍ଞ ରକ୍ତରୋଗ ବିଶେଷଜ୍ଞଙ୍କ ସହ ଆଲୋଚନା କରନ୍ତୁ। କାରଣ ଏହାପୂର୍ବରୁ ମନରେ ଉଙ୍କି ମାରୁଥିବା ପ୍ରଶ୍ନଗୁଡିକର ସମାଧାନ ହୋଇଯିବା ଆବଶ୍ୟକ। ରକ୍ତଦାନ କରୁଥିବା ବ୍ୟକ୍ତି ମନକୁ ହାଲୁକା ରଖନ୍ତୁ। ଆପଣ ଯଦି କୌଣସି ରୋଗରେ ଆକ୍ରାନ୍ତ ତେବେ ରକ୍ତଦାନ କରିବା କେତେ ସମୀଚୀନ ତାହା ବୁଝି ନିଅନ୍ତୁ। ରକ୍ତଦାନ ପୂର୍ବରୁ ରକ୍ତଦାନ କେନ୍ଦ୍ରରେ ନିଜ ସମ୍ପର୍କିତ ସମସ୍ତ ସୂଚନାକୁ ପଞ୍ଜୀକରଣ କରିବାକୁ ଭୁଲନ୍ତୁ ନାହିଁ।



# ସ୍ୱାସ୍ଥ୍ୟ ସୂଚନା

➤ଯଦି ଆପଣଙ୍କର ଦୃଷ୍ଟିଶକ୍ତିଜନିତ ସମସ୍ୟା ରହିଛି ଏବଂ ଆପଣ ଚଷମା ପିନ୍ଧୁଛନ୍ତି, ତେବେ ନିୟମିତ ସମୟ ଅନ୍ତରାଳରେ ଚକ୍ଷୁ ପରୀକ୍ଷା କରାଇ ନେବାକୁ ଭୁଲନ୍ତୁ ନାହିଁ।

➤ଯଦି ଆପଣ ଦୀର୍ଘ ସମୟ ଧରି ଗୋଟିଏ ଜାଗାରେ ବସି କାମ କରୁଛନ୍ତି, ତେବେ କିଛି ସମୟ ଅନ୍ତରାଳରେ ଟିକେ ଉଠି ବୁଲାବୁଲି କରନ୍ତୁ। ଏହାଦ୍ୱାରା ଅଣ୍ଟାକୁ ଆରାମ ଲାଗିବ।

➤ ମନକୁ ଅଧିକାଂଶ ସମୟ ଭାରାକ୍ରାନ୍ତ କରି ରଖନ୍ତୁ ନାହିଁ। କାରଣ ମନରେ ସକାରାତ୍ମକ ଭାବନା ରହିଲେ ତାହା କାମ କରିବା ପ୍ରତି ଅଧିକ ଆଗ୍ରହ ସୃଷ୍ଟି କରେ।



➤ପ୍ରତିଦିନସବୁ ବେଳେ ଲିଫ୍ଟରେ ଯିବା ଆସିବା କରିବା ପରିବର୍ତ୍ତେ ସପ୍ତାହରେ କିଛି ଦିନ ଶିଡି ବ୍ୟବହାର କରନ୍ତୁ। ଯଦି ଆପଣଙ୍କର ଆଣ୍ଠୁଗଣ୍ଠିଜନିତ ସମସ୍ୟା ରହିଛି, ତେବେ ଶିଡ଼ି ଯେତେ କମ୍ ଚଢ଼ିବେ ସେତେ ଭଲ।

➤ଶାରୀରିକ ବ୍ୟାୟାମ ସହ ମାନସିକ ଯୋଗର ମଧ୍ୟ ଆବଶ୍ୟକ ରହିଛି। ସବୁବେଳେ ସକାରାତ୍ମକ ଚିନ୍ତନ କରି ଖୁସି ରହିବା ଦ୍ୱାରା ମାନସିକ ଭାବେ ଆମେ କେତେକାଂଶରେ ସୁସ୍ଥ ରହିପାରିବା।

➤ଦିନତମାମ ଯେତେ ବ୍ୟସ୍ତ ରହିଲେ ମଧ୍ୟ ବ୍ରେକ୍‌ଫାଷ୍ଟ କରିବାକୁ ଭୁଲନ୍ତୁ ନାହିଁ। ବ୍ରେକ୍‌ଫାଷ୍ଟରେ ତଟକା ଫଳମୂଳ ସହ ଜୁସ୍ ସାମିଲ କରନ୍ତୁ। କାରଣ ଏହା ଶରୀର ପାଇଁ ବେଶ୍ ଉପକାରୀ।

➤ ସବୁଜ ପନିପରିବାରେ ପ୍ରସ୍ତୁତ ଖାଦ୍ୟ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ।

# ଜାଣି ରଖନ୍ତୁ

ପ୍ରାରମ୍ଭିକ ଅବସ୍ଥାରେ ଲୋକେ ମାନସିକ ରୋଗଗୁଡ଼ିକର ଲକ୍ଷଣକୁ ଚିହ୍ନିବାରେ ସାଧାରଣତଃ ବିଳମ୍ବ କରିଥାଆନ୍ତି। କେତେକ ଲୋକ ମାନସିକ ସମସ୍ୟାଗୁଡ଼ିକୁ କୌଣସି ରୋଗର ଲକ୍ଷଣ ବୋଲି ନ ମାନି, ଆମ ସମାଜରେ ପ୍ରଚଳିତ ଅନ୍ଧବିଶ୍ୱାସ ଯୋଗୁ ରୋଗୀକୁ ଗୁଣିଆ ପାଖକୁ ନେଇ ଅଯଥା ସମୟ ନଷ୍ଟ କରାଯାଇଥାଏ। ଏସବୁ ଦ୍ୱାରା ରୋଗର ପ୍ରକୋପ ବଢ଼େ ଓ ଡେରିରେ ଚିକିତ୍ସା ଆରମ୍ଭକଲେ ବେଶି ଦିନ ଔଷଧ ସେବନ କରିବାକୁ ପଡ଼ିଥାଏ କିମ୍ବା ରୋଗ ସମ୍ପୂର୍ଣ୍ଣ ଭାବେ ଠିକ୍ ହେବା ସମ୍ଭାବନା କମି ଯାଇଥାଏ। ବିଭିନ୍ନ ମାନସିକ ସମସ୍ୟାର ଚିକିତ୍ସା ନିମନ୍ତେ ଉଦ୍ଦିଷ୍ଟ ଔଷଧର ଏକ ନିର୍ଦ୍ଦିଷ୍ଟ କୋର୍ସ ରହିଥାଏ, ଯାହା କି ସାଧାରଣତଃ ରୋଗର ତୀବ୍ରତା ଉପରେ ନିର୍ଭର କରିଥାଏ। ଏହି କୋର୍ସ ଅନୁସାରେ ଔଷଧ ଖାଇଲେ ଆଉ ରୋଗର ଲକ୍ଷଣ ଦେଖାଯାଇ ନ ଥାଏ। ରୋଗର ତୀବ୍ରତା କମିଲେ ଔଷଧଗୁଡ଼ିକର ମାତ୍ରା ମଧ୍ୟ ଧୀରେ ଧୀରେ କମାଇ ଦିଆଯାଏ। ମାନସିକ ରୋଗ ବିଶେଷଜ୍ଞଙ୍କ ବିନା ପରାମର୍ଶରେ ଔଷଧ ବନ୍ଦ କରିଦେଲେ ରୋଗ ପୁନର୍ବାର ଦେଖାଯିବା ଆଶଙ୍କା ରହିଥାଏ। ବର୍ତ୍ତମାନର ଆଧୁନିକ ଚିକିତ୍ସା ଯୁଗରେ ମାନସିକ ରୋଗଗୁଡ଼ିକର ଚିକିତ୍ସା ପାଇଁ ବ୍ୟବହାର କରାଯାଉଥିବା ଔଷଧଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ସୁରକ୍ଷିତ ଓ ଏଗୁଡ଼ିକର କୌଣସି ବଡ଼ ପାର୍ଶ୍ୱ ପ୍ରତିକ୍ରିୟା ନାହିଁ। ଆମ ସମାଜରେ ଲୋକଙ୍କ ମଧ୍ୟରେ ଧାରଣା ଅଛି ଯେ ବିବାହ ଦ୍ୱାରା ବିଭିନ୍ନ ମାନସିକ ରୋଗ ଠିକ୍ ହୋଇଯାଏ। ମାତ୍ର ଏହି ଧାରଣା ସମ୍ପୂର୍ଣ୍ଣ ଭୁଲ୍।



# ବୟସ୍କ ବ୍ୟକ୍ତି ଓ ଉଦାସୀନତା

ସାଧାରଣତଃ ନିଜ ପରିବାର ସହ ହସ, ଖୁସି ଓ ଆନନ୍ଦରେ ରହିବାକୁ ବୟସ୍କ ବ୍ୟକ୍ତିମାନେ ଚାହିଁଥାଆନ୍ତି। ଏବେ କିଛି ବୟସ୍କ ବ୍ୟକ୍ତି କେତେକ କାରଣରୁ ସେମାନଙ୍କ ପରିବାରଠାରୁ ଅଲଗା ରହିବାକୁ ପସନ୍ଦ କରୁଛନ୍ତି। ଏକା ରହିବା ଦ୍ୱାରା ସେମାନଙ୍କ ଉପରେ ଏହାର ନକାରାତ୍ମକ ପ୍ରଭାବ ପଡୁଛି। ତା'ସହ ସେମାନେ ନିଜକୁ ଏକାକୀ ଅନୁଭବ କରୁଛନ୍ତି। ଅନେକ ସମୟରେ ନାନା ପ୍ରକାର କଥାକୁ ନେଇ ସେମାନେ ଚିନ୍ତାଗ୍ରସ୍ତ ହୋଇପଡ଼ନ୍ତି। ସବୁଠାରୁ ଖାସ୍ କଥା ହେଲା ଅଧିକାଂଶ ବର୍ଷ ଧରି ଏକୁଟିଆ ରହିବା ଦ୍ୱାରା ସେମାନଙ୍କର ସ୍ମରଣଶକ୍ତି ଏହାଦ୍ୱାରା ପ୍ରଭାବିତ ହେଉଥିବାର ଜଣାପଡିଛି। ଲଣ୍ଡନ ୟୁନଭର୍ସିଟି ଦ୍ୱାରା ହୋଇଥିବା ଏକ ସଦ୍ୟତମ ଗବେଷଣାରୁ ଏହା ଜଣାପଡ଼ିଛି। ଏତଦ୍‌ବ୍ୟତୀତ ବୟସ୍କମାନେ ଏକୁଟିଆ ରହିବା ଦ୍ୱାରା ସେମାନଙ୍କଠାରେ ବିରକ୍ତ ଭାବ ମଧ୍ୟ ଦେଖିବାକୁ ମିଳିଥିଲା। ସେମାନେ ନିସଙ୍ଗତା ସହ ଏଭଳି ଜଡିତ ହୋଇ ଯାଆନ୍ତି ଯେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିବାରେ ଅବହେଳା କରିଥାଆନ୍ତି ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସେମାନେ ଏହି ସମୟରେ ସାଙ୍ଗସାଥୀଙ୍କ ସହିତ କଥା ହେବା ଏବଂ ମନ ପସନ୍ଦର ବହି ପଢ଼ିଲେ ନିଜକୁ ଉଦାସୀନତା ଠାରୁ କେତେକାଂଶରେ ଦୂରେଇ ରଖି ପାରିବେ।



# ବଦଳାନ୍ତୁ ଏଭଳି ଅଭ୍ୟାସ

**ସୁସ୍ଥ ରହିବା ପାଇଁ ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଇବା ଦରକାର। ହେଲେ ଖାଦ୍ୟ ଖାଇସାରିବା ପରେ କେତୋଟି ବିଷୟ ପ୍ରତି ସତର୍କ ରହିବାକୁ ପଡିଥାଏ। ଯଦି ଆପଣଙ୍କର ଏଭଳି ଅଭ୍ୟାସ ରହିଛି ତେବେ ତାହାକୁ ବଦଳାଇବାକୁ ଚେଷ୍ଟା କରନ୍ତୁ....**

ଖାଇବା ପରେ କିମ୍ବା ପୂର୍ବରୁ ସାଙ୍ଗେ ସାଙ୍ଗେ ପାଣି ଜମାରୁ ବି ପିଅନ୍ତୁ ନାହିଁ। ଖାଇବା ପରେ ପରେ ଯେଉଁ ପ୍ରଥମ ବିଷୟକୁ ନଜର ଦେବା ଆବଶ୍ୟକ ତାହା ହେଲା ପାଣି। ଖାଇବାର ଅଧ ଘଣ୍ଟାଏ ପୂର୍ବରୁ ଏବଂ ଅଧ ଘଣ୍ଟାଏ ପରେ ହିଁ ପାଣି ପିଅନ୍ତୁ। ଖାଇ ସାରିବାର ଠିକ୍ ପରେ ପାଣି ପିଇବା ଏକ ଅଭ୍ୟାସରେ ପରିଣତ ହୋଇଯାଇଥିଲେ ତାହା ମେଦ ବୃଦ୍ଧିର ପ୍ରମୁଖ କାରଣ ସାଜିଥାଏ। ତେଣୁ ଏଭଳି ଅଭ୍ୟାସକୁ ବଦଳାଇବାକୁ ଚେଷ୍ଟା କରନ୍ତୁ। ଖାଇବା ପରେ ଫଳମୂଳ ଆଦୌ ଖାଆନ୍ତୁ ନାହିଁ। ଚା', କଫି, କୋଲଡ୍ରିଙ୍କ୍ସ, ନିଶାଦ୍ରବ୍ୟଠାରୁ ମଧ୍ୟ ଯଥାସମ୍ଭବ ଦୂରେଇ ରୁହନ୍ତୁ। ଏହା ଶରୀର ଉପରେ କୁପ୍ରଭାବ ପକାଇବା ସହ ପେଟରେ ଏସିଡିଟିର ମାତ୍ରା ବଢ଼ାଇ ଦେଇଥାଏ। ଖାଇବାର ଠିକ୍ ପରେ ପରେ କେତେକ ବ୍ୟକ୍ତି ଶୋଇ ପଡନ୍ତି। ଏହା ମଧ୍ୟ ଏକ ଖରାପ ଅଭ୍ୟାସ। ଖାଇବା ପରେ ୧୦-୧୫ ମିନିଟ୍ ଚାଲବୁଲ କରନ୍ତୁ। ଏହାଦ୍ୱାରା ଖାଦ୍ୟ ସହଜରେ ହଜମ ହୋଇଥାଏ। ଖାଇବା ପରେ ପରେ ଆଦୌ ଗାଧାନ୍ତୁ ନାହିଁ।



# ନ୍ୟୁଜିଲାଣ୍ଡକୁ ହରାଇଲା ଭାରତ

**ଦୁବାଇ,୨।୩**

ଆଇସିସି ଚାମ୍ପିୟନ୍ସ ଟ୍ରଫି ଟୁର୍ନାମେଣ୍ଟର ଅନ୍ତିମ ଲିଗ ମ୍ୟାଚରେ ରବିବାର ଭାରତ ୪୪ ରନ୍‌ରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ଭାରତର ୨୫୦ ରନ୍‌ର ଟାର୍ଗେଟ ଆଗରେ ନ୍ୟୁଜିଲାଣ୍ଡ ସମସ୍ତ ଉଇକେଟ ହରାଇ ୨୦୫ ରନ୍ କରିବାକୁ ସକ୍ଷମ ହୋଇଥିଲା। ଏହି ବିଜୟ ସହ ଭାରତ ଗ୍ରୁପ-ଏ'ରେ ସର୍ବାଧିକ ୬ ପଏଣ୍ଟ ସହ ଶୀର୍ଷରେ ରହିଛି। ଏହି ମ୍ୟାଚର ଫଳାଫଳ ସହିତ ସେମିଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଯାଇଛି। ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଆସନ୍ତା ୪

### ସେମିରେ ଅଷ୍ଟ୍ରେଲିଆକୁ ଭେଟିବ ଭାରତ

ତାରିଖରେ ପ୍ରଥମ ସେମିଫାଇନାଲରେ ଅଷ୍ଟ୍ରେଲିଆକୁ ଭେଟିବ। ସେହିଭଳି ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ୫ ତାରିଖରେ ଖେଳାଯିବ।

ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଇନିଂସ ଆରମ୍ଭରୁ କ୍ରମାଗତ ବ୍ୟବଧାନରେ ୩ ପ୍ରମୁଖ ବ୍ୟାଟରଙ୍କୁ ହରାଇଥିଲା। ଅଧିନାୟକ ରୋହିତ ଶର୍ମା ୧୫ ଓ ଶୁବମନ ଗିଲ ୨ ରନ କରି ଆଉଟ ହୋଇଥିବା ବେଳେ ଅନ୍ତର୍ଜାତୀୟ କ୍ୟାରିୟରର ୩୦୦ତମ ମ୍ୟାଚ ଖେଳୁଥିବା ବିରାଟ କୋହଲି ୧୧ ରନ କରି ଗ୍ଲେନ ଫିଲିପ୍ସଙ୍କ ଏକ ଚମତ୍କାର କ୍ୟାଚର ଶିକାର ହୋଇଥିଲେ। ଏଭଳି ପରିସ୍ଥିତିରେ ଶ୍ରେୟସ ଆୟର ଓ ଅକ୍ଷର ପଟେଲ ଧୈର୍ଯ୍ୟର ସହ ବ୍ୟାଟିଂ କରି ଚତୁର୍ଥ ଉଇକେଟ ଲାଗି ୯୮ ରନ ଯୋଡ଼ିଥିଲେ। ଅକ୍ଷର ୬୧ ବଲରେ ୩ ଚୌକା ଓ ୧ ଛକା ୪୨ ରନ କରି ଆଉଟ ହୋଇଥିଲେ। କ୍ରିଜରେ ସେଟ ଥିବା ଶ୍ରେୟସ ଆୟାର ୩୭ତମ ଓଭରରେ ଏକ ବଡ଼ ଶଟ ଖେଳିବାକୁ ଯାଇ ଆଉଟ ହୋଇଥିଲେ। ସେ ଆଉଟ ହେବା ପୂର୍ବରୁ ୪ ଚୌକା ଓ ୨ ଛକା ସହିତ ୭୯ ରନ କରିଥିଲେ। ଏହାପରେ ଲୋକେଶ ରାହୁଲ ୨୩ ଓ ହାର୍ଦ୍ଦିକ ପାଣ୍ଡ୍ୟା ୪୫, ରନ କରିଥିଲେ। ଫଳରେ ଭାରତ ୫୦ ଓଭରରେ ୯ ଉଇକେଟ ହରାଇ ୨୪୯ ରନ କରିଥିଲା। ନ୍ୟୁଜିଲାଣ୍ଡ ପକ୍ଷରୁ ମ୍ୟାଟ ହେନରୀ ୫ ଉଇକେଟ ନେଇଥିଲେ। ଏହା ତାଙ୍କ କ୍ୟାରିୟରର ତୃତୀୟ ୫ ଉଇକେଟ ସଫଳତା। ଜବାବରେ ନ୍ୟୁଜିଲାଣ୍ଡ ଇନିଂସ ଆରମ୍ଭରୁ ଭାରତୀୟ ସ୍ପିନରଙ୍କ ଆଗରେ ସଂଘର୍ଷ କରିଥିଲା। କେନ ୱିଲିୟମସନ ଗୋଟିଏ ପକ୍ଷରେ ଧୈର୍ଯ୍ୟର ସହ ବ୍ୟାଟିଂ କରୁଥିବା ବେଳେ ଅନ୍ୟ ପଟେ ଉଇକେଟ ପତନ ଜାରି ରହିଥିଲା। ଫଳରେ ନ୍ୟୁଜିଲାଣ୍ଡ ୪୫.୩ ଓଭରରେ ୨୦୫ ରନରେ ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ୱିଲିୟମସନ ସର୍ବାଧିକ ୮୧ ଓ ଅଧିନାୟକ ମିଚେଲ ସାଣ୍ଟନର ୨୮ ରନ କରିଥିଲେ। ଭାରତ ପାଇଁ ବରୁଣ ଚକ୍ରବର୍ତ୍ତୀ ୫ ଉଇକେଟ ସଫଳତା ହାସଲ କରିଥିଲେ।



୫ ଉଇକେଟ ସଫଳତା ହାସଲ କରିଥିବା ବରୁଣ ଚକ୍ରବର୍ତ୍ତୀ।

**ସଂକ୍ଷିପ୍ତ ସ୍କୋର**

ଭାରତ ୫୦ ଓଭରରେ ୨୪୯/୯ (ଶ୍ରେୟସ ଆୟାର-୭୯, ହାର୍ଦ୍ଦିକ ପାଣ୍ଡ୍ୟା-୪୫, ଅକ୍ଷର ପଟେଲ-୪୨, ମ୍ୟାଟ ହେନରୀ-୫/୪୨, କାଇଲ ଜେମିସନ-୧/୩୧)। ନ୍ୟୁଜିଲାଣ୍ଡ ୪୫.୩ ଓଭରରେ ୨୦୫/ଅଲଆଉଟ(କେନ ୱିଲିୟମସନ-୮୧, ମିଚେଲ ସାଣ୍ଟନର-୨୮, ୱିଲ ୟଙ୍ଗ-୨୨, ବରୁଣ ଚକ୍ରବର୍ତ୍ତୀ-୫/୪୨, କୁଲଦୀପ ଯାଦବ-୨/୫୬)।

# ହକି ଓଡ଼ିଶା ଦ୍ୱାରା ଝାରସୁଗୁଡ଼ା ପୁରସ୍କୃତ



ଝାରସୁଗୁଡ଼ା ଜିଲାକୁ ଶ୍ରେଷ୍ଠ ହକି ଜିଲା ଭାବେ ପୁରସ୍କୃତ କରାଯାଉଛି।

**ଝାରସୁଗୁଡ଼ା, ୨।୩ (ଆଶିଷ ରଞ୍ଜନ ଦାଶ)**

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ହକି ସଂଘ ଓଡ଼ିଶା ପକ୍ଷରୁ ବାର୍ଷିକ ସାଧାରଣ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ହକି ସଂଘ ଓଡ଼ିଶାର ସଭାପତି ପଦ୍ମଶ୍ରୀ ଡ. ଦିଲୀପ ତିର୍କୀ ସଭାପତିତ୍ୱ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ କ୍ରୀଡ଼ା ବିଭାଗ ଉପଶାସନ ସଚିବ ଅମିତ କୁମାର ନାୟକ ଏବଂ ଅନ୍ୟ ସମ୍ମାନିତ ଅତିଥି ଭାବେ ଓଡ଼ିଶା ଅଲିମ୍ପିକ ସଂଘ ବରିଷ୍ଠ ସଦସ୍ୟ ନଳିନୀ କୁମାର ଦାସ ଯୋଗଦେଇଥିଲେ। ସାଧାରଣ ବୈଠକରେ ୩୦ଟି ଜିଲା ହକି ସଂଘର ପୁରୁଷ ଓ ମହିଳା କର୍ମକର୍ତ୍ତା ଯୋଗଦେଇଥିବା ବେଳେ ୧୨ଟି ବିଭିନ୍ନ କ୍ରୀଡା ସଂସ୍ଥାନର ପୁରୁଷ ଏବଂ ମହିଳା ପ୍ରତିନିଧିମାନେ ଉପସ୍ଥିତ ଥିଲେ। ହକି ଓଡ଼ିଶା ସଂଘ ଉପସଭାପତି ଜୀବନ ମହାନ୍ତି ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ହକି ସଂଘ ଓଡ଼ିଶାର ସାଧାରଣ ସମ୍ପାଦକ ସନାତନ ସାହୁ ବାର୍ଷିକ ବିବରଣୀ ପାଠ କରିବା ସହିତ ଚଳିତ ବର୍ଷର ବିଭିନ୍ନ କାର୍ଯ୍ୟସୂଚୀ ଉପରେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ହକି ଓଡ଼ିଶା ସଂଘ ପକ୍ଷରୁ କମିଟି ଦ୍ୱାରା ସର୍ଭେ କରାଯାଇ ଝାରସୁଗୁଡା ଜିଲାକୁ ହକିର ପ୍ରଚାର ପ୍ରସାର ଦିଗରେ ଓ ଖେଳାଳିମାନଙ୍କୁ ହକି ଖେଳ ପ୍ରତି ଅନୁଗାମୀ କରୁଥିବାରୁ ସର୍ବଶ୍ରେଷ୍ଠ ଜିଲା ଭାବେ ଘୋଷିତ କରାଯାଇଥିଲା। ହକି ଓଡ଼ିଶାର ସଭାପତି ଓ ସମ୍ପାଦକ ଝାରସୁଗୁଡ଼ା ଜିଲାର ଯୋଗଦେଇଥିବା ଜୀବନ ମହାନ୍ତି, ଅଶ୍ୱିନୀ ପାଣ୍ଡେ ଓ ରୀନା ରଶ୍ମି ତିର୍କୀଙ୍କୁ ସମ୍ମାନିତ କରିବା ସହିତ ୫୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ବାବଦ ଚେକ ପ୍ରଦାନ କରିଥିଲେ। ସାଧାରଣ ବୈଠକରେ ହକି ଓଡ଼ିଶାର ନୂତନ ପଦବୀ ସୃଷ୍ଟି କରିବା ଓ ବିଭିନ୍ନ ପ୍ରତିଯୋଗିତା ଏବଂ ହକି ଅନୁଷ୍ଠାନଗୁଡ଼ିକୁ ଅନୁମୋଦନ କରାଯାଇଥିଲା। ବିଭିନ୍ନ ଜିଲାରୁ ଆସିଥିବା ସଦସ୍ୟମାନେ ଓଡ଼ିଶାରେ ହକିର ଉନ୍ନତି ପାଇଁ ବିଭିନ୍ନ ମତ ପ୍ରଦାନ କରିଥିଲେ। ହକି ସଂଘ ଓଡ଼ିଶା କୋଷାଧ୍ୟକ୍ଷ ପି.କେ. ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ସର୍ବଭାରତୀୟ ତୀରନ୍ଦାଜୀ ପ୍ରତିଯୋଗିତା ଆରମ୍ଭ


ପ୍ରତିଯୋଗିତା ଉଦ୍‌ଘାଟନ ଅବସରରେ ଅତିଥିଙ୍କ ଗହଣରେ ଖେଳାଳିମାନେ।

**ପୁରୀ,୨।୩(ଅଜିତ୍ କୁମାର ମହାନ୍ତି)**

ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମରେ ରବିବାରଠାରୁ ତୃତୀୟ ଏନ୍‌ଟିପିସି ସର୍ବଭାରତୀୟ ର୍‍ୟାକିଙ୍ଗ ତୀରନ୍ଦାଜୀ ପ୍ରତିଯୋଗିତା ଆରମ୍ଭ ହୋଇଛି। ଏହା ୧୦ଦିନ ଧରି ଚାଲିବ। ପ୍ରଥମ ଦିନରେ ସିନିୟର ବିଭାଗର ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କ୍ରୀଡ଼ା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଯୋଗଦେଇ କହିଥିଲେ, ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲାରେ ତୀରନ୍ଦାଜୀ ଟ୍ରେନିଂ ସେଣ୍ଟର ଖୋଲିବା ପାଇଁ ଏନ୍‌ଟିପିସି ଏବଂ ରାଜ୍ୟ କ୍ରୀଡ଼ା ବିଭାଗ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଆଗାମୀ ଦିନରେ ଓଡ଼ିଶାରେ ତୀରନ୍ଦାଜୀର ବିକାଶ ପାଇଁ ରାଜ୍ୟ ସରକାର ସମସ୍ତ ସହଯୋଗ ଯୋଗାଇଦେବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ସେ ପ୍ରକାଶ କରିଥିଲେ। ଏଥିପାଇଁ ଆସୋସିଏଶନ ସଭାପତି ଗୋକୁଳ ଚନ୍ଦ୍ର ପତି ସରକାରଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି ପ୍ରତିଯୋଗିତାରେ ଅଲିମ୍ପିଆନ ଦୀପିକା କୁମାରୀ, ଅତନୁ ଦାସ, ବି. ଧୀରଜ, ଜୟନ୍ତ ତାଲୁକଦାରଙ୍କ ସମେତ ୩୭୬ ଜଣ ପ୍ରତିଯୋଗୀ ଭାଗନେଇଥିବା ସମ୍ପାଦକ ସମ୍ପୂର୍ଣ୍ଣାନନ୍ଦ ଦାସ କହିଥିଲେ। ତୀରନ୍ଦାଜୀର ଉନ୍ନତି ପାଇଁ ଏନ୍‌ଟିପିସି ଦୀର୍ଘ ୧୫ ବର୍ଷ ହେଲା କାର୍ଯ୍ୟ କରିଆସୁଥିବାବେଳେ ଗତବର୍ଷ ଭାରତ ସରକାରଙ୍କଠାରୁ 'ସ୍ପୋର୍ଟସ୍‌ଷ୍ଟାର ଏସ୍' ପୁରସ୍କାର ପାଇଛି ବୋଲି ଏନ୍‌ଟିପିସିର ଆଞ୍ଚଳିକ ନିର୍ଦ୍ଦେଶକ ଅରିନ୍ଦମ ସିହ୍ନା କହିଥିଲେ। ପୁରୀ ଜିଲା ଆଥଲେଟିକ୍ ଆସୋସିଏଶନ୍‌ର ପୂର୍ବତନ ସମ୍ପାଦକ ରବିଶଙ୍କର ପ୍ରତିହାରୀ ଓ କ୍ରୀଡ଼ାବିତ୍ ରାମଚନ୍ଦ୍ର ଦାସ ମହାପାତ୍ର ଏହି ପ୍ରତିଯୋଗିତା ଆୟୋଜନ ପାଇଁ ଆର୍ଚ୍ଚେରୀ ଆସୋସିଏଶନ ଅଫ ଇଣ୍ଡିଆ ଏବଂ ଓଡ଼ିଶା ଆର୍ଚ୍ଚେରୀ ଆସୋସିଏଶନକୁ ଧନ୍ୟବାଦ ଜଣାଇଥିଲେ। ଶେଷରେ ପୁରୀ ଜିଲା ସମ୍ପାଦକ ଜିତେନ୍ଦ୍ରନାଥ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ଗୋଟିଏ କ୍ୟାଲେଣ୍ଡର ବର୍ଷରେ ଫାଇନାଲ ସହ ୪ଟି ଏନ୍‌ଆର୍‌ଏଟିଏସ୍ ଆୟୋଜନ ହୋଇଥାଏ। ପ୍ରତିଷ୍ଠିତ ତୀରନ୍ଦାଜମାନେ ଏହାମାଧ୍ୟମରେନିଜର୍‍ୟାଙ୍କିଙ୍ଗସୁଧାରିଥାନ୍ତି।

# ପ୍ରଜ୍ଞାନନ୍ଦ ମିଳିତ ଅଗ୍ରଣୀ

**ପ୍ରାଗ୍, ୨।୩ (ପି.ଟି.):** ଗ୍ରାଣ୍ଡମାଷ୍ଟର ଆର୍. ପ୍ରଜ୍ଞାନନ୍ଦ ଏଠାରେ ଚାଲିଥିବା ପ୍ରାଗ୍ ମାଷ୍ଟର୍ସ ଚେନିସ ପ୍ରତିଯୋଗିତାରେ ଜର୍ମାନୀର ଭିନ୍‌ସେଣ୍ଟ କିମରଙ୍କୁ ହରାଇ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛନ୍ତି। ଫଳରେ ୪ର୍ଥ ରାଉଣ୍ଡ ଖେଳ ଶେଷ ସୁଦ୍ଧା ମୋଟ ୩ ପଏଣ୍ଟ ଅର୍ଜନ କରି ସେ ନିଜ ଦେଶର ଅରବିନ୍ଦ ଚିଦାମ୍ବରମଙ୍କ ସହ ମିଳିତ ଅଗ୍ରଣୀ ଲାଭ କରିଛନ୍ତି। ଅରବିନ୍ଦ ଯୁକ୍ତରାଷ୍ଟ୍ର ଆମେରିକାର ସାମ୍ ଶନକଲାଣ୍ଡଙ୍କ ସହ ତାଙ୍କ ଗେମ୍ ଡ୍ର ରଖିଥିବା ବେଳେ ସ୍ଥାନୀୟ ଷ୍ଟାର ଖେଳାଳି ଡେଭିଡ ନାଭାରାଙ୍କୁ ପରାସ୍ତ କରି ଟପ୍ ସିଡ୍ ଚାଇନାର ୱି ୟି ତାଙ୍କ ଫର୍ମ ଫେରିପାଇଛନ୍ତି। ନେଦରଲାଣ୍ଡସର ଆନିଶ ଗିରି ତୁର୍କୀର ଗୁରେଲ ଏଡିଜଙ୍କ ବିପକ୍ଷ ତାଙ୍କ ଗେମ୍ ଡ୍ର ରଖିଛନ୍ତି। ଏ ପର୍ଯ୍ୟନ୍ତ ସେ ଖେଳିଥିବା ସମସ୍ତ ୪ଟି ମ୍ୟାଚ ଡ୍ର ରଖିଛନ୍ତି। ୧୦ ଖେଳାଳିଙ୍କୁ ନେଇ ଏହି ରାଉଣ୍ଡ ରବିନ ଟୁର୍ନାମେଣ୍ଟର ଅନ୍ୟ ଏକ ମ୍ୟାଚରେ ଚେକ୍ ରିପବ୍ଲିକର ଗ୍ରାଣ୍ଡମାଷ୍ଟର ଏନ୍‌ଗୁୟେନ ଥାଇ ଦାଇ ଭାନ୍ ଭିଏତ୍‌ନାମର କ୍ୱାଙ୍ଗ୍ ଲିଭ୍ ଲି'ଙ୍କ ସହ ତାଙ୍କ ଗେମ୍ ଡ୍ର ରଖିଛନ୍ତି। ଚତୁର୍ଥ ରାଉଣ୍ଡ ଖେଳ ଶେଷ ସୁଦ୍ଧା ପ୍ରଜ୍ଞାନନ୍ଦ ଓ ଅରବିନ୍ଦ ମିଳିତ ପ୍ରଥମ ସ୍ଥାନରେ ରହିଥିବା ବେଳେ ଶନକଲାଣ୍ଡ, କେବର, ଗିରି ଓ ଲି' ପ୍ରତ୍ୟେକ ପୂରା ପଏଣ୍ଟ ସହ ୩ ସ୍ଥାନ ବାଣ୍ଟିନେଇଛନ୍ତି। ଟୁର୍ନାମେଣ୍ଟର ଆଉ ୫ ରାଉଣ୍ଡ ଖେଳ ବାକି ରହିଥିବା ବେଳେ ଦୁଇ ଭାରତୀୟଙ୍କ ମଧ୍ୟରେ ଟାଇଟଲ ଲଢେଇ ହେବ ବୋଲି ମନେହେଉଛି।

# ରବୀନ୍ଦ୍ର ଚାମ୍ପିୟନ, ସ୍ୱପ୍ନିଳ ରନର ଅପ୍


ଟ୍ରଫି ଓ ପ୍ରମାଣପତ୍ର ସହ କୃତୀ ପ୍ରତିଯୋଗୀ।

**ଭୁବନେଶ୍ୱର, ୨।୩ (ବିଜୟ ରଣା)**

### ରାଜ୍ୟ ଓପନ ଚେସ୍

କେଶୁରାସ୍ଥିତ ରୟାଲ ପବ୍ଲିକ ସ୍କୁଲ ପରିସରରେ ରବିବାର ଅନୁଷ୍ଠିତ ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ୪ର୍ଥ ନଳିନୀ ରାଜଗୁରୁ ମେମୋରିଆଲ ରାଜ୍ୟ ଓପନ ଚେସ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ୫ରାଉଣ୍ଡ ବିଶିଷ୍ଟ ଏହି ଟୁର୍ନାମେଣ୍ଟରେ କଟକର ରବୀନ୍ଦ୍ର କୁମାର ଓଝା (୪.୫ ପଏଣ୍ଟ) ଚାମ୍ପିୟନ ହୋଇଥିବା ବେଳେ ଭୁବନେଶ୍ୱରର ସ୍ୱପ୍ନିଳ ପ୍ରିୟଦର୍ଶୀ (୪.୫) ରନରଅପ୍ ହୋଇଛନ୍ତି। ଜଟଣୀର ଅବିନାଶ ବଳିୟାର ସିଂ (୪.୦) ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ଭୁବନେଶ୍ୱରର ତନ୍ମୟ ତ୍ରିପାଠୀ, ପ୍ରତ୍ୟୁଷ ମହାପାତ୍ର ଓ ଇଶାନ୍ତ ଦାସ ଯଥାକ୍ରମେ ୪ର୍ଥ, ୫ମ ଓ ୬ଷ୍ଠ ସ୍ଥାନ ଅଧିକାର କରିଛନ୍ତି। ଯାଜପୁରର ରଶ୍ମି ରଞ୍ଜନ ନାୟକ ୭ମ ହୋଇଛନ୍ତି। ମନୋଜ କୁମାର ଦାସ (୬୧ବର୍ଷ) ଶ୍ରେଷ୍ଠ ଭେଟେରାନ ଖେଳାଳି ବିବେଚିତ ହୋଇଛନ୍ତି। ଏହାଛଡ଼ା ବାଳିକା, ୧୩ ବର୍ଷରୁ କମ୍, ୧୧ ବର୍ଷରୁ କମ୍ , ୯ବର୍ଷରୁ କମ୍ ଓ ୭ ବର୍ଷରୁ କମ୍ ବିଭାଗରେ ମଧ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଟାଟା କ୍ରୋମାର ଚିଫ୍ ଏଚ୍‌ଆର ସୁଧାଂଶୁ ଶେଖର ମିଶ୍ର ଚାମ୍ପିୟନଶିପର ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନଙ୍କ ମଧ୍ୟରେ ରୟାଲ ପବ୍ଲିକ ସ୍କୁଲର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ, ଗୋଦରେଜ ଜେନେରାଲ ମ୍ୟାନେଜର ଦିବ୍ୟାଂଶୁ ରାଜଗୁରୁ, ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନର ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ଇନ୍‌ଫୋସିସ୍ ଗ୍ରୁପ୍ ମ୍ୟାନେଜର ସିତେନ୍ଦୁ ରାଜଗୁରୁ ପ୍ରମୁଖ ଉପସ୍ଥିତ ଥିଲେ।

# ପାରାମାଉଣ୍ଟକୁ ହରାଇଲା ପ୍ରଗତି

**ଭୁବନେଶ୍ୱର,୨।୩(ବିଜୟ ରଣା)**

### ମହେନ୍ଦ୍ର ଜେନା ସ୍ମାରକୀ କ୍ରିକେଟ

ସ୍ଥାନୀୟ ଟାଉନ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ମହେନ୍ଦ୍ର ଜେନା ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ମ୍ୟାଚରେ ପ୍ରଗତି ସ୍ପୋର୍ଟିଂ ୧୧୭ ରନରେ ପାରାମାଉଣ୍ଟ ସ୍ପୋର୍ଟିଂକୁ ପରାସ୍ତ କରିଛି। ଗ୍ରୁପ୍ 'ଏ'ର ତୃତୀୟ ଲିଗ୍ ମ୍ୟାଚରେ ପ୍ରଗତି ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ନିର୍ଦ୍ଧାରିତ ୩୫ ଓଭରରେ ୬ ଉଇକେଟ ବିନିମୟରେ ୨୩୪ ରନ କରିଥିଲା। ପ୍ରଗତି ପକ୍ଷରୁ ରଘୁନାଥ ମଲ୍ଲ ସର୍ବାଧିକ ୯୯ (୮୦ବଲ୍) ଓ ସାନୁନୁ ମିଶ୍ର ୩୦ (୫୩ ବଲ୍) ରନ କରିଥିଲେ। ପାରାମାଉଣ୍ଟ ପକ୍ଷରୁ ରିତିଶ ପ୍ରିୟରଞ୍ଜନ, ସ୍ୱୟମ୍ଭ ରାଉତରାୟ, ଅଂଶୁମାନ ରାୟ ଓ ବିଦ୍ୟାଧର ବେହେରା ପ୍ରମୁଖ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ୨୩୫ ରନର ବିଜୟ ଲକ୍ଷ୍ୟ ପିଛା କରି ପାରାମାଉଣ୍ଟ ଦଳ ୨୨.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୧୭ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ଦଳର ଟପ୍ ସ୍କୋରର ସୟେଦ ତୁଫେଲ ଅହମଦ ୩୬ ରନ କରିଥିଲେ। ପ୍ରଗତି ପକ୍ଷରୁ ସାର୍ଥକ


ପ୍ଲେୟର୍ ଅଫ୍ ଦି ମ୍ୟାଚ୍‌ଙ୍କୁ ପୁରସ୍କୃତ କରାଯାଉଛି।

ସୌରଭ କୁମାର ୬ ଏବଂ ସୁମନ ଦାସ ୨ ଉଇକେଟ ଅକ୍ତିଆର କରିଥିଲେ। ସାର୍ଥକ ସୌରଭ କୁମାର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସୋମବାର ଟୁର୍ନାମେଣ୍ଟର ଚତୁର୍ଥ ମ୍ୟାଚ ସହିଦ ସ୍ପୋର୍ଟିଂ ଓ ମୁକ୍ତେଶ୍ୱର କ୍ରିକେଟ କ୍ଲବ ମଧ୍ୟରେ ହେବ।

# ରଣ୍‌ଜୀ ଟ୍ରଫି: ବିଦର୍ଭକୁ ତୃତୀୟ ଟାଇଟଲ

**ନାଗପୁର,୨।୩(ପି.ଟି.)**

ବିଦର୍ଭ ରବିବାର ତୃତୀୟ ଥର ପାଇଁ ରଣଜୀ ଟ୍ରଫି ଟାଇଟଲ ପାଇଛି। ବିଦର୍ଭ କ୍ରିକେଟ ଆସୋସିଏଶନ ଷ୍ଟାଡିୟମରେ ଅନୁଷ୍ଠିତ କେରଳ ବିପକ୍ଷ ଫାଇନାଲ ଡ୍ର' ଭାବେ ଶେଷ ହୋଇଛି ଏବଂ ବିଦର୍ଭ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ମ୍ୟାଚକୁ ଜିତି ନେଇଛି। ଏଥିପୂର୍ବରୁ ବିଦର୍ଭ ଦଳ ୨୦୧୭-୧୮ ଓ ୨୦୧୮-୧୯ ସିଜନରେ ରଣଜୀ ଟ୍ରଫି ଜିତିଥିଲା। ଗତ ସଂସ୍କରଣ ଫାଇନାଲରେ ମୁମ୍ବାଇଠାରୁ ହାରି ବିଦର୍ଭ ରନରଅପ ଭାବେ ଅଭିଯାନ ଶେଷ କରିଥିଲା। ଏହା ଦର୍ଶାଉଛି ଯେ, ବିଦର୍ଭ ଭାରତୀୟ ଘରୋଇ କ୍ରିକେଟରେ ଏକ ଶକ୍ତିଶାଳୀ ଦଳ ଭାବେ ଉଭା ହୋଇଛି। ଅନ୍ୟପକ୍ଷରେ ପ୍ରଥମ ଥର ପାଇଁ ରଣଜୀ ଟ୍ରଫି ଫାଇନାଲ ଖେଳିଥିବା କେରଳ ରନରଅପ ଭାବେ ଅଭିଯାନ ଶେଷ କରିଛି। ଚଳିତ ସିଜନରେ ଦଳ ବିଜୟ ହଜାରେ ଟ୍ରଫିରେ ମଧ୍ୟ ରନରଅପ ହୋଇଥିଲା। ଚାମ୍ପିୟନ ଦଳ ପାଇଁ ଅଲରାଉଣ୍ଡ ପ୍ରଦର୍ଶନ କରିଥିବା ହର୍ଷ ଦୁବେଙ୍କୁ ପ୍ଲେୟର ଅଫ ଦି ସିରିଜ ବିବେଚିତ କରାଯାଇଛି। ସେ ଚଳିତ ରଣଜୀ ଟ୍ରଫିରେ ରେକର୍ଡ ୬୯ ଉଇକେଟ ନେବା ସହ ୪୭୬ ରନ କରିଥିଲେ।


ରଣଜୀ ଟ୍ରଫି ସହ ବିଦର୍ଭ ଖେଳାଳି।

ମ୍ୟାଚର ପ୍ରଥମ ଇନିଂସରେ ବିଦର୍ଭ ୩୭୯ ରନ କରିଥିବା ବେଳେ କେରଳ ୩୪୨ ରନ କରିଥିଲା। ଫଳରେ ୩୭ ରନରେ ଆଗରେ ଥିବା ବିଦର୍ଭ ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୨୪୯/୪ରୁ ବ୍ୟାଟିଂ ଜାରି ରଖି ପଞ୍ଚମ ଦିନ ଶେଷ ସୁଦ୍ଧା ୯ ଉଇକେଟ ହରାଇ ୩୭୫ ରନ କରିଥିଲା। ଦଳ ପକ୍ଷରୁ କରୁନ ନାୟର ୧୩୫, ଡାନିଶ ମାଲେୱାର ୭୩ ରନ କରିଥିବା ବେଳେ ଦର୍ଶନ ନାଲକଣ୍ଡେ ୫୧ ରନ କରି ଅପରାଜିତ ରହିଥିଲେ। କେରଳ ପକ୍ଷରୁ ଆଦିତ୍ୟ ସରୱତେ ୪ଟି ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ବିଦର୍ଭ ପ୍ରଥମ ଇନିଂସ: ୩୭୯
କେରଳ ପ୍ରଥମ ଇନିଂସ: ୩୪୨
ବିଦର୍ଭ ଦ୍ୱିତୀୟ ଇନିଂସ: ୩୭୫/୯ (କରୁନ ନାୟର-୧୩୫, ଡାନିଶ ମାଲୱାର-୭୩, ଦର୍ଶନ ନାଲକଣ୍ଡେ-୫୧*, ଆଦିତ୍ୟ ସରୱତେ-୪/୯୬)।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ